R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୩୦୧
ତିଥି: ସପ୍ତମୀ
୦୫ ଅଗଷ୍ଟ ୨୦୨୬, ବୁଧବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 301
05 August 2026, Wednesday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ବ୍ରହ୍ମପୁରରେ ରାଷ୍ଟ୍ରପତିଙ୍କୁ ଭବ୍ୟ ସ୍ୱାଗତ

ବ୍ରହ୍ମପୁର, ୪।୮ (ସବ୍ୟୁ) : ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଭୁବନେଶ୍ୱର ଠାରୁ ଟ୍ରେନ ଯୋଗେ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ବ୍ରହ୍ମପୁର ରେଳଷ୍ଟେସନ ଠାରେ ପହଞ୍ଚି ଥିଲେ । ତାଙ୍କର ଏହି ଦୁଇ ଦିନିଆ ଗଞ୍ଜାମ ଜିଲ୍ଲା ଗସ୍ତ ମଙ୍ଗଳବାର ପୂର୍ବାହ୍ନରେ ଆରମ୍ଭ ହୋଇଛି । ପୂର୍ବାହ୍ନ ୧୧ଟା ୧୦ ମିନଟରେ ସେ ବ୍ରହ୍ମପୁର ରେଳଷ୍ଟେସନର ୪ ନମ୍ବର ପ୍ଲାଟଫର୍ମରେ ପହଞ୍ଚିଥିଲେ । ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଷ୍ଟ୍ରପତିଙ୍କୁ ବ୍ରହ୍ମପୁର ରେଳଷ୍ଟେସନରେ ଭବ୍ୟ ସ୍ୱାଗତ ଜଣାଇଥିଲେ । ଏହି ଅବସରରେ ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୁତି ଭୂଷଣ ଜେନା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବ୍ରହ୍ମପୁର ସାଂସଦ ପ୍ରଦୀପ କୁମାର ପାଣିଗ୍ରାହୀ, ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାରଙ୍କ ସମେତ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ସଂଗ୍ରାମ କେଶରୀ ମହାପାତ୍ର, ଦକ୍ଷିଣାଞ୍ଚଳ ଆଇଜି ନିତି ଶେଖର, ଗଞ୍ଜାମ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ, ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଡା. ଶ୍ରବଣ ବିବେକ ଏମ ଓ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି ରାଷ୍ଟ୍ରପତିଙ୍କୁ ସ୍ୱାଗତ ଜଣାଇଥିଲେ ।



ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ବ୍ରହ୍ମପୁର ରେଳଷ୍ଟେସନରେ କଡ଼ା ସୁରକ୍ଷା ବ୍ୟବସ୍ଥା ସହ (୯ ପୃଷ୍ଠାରେ)

- ଭୁବନେଶ୍ୱରରୁ ଟ୍ରେନ୍ ଯୋଗେ ଗଲେ
- ଛୋଟ ପିଲାଙ୍କୁ ଚକୋଲେଟ୍ ବାଣ୍ଟିଲେ
- କଳାକାରଙ୍କ ସହ ଫଟୋ ଉଠାଇଲେ ରାଷ୍ଟ୍ରପତି

## ଇ-୨୦ ପେଟ୍ରୋଲ ବିରୋଧରେ ଆପ୍‌ର ପ୍ରତିବାଦ

### ପ୍ରଧାନମନ୍ତ୍ରୀଙ୍କ ବାସଭବନ ଆଡ଼କୁ ଯିବାବେଳେ ଅଟକାଇଲା ପୋଲିସ

ନୂଆଦିଲ୍ଲୀ, ୪।୮ : ଇ-୨୦ ପେଟ୍ରୋଲକୁ ନେଇ ଆମ୍ ଆଦମୀ ପାର୍ଟି ପକ୍ଷରୁ ନୂଆଦିଲ୍ଲୀରେ ପ୍ରତିବାଦ କରାଯାଇଛି । ଆପ୍ ସଂଯୋଜକ ତଥା ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ନେତୃତ୍ୱରେ ଶତାଧିକ କର୍ମୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବସଭବନଆଡକୁ ଯାଇଥିବାବେଳେ ପୋଲିସ ତାଙ୍କୁ ଫିରୋଜଶାହା ରୋଡ୍‌ରେ ଅଟକାଇଛି । ପୋଲିସ କାର୍ଯ୍ୟାନୁଷ୍ଠାନ ବିରୋଧରେ ଆପ୍ ନେତାମାନେ ବିକ୍ଷୋଭ କରିଛନ୍ତି ।

କେଜରିୱାଲ କହିଛନ୍ତି ଯେ ୨ ଲକ୍ଷ ୩୦ ହଜାର ଆବେଦନପତ୍ର ନେଇ ପ୍ରଧାନମନ୍ତ୍ରୀଙ୍କ ବାସଭବନକୁ ଯାଉଛି । ଆମସହ ଯେଉଁ ୧୦୦ ଜଣ ଲୋକ ଅଛନ୍ତି ଯାହାଙ୍କ ଗାଡ଼ି ଇ-୨୦ ଦ୍ୱାରା କ୍ଷତିଗ୍ରସ୍ତ ହୋଇଛି । ପ୍ରଧାନମନ୍ତ୍ରୀ ଆମ କଥା ଶୁଣିବେ ବୋଲି ସେ କହିଛନ୍ତି । ସେ ଅଭିଯୋଗ କରିଛନ୍ତି ଯେ ଟ୍ରମ୍ପଙ୍କ କଥାରେ ଆମେରିକାରୁ ଇଥାନଲ କିଣିବା ପାଇଁ ସରକାର ରାଜି ହୋଇଛନ୍ତି । ଏହା ହେଉଛି ସରକାରଙ୍କ ଏକ ଗୁପ୍ତ ଏଜେଣ୍ଡା । ଇ-୨୦ ପେଟ୍ରୋଲକୁ ସରକାର ଲୋକ ବ୍ୟବହାର କରିବା ପାଇଁ ବାଧ୍ୟ କରୁଛନ୍ତି । ବ୍ୟକ୍ତିଗତ ଭାବେ ଆମେ ତାଙ୍କୁ ସ୍ମାରକପତ୍ର ଦେବାକୁ ଚାହୁଁଛୁ ଓ ପ୍ରଧାନମନ୍ତ୍ରୀ ସମୟ ବାହାର କରି ଏ ସମ୍ପର୍କରେ ଆଲୋଚନା କରନ୍ତୁ । ପୂର୍ବରୁ କେଜରିୱାଲ ପେଟ୍ରୋଲ ପମ୍ପଗୁଡ଼ିକ ଶୁଦ୍ଧ ପେଟ୍ରୋଲ ଦେବାପାଇଁ ଅନୁରୋଧ କରିଥିଲେ ଏବଂ ଇଥାନଲ ମିଶା ପେଟ୍ରୋଲର ମୂଲ୍ୟ ହ୍ରାସ ପାଇଁ ମଧ୍ୟ ଦାବି କରିଥିଲେ । ଇ-୨୦ ପେଟ୍ରୋଲରେ ୮୦% ପେଟ୍ରୋଲ ଥିବାବେଳେ ୨୦% ଇଥାନଲ ରହିଛି । ବିରୋଧୀ ଦଳଗୁଡ଼ିକ ଏହାକୁ ବିରୋଧ କରୁଛନ୍ତି ଓ କିଛି ଉପଭୋକ୍ତା ଗୋଷ୍ଠି ମଧ୍ୟ ଏହି ତେଲ ବ୍ୟବହାର ଦ୍ୱାରା ପୁରୁଣା ଗାଡ଼ି ଉପରେ ପ୍ରଭାବ ପଡୁଛି ବୋଲି ଅଭିଯୋଗ କରିଛନ୍ତି । ସେଥିଲାଗି ଏହାକୁ ବିରୋଧ କରାଯାଉଛି । ଇଥାନଲ (୯ ପୃଷ୍ଠାରେ)

## ଓଡ୍ରାଫ ହେବ ଏସ୍‌ଡିଆର୍‌ଏଫ୍

ଭୁବନେଶ୍ୱର, ୪।୮ (ସବ୍ୟୁ) : ଓଡ୍ରାଫକୁ ରାଜ୍ୟର ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବାହିନୀ /ଷ୍ଟେଟ୍ ଡିଜାଷ୍ଟର୍ ରେସପନ୍ସ୍ ଫୋର୍ସ୍ (ଏସ୍‌ଡିଆର୍‌ଏଫ୍) ଭାବେ ଉନ୍ନୀତ କରାଯିବ ଏବଂ ଏହାକୁ ବିପର୍ଯ୍ୟୟ ମୁକାବିଲା ପାଇଁ ଏକ ସମ୍ପୂର୍ଣ୍ଣ ସମର୍ପିତ ବାହିନୀରେ ପରିଣତ କରିବା ଦିଗରେ ପର୍ଯ୍ୟାୟକ୍ରମେ ପଦକ୍ଷେପ ଗ୍ରହଣ କରାଯିବ । ସେହିପରି, ଓଡ୍ରାଫ ପାଇଁ ସ୍ୱତନ୍ତ୍ର ବାଟାଲିଅନ୍ ଗଠନ ସହିତ ଏହାର ନେତୃତ୍ୱ ଓ ପରିଚାଳନା ପାଇଁ ଜଣେ ସ୍ୱତନ୍ତ୍ର ଅଧିକାରୀ ନିଯୁକ୍ତ କରିବାକୁ ମଧ୍ୟ ପଦକ୍ଷେପ ନିଆଯିବ ।

ଲୋକସେବା ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ରାଜ୍ୟର ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥା ଏବଂ ଭିତ୍ତିଭୂମି ସମ୍ପର୍କରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ଓଡ୍ରାଫର ଆବଶ୍ୟକ ଦକ୍ଷତା ଏବଂ ସାମର୍ଥ୍ୟ ବୃଦ୍ଧି ନିମନ୍ତେ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । (୯ ପୃଷ୍ଠାରେ)

## ସଚିବସ୍ତରୀୟ ବୈଠକ : ଆର୍ଥିକ ପ୍ରଦର୍ଶନ, ବନ୍ୟା ପୁନରୁଦ୍ଧାରକୁ ଗୁରୁତ୍ୱ

ଭୁବନେଶ୍ୱର, ୪।୮ (ସବ୍ୟୁ) : ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ସଚିବସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହଙ୍କ ସମେତ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ, କମିଶନର ଓ ଶାସନ ସଚିବମାନେ



ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ସମୀକ୍ଷା କରିଥିଲେ ।

ବୈଠକ ଆରମ୍ଭରେ ଚଳିତବର୍ଷ ପୁରୀ ରଥଯାତ୍ରାର ସଫଳ (୯ ପୃଷ୍ଠାରେ)

## ବିରୋଧୀଙ୍କ ହଟ୍ଟଗୋଳ ଲାଗି ଚାଲିପାରୁନି ସଂସଦ

ନୂଆଦିଲ୍ଲୀ, ୪।୮ : ଅଯୋଧ୍ୟା ରାମ ମନ୍ଦିରରୁ ଦାନ ଅର୍ଥ ଚୋରି, ଜୁଲାଇ ୨୦ରେ ଯନ୍ତର ମନ୍ତରରେ ଛାତ୍ର ଆନ୍ଦୋଳନ ସମୟରେ ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ବିରୋଧରେ ବିରୋଧୀ ଦଳଗୁଡ଼ିକ ସଂସଦରେ ପ୍ରତିବାଦ ଜାରି ରଖିଛନ୍ତି । ଫଳରେ ଗୃହକାର୍ଯ୍ୟ ଚାଲିପାରୁନାହିଁ । ଆଜି ମଧ୍ୟ ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁ ଗୃହକୁ ବାରମ୍ବାର ମୁଲତବୀ କରାଯାଇଛି । ତେବେ ଶେଷରେ ଉଭୟ ଗୃହକୁ ଆସନ୍ତାକାଲି ପୂର୍ବାହ୍ଣ ୧୧ଟା ଯାଏ ମୁଲତବୀ କରାଯାଇଛି । ତେବେ ଇତିମଧ୍ୟରେ ରାର୍ଯ୍ୟସଭାରେ ଜନ୍ମମୃତ୍ୟୁ ପଞ୍ଜିକରଣ ସଂଶୋଧନ ବିଲ୍ ପାରିତ ହୋଇଯାଇଛି । ଲୋକସଭାରେ ମଧ୍ୟ ବାଚନିକ ଭୋଟ୍‌ରେ ଆପ୍ରୋପିଏସନ୍ (୩) ବିଲ୍‌କୁ ପାରିତ କରାଯାଇଛି ।

ବିରୋଧୀ ଦଳଗୁଡ଼ିକ ସଂସଦ ପରିସରରେ ବିଭିନ୍ନ ପ୍ରସଙ୍ଗ ନେଇ ପ୍ରତିବାଦ କରିଛନ୍ତି । ରାଜଧାନୀରେ ଛାତ୍ରଙ୍କ ଉପରେ ହୋଇଥିବା ପୋଲିସ କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ଏହି ପ୍ରତିବାଦ ଚାଲିଛି । (୯ ପୃଷ୍ଠାରେ)


सत्यमेव जयते



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (PMFBY)
୨୦୨୬ ଖରିଫ୍ ଋତୁ ପାଇଁ ପଞ୍ଜୀକରଣ

ପଞ୍ଜୀକରଣ ଅବଧି ୧୫ ଅଗଷ୍ଟ ୨୦୨୬ କୁ ବୃଦ୍ଧି

ଚାଷୀ ଭାଇଭଉଣୀଙ୍କ ପାଇଁ ସୂଚନା

- ବିଜ୍ଞାପିତ ଅଞ୍ଚଳରେ ଚାଷ ହୋଇଥିବା ୮ ଗୋଟି ଫସଲ ଯଥା - **ଧାନ, ମକା, ଚିନାବାଦାମ, ମାଣ୍ଡିଆ, କପା, ହରଡ଼, ଅଦା ଓ ହଳଦୀ** ପାଇଁ ବୀମା କରାଯାଇପାରିବ ।
- ପ୍ରାକୃତିକ ଦୁର୍ବିପାକ ଦ୍ୱାରା ଫସଲ ଅମଳରେ କ୍ଷତି ହେଲେ ଏହି ଯୋଜନାରେ ଚାଷୀ ଭାଇଭଉଣୀମାନେ କ୍ଷତିପୂରଣ ପାଇପାରିବେ ।
- ଭାଗ ଚାଷୀ ମଧ୍ୟ ନିର୍ଦ୍ଧାରିତ ଫର୍ମରେ ଜମି ମାଲିକଙ୍କଠାରୁ ସହମତି ଆଣି ନିଜ ଫସଲର ପଞ୍ଜୀକରଣ କରିପାରିବେ ।
- ଋଣୀ ଚାଷୀମାନେ ଋଣ ନେଇଥିବା ଅନୁଷ୍ଠାନ ଯଥା - **ପ୍ରାଥମିକ କୃଷି ସମବାୟ ସମିତି (PACS), ବୃହଦାକାର ଆଦିବାସୀ ବହୁମୁଖୀ ସମବାୟ ସମିତି (LAMPCS) ଓ ବ୍ୟାଙ୍କ ଶାଖାରେ** ଏହି ପଞ୍ଜୀକରଣ କରାଇପାରିବେ ।
- ଅଣଋଣୀ ଚାଷୀମାନେ **ଜନସେବା କେନ୍ଦ୍ର (CSC), ସମବାୟ ବ୍ୟାଙ୍କ ଶାଖା ତଥା ଅନ୍ୟାନ୍ୟ ବ୍ୟାଙ୍କ ଶାଖାରେ** ଆବଶ୍ୟକ କାଗଜ ପତ୍ର ଦେଇ ଏହି ପଞ୍ଜୀକରଣ କରାଇପାରିବେ ।
- ଏହି ପଞ୍ଜୀକରଣ ପାଇଁ **ଆଧାର କାର୍ଡ (Aadhaar Card)** ବାଧ୍ୟତାମୂଳକ ଅଟେ ।
- ଜଣେ ଚାଷୀ ପାଇଁ ସର୍ବାଧିକ **୫ ଏକର** ପର୍ଯ୍ୟନ୍ତ ଚାଷ ଜମିର ପଞ୍ଜୀକରଣ **ବିନା କୌଣସି ଦେୟରେ** କରାଯିବ । ବ୍ୟାଙ୍କ ଆକାଉଣ୍ଟ୍ **Validation** ପାଇଁ ଆବେଦନ ପତ୍ର ପିଛା କେବଳ ୧ ଟଙ୍କା ଦେବାକୁ ପଡ଼ିବ ।
- ଅଧିକ ବିବରଣୀ ପାଇଁ ନିକଟସ୍ଥ **କୃଷି ସମବାୟ ସମିତି (PACS/ LAMPCS), ବ୍ୟାଙ୍କ ଶାଖା** କିମ୍ବା **ARCS, DRCS, CDAO** ଅଫିସରେ ଯୋଗାଯୋଗ କରନ୍ତୁ ।

ସମବାୟ ବିଭାଗ, ଓଡ଼ିଶା ସରକାର

OIPR: 39001/39051/2/26-27/0005
39001/41/2627

## ଇତିହାସ

୧୭୭୫- ପଶ୍ଚିମବଙ୍ଗର ରାଜା ମହାରାଜା ନନ୍ଦକୁମାରଙ୍କୁ କୋଲକାତାରେ ଫାଶି ।
୧୮୫୨- ଓଡିଶାର ପ୍ରମୁଖ ରାଷ୍ଟ୍ରବାଦୀ ଆଚାର୍ଯ୍ୟ ପ୍ୟାରେମୋହନଙ୍କ ଜନ୍ମ ।
୧୮୯୦- ଚନ୍ଦ୍ରପୃଷ୍ଠରେ ପାଦ ରଖିଥିବା ବିଶ୍ୱର ପ୍ରଥମ ମହାକାଶଚାରୀ ନିଲ୍ ଆର୍ମଷ୍ଟ୍ରଙ୍ଗ୍‌ଙ୍କ ଜନ୍ମ ।
୧୮୯୫- ଜର୍ମାନ୍ ସମାଜଶାସ୍ତ୍ରୀ ଏବଂ ଦାର୍ଶନିକ ଫ୍ରେଡ୍ରିକ୍ ଏଙ୍ଗେଲ୍ସଙ୍କ ପରଲୋକ ।
୧୯୦୧- ପ୍ରସିଦ୍ଧ ଭାରତୀୟ ରାଜନେତା, ସ୍ୱତନ୍ତ୍ରତା ସେନାନୀ, ପତ୍ରକାର, ସାହିତ୍ୟିକ ତଥା ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଦ୍ୱାରକା ପ୍ରସାଦ ମିଶ୍ରଙ୍କ ଜନ୍ମ ।
୧୯୫୦- ଆସାମର ପ୍ରଥମ ମୁଖ୍ୟମନ୍ତ୍ରୀ ଗୋପୀନାଥ ବୋରଦୋଲାଇଙ୍କ ଦେହାନ୍ତ ।
୧୯୯୧- ପ୍ରଥମ ଭାରତୀୟ ମହିଳା ରୂପେ ଲୀଳା ସେଠ୍ ଦିଲ୍ଲୀ ହାଇକୋର୍ଟରେ ଜଜ୍ ହେଲେ ।
୨୦୧୦- କଶ୍ମୀରସ୍ଥିତ ଲେହରେ ବନ୍ୟା ହୋଇ ୧୧୫ ଲୋକଙ୍କ ମୃତ୍ୟୁ ।
୨୦୧୧- ମଙ୍ଗଳଗ୍ରହରେ ପାଣି ଥିବା ନେଇ ନାସା ବୈଜ୍ଞାନିକଙ୍କ ଦାବି ।
୨୦୧୧- ବୃହସ୍ପତିର ସର୍ଭେ କରିବା ପାଇଁ ମହାକାଶଯାନ "ଜୁନୋ' ଛଡାଗଲା ।

## ବର୍ଷାଦିନିଆ ସଂକ୍ରମଣ



ବର୍ଷା ଋତୁରେ ସୂର୍ଯ୍ୟକିରଣର ଅଭାବ ଏବଂ ବାୟୁମଣ୍ଡଳରେ ଅତ୍ୟଧିକ ଆର୍ଦ୍ରତା କାରଣରୁ କପଡ଼ା ସହଜରେ ଶୁଖିନଥାଏ । ଯାହାଫଳରେ ଲୁଗାପଟାରୁ ଏକ ଅଜବ ଦୁର୍ଗନ୍ଧ ଆସିବା ସହ ଆଲମାରୀରେ ରଖାଯାଇଥିବା ଶୁଖିଲା କପଡ଼ାରୁ ମଧ୍ୟ ଓଦାଳିଆ ବାସ୍ନା ବାହାରିଥାଏ। ତେବେ ବର୍ଷା ଦିନେ କପଡ଼ା ୬ ରୁ ୮ ଘଣ୍ଟା କିମ୍ବା ତା'ଠାରୁ ଅଧିକ ସମୟ ଓଦା ରହିଲେ ସେଥିରେ ବ୍ୟାକ୍ଟେରିଆ ଓ ଫଙ୍ଗସ୍ ବଂଶବୃଦ୍ଧି କରନ୍ତି, ଯାହା ଦୁର୍ଗନ୍ଧର ମୁଖ୍ୟ କାରଣ ସାଜିଥାଏ । ଏହାଛଡ଼ା ଲୁଗା ଧୋଇବା ପରେ ସେଥିରେ ସାବୁନ୍ କିମ୍ବା ଡିଟରଜେଣ୍ଟ୍‌ର ଅଂଶ ରହିଯିବା ଏବଂ ଓଦା ଲୁଗାକୁ ଦୀର୍ଘ ସମୟ ବାଲ୍ଟି କିମ୍ବା ୱାଶିଂ ମେସିନ୍‌ରେ ଛାଡ଼ିଦେବା ଦ୍ୱାରା ମଧ୍ୟ ମାଇକ୍ରୋବ୍ସ ବଢ଼ି ଦୁର୍ଗନ୍ଧକୁ ତୀବ୍ର କରିଥାନ୍ତି । ବିଶେଷ କରି ସୂତା ଏବଂ ଉଲ୍ କପଡ଼ା ଅଧିକ ଆଦ୍ରତା ଧରିରଖୁଥିବାରୁ ଏଥିରୁ ଅଧିକ ଦୁର୍ଗନ୍ଧ ଆସୁଥିବା ବେଳେ ସିନ୍ଥେଟିକ୍ କପଡ଼ା ଶରୀରର ଝାଳ ଶୋଷି ବ୍ୟାକ୍ଟେରିଆ ବଢ଼ାଇଥାଏ । ଏଭଳି ଦୁର୍ଗନ୍ଧଯୁକ୍ତ କିମ୍ବା ଓଦାଳିଆ କପଡ଼ା କ୍ରମାଗତ ପିନ୍ଧିବା ଦ୍ୱାରା ତ୍ୱଚାର ସୁରକ୍ଷା ସ୍ତର ଦୁର୍ବଳ ହୋଇଯାଏ । ଯାହାଫଳରେ କାଛୁ, କୁଣ୍ଡିଆ ଭଳି ଗମ୍ଭୀର ଫଙ୍ଗାଲ୍ ସଂକ୍ରମଣ ହେବାର ଆଶଙ୍କା ଯଥେଷ୍ଟ ବୃଦ୍ଧି ପାଇଥାଏ, ତେଣୁ ଏହି ଦିନଗୁଡ଼ିକରେ କପଡ଼ାକୁ ସମ୍ପୂର୍ଣ୍ଣ ଶୁଖାଇବା ସହ ସଠିକ୍ ଭାବେ ଧୋଇ ବ୍ୟବହାର କରିବା ଉଚିତ୍ ।

## ପ୍ରିୟଙ୍କାଙ୍କ ଦୁଇଟି ରୂପ



ଗ୍ଲୋବାଲଷ୍ଟାର ପ୍ରିୟଙ୍କା ଚୋପ୍ରା ନିଜ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ଏକ ଭିଡିଓ ସେୟାର କରିଛନ୍ତି, ଯାହାକୁ ନେଇ ବର୍ତ୍ତମାନ ଖୁବ ଚର୍ଚ୍ଚା ଦେଖିବାକୁ ମିଳୁଛି । ଏହି ଭିଡିଓରେ ସେ ନିଜ ଝିଅ ମାଲତୀ ମ୍ୟାରୀଙ୍କୁ କୋଳରେ ଧରି ଦୁର୍ଗା ସପ୍ତଶତୀ ମନ୍ତ୍ର ଶିଖାଉଥିବା ଦେଖିବାକୁ ମିଳିଛି । ଭିଡିଓରେ ପ୍ରିୟଙ୍କାଙ୍କ ସହ ମାଲତୀ ମଧ୍ୟ ମନ୍ତ୍ର ଉଚ୍ଚାରଣ କରୁଛନ୍ତି ଏବଂ ଏହା ସହିତ ପ୍ରିୟଙ୍କା ନିଜର ଦୁଇଟି ବ୍ୟକ୍ତିତ୍ୱ 'ମାମା' ଓ 'ମାମାସିଟା' ବିଷୟରେ ଲେଖିଛନ୍ତି । ଯେଉଁଥିରେ ପ୍ରଥମ ଭାଗରେ ସେ ଝିଅ ସହ ସମୟ ବିତାଉଛନ୍ତି ଏବଂ ଦ୍ୱିତୀୟ ଭାଗରେ ଏକ ଗ୍ଲାମରସ ଡ୍ରେସ ପିନ୍ଧି ଡ୍ୟାନ୍ସ କରୁଥିବାର ନଜର ଆସିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୨୦୧୮ ରେ ରାଜସ୍ଥାନର ଯୋଧପୁରସ୍ଥିତ ଉମୈଦ ଭବନ ପ୍ୟାଲେସରେ ନିକ୍ ଜୋନାସଙ୍କୁ ବିବାହ କରିଥିବା ପ୍ରିୟଙ୍କା , ୨୦୨୨ରେ ସରୋଗେସୀ ମାଧ୍ୟମରେ ଝିଅ ମାଲତୀଙ୍କ ମା' ହୋଇଥିଲେ । ଅଭିନେତ୍ରୀ ପ୍ରାୟତଃ ସୋସିଆଲ ମିଡିଆରେ ଝିଅ ସହ ବିତାଉଥିବା ଖାସ୍ ମୁହୂର୍ତ୍ତର ଝଲକ ସେୟାର କରିଥାନ୍ତି । ଗତ ଜୁଲାଇ ମାସରେ ପ୍ରିୟଙ୍କା ଏକ ଫଟୋ ସେୟାର କରିଥିଲେ ଯେଉଁଥିରେ ମାଲତୀ ନିଜ ଆଈ ମଧୁ ଚୋପ୍ରାଙ୍କ ସହ ପୁଲ୍ କୂଳରେ ବୁଲୁଥିବାର ଦେଖାଯାଇଥିଲେ। ଅନେକ ସମୟରେ ସେ ମାଲତୀଙ୍କର ବିଭିନ୍ନ ଭିଡିଓ ସେ ସୋସିଆଲ ମିଡିଆରେ ଛାଡନ୍ତି। ଯାହାକୁ ଫ୍ୟାନମାନେ ମଧ୍ୟ ଖୁବ ପସନ୍ଦ କରିଥାନ୍ତି ।

## ସୋସିଆଲ କୋଟ୍ସ



ମୋ ନାଁରେ ମିଛ ଖବର ବୁଲୁଛି, ମୁଁ କେବେ ବି କାହାର ବଡି ସେମିଂ କରିନି । ହେଲେ ଜଣେ ଅଭିନେତ୍ରୀ ଅଛନ୍ତି, ଯିଏ ପକେଟମାର ଭଳି ଡ୍ରେସ ପିନ୍ଧୁଛନ୍ତି । ହେଲେ ଜେନ୍ ଜି ଆନ୍ଦୋଳନକାରୀଙ୍କ ଅଶାଳୀନ ବ୍ୟବହାରକୁ ସମର୍ଥନ କରୁଛନ୍ତି ।

**କଙ୍ଗନା ରାଣାୱତ, ଅଭିନେତ୍ରୀ**



ସମସ୍ତେ ସୋସିଆଲ ମଡିଆରେ କରୁଥିବା ଖରାପ ବ୍ୟବହାର ବନ୍ଦ କରନ୍ତୁ । ସମସ୍ତଙ୍କ ମାନସିକ ଅବସ୍ଥା ପ୍ରତି ଧ୍ୟାନ ଦିଅନ୍ତୁ । ସେହିଭଳି ସମସ୍ତଙ୍କ ନିଜ କଥା କହିବାର ସୁଯୋଗ ମିଳିବାର ମଧ୍ୟ ଆବଶ୍ୟକତା ରହିଛି ।

**ଭୂମି ପେଡନେକର, ଅଭିନେତ୍ରୀ**



ଷ୍ଟକର ମୋତେ ଖୁବ ହଇରାଣ କରିଛି । ସେ ଏକା ବାଇକରେ ମୋତେ ଫଲୋ କରୁଥିଲା । ଏହି ଅନୁଭବ ଖୁବ ଭୟଙ୍କର ଥିଲା । ମୁଁ ସେତେବେଳେ ଖୁବ ମାନସିକ ଚାପରେ ରହୁଥିଲି ।

**ଶୁଭାଙ୍ଗୀ ଅତ୍ରେ, ଅଭିନେତ୍ରୀ**

## ଚାଷକୁ ନେଇ ନୂଆ ନିୟମ

ଘାନା ସଂସଦରେ ପାରିତ ଏକ ନୂତନ ବିଲ୍ ଅନୁଯାୟୀ, କୃଷକମାନେ ସରକାରଙ୍କ ଅନୁମତି ବିନା କୋକୋ ବା ଚକୋଲେଟ୍ ଚାଷ ଛାଡିପାରିବେ ନାହିଁ । ଯଦି ସେମାନେ କୋକୋ ଛଡା ଅନ୍ୟ କୌଣସି ଫସଲ ଅମଳ କରନ୍ତି କିମ୍ବା ଜମିକୁ ଅନ୍ୟ କାର୍ଯ୍ୟରେ ବ୍ୟବହାର କରନ୍ତି, ତେବେ ତାଙ୍କୁ ୨୦ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ସହ ଜରିମାନା ଭୋଗିବାକୁ ପଡ଼ିପାରେ । ଯାହାକି ରାଷ୍ଟ୍ରପତିଙ୍କ ସ୍ୱାକ୍ଷର ପରେ ଆଇନରେ ପରିଣତ ହେବବୋଲି ଜଣା ପଡିଛି। ସେହିଭଳି ଏହି ବିଲ୍‌ରେ ବେଆଇନ ସୁନା ଖନନକାରୀଙ୍କ ପାଇଁ ମଧ୍ୟ ୧୦ ରୁ ୨୦ ବର୍ଷର ଦଣ୍ଡ ନିର୍ଦ୍ଧାରଣ କରାଯାଇଛି। ଘାନାରେ ଲକ୍ଷ ଲକ୍ଷ ପରିବାର କୋକୋ ଚାଷ ଉପରେ ନିର୍ଭରଶୀଳ ଏବଂ ଏହା ଦେଶର ଅର୍ଥବ୍ୟବସ୍ଥାରେ ବଡ଼ ଯୋଗଦାନ ଦେଇଥାଏ । ମାତ୍ର କୃଷକମାନେ ଏହି ବିଲ୍‌କୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ସେମାନଙ୍କ ଅନୁଯାୟୀ ଜମି କିଣିବାଠାରୁ ଆରମ୍ଭ କରି ଚାଷ କାର୍ଯ୍ୟ ପାଇଁ ସମସ୍ତ ଖର୍ଚ୍ଚ ସେମାନେ ନିଜେ ବହନ କରୁଥିବା ବେଳେ ସରକାରୀ ସାହାଯ୍ୟ ଖୁବ୍ କମ୍ ମିଳିଥାଏ । ତେଣୁ ନିଜ ଜମିରେ କେଉଁ ଫସଲ କରିବେ ସେହି ନିଷ୍ପତ୍ତି ନେବାର ପୂର୍ଣ୍ଣ ଅଧିକାର ସେମାନଙ୍କର ହିଁ ରହିବା ଉଚିତ୍ ।



## ନିଆରା ଯାଆଁଳା ବିବାହ

କେରଳର ଚଙ୍ଗନାସେରୀ ମେଟ୍ରୋପଲିଟନ୍ ଚର୍ଚ୍ଚରେ ଏକ ଅନନ୍ୟ ବିବାହ ସମ୍ପନ୍ନ ହୋଇଯାଇଛି । ଯେଉଁଠାରେ କେବଳ ବର-କନ୍ୟା ନୁହନ୍ତି, ବରଂ ପାଦ୍ରୀ ଏବଂ ତାଙ୍କୁ ସାହାଯ୍ୟ କରୁଥିବା ଆଲ୍ଟର ବୟ ମଧ୍ୟ ଯାଆଁଳା ଥିଲେ। ଏହି ବିବାହରେ ଯାଆଁଳା ଭାଇ ଅଖିଲ ଏବଂ ନିଖିଲ, ଯାଆଁଳା ଭଉଣୀ ମ୍ୟାଗି ଏବଂ ମାରିଆଙ୍କୁ ବିବାହ କରିଥିବାବେଳେ ବିବାହର ସମସ୍ତ ନୀତିକାନ୍ତି ଯାଆଁଳା ପାଦ୍ରୀ ଫାଦର ଆଣ୍ଟୋ ଏବଂ ଫାଦର ଅଜୋ ସମ୍ପାଦନ କରିଥିଲେ । ବିବାହରେ ସେମାନଙ୍କୁ ସାହାଯ୍ୟ କରୁଥିବା ଦୁଇଜଣ ଆଲ୍ଟର ବୟ ମଧ୍ୟ ଯାଆଁଳା ଭାଇ ଥିଲେ। କନ୍ୟାମାନେ ପ୍ରକାଶ କରିଛନ୍ତି ଯେ ନିଜ ବିବାହର ପ୍ରତ୍ୟେକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଯାଆଁଳା ବ୍ୟକ୍ତିମାନେ ହିଁ ରହନ୍ତୁ ବୋଲି ସେମାନଙ୍କର ପିଲାଦିନର ସ୍ୱପ୍ନ ଥିଲା । ଯାହା ପାଇଁ ସେମାନେ ନିଜେ ଯାଆଁଳା ପାଦ୍ରୀଙ୍କୁ ଖୋଜି ବାହାର କରି ଚର୍ଚ୍ଚ ମାଧ୍ୟମରେ ନିମନ୍ତ୍ରଣ କରିଥିଲେ। ସୂଚନାଯୋଗ୍ୟ ଯେ, ଦୁଇ ବର ମର୍ଚ୍ଚାଣ୍ଟ ନେଭିରେ କାର୍ଯ୍ୟରତ ଥିବାବେଳେ ଦୁଇ କନ୍ୟା ଆଇଟି ସେକ୍ଟରରେ କାର୍ଯ୍ୟରତ ଅଛନ୍ତି । ଅପରପକ୍ଷରେ, ଏଭଳି ଏକ ନିଆରା ବିବାହ କରାଇବାର ସୁଯୋଗ ପ୍ରଥମ ଥର ମିଳିଥିବାରୁ ଏବଂ ଏହି ସ୍ମରଣୀୟ ମୁହୂର୍ତ୍ତ ସଦାସର୍ବଦା ମନେରହିବ ବୋଲି ପାଦ୍ରୀମାନେ ପ୍ରକାଶ କରିଛନ୍ତି ।



## ଅତିଥି ନ ଆସିବାରୁ ଜରିମାନା

ପଶ୍ଚିମବଙ୍ଗର ହୁଗୁଳି ଜିଲ୍ଲା ଅନ୍ତର୍ଗତ ଚୁଞ୍ଚୁଡ଼ା ପୌରପାଳିକାର କର୍ମଚାରୀ ସୁଖେନ ଘୋଷ ଗତ ୨୯ ଜୁଲାଇରେ ନିଜ ବିବାହ ବାର୍ଷିକୀ ପାର୍ଟି ପାଇଁ ଅତିଥିମାନଙ୍କୁ ନିମନ୍ତ୍ରଣ କରିଥିଲେ । ସେମାନଙ୍କ ପାଇଁ ସ୍ୱତନ୍ତ୍ର ଖାଦ୍ୟପେୟର ବ୍ୟବସ୍ଥା ମଧ୍ୟ କରିଥିଲେ । ମାତ୍ର ବହୁ ସଂଖ୍ୟାରେ ନିମନ୍ତ୍ରିତ ଅତିଥି ପାର୍ଟିକୁ ନ ଆସିବାରୁ ପ୍ରଚୁର ଖାଦ୍ୟ ନଷ୍ଟ ହୋଇଥିଲା । ଯାହା ସୁଖେନଙ୍କୁ ଏତେ ବାଧିଥିଲା ଯେ ସେ ଅନୁପସ୍ଥିତ ଥିବା ସମସ୍ତ ଲୋକଙ୍କ ଉପରେ ୫୦୦ ଟଙ୍କାର ଜୋରିମାନା ଲଗାଇବା ସହ ଏହାର ଆଦାୟ ପାଇଁ ପୋଷ୍ଟର ମଧ୍ୟ ଲଗାଇଛନ୍ତି । ସେହି ପୋଷ୍ଟରଗୁଡ଼ିକରେ ସେ ଉଲ୍ଲେଖ କରିଛନ୍ତି ଯେ, ଯେଉଁମାନେ ସମାରୋହକୁ ଆସିନାହାନ୍ତି ସେମାନଙ୍କୁ ପରବର୍ତ୍ତୀ ସମୟରେ ଘରକୁ ଆସି ଆଶୀର୍ବାଦ ଦେବାକୁ ପଡ଼ିବ । ଏପରିକି ପାର୍ଟିକୁ ଆସିବା ପାଇଁ ଜଣେ ସାଙ୍ଗଙ୍କୁ ଚୁଟି ଓ ଦାଢ଼ି କାଟିବା ବାବଦକୁ ସୁଖେନ ଦେଇଥିବା ୨୦୦ ଟଙ୍କା, ସେ ନ ଆସିବାରୁ ତାଙ୍କଠାରୁ ସେହି ଟଙ୍କା ଫେରାଇ ଆଣିଛନ୍ତି । ନିମନ୍ତ୍ରଣ ରକ୍ଷା ନ କରିଥିବା ଅତିଥିଙ୍କ ପାଇଁ ସୁଖେନଙ୍କ ଏହି ଆଶ୍ଚର୍ଯ୍ୟଜନକ ଦଣ୍ଡ ଏବେ ସବୁଠି ଚର୍ଚ୍ଚାର ବିଷୟ ପାଲଟିଛି ।



## ଅଣ୍ଡାଦୋସା



ସାମଗ୍ରୀ- ମଇଦା ୨୫୦ଗ୍ରାମ୍, ଅଣ୍ଡା୩ଟା, ପିଆଜ-୨ଟା, କଙ୍କାଲଙ୍କା ୪ଟା, ବେକିଂ ପାଉଡ଼ର ଅଳ୍ପ, ରସୁଣ ପାଞ୍ଚକୋଲା, ଥିନ୍‌ଆରାରୁଟ୍ ବିସ୍କୁଟ-୪ଟା, ତେଲ, ଲୁଣ, କ୍ଷୀର- ୫୦୦ଗ୍ରାମ୍ ।

ପ୍ରଣାଳୀ- ପିଆଜ, ରସୁଣ, କଞ୍ଚାଲଙ୍କାକୁ ଛୋଟ ଛୋଟ ବାଟିଦିଅନ୍ତୁ । ବିସ୍କୁଟକୁ ଗୁଣ୍ଡକରିବା ସହ ଅଣ୍ଡାକୁ ଫେଣ୍ଟି ରଖନ୍ତୁ । କଡ଼େଇରେ ତେଲ ଦେଇ ବଟାମସଲାକୁ କଷିଦିଅନ୍ତୁ । ଏହାପରେ କଷା ମସଲା, ବିସ୍କୁଟଗୁଣ୍ଡ ଓ ଅଣ୍ଡାଫେଣ୍ଟାକୁ ଲୁଣଦେଇ ଭଲଭାବେ ମିଶାଇ ଦିଅନ୍ତୁ । ମଇଦାରେ କ୍ଷୀର, ବେକିଂ ପାଉଡ଼ର ଓ ଲୁଣକୁ ଭଲଭାବେ ମିଶାନ୍ତୁ । ବର୍ତ୍ତମାନ ତାୱା ଗରମକରି ସେଥିରେ ମଇଦାଆଣକୁ ପତଳା କରି ପିଠାଭଳି କରନ୍ତୁ । ତା' ଉପରେ ଅଣ୍ଡାଫେଣ୍ଟାକୁ ପକାନ୍ତୁ । ପିଠାଟି ହୋଇଗଲେ ତିନିଭାଗ କରିଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ଅଣ୍ଡାଦୋସା ।



**ମେଷ:** କର୍ମକ୍ଷେତ୍ରେ ଆଶ୍ୱସ୍ତି, ନୂତନ କାର୍ଯ୍ୟ ଆରମ୍ଭ, ସୁସମାଚାର, ବ୍ୟବସାୟିକ ଲାଭ, ସମ୍ମାନପ୍ରତିଷ୍ଠା, ଲୋକସମ୍ପର୍କ ବୃଦ୍ଧି, ଶରୀର ସୁସ୍ଥ, ଭରଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୭, ଆରାଧନା-ପ୍ରଭୁ ହନୁମାନ ।

**ବୃଷ:** ଦ୍ରବ୍ୟଲାଭ, କିଛିକାର୍ଯ୍ୟରେ ବିଳମ୍ବ, ଅନୁଷ୍ଠାନରୁ ଲାଭ, ବିଶିଷ୍ଟ କାର୍ଯ୍ୟରେ ଯୋଗଦାନ, ଶୁଭଖବର, ଶରୀର ସୁସ୍ଥ, ଶତ୍ରୁସମସ୍ୟା, ରୋହିଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୬, ଆରାଧନା-ମହାଲକ୍ଷ୍ମୀ ।

**ମିଥୁନ:** ପେଟବ୍ୟଥା, ପାରିବାରିକସୁଖ, ଦେବକାର୍ଯ୍ୟରେ ସନ୍ତୁଷ୍ଟ, ସୁସମାଚାର, ବ୍ୟବସାୟରେ ଲାଭ, ଭ୍ରାତୃସ୍ନେହ, ଶତ୍ରୁସମସ୍ୟା, ବନ୍ଧୁକଷ୍ଟ, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୮, ଆରାଧନା-ବିଷ୍ଣୁ ଭଗବାନ ।

**କର୍କଟ:** ଅପମାନଯୋଗ, ହେବାକାର୍ଯ୍ୟରେ ବାଧା, ଦୂରଯାତ୍ରା, ବନ୍ଧୁଲାଭ, ସନ୍ତାନଲାଭ, ଦାମ୍ପତ୍ୟକଳହ, ଦ୍ରବ୍ୟଲାଭ, ସମ୍ପତ୍ତିବିବାଦ, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୮, ଆରାଧନା-ମା' ଭଗବତୀ ।

**ସିଂହ:** ଶରୀର ଅସୁସ୍ଥ, ଶୁଭଖବର, ମାନସିକଶାନ୍ତି, ଅଯଥା କଳହ, ଶତ୍ରୁସମସ୍ୟା ଦୂର, ବ୍ୟବସାୟରେ ଉନ୍ନତି, ପାରିବାରିକ ଶାନ୍ତି, ପୂର୍ବାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା-ପ୍ରଭୁ ଜଗନ୍ନାଥ ।

**କନ୍ୟା:** ଲୋକସମ୍ପର୍କବୃଦ୍ଧି, ବ୍ୟବସାୟରେ ସ୍ୱଳ୍ପଲାଭ, ମାନସିକ ଶାନ୍ତି, ବନ୍ଧୁଗୃହେ ଯାତ୍ରା, ଦାମ୍ପତ୍ୟଖୁସି, ସମସ୍ୟା ସମାଧାନ, ସ୍ୱାଦିଷ୍ଟ ଭୋଜନ, ହସ୍ତା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୬, ଆରାଧନା-ମା' ଦକ୍ଷିଣକାଳୀ ।

**ତୁଳା:** ନୁତନ କର୍ମେ ଖୁସି, ଶୁଭଖବର, ସମ୍ପତ୍ତିଲାଭ, ଶତ୍ରୁ ପରାଜିତ, ବନ୍ଧୁଗୃହେ ଯାତ୍ରା, ବିଶିଷ୍ଟ କାର୍ଯ୍ୟରେ ଲାଭ, ଦାମ୍ପତ୍ୟଖୁସି, ଗୁରୁଜନଙ୍କ ଆଶୀର୍ବାଦ, ସ୍ୱାତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା , ସଂଖ୍ୟା-୮, ଆରାଧନା-ଶଙ୍କର ଭଗବାନ ।

**ବିଛା:** ବନ୍ଧୁମନାନ୍ତର, କିଛି କାର୍ଯ୍ୟରେ ବିଳମ୍ବ, ଅଯଥା ଖର୍ଚ୍ଚ, ଆର୍ଥିକଲାଭ, ଦୂରଯାତ୍ରା ସଫଳ, ଅଜଣାବ୍ୟକ୍ତି ସହଯୋଗ, ଦେବଦର୍ଶନ, ଉତ୍ସବକୁ ନେଇ ଆଲୋଚନା, ଅନୁରାଧା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୭, ପ୍ରଭୁ ଜଗନ୍ନାଥ ।

**ଧନୁ:** ଅର୍ଥଲାଭ,ସମସ୍ୟା ସମାଧାନ, ଦୂରଯାତ୍ରା ସଫଳ, ଶୁଭ ଆଲୋଚନା, ଶରୀର ସୁସ୍ଥ, ସନ୍ତାନଲାଭ, କର୍ମକ୍ଷେତ୍ରେ ପ୍ରଶଂସା, ବନ୍ଧୁଲାଭ, ଭ୍ରାତୃସ୍ନେହ, ପୂର୍ବାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୧୦, ଆରାଧନା-ମା' କୋଚିଲାଇ ।

**ମକର:** ଶୁଭଖବର, ଲୋକସମ୍ପର୍କରେ ବାଧା, ଯାତ୍ରାରେ କଷ୍ଟ, ବନ୍ଧୁସହଯୋଗ, ସ୍ୱଜନ ବିରୋଧ, ସନ୍ତାନଖୁସି, ବ୍ୟବସାୟରେ ସାମାନ୍ୟ ଲାଭ, କିଛି ଦ୍ରବ୍ୟ କ୍ରୟ କରିବେ, ଶ୍ରବଣା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୮, ଆରାଧନା-ମା' କୁତାମଚଣ୍ଡୀ ।

**କୁମ୍ଭ:** ବନ୍ଧୁସହଯୋଗ, ମାନସିକ ଶାନ୍ତି, ସମସ୍ୟା ସମାଧାନ, କିଛି କାର୍ଯ୍ୟରେ ବିଳମ୍ବ, ଶତ୍ରୁ ପରାଜିତ, ଅର୍ଥଲାଭ, ଶୁଭଖବର, ଦାମ୍ପତ୍ୟଖୁସି, ଅର୍ଥଲାଭ, ଧନଲାଭ, ଯାତ୍ରାଶୁଭ, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୯, ଆରାଧନା-ଶଙ୍କର ଭଗବାନ ।

**ମୀନ:** ଯାତ୍ରାରେ ସତର୍କ, ଶରୀର ଅସୁସ୍ଥ, ବନ୍ଧୁସହଯୋଗ, ଦ୍ରବ୍ୟକ୍ରୟ, ଦେବକାର୍ଯ୍ୟରେ ସନ୍ତୁଷ୍ଟ, ସନ୍ତାନଲାଭ, ସୁମିଷ୍ଟ ଭୋଜନପ୍ରାପ୍ତି, ବିଶିଷ୍ଟ କାର୍ଯ୍ୟରେ ଲାଭ, ପୂର୍ବଭାଦ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୪, ଆରାଧନା-ମା' ବଗଳାମୁଖୀ ।

**ଶ୍ରାବଣ କୃଷ୍ଣପକ୍ଷ ସପ୍ତମୀ**
**୫.୮.୨୦୨୬, ବୁଧବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮



ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ତପ୍ତପାଣି ଠାରେ ମାଁ କନ୍ଧୁଣୀ ଦେବୀ ମନ୍ଦିରରେ ପୂଜା ଅର୍ଚ୍ଚନା କରୁଛନ୍ତି । ସାଥିରେ ଅଛନ୍ତି ରାଜ୍ୟପାଳ ଡଃ ହରିବାବୁ କମ୍ଭମପାଟି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।



ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ରେଳ ଷ୍ଟେସନରେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ସ୍ୱାଗତ କରି ବ୍ରହ୍ମପୁର ଅଭିମୁଖେ ଯାତ୍ରା କରୁଛନ୍ତି



ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ବ୍ରହ୍ମପୁର ରେଳଷ୍ଟେସନରେ ପହଞ୍ଚିବା ପରେ ତାଙ୍କୁ ରାଜ୍ୟପାଳ ଡଃ ହରିବାବୁ କମ୍ଭମପାଟି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇଛନ୍ତି ।

### ଓକିଲ ମାନଙ୍କ ବିଭିନ୍ନ ଦାବିକୁ ସରକାରଙ୍କ ସକାରାତ୍ମକ ସଙ୍କେତ

## ଆଇନ୍ ମନ୍ତ୍ରୀଙ୍କ ସହ ବାର୍ କାଉନସିଲ୍ ର ଆଲୋଚନା

କ ଟ କ , ( ସ ବ୍ୟୁ ) : ଆଇନଜୀବୀମାନଙ୍କ ଦୀର୍ଘଦିନର ବିଭିନ୍ନ ଦାବି ପୂରଣ ନେଇ ଆଶା ଦେଖାଦେଇଛି । ଗତ ସୋମବାର ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସହ ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷକଙ୍କ ସମେତ ବିଭିନ୍ନ ସଦସ୍ୟମାନେ ଆଲୋଚନା କରିଥିଲେ । ଏଥିରେ ଆଇନ ଏକାଡେମୀ, କଲ୍ୟାଣ ପାଣ୍ଠିକୁ ୯ ଲକ୍ଷ ଟଙ୍କାକୁ ବୃଦ୍ଧି, ମଧୁବାବୁ ସ୍ୱାସ୍ଥ୍ୟବୀମା ଯୋଜନା ସହିତ ମ୍ୟାଚିଙ୍ଗ ଗ୍ରାଣ୍ଟ ୧୦ କୋଟି ରୁ ୧୫ କୋଟି କରିବା ପାଇଁ ରାଜ୍ୟ ଆଇନମନ୍ତ୍ରୀ ସହମତି ପ୍ରକାଶ କରିଥିବା ପରିଷଦ ପକ୍ଷରୁ କୁହାଯାଇଛି। ଏହି ଆଲୋଚନା ପରେ ପରିଷଦ, ଆଇନଜୀବୀଙ୍କ ଦୀର୍ଘଦିନର ଦାବି ପୂରଣ ହେବ ବୋଲି ଆଶାବ୍ୟକ୍ତ କରିଛି। ଏଥିସହ ସରକାରୀ ସ୍ତରରେ ଦେଖାଦେଇଥିବା ତତ୍ପରତା ପାଇଁ ପରିଷଦ ପକ୍ଷରୁ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଯାଇଛି। ସୋମବାର ସଂଧ୍ୟାରେ ରାଜ୍ୟ ସଚିବାଳୟ ପରିସରରେ ଆଇନ ମନ୍ତ୍ରୀଙ୍କ ସହ ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ, କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଅରୁପାନନ୍ଦ ଦାସ, ବରିଷ୍ଠ ଆଇନଜୀବୀ ବିଭୁ ପ୍ରସାଦ ତ୍ରିପାଠୀ, ଆଇନଜୀବୀ ପରିଷଦର ସଦସ୍ୟ ଧନଞ୍ଜୟ ମୁଣ୍ଡ, ଆତ୍ମା ପ୍ରକାଶ ମହାନ୍ତି, ଅକ୍ଷୟ କୁମାର ସାମନ୍ତରାୟ ପ୍ରମୁଖ ଭେଟି ଆଇନଜୀବୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ରାଜ୍ୟରେ ଦୀର୍ଘଦିନ ଧରି ଆଇନ ଏକାଡେମୀ ପ୍ରତିଷ୍ଠା ପାଇଁ କୁହାଯାଇ ଆସୁଥିଲା। ଆଇନ ଏକାଡେମୀରେ ଯୁବ ଆଇନଜୀବୀମାନଙ୍କୁ ତାଲିମ୍ ଦିଆଯାଇ ପାରିବ। ଏହା ଉପରେ ରାଜ୍ୟ ଆଇନମନ୍ତ୍ରୀ ପ୍ରାରମ୍ଭିକ ଭାବେ ଭୁବନେଶ୍ୱରସ୍ଥିତ ତୋଷାଳୀ ପ୍ଲାଜାରେ କାର୍ଯ୍ୟ ଆରମ୍ଭ କରିବା ପାଇଁ ପ୍ରସ୍ତାବ ଦେଇଥିଲେ । ଏଥିରେ ପରିଷଦ ସହମତି ପ୍ରକାଶ କରିଥିଲା । ସ୍ଥାନୀୟ ଭାବେ ଜମି ଯୋଗାଇ ଦେବା ପର୍ଯ୍ୟନ୍ତ ସେଠାରେ ଏହାକୁ ଆରମ୍ଭ କରିବାକୁ କୁହାଯାଇଥିଲା।

ଆଇନଜୀବି ମାନଙ୍କ ପାଇଁ ସ୍ୱାସ୍ଥବୀମା ଆରମ୍ଭ କରିବାକୁ କହିବା ପରେ ମନ୍ତ୍ରୀ ଏଥିରେ ମଧ୍ଯ ସହମତି ପ୍ରକାଶ କରିଥିଲେ। ମଧୁ ବାବୁଙ୍କ ନାମରେ ଏହି ବୀମା ଆରମ୍ଭ କରିବାକୁ କୁହାଯାଇଥିଲା। ଆଇନଜୀବୀ କଲ୍ୟାଣ ପାଣ୍ଠିକୁ ୯ ଲକ୍ଷ ଟଙ୍କାକୁ ବୃଦ୍ଧି ବିଷୟରେ ସରକାର ଆଇନଜୀବୀ ପରିଷଦର ଅନୁରୋଧ ସହିତ ସହମତି ପ୍ରକାଶ କରିଥିଲେ। ଆଇନଜୀବୀ ସୁରକ୍ଷା ଆଇନ ପାଇଁ ଏବେ ଆଇନଜୀବୀମାନଙ୍କଠାରୁ ପ୍ରସ୍ତାବ ଲୋଡ଼ାଯାଇଛି। ଆସନ୍ତା ୧୦ ମଧ୍ୟରେ ପ୍ରସ୍ତାବ ମିଳିବା ପରେ ରାଜ୍ୟ ସରକାର ଏହା ଉପରେ ବିଚାରବିମର୍ଷ କରି ଆଗକୁ ବଢ଼ିବେ ବୋଲି ଶ୍ରୀ ହରିଚନ୍ଦନ କହିଥିଲେ।

## ମନ୍ଦିର ଲୁଟେରାକୁ ଧରି ପୋଲିସ ଜିମା ଦେଲେ

ଭୁବନେଶ୍ୱର, (ସବ୍ୟୁ) : ଜଣେ ମନ୍ଦିର ଲୁଟେରାକୁ ସେହି ମନ୍ଦିର ଟ୍ରଷ୍ଟବୋର୍ଡ ସଦସ୍ୟମାନେ ଧରି ଧଉଳି ଥାନା ପୋଲିସ ଜିମା ଦେଇଥିଲେ । ପୋଲିସ ତା'ନିକଟରୁ ହୁଣ୍ଡିରୁ ଲୁଟ୍ କରିଥିବା ୧,୭୮୦ଟଙ୍କା ଜବତ କରିଥିବା କହିଛି । ରବିବାର ଅପରାହ୍ନ ୫ଟା ସମୟରେ ଶିଶୁପାଳଗଡସ୍ଥିତ ମା'ଯଦୁମଲ୍ଲୀ ମନ୍ଦିର ହୁଣ୍ଡିରୁ ଟଙ୍କା ଚୋରି କରି ଜଣେ ଯୁବକ ଖସି ପଳାଉଥିବା ବେଳେ ମନ୍ଦିର ଟ୍ରଷ୍ଟବୋର୍ଡର ସଦସ୍ୟମାନେ ତାଙ୍କୁ ଦେଖି କାବୁ କରିନେଇଥିଲେ । ପୋଲିସ ଲୁଟେରା ସୁଧାଂଶୁ ନାୟକ ଓରଫ ଗଦାକୁ ପଚରାଉଚରା କରିବା ବେଳେ ସେ ମନ୍ଦିର ହୁଣ୍ଡି ଲୁଟ୍ କଥା କହିଥିଲା । ଆହୁରି ମଧ୍ୟ କହିଥିଲା ଯେ, ଜୁନ୍ ୫ ତାରିଖ ରାତିରେ ପଦ୍ମନଗରସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିର ହୁଣ୍ଡିରୁ ଚୋରି କରିଛି । ସେ ନିଶାଦ୍ରବ୍ୟ ଖାଇବା ପାଇଁ ବିଭିନ୍ନ ସ୍ଥାନରୁ ଲୁଟ୍‌ପାଟ କରେ । ଏପରିକି ମନ୍ଦିର ହୁଣ୍ଡିରୁ ମଧ୍ୟ ଲୁଟ୍ କରିବାକୁ ପଛାଏ ନାହିଁ । ଧଉଳି ଥାନାରେ ଲୁଟେରା ଗଦା ନାଁରେ ବହୁ ଚୋରି ମାମଲା ପଞ୍ଜୀକୃତ ଥିବା ପୋଲିସ କହିଛି । ମଙ୍ଗଳବାର ଗଦାକୁ କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ରାଷ୍ଟ୍ରପତିଙ୍କୁ ଓଡ଼ିଶାର ହସ୍ତତନ୍ତ ଓ ହସ୍ତଶିଳ୍ପର କଳାକୃତି ଉପହାର ପ୍ରଦାନ କଲେ ରାଜ୍ୟପାଳ



ଭୁବନେଶ୍ୱର, (ସବ୍ୟୁ): ଭାରତର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ତିନି ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ପରିପ୍ରେକ୍ଷୀରେ ମଙ୍ଗଳବାର ଦିନ ସକାଳେ ଲୋକ ଭବନରେ ଓଡ଼ିଶାର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ରାଷ୍ଟ୍ରପତିଙ୍କୁ ଓଡ଼ିଶାର ସମୃଦ୍ଧ ହସ୍ତତନ୍ତ ଓ ହସ୍ତଶିଳ୍ପ ପରମ୍ପରାକୁ ପ୍ରତିଫଳିତ କରୁଥିବା ସ୍ୱତନ୍ତ୍ର ଉପହାର ପ୍ରଦାନ କରିଥିଲେ। ମହାମହିମ ରାଷ୍ଟ୍ରପତିଙ୍କ ବ୍ରହ୍ମପୁର ଅଭିମୁଖେ ଗସ୍ତ ପୂର୍ବରୁ ଏହି ଉପହାର ପ୍ରଦାନ କରାଯାଇଥିଲା। ଏହି ଅବସରର ରାଜ୍ୟର ପ୍ରଥମ ମହିଳା ଡ଼. ଜୟଶ୍ରୀ କମ୍ଭମପାଟି ମଧ୍ୟ ଉପସ୍ଥିତ ଥିଲେ। ଉକ୍ତ ଉପହାରରେ ଜାତୀୟ ହସ୍ତତନ୍ତ ପୁରସ୍କାର ପ୍ରାପ୍ତ ତଥା ଜିଆଇ ଟ୍ୟାଗ ସ୍ୱୀକୃତିପ୍ରାପ୍ତ ସମ୍ବଲପୁରୀ ବାନ୍ଧ ଶାଢ଼ୀ, ପିପିଲିର ପାରମ୍ପରିକ ଚାନ୍ଦୁଆ ଭେଲଭେଟ ଉତ୍ତରୀୟ ଏବଂ କଟକର ସୂକ୍ଷ୍ମ ରୂପା ତାରକସି କଳାରେ ନିର୍ମିତ ଭଗବାନ ଗଣେଶଙ୍କ ଏକ ପ୍ରତିମୂର୍ତ୍ତି ଥିଲା। ଏହି ଅନନ୍ୟ କଳାକୃତିଗୁଡ଼ିକ ଓଡ଼ିଶାର ଅତୁଳନୀୟ କାରିଗରୀ ଦକ୍ଷତା, ସମୃଦ୍ଧ ପରମ୍ପରା ଓ କଳାତ୍ମକ ଉତ୍କର୍ଷତାର ପରିଚୟ ବହନ କରିବା ସହ ରାଜ୍ୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରତିଫଳିତ କରୁଛି।

## ନାବାଳିକାକୁ ବଳାତ୍କାର ଅଭିଯୋଗରେ ଜଣେ ଗିରଫ

କଟକ, (ସବ୍ୟୁ) : ନାବାଳିକାକୁ ବଳାତ୍କାର କରିବା ଘଟଣାରେ ମଧୁପାଟଣା ଥାନା ପୁଲିସ ଜଣକୁ ଅଟକ ରଖିଛି । ଅଭିଯୁକ୍ତର ଘର ପ୍ରେସ କଲୋନୀ ଅଞ୍ଚଳରେ ବୋଲି ଜଣାପଡିଛି ମିଳିଥିବା ସୂଚନା ଅନୁଯାୟୀ ସୋସିଆଲ ମିଡିଆରୁ ଅଭିଯୁକ୍ତ ସହିତ ନାବାଳିକାର ବନ୍ଧୁତ୍ୱ ହୋଇଥିଲା । ଏହାପରେ କଥାବାର୍ତ୍ତାରୁ ଉଭୟଙ୍କ ମଧ୍ୟରେ ପ୍ରେମ ସଂପର୍କ ଗଢ଼ି ଉଠିଥିଲା । ପରବର୍ତ୍ତୀ ସମୟରେ ଅଭିଯୁକ୍ତଜଣକ ବିବାହ କରିବାକୁ ପ୍ରତିଶୃତି ଦେଇ ତାଙ୍କ ସହିତ ଶାରୀରିକ ସଂପର୍କ ରଖିବାରେ ଲାଗିଥିଲା । ପୀଡିତାଜଣକ ଅନ୍ତଃସ୍ୱତ୍ତା ଥିବା ଜାଣିବା ପରେ ବିବାହ ଲାଗି କହିଥିଲେ,ହେଲେ ଅଭିଯୁକ୍ତଜଣକ ତାଙ୍କ କଥାକୁ କର୍ଣ୍ଣପାତ କରି ନଥିଲେ । ଦୁଇଦିନ ପୂର୍ବେ ପିଡ଼ିତାଜଣକ ଅଭିଯୁକ୍ତର ଘରକୁ ଆସି ବିବାହ ଲାଗି ଅଡ଼ି ବସିଥିଲା,ହେଲେ ଅଭିଯୁକ୍ତ ଜଣକ ତାଙ୍କ କଥାରେ ରାଜି ହେବା ତ ଦୂରର କଥା, ଚିହ୍ନି ନଥିବା କହିଥିଲା । ଏହି ସବୁ ବିଷୟ ପୀଡିତାର ପରିବାରଲୋକ ଜାଣିବା ପରେ ମଧୁପାଟଣା ଥାନାରେ ଏତଲା ଦେଇଥିଲେ । ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁକରିଥିଲା । ପୀଡିତାଙ୍କ ବୟାନ ରେକର୍ଡ ପରେ ପୁଲିସ ଘଟଣାର ତଦନ୍ତ ଚଳାଇ ଅଭିଯୁକ୍ତକୁ ଧରିଆଣିଛି । ଆଜି ଉଭୟ ପୀଡ଼ିତା ଓ ଅଭିଯୁକ୍ତକୁ ପରୀକ୍ଷାନିରୀକ୍ଷା ନିମନ୍ତେ ମେଡିକାଲ ପଠାଇଯାଇଥିଲା । ଆସନ୍ତାକାଲି ଅଭିଯୁକ୍ତକୁ କୋର୍ଟଚାଲାଣ କରାଯିବ ବୋଲି ଥାନା ଅଧିକାରୀ ଚିତ୍ତରଞ୍ଜନ ରାଉତ ସୂଚନା ଦେଇଛନ୍ତି ।

### ଆନ୍ତର୍ଜାତିକ ଚିଟ୍‌ଫଣ୍ଡ ଠକେଇ

## ଅଭିଯୁକ୍ତ ସ୍ୱାମୀର ଜାମିନ୍ ଖାରଜ, ପତ୍ନୀ, ଝିଅଙ୍କୁ ଜାମିନ୍

କଟକ, (ସବ୍ୟୁ): ହରିତ୍ କୃଷି ନିଧି ଲିମିଟେଡ୍ ଏବଂ ଟ୍ରାନ୍ସଭିଜନ୍ ଡ୍ରିମ୍ ମଲଟି ଟ୍ରେଡ୍ ପ୍ରାଇଭେଟ୍ ଲିମିଟେଡ୍ ନାମରେ ଦୁଇଟି ଚିଟ୍‌ଫଣ୍ଡ କମ୍ପାନୀ କେବଳ ଦେଶ ଭିତରେ ବିଭିନ୍ନ ରାଜ୍ୟରେ ନିଜର କାୟା ବିସ୍ତାର କରିନଥିଲା। ଦେଶ ବାହାରେ ବାଂଲାଦେଶରେ ମଧ ନିଜର କାୟା ବିସ୍ତାର କରି ଲୋକଙ୍କୁ ଅଧିକ ଫେରାଇବାର ଆଶା ଦେଖାଇ କୋଟି କୋଟି ଟଙ୍କା ଠକିନେବା ପରେ ଏହାର ନିର୍ଦ୍ଦେଶକ ତୁଷାର ଭଞ୍ଜୋ, ପତ୍ନୀ ଦ୍ୱିପିକା ଭଞ୍ଜୋ ଏବଂ ଝିଅ ତନ୍ଦ୍ରା ଭଞ୍ଜୋଙ୍କୁ କ୍ରାଇମ୍‌ବ୍ରାଞ୍ଚ୍ ଅର୍ଥନୈତିକ ଅପରାଧ ଶାଖା ପକ୍ଷରୁ ଗିରଫ କରାଯାଇଥିଲା । ଏହି ମାମଲାରେ ତୁଷାର ଏବଂ ତାଙ୍କ ପତ୍ନୀ, ଝିଅ ଜାମିନ୍ ଆବେଦନ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଗୌରୀଶଙ୍କର ଶତପଥୀ ମାମଲାର ଶୁଣାଣି କରି ମୁଖ୍ୟ ଅଭିଯୁକ୍ତ ତୁଷାର ଭଞ୍ଜୋଙ୍କ ଜାମିନ୍ ଖାରଜ କରିଦେଇଥିଲାବେଳେ ପତ୍ନୀ ଏବଂ ଝିଅଙ୍କୁ ଜାମିନ୍ ପ୍ରଦାନ କରିଛନ୍ତି।

ଆ ବେ ଦ ନ କା ରୀ ମା ନେ ଜମାକାରୀଙ୍କୁ ୧୧% ସୁଧର ଆଶା ଦେଇ ଚିଟ୍‌ଫଣ୍ଡର ମାୟାଜାଲ ତିଆରି କରିଥିଲେ । ଓଡ଼ିଶା, ପଶ୍ଚିମବଙ୍ଗ, ଛତିଶଗଡ଼, ଆସାମ, ତ୍ରିପୁରା, ମହାରାଷ୍ଟ୍ର ଏବଂ ଦେଶ ବାହାରେ ବଂଲାଦେଶରୁ ଜମାକାରୀଙ୍କ ନିକଟରୁ ଏହିଭଳି ଭାବେ କୋଟିକୋଟି ଟଙ୍କା ଠକି ନେଇଥିଲେ। କିନ୍ତୁ ଏହି ଟଙ୍କା ଆଉ ଫେରସ୍ତ କରିନଥିଲେ। ଇଓଡବ୍ଲୁରେ ଅଭିଯୋଗ ହେବା ପରେ ଏହି କମ୍ପାନୀର ନିର୍ଦ୍ଦେଶକ ତୁଷାର ଭଞ୍ଜୋଙ୍କ ନାମରେ ମାମଲା ରୁଜୁ ହୋଇଥିଲା । ପରେ ତଦନ୍ତରୁ ତୁଷାର ଭଞ୍ଜୋ କୋଟି କୋଟି ଟଙ୍କା ତାଙ୍କ ପତ୍ନୀ ଏବଂ ଝିଅଙ୍କ ନାମରେ ଥିବା ଆକାଉଣ୍ଟକୁ ଟ୍ରାନ୍ସଫର କରିଥିବା ଜଣାପଡ଼ିଥିଲା । ଏହି ଘଟଣାରେ ଇଓଡବ୍ଲୁ ପକ୍ଷରୁ ସ୍ୱାମୀ, ପତ୍ନୀ ଏବଂ ଝିଅ ନାମରେ ମାମଲା ରୁଜୁ କରାଯାଇ ଗିରଫ କରାଯାଇଥିଲା।

ତିନିଜଣ ଜାମିନ୍ ଆବେଦନ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ହଜାରହଜାର ଲୋକଙ୍କ ବିଶ୍ୱାସରେ ବିଷ ଦେଇ ସେମାନଙ୍କ କଷ୍ଟ ଉପାର୍ଜିତ ଧନକୁ ଠକି ନେଇଥିବା ଅଭିଯୋଗରେ ହାଇକୋର୍ଟ ମୁଖ୍ୟ ଅଭିଯୁକ୍ତ ତଥା କମ୍ପାନୀ ନିର୍ଦ୍ଦେଶକ ତୁଷାର ଭଞ୍ଜୋର ଜାମିନ୍‌କୁ ଖାରଜ କରିଥିଲାବେଳେ ପତ୍ନୀ ଏବଂ ଝିଅଙ୍କୁ ୫ଲକ୍ଷ ଟଙ୍କା ଲେଖାଏଁ ଜାମିନଦାର ବଦଳରେ ଜାମିନ୍‌ରେ ଯିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ୧୧୦ଗ୍ରାମ୍ ସୁନା ଅଳଙ୍କାର, ୭୦ ହଜାର ଟଙ୍କା ଜବତ, ଲୁଟେରା ଗିରଫ

ଭୁବନେଶ୍ୱର, (ସବ୍ୟୁ) : ୧୧୦ ଗ୍ରାମ୍ ସୁନା ଅଳଙ୍କାର, ୭୦ ହଜାର ଟଙ୍କା ଜବତ କରାଯିବା ସହ ଜଣେ ଲୁଟେରାକୁ ଗିରଫ କରିଛି ଇନ୍‌ଫୋସିଟି ଥାନା ପୋଲିସ । ସାଙ୍ଗ ଅନୁପସ୍ଥିତ ଥିବାବେଳେ ତାଙ୍କ ଘର କବାଟ ଭାଙ୍ଗି ଲୁଟ୍‌ପାଟ କରିଥିବା ସାଙ୍ଗ କେ.ଭେଙ୍କଟ ରେଡ୍ଡୀକୁ ଗିରଫ କରିଛି ପୋଲିସ । ଶିଖରଚଣ୍ଡି ଅଞ୍ଚଳରେ ରହୁଥିବା ମାଛ ବ୍ୟବସାୟୀ କେ.ରାମାରାଓ ଓ ଲୁଟେରା କେ.ଭେଙ୍କଟ ରେଡ୍ଡୀ ପରସ୍ପର ସାଙ୍ଗ ହେବା ସହ ମିଶି ମାଛ ବ୍ୟବସାୟ କରନ୍ତି । ଉଭୟ ଦୈନିକ ମିଶି ନିଶା ଖାଇବା ସହ ଭୋଜିଭାତ ମଧ କରନ୍ତି । ସମ୍ପର୍କ ନିବିଡ ହେବା ପରେ କେ.ରାମରାଓ ଘରେ କେତେ ସୁନା ଅଳଙ୍କାର ଅଛି ତାହା ଜାଣିବା ସହ ଟଙ୍କା କେଉଁଠି ରଖେ ସେ ସମ୍ପର୍କରେ ସୂଚନା ସଂଗ୍ରହ କରିଥିଲା ଲୁଟେରା କେ.ଭେଙ୍କଟ ।

ଅ ଭି ଯୋ ଗ କା ରୀ କେ.ରାମାରାଓ ମାର୍କେଟକୁ ମାଛ ପାଇଁ ଘରେ ତାଲା ପକାଇ ଯାଇଥିବା ବେଳେ ଅଭିଯୁକ୍ତ କେ.ଭେଙ୍କଟ ତାଙ୍କ ଘର ଭାଙ୍ଗି ଲକେଟ ଲାଗିଥିବା ଗୋଟିଏ ସୁନାଚେନ, ଦୁଇଟି ସାଦା ଚେନ, ବ୍ରାସଲେଟ୍, ମଙ୍ଗଳସୂତ୍ର, ଗୋଟିଏ ସୁନା ମୁଦି ଓ ଲକ୍ଷାଧିକ ଟଙ୍କା ଲୁଟି ନେଇଥିଲା । ଅଭିଯୋଗକାରୀ ରାମାରାଓଙ୍କ ଘରେ ପରିବାର ସଦସ୍ୟଙ୍କ ଅନୁପସ୍ଥିତ ସୁଯୋଗରେ ସାଙ୍ଗ କେ.ଭେଙ୍କଟ ରେଡ୍ଡୀ ଲୁଟ୍‌ପାଟ କରିଥିଲା ।

ଇନ୍‌ଫୋସିଟି ଥାନାରେ ଅଭିଯୋଗ ହେବା ପରେ ପୋଲିସ ଦୁଇଦିନ ପରେ ଲୁଟେରା ସାଙ୍ଗ କେ.ଭେଙ୍କଟ ରେଟ୍ଟୀକୁ ଗିରଫ କରିବା ସହ ତା'ନିକଟରୁ ୧୧୦ଗ୍ରାମ୍‌ର ଲୁଟ୍ ଅଳଙ୍କାର ଓ ନଗଦ ୭୦ ହଜାର ଟଙ୍କା ଜବତ କରିଥିବା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ପୋଲିସ କମିଶନର ଏସ୍.ଦେବଦତ୍ତ ସିଂ । ଲୁଟେରା କେ.ଭେଙ୍କଟକୁ ମଙ୍ଗଳବାର କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

### ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଓ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ

## ଚିଲିକା, କାଳୀଜାଈ ଓ ସାତପଡ଼ା ଅଞ୍ଚଳର ସାମଗ୍ରିକ ବିକାଶ ନେଇ ନକ୍ସା ପ୍ରସ୍ତୁତ ଉପରେ ଆଲୋଚନା



ଭୁବନେଶ୍ୱର, (ସବ୍ୟୁ): ଏସିଆର ସର୍ବବୃହତ କ୍ଷାରୀୟ ହ୍ରଦ ଏବଂ ରାମସାର ସାଇଟ୍‌ର ଖ୍ୟାତି ଅର୍ଜନ କରିଥିବା ଚିଲିକା ହ୍ରଦ ଏବଂ ଏଥି ମଧ୍ୟରେ ଥିବା କାଳିଜାଇ ପୀଠ ଏବଂ ସାତପଡ଼ା ଅଞ୍ଚଳର ସାମଗ୍ରିକ ବିକାଶ ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଏବଂ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସାରା ଦେଶ ତଥା ବିଶ୍ୱରେ ଚିଲିକା ହ୍ରଦକୁ ନେଇ ଏକ ସ୍ୱତନ୍ତ୍ର ପରିଚୟ ଥିବାବେଳେ ଏହାର ସାମଗ୍ରିକ ବିକାଶର ନକ୍ସା ପ୍ରସ୍ତୁତ ନେଇ ଲୋକସେବା ଭବନଠାରେ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଚିଲିକା ଆସୁଥିବା ପର୍ଯ୍ୟଟକଙ୍କ ସୁବିଧାସୁଯୋଗ ଲାଗି ଭିତ୍ତିଭୂମି ନିର୍ମାଣ କରାଯିବା ସହ ଆଖପାଖ ଅଞ୍ଚଳକୁ ପର୍ଯ୍ୟଟନ ଦୃଷ୍ଟିକୋଣରୁ ବିକଶିତ କରାଯିବା ନେଇ ଉପମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ଏହି କ୍ରମରେ ଚିଲିକାକୁ ଏକ ଆକର୍ଷଣୀୟ ଓ ବିଶ୍ୱସ୍ତରୀୟ ପର୍ଯ୍ୟଟନସ୍ଥଳୀ ଭାବେ ଗଢ଼ି ତୋଳିବା ସହ ମା' କାଳିଜାଇ ପୀଠର ସର୍ବାଙ୍ଗୀନ ବିକାଶ ସହ ଚିଲିକାର ପରିବେଶ, ଜୈବବିବିଧତା ଓ ପ୍ରାକୃତିକ ସୌନ୍ଦର୍ଯ୍ୟର ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେଇ ପରିବେଶ ସମ୍ବେଦନଶୀଳ ବିକାଶ ଉପରେ ଗୁରୁତ୍ୱ ଦିଆଯିବ ବୋଲି ମନ୍ତ୍ରୀ ମତ ପ୍ରକାଶ କରିଥିଲେ।

ବୈଠକରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଏହି ସବୁ ଅଞ୍ଚଳର ଭିତ୍ତିଭୂମି ବିକାଶ ଓ ରାସ୍ତାଘାଟର ନିର୍ମାଣ ନେଇ ରାଜ୍ୟର ବିକାଶକୁ ଆଗେଇ ନେବା ଉପରେ ଏକ ସର୍ବଶ୍ରେଷ୍ଠ ନକ୍ସା ପ୍ରସ୍ତୁତି ସହ କାର୍ଯ୍ୟ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ବୈଠକରେ ବିଭିନ୍ନ ସଂସ୍ଥା ପକ୍ଷରୁ ଏହାର ବିକାଶ ନେଇ ପ୍ରସ୍ତୁତ ନକ୍ସା ପ୍ରଦର୍ଶିତ ହୋଇଥିଲା । ଏଥିରେ ଉନ୍ନତ ରାସ୍ତାଘାଟ ନିର୍ମାଣ ସହ ଜେଟିଗୁଡ଼ିକର ବିକାଶ, ପାର୍କିଂ ସ୍ଥାନ ନିର୍ମାଣ, ପକ୍ଷୀ ଦେଖିବା ପାଇଁ ବାର୍ଡସ ଭ୍ୟୁ ପଏଣ୍ଟ, ସାଇକେଲ ଟ୍ରାକ୍, ରୋଲର ସ୍କେଟିଂ, ୱାଟର ସ୍ପୋର୍ଟସ, ବୋଟିଂ ଭଳି ଦୁଃସାହସିକ କ୍ରୀଡ଼ା ଲାଗି ସୁବିଧା କରାଯିବା ସହ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଟ୍ରି-ହାଉସ୍, ଟ୍ରେକିଂ ୱେ, ଓପନ୍ ଫୁଡ୍ କୋର୍ଟ, ବଣଭୋଜି ଅଞ୍ଚଳର ବିକାଶ ସହ ଓଡ଼ିଶାର ଐତିହ୍ୟକୁ ପ୍ରଦର୍ଶିତ କରିବା ଭଳି କଳାକୃତି ସ୍ଥାନିତ କରିବା ଉପରେ ଗୁରୁତ୍ୱ ଦେବା ଲାଗି ବୈଠକରେ ଆଲୋଚନା ହୋଇଥିଲା । ଏଥି ସହିତ ବୈଠକରେ ଗୋପାଳପୁରଠାରୁ ବାହୁଦାକୁ ସଂଯୋଗ କରି ଗ୍ରୀନ୍‌ଫିଲ୍ଡ ରାସ୍ତା ନିର୍ମାଣ ସହ ପାରିପାର୍ଶ୍ୱିକ ଅଞ୍ଚଳରେ ପର୍ଯ୍ୟଟନ ବିକାଶ ନେଇ ଆଲୋଚନା ହୋଇଥିଲା । ଏହି ବୈଠକରେ ଓବିସିସି ପରିଚାଳନା ନିର୍ଦ୍ଦେଶକ ଅନୁପମ୍ ସାହା, ପର୍ଯ୍ୟଟନ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଦେବୋତ୍ତର କମିଶନର ସତ୍ୟନାରାୟଣ ଷଡ଼ଙ୍ଗୀ, ଇଆଇସି ସିଭିଲ୍ ଇଂ ସତ୍ୟବ୍ରତ ବେହେରା, ଇଆଇସି ବିଲ୍ଡିଂ ଇଂ ପ୍ରିୟବ୍ରତ ସାମନ୍ତରାୟ ଓ ମୁଖ୍ୟଯନ୍ତ୍ରୀ ଇଂ ତ୍ରିନାଥ ବେହେରାଙ୍କ ସମେତ ମନ୍ଦିର ଟ୍ରଷ୍ଟ ବୋର୍ଡ ଓ ସେବାୟତସମୂହ ଉପସ୍ଥିତ ଥିଲେ ।

### ବେଦାନ୍ତ ଆଲୁମିନିୟମ କୋଇଲା ଖଣି ପ୍ରକଳ୍ପ ବିଦ୍ୟା ଜରିଆରେ

## ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ ଜିଲ୍ଲାରେ ଗ୍ରାମୀଣ ଶିକ୍ଷାକୁ ସୁଦୃଢ଼ କରୁଛି

ଭୁବନେଶ୍ୱର, (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଏହାର କୋଇଲା ଖଣିର ଏକ ମୁଖ୍ୟ ପଦକ୍ଷେପ ପ୍ରକଳ୍ପ ବିଦ୍ୟା ମାଧ୍ୟମରେ ଓଡ଼ିଶାର ଝାରସୁଗୁଡ଼ା ଏବଂ ସୁନ୍ଦରଗଡ ଜିଲ୍ଲାରେ ଗ୍ରାମୀଣ ଶିକ୍ଷାକୁ ମଜବୁତ କରୁଛି, ଯାହା ଶିକ୍ଷାର ସୁଯୋଗକୁ ବିସ୍ତାର କରୁଛି ଏବଂ ସରକାରୀ ବିଦ୍ୟାଳୟରେ ଶିକ୍ଷାଗତ ଫଳାଫଳକୁ ଉନ୍ନତ କରିବାରେ ସାହାଯ୍ୟ କରୁଛି। ଏହାର ଆରମ୍ଭ ପରଠାରୁ, ପ୍ରକଳ୍ପ ବିଦ୍ୟା କମ୍ପାନୀର କାର୍ଯ୍ୟକ୍ଷମ ଅଞ୍ଚଳ କୁରାଲୋଇ, ଜାମଖାନୀ ଏବଂ ଘୋଘରପାଲ୍ଲୀରେ ୩୨ ଟି ସରକାରୀ ବିଦ୍ୟାଳୟ ଏବଂ ୫୧ ଟି ଅଙ୍ଗନୱାଡି କେନ୍ଦ୍ରର ୨୫,୦୦୦ ରୁ ଅଧିକ ଛାତ୍ରଙ୍କ ନିକଟରେ ପହଞ୍ଚିଛି। ଏହି ପଦକ୍ଷେପ ପଡ଼ୋଶୀ ସମ୍ପ୍ରଦାୟର ଦକ୍ଷ ଶିକ୍ଷକମାନଙ୍କୁ ନିୟୋଜିତ କରି, ସ୍ଥାନୀୟ ଯୁବକମାନଙ୍କ ପାଇଁ ଅର୍ଥପୂର୍ଣ୍ଣ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହିତ ଶ୍ରେଣୀଗୃହ ପାଠପଢା ମଜବୁତ କରି ଗ୍ରାମୀଣ ବିଦ୍ୟାଳୟରେ ଶିକ୍ଷକ ଅଭାବକୁ ସମାଧାନ କରିଛି । ଆଜି ପର୍ଯ୍ୟନ୍ତ, ଏହି ପଦକ୍ଷେପ ଅଧୀନରେ ୨୧ ଜଣ ଅତିରିକ୍ତ ଶିକ୍ଷକଙ୍କୁ ନିୟୋଜିତ କରାଯାଇଛି।

ପ୍ରକଳ୍ପ ବିଦ୍ୟା ଶିକ୍ଷା ପରିବେଶକୁ ସୁଦୃଢ଼ କରିବା ପାଇଁ ଏକ ସମଗ୍ର ଦୃଷ୍ଟିଭଙ୍ଗୀ ଗ୍ରହଣ କରେ। ଏହି ପଦକ୍ଷେପ ଦ୍ୱାରା ବିଦ୍ୟାଳୟଗୁଡ଼ିକୁ ଶିକ୍ଷଣ ସହାୟକ, ନବମ ଏବଂ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ସନ୍ଦର୍ଭ ପୁସ୍ତକ, ବିଜ୍ଞାନ ପ୍ରଦର୍ଶନୀ, କ୍ରୀଡ଼ା ଉପକରଣ, ଶ୍ରେଣୀଗୃହ ଆସବାବପତ୍ର ଏବଂ ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା ସଚେତନତା ଅଧିବେଶନ ସହିତ ସହାୟତା ମିଳିଥାଏ। ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା, ଆତ୍ମବିଶ୍ୱାସ ସୃଷ୍ଟି କରିବା ଏବଂ ଛାତ୍ରଛାତ୍ରୀମାନଙ୍କ ପାଇଁ ଶିକ୍ଷାକୁ ଅଧିକ ଆକର୍ଷଣୀୟ କରିବା ଭଳି କାର୍ଯ୍ୟକଳାପ ଦ୍ୱାରା ଏଥିରୁ ସଫଳତା ମିଳିଥାଏ । ଏହି ପଦକ୍ଷେପ ସମ୍ପର୍କରେ ବେଦାନ୍ତ ଆଲୁମିନିୟମ କୋଇଲା ଖଣିର ସିଇଓ ଅମରେଶ୍ କୁମାର କହିଛନ୍ତି: "ଶିକ୍ଷା ଏପରି ସୁଯୋଗ ସୃଷ୍ଟି କରେ, ଯାହା ଶ୍ରେଣୀଗୃହର ସୀମାଠାରୁ ବହୁ ଦୂର ପର୍ଯ୍ୟନ୍ତ ବିସ୍ତାରିତ ହୁଏ। ପ୍ରକଳ୍ପ ବିଦ୍ୟା ମାଧ୍ୟମରେ, ଆମେ ସ୍ଥାନୀୟ ଯୁବକମାନଙ୍କ ପାଇଁ ଅର୍ଥପୂର୍ଣ୍ଣ



ଜୀବିକା ସୁଯୋଗ ସୃଷ୍ଟି କରିବା, ଅତିରିକ୍ତ ଶିକ୍ଷକ ଏବଂ ପାଠପଢା ସମ୍ବଳ ସହିତ ବିଦ୍ୟାଳୟଗୁଡ଼ିକୁ ସମର୍ଥନ କରି ଆମର ଆଖପାଖ ସମ୍ପ୍ରଦାୟରେ ଶିକ୍ଷଣ ବ୍ୟବସ୍ଥାକୁ ମଜବୁତ କରୁଛୁ। ଆମର ପ୍ରୟାସ ହେଉଛି ପ୍ରତ୍ୟେକ ପିଲାକୁ ଆତ୍ମବିଶ୍ୱାସର ସହ ଶିଖାଇବା ଏବଂ ସେମାନଙ୍କର ପୂର୍ଣ୍ଣ ସମ୍ଭାବନାକୁ ହୃଦୟଙ୍ଗମ କରିବାରେ ସାହାଯ୍ୟ କରିବା" ।



ଅନୁଗୁଳ ଜିଲ୍ଲାର ବିଜେଡି ବିଧାୟକ, ପୂର୍ବତନ ବିଧାୟକ ଓ ଜିଲ୍ଲାପରିଷଦ ସଭ୍ୟଙ୍କ ସହ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଆଲୋଚନା କରୁଛନ୍ତି ।

## ଆଇଟିଇଆର୍‌ରେ ୧୦ ଦିନିଆ ଏନ୍‌ସିସି ସମ୍ମିଳିତ ବାର୍ଷିକ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)ରେ ଆୟୋଜିତ ଏନ୍‌ସିସିର ୧୦ ଦିନିଆ ସମ୍ମିଳିତ ବାର୍ଷିକ ପ୍ରଶିକ୍ଷଣ ଶିବିର (କମ୍ବାଇନ୍ଡ ଆନୁଆଲ୍ ଟ୍ରେନିଂ କ୍ୟାମ୍ପ-କ୍ୟାଟ୍‌କ) ଶନିବାର ଉଦ୍‌ଯାପିତ ହୋଇଯାଇଛି । ଏହି ଶିବିରରେ ପ୍ରାୟ ୫୦୦ ଜଣ ସିନିୟର ଓ ଜୁନିୟର ଏନ୍‌ସିସି କ୍ୟାଡେଟ ଅଂଶଗ୍ରହଣ କରିଥିଲେ । ଏହି ଶିବିରକୁ ୪ (ଓଡ଼ିଶା) କମ୍ପ୍ୟୁଟର ଟେକ୍ନିକାଲ୍ କଂପାନୀ, କଟକ ପକ୍ଷରୁ ଆୟୋଜନ କରାଯାଇଥିଲା । ଶିବିରରେ ଗାର୍ଡ ଓ ପାଇଲଟ୍ ଚୟନ, କଠୋର ଡ୍ରିଲ୍ ପ୍ରଶିକ୍ଷଣ, ଶ୍ରେଷ୍ଠ କ୍ୟାଡେଟ ଓ ଶ୍ରେଷ୍ଠ ଡ୍ରିଲ୍ ପ୍ରତିଯୋଗିତା, କ୍ରୀଡ଼ା ପ୍ରତିଯୋଗିତା, ବିପର୍ଯ୍ୟୟ ପରିଚାଳନା ସଚେତନତା, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ନେତୃତ୍ୱ ବିକାଶ ସଂପର୍କିତ ବିଭିନ୍ନ ଅଧିବେଶନ ସହ ସାମରିକ ପ୍ରଶିକ୍ଷଣର ଏକ ବ୍ୟାପକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଶିବିରର କମାଣ୍ଡାଂଟ ଭାବେ ଲେଫ୍‌ଟନାଂଟ କର୍ଣ୍ଣେଲ ଆର୍. କେ. ଯୋଶୀ ଏବଂ ଉପ-କମାଣ୍ଡାଂଟ ଭାବେ ମେଜର ଆଶୁତୋଷ ତ୍ରିପାଠୀ ଦାୟିତ୍ୱ ତୁଲାଇଥିଲେ ।

ଆଇଟିଇଆର, ସି. ଭି. ରମଣ ଗ୍ଲୋବାଲ ୟୁନିଭର୍ସିଟି ଏବଂ ଆର୍ଯ୍ୟନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିର କ୍ୟାଡେଟମାନେ ଏହି ଶିବିରରେ ଯୋଗ ଦେଇଥିଲେ । ଯୁବ କ୍ୟାଡେଟମାନଙ୍କୁ ଭବିଷ୍ୟତର ଟେକ୍ନୋପ୍ରେନ୍ୟୁଅର୍ସ, କୃଷି ଉଦ୍ୟୋଗୀ, ବୈଜ୍ଞାନିକ, ଟେକ୍ନୋକ୍ରାଟ୍‌ସ, ପ୍ରାଣୀ ଚିକିତ୍ସକ ଓ ଗବେଷକ ଭାବେ ଗଢ଼ି ତୋଳିବା ଏବଂ ସେମାନଙ୍କୁ ପ୍ରେରିତ ଓ ସଶକ୍ତ କରିବା ଏହି ଶିବିରର ମୂଳ ଉଦ୍ଦେଶ୍ୟ ଥିଲା । ଶିବିର ପରିଚାଳନାରେ ୯ ଜଣ ଆସୋସିଏଟ ଏନ୍‌ସିସି ଅଫିସର ଓ ୮ ଜଣ ସ୍ଥାୟୀ ପ୍ରଶିକ୍ଷକ ସକ୍ରିୟ ସହଯୋଗ କରିଥିଲେ । ଶିବିରର ଅନ୍ୟତମ ପ୍ରମୁଖ ଆକର୍ଷଣ ଥିଲା 'ଇଗ୍ନାଇଟିଂ ମାଇଣ୍ଡ' ଶୀର୍ଷକ



ଟେକ୍ ଫେଷ୍ଟ । ଏଥିରେ ସିନିୟର ଡିଭିଜନ କ୍ୟାଡେଟମାନେ ପ୍ରତିରକ୍ଷା ପ୍ରଯୁକ୍ତିବିଦ୍ୟା, ରୋବୋଟିକ୍ସ, ଅଟୋମେସନ୍, ନବୀକରଣ ଯୋଗ୍ୟ ଶକ୍ତି ଏବଂ ବିଭିନ୍ନ ଇଞ୍ଜିନିୟରିଂ ପ୍ରୟୋଗ ସମ୍ବନ୍ଧୀୟ ୨୦ରୁ ଅଧିକ କାର୍ଯ୍ୟକ୍ଷମ ପ୍ରକଳ୍ପ ପ୍ରଦର୍ଶନ କରି ସେମାନଙ୍କର ବୈଜ୍ଞାନିକ ମନୋଭାବ ଓ ବୈଷୟିକ ଦକ୍ଷତାର ପରିଚୟ ଦେଇଥିଲେ ।

### ଉଚ୍ଚଶିକ୍ଷାରେ ଭାରତୀୟ ଭାଷାର ପ୍ରୋତ୍ସାହନ ପାଇଁ

# କିଟ୍ ଓ କିସ୍‌ରେ ଜାତୀୟ ପାରିଭାଷିକ ବୈଠକ ଆରମ୍ଭ

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା ମନ୍ତ୍ରାଳୟ ଅଧୀନସ୍ଥ ଉଚ୍ଚଶିକ୍ଷା ବିଭାଗ ବୈଜ୍ଞାନିକ ଏବଂ ବୈଷୟିକ ପାରିଭାଷିକ ଶବ୍ଦାବଳୀ ଆୟୋଗ ପକ୍ଷରୁ ସୋମବାର କିଟ ଓ କିସରେ ଛଅଟି ସମାନ୍ତରାଳ ଜାତୀୟ ପାରିଭାଷିକ ବୈଠକ ଆରମ୍ଭ ହୋଇଛି । ୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପାଞ୍ଚଦିନିଆ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜାତୀୟ ଶିକ୍ଷା ନୀତି-୨୦୨୦ ଅନୁରୂପ ଭାରତୀୟ ଭାଷାଗୁଡ଼ିକରେ ବୈଜ୍ଞାନିକ ଓ ବୈଷୟିକ ପାରିଭାଷିକ ଶବ୍ଦାବଳୀର ବିକାଶ ଓ ମାନକୀକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା । ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟ ଏବଂ ଗବେଷଣା ଅନୁଷ୍ଠାନର ୧୦୦ରୁ ଅଧିକ ଭାଷା ବିଶେଷଜ୍ଞ ଏହି ବୈଠକଗୁଡ଼ିକରେ ଅଂଶଗ୍ରହଣ କରିଛନ୍ତି । ଉଚ୍ଚଶିକ୍ଷା, ଗବେଷଣା ଏବଂ ପ୍ରଶାସନ କ୍ଷେତ୍ରରେ ଭାରତୀୟ ଭାଷାର ବ୍ୟବହାରକୁ ସୁଦୃଢ଼ କରିବା ପାଇଁ ମାନକୀକୃତ ପାରିଭାଷିକ ଶବ୍ଦାବଳୀ ପ୍ରସ୍ତୁତ ଓ ଚୂଡ଼ାନ୍ତ କରିବା ଏହି ବୈଠକର ମୁଖ୍ୟ ଲକ୍ଷ୍ୟ । ଉଦ୍‌ଘାଟନୀ



ଅଧିବେଶନକୁ ସମ୍ବୋଧିତ କରି ସିଏସ୍‌ଟିଟି ର ସହକାରୀ ନିର୍ଦ୍ଦେଶକ ଇଂ. ଜେ. ଏସ୍. ରାୱତ କହିଲେ, ଭାରତୀୟ ଭାଷା ମାଧ୍ୟମରେ ଗୁଣାତ୍ମକ ଉଚ୍ଚ ଓ ବୈଷୟିକ ଶିକ୍ଷାକୁ ସୁନିଶ୍ଚିତ କରି ଜାତୀୟ ଶିକ୍ଷା ନୀତି-୨୦୨୦ର ସଫଳ କାର୍ଯ୍ୟକାରିତା ଦିଗରେ ଏହି ବୈଠକ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ସେ କହିଥିଲେ ଯେ, ଶିକ୍ଷାଦାନ, ଅଧ୍ୟୟନ, ଗବେଷଣା, ଅନୁବାଦ, ନବସୃଜନ ଏବଂ ଜ୍ଞାନର ପ୍ରସାର ପାଇଁ ମାନକୀକୃତ ପାରିଭାଷିକ ଶବ୍ଦାବଳୀ ଅତ୍ୟନ୍ତ ଆବଶ୍ୟକ । ପାଞ୍ଚଦିନିଆ ଆଲୋଚନାଚକ୍ର ମଧ୍ୟରେ ବିଶେଷଜ୍ଞ କମିଟିଗୁଡ଼ିକ ଇଲେକ୍ଟ୍ରୋନିକ୍ସ, ପ୍ରସାରଣ, ଦୂରସଞ୍ଚାର, ଅର୍ଥନୀତି, ବାଣିଜ୍ୟ ଏବଂ ରାଜନୀତି ବିଜ୍ଞାନ ବିଷୟରେ ହଜାର ହଜାର ଓଡ଼ିଆ ବୈଷୟିକ ପାରିଭାଷିକ ଶବ୍ଦର ସମୀକ୍ଷା କରି ସେଗୁଡ଼ିକର ବିକାଶ ଓ ମାନକୀକରଣ କରିବେ ବୋଲି ସେ ସୂଚନା ଦେଇଥିଲେ । କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶରଣଜିତ ସିଂହ କହିଲେ, ଜାତୀୟ ଶିକ୍ଷା ନୀତି-୨୦୨୦ ଭାରତୀୟ ଭାଷା ମାଧ୍ୟମରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ନୂତନ ସୁଯୋଗ ସୃଷ୍ଟି କରିଛି । ଗବେଷଣା, ନବସୃଜନ ଏବଂ ଅନ୍ତର୍ଭୁକ୍ତିମୂଳକ ଶିକ୍ଷା ପାଇଁ ମାନକୀକୃତ ବୈଷୟିକ ପାରିଭାଷିକ ଶବ୍ଦାବଳୀ ଅତ୍ୟନ୍ତ ଜରୁରୀ । ଭାରତୀୟ ଭାଷାରେ ଉଚ୍ଚଶିକ୍ଷାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଏଭଳି ପଦକ୍ଷେପ ପାଇଁ କିଟ୍‌ର ନିରନ୍ତର ସହଯୋଗ ରହିବ ବୋଲି ସେ ଆଶ୍ୱାସନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ କିଟ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, କିସ୍ ବିଶ୍ୱବିଦ୍ୟାଳୟ ଡ. ପ୍ରଶାନ୍ତ କୁମାର ରାଉତରାୟ ପ୍ରମୁଖ ଉଚ୍ଚଶିକ୍ଷାରେ ଭାରତୀୟ ଭାଷାର ପ୍ରୋତ୍ସାହନ ଓ ବୈଷୟିକ ପାରିଭାଷିକ ଶବ୍ଦାବଳୀ ଆଲୋକପାତ କରିଥିବାବେଳେ କିଟ୍ କମ୍ପ୍ୟୁଟର ସାଇନ୍ସ ବିଭାଗର ପ୍ରଫେସର ଏବଂ ନିର୍ଦ୍ଦେଶକ ତଥା ଏହି ବୈଠକର ମୁଖ୍ୟ ସଂଯୋଜକ ପ୍ରଫେସର ବେଣୁ ଗୋପାଳ ମହାପାତ୍ର ସିଏସ୍‌ଟିଟି ଏବଂ କିଟ୍-କିସ୍ ମଧ୍ୟରେ ଦୀର୍ଘଦିନ ଧରି ରହିଥିବା ସହଯୋଗୀ ସମ୍ପର୍କ ଉପରେ କହିଥିଲେ ।

## ଭାଗବତ୍ ସପ୍ତାହ ଉଦଯାପିତ

ଖୋର୍ଦ୍ଧା, (ସବ୍ୟୁ): ଶ୍ରୀ ଚୈତନ୍ୟ ରିସର୍ଚ୍ଚ ଆସୋସିଏସନ୍ ତରଫରୁ ଶ୍ରୀ ଚୈତନ୍ୟ ବିହାର ଠାରେ ସପ୍ତାହ ବ୍ୟାପି ଚାଲିଥିବା ଶ୍ରୀମଦ୍ ଭାଗବତ ସପ୍ତାହ ପାରାୟଣ ଓପ୍ରବଚନ ଉଦଯାପିତ ହୋଇଯାଇଛି । ପ୍ରବଚକ ପଣ୍ଡିତ ଜୟ ନାରାୟଣ ଦାସ, ଗୌରାଙ୍ଗ ଚରଣ ଦାସ, ସାଧୁ ମହାରାଜ ପ୍ରବଚନ ପ୍ରଦାନ କରି ଭାଗବତ ର ମହିମା ବର୍ଣ୍ଣନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଓ ଏହାର ଆଖପାଖ ଅଂଚଳ ର ବହୁ ଶ୍ରଦ୍ଧାଳୁ ପ୍ରତ୍ୟହ ଯୋଗଦେଇ ଭାଗବତ୍ କଥାମୃତ ଶ୍ରବଣ କରୁଥିଲେ । ଉଦଯାପନୀ ଦିନ ୩୫୦ଭକ୍ତ ଶ୍ରଦ୍ଧାଳୁ ଯୋଗ ଦାନ କରି ବ୍ୟାସ ପୂଜା ଆଳତି ନୃତ୍ୟ ସଙ୍କିର୍ତ୍ତନ କରିଥିଲେ । କୁନି କଳାକାର ଅମୃତା ସାହୁ ଓଡଶୀ ନୃତ୍ୟ ପରିବେଷଣ କରିଥିଲେ । ଏହି କାର୍ଯକ୍ରମକୁ ମହନ୍ତ ଶ୍ରୀ ଅନନ୍ତ ହରି ମହାରାଜ ସଂଯୋଜନା କରିଥିଲେ । ସପ୍ତମ ଦିବସରେ ସାଧୁସନ୍ଥ ଙ୍କର ଏକ ସମ୍ମିଳନି ହୋଇଥିଲା । ସଂଘ ସମ୍ପାଦକ ଜୟ ନାରାୟଣ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ୬୦କେଜି ଗଞ୍ଜେଇ ଓ ୧୦୦ ବୋତଲ କଫ୍‌ସିରପ୍ ଜବତ : ୮ ଗିରଫ

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲାରେ ନିଶା କାରବାର ନିୟନ୍ତ୍ରଣ ପାଇଁ ପୁଲିସ ଲଗାତାର ସ୍ୱତନ୍ତ୍ର ଅଭିଯାନ ଚଳାଇଥିବାବେଳେ ଏକ ଦିନରେ ଦୁଇଟି ବଡ଼ ଧରଣର ଚଢ଼ାଉ ଜିଲ୍ଲାରେ ସକ୍ରିୟ ନିଶା କାରବାର ର ବ୍ୟାପକ ନେଟୱର୍କକୁ ପୁଣିଥରେ ସାମ୍ନାକୁ ଆଣିଛି । ବୋଲଗଡ଼ ଓ ଖୋର୍ଦ୍ଧା ସଦର ଥାନା ପୁଲିସ ପୃଥକ ଅଭିଯାନରେ ୬୦ କେଜି ୩୫୦ ଗ୍ରାମ ଗଞ୍ଜେଇ ଏବଂ ୧୦୦ ବୋତଲ କୋଡିନ ମିଶ୍ରିତ ରାକେଟ ଏସ୍‌କଫ୍ କଫ୍ ସିରପ ଜବତ କରିଛି । ଏହି ଘଟଣାରେ ୮ ଜଣଙ୍କୁ ଗିରଫ କରାଯାଇଥିବାବେଳେ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଛି । ଏକ କାର, ୩ଟି ମୋଟରସାଇକେଲ୍ ଓ ୩ଟି ମୋବାଇଲ ଫୋନ ମଧ୍ୟ ପୁଲିସ ଜବତ କରିଛି । ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍.ପି.ପରମାର ସ୍ମିତ ପର୍ଶୋତମଦାସ କହିଛନ୍ତି ଯେ, ପ୍ରାରମ୍ଭିକ ତଦନ୍ତରୁ ଏହା ଏକ ସଂଗଠିତ ନିଶା କାରବାର ନେଟୱର୍କର ଅଂଶ ବୋଲି ସନ୍ଦେହ କରାଯାଉଛି । ଜବତ ହୋଇଥିବା ମୋବାଇଲ ଫୋନ ଯାନବାହନ ଏବଂ ଅନ୍ୟାନ୍ୟ ତଥ୍ୟକୁ ଯାଂଚ କରି ଏହି ଗୋଷ୍ଠୀ ସହ ଜଡ଼ିତ ଅନ୍ୟ ବ୍ୟକ୍ତି ଓ ସମ୍ଭାବ୍ୟ ଗନ୍ତବ୍ୟସ୍ଥଳ ଚିହ୍ନଟ କରିବାକୁ ପୁଲିସ ତଦନ୍ତ ଜୋରଦାର କରିଛି ।

ଏସ୍କର୍ଟ କରି ନିଆଯାଉଥିଲା ଗଞ୍ଜେଇ । ଅଗଷ୍ଟ ୩ ତାରିଖରେ ବୋଲଗଡ଼ ଥାନା ପୁଲିସକୁ ଖବର ମିଳିଥିଲା ଯେ ଜାତୀୟ ରାଜପଥ-୫୭ ଦେଇ ବିପୁଳ ପରିମାଣର ଗଞ୍ଜେଇ ଚାଲାଣ କରାଯାଉଛି । ଏସ୍.ପିଙ୍କ ନିର୍ଦ୍ଦେଶ ଓ ଏସ୍.ଡି.ପି.ଓ ପଙ୍କଜ କୁମାର ମାଝୀଙ୍କ ତତ୍ୱାବଧାନରେ ଇନିସପେକ୍ଟର ସୁକାନ୍ତ ଦଳାଇଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇଥିଲା । ମା' ମଙ୍ଗଳା ମନ୍ଦିର ନିକଟରେ ଗାଡି ଗୁଡ଼ିକ ଯାଂଚ କରି ଏକ କାର୍ ଓ ତାହାକୁ ଏସ୍କର୍ଟ କରୁଥିବା



ବାଇକ୍ କୁ ଅଟକାଯାଇଥିଲା । ଏନ୍.ଡି.ପି.ଏସ୍ ଆଇନର ଧାରା ୪୨ ଓ ୫୦ ଅନୁଯାୟୀ ସମସ୍ତ ଆଇନଗତ ପ୍ରକ୍ରିୟା ଏବଂ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ତଲାସି କରାଯାଇଥିଲା । କାର୍ ର ଡିକିରୁ ୩ଟି ପ୍ଲାଷ୍ଟିକ୍ ବସ୍ତାରେ ରଖାଯାଇଥିବା ୬୦.୩୫ କେଜି ଗଞ୍ଜେଇ ଜବତ ହୋଇଥିଲା । ଏହାର ବଜାର ମୂଲ୍ୟ ପ୍ରାୟ ୬.୩୦ ଲକ୍ଷ ଟଙ୍କା ବୋଲି ପୁଲିସ ଆକଳନ କରିଛି । ଘଟଣାସ୍ଥଳରୁ କନ୍ଧମାଳ ଜିଲ୍ଲାର ୭ ଜଣଙ୍କୁ ଗିରଫ କରାଯାଇଛି । ସେମାନଙ୍କ ବିରୋଧରେ ବେଆଇନ୍ ଭାବରେ ଗଞ୍ଜେଇ ଚୋରା ଚାଲାଣ କରୁଥିବା ଅଭିଯୋଗରେ ଏକ ମାମଲା ରୁଜୁ ହୋଇଛି । ସେହିଦିନ ସନ୍ଧ୍ୟାରେ ଖୋର୍ଦ୍ଧା ସଦର ଥାନା ପୁଲିସ କାଇପଦର କଲେଜ ନିକଟରେ ଚଢ଼ାଉ କରି କୋଡିନ୍ ମିଶ୍ରିତ ୧୦୦ ବୋତଲ ଏସକଫ କଫ ସିରପ୍ ଜବତ କରିଥିଲା । ଏସ୍.ଆଇ ତୁଷାରକାନ୍ତ ପରିଡ଼ାଙ୍କ ନେତୃତ୍ୱରେ ହୋଇଥିବା ଏହି ଅଭିଯାନରେ ଦୁଇଟି ମୋଟରସାଇକେଲ୍ ଓ ଗୋଟିଏ ମୋବାଇଲ୍ ଫୋନ୍ ମଧ୍ୟ ଜବତ କରାଯାଇଛି । ଏହି ଘଟଣାରେ ପୁରୁସାହିର ସୁବ୍ରତ ପ୍ରଧାନଙ୍କୁ ଗିରଫ କରାଯାଇଛି । ତେବେ ତାଙ୍କ ସହଯୋଗୀ ରବୀନ୍ଦ୍ର ପରିଡ଼ା ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି ।

ଏସ୍.ପି କହିଛନ୍ତି, ନିଶା କାରବାର ବିରୋଧରେ ଗୁଇନ୍ଦା ସୂଚନା ଆଧାରିତ ଅଭିଯାନ ଆହୁରି ତୀବ୍ର କରାଯିବ ।

### ମନ୍ଦିର ନିକଟରେ ମଦ ଦୋକାନ ଖୋଲିବା ଘଟଣା

# ପ୍ରତିବାଦରେ ବିଶ୍ୱ ହିନ୍ଦୁ ପରିଷଦର ୬ ଘଣ୍ଟିଆ ବନ୍ଦ ଡାକରା

ଜଟଣୀ, (ସବ୍ୟୁ) : ଜଟଣୀ ସହରରେ ପ୍ରାୟ ଏକ ମାସ ହେବ ଦୁଇଟି ପ୍ରମୁଖ ସ୍ଥାନରେ ବେଆଇନ ଭାବେ



ଖୋଲାଯାଇଥିବା ମଦ ଦୋକାନ ଦୁଇଟି ସ୍ଥାନାନ୍ତରିତ କରିବା ପାଇଁ ବିଭିନ୍ନ ମହଲରେ ଦାବୀ ହୋଇ ଆସୁଥିବା ବେଳେ ପ୍ରଶାସନ ପକ୍ଷରୁ ଜନତାଙ୍କ ଭାବନା ସହିତ ଖେଳି ଟାଳଟୁଳ ନୀତି ଅବଲମ୍ବନକୁ ନେଇ ସାଧାରଣରେ ଅସନ୍ତୋଷର ନିଆଁ ତେଜିବାରେ ଲାଗିଛି । ଏହି ପରିପ୍ରେକ୍ଷୀରେ ସୀତାରାମ ଛକ ଶିବ ମନ୍ଦିର ନିକଟରେ ଠିପିବନ୍ଦ ମଦ ଦୋକାନ ବନ୍ଦ ଦାବିରେ ବିଶ୍ୱହିନ୍ଦୁ ପରିଷଦ ଜଟଣୀ ପ୍ରଖଣ୍ଡ ପକ୍ଷରୁ ମଙ୍ଗଳବାର ୬ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିଲା । ବନ୍ଦ ପାଳନକୁ ସହରବାସୀ, ବିଭିନ୍ନ ବଜାର କମିଟି, ବ୍ୟବସାୟୀଙ୍କ ବିପୁଳ ସମର୍ଥନ କରିଥିଲେ । ସମସ୍ତ ଦୋକାନୀ ବଡ ବ୍ୟବସାୟ ପ୍ରତିଷ୍ଠାନର କର୍ତ୍ତୃପକ୍ଷ ମାନେ ସ୍ୱତଃ ପ୍ରବୃତ୍ତ ଭାବେ ନିଜ ନିଜର ପ୍ରତିଷ୍ଠାନ ବନ୍ଦ ରଖି ସମର୍ଥନ ଦେଇଥିଲେ । ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ ବିଏଚପିର ଜଟଣୀ ପ୍ରଖଣ୍ଡ ସଭାପତି ରମେଶ କୁମାର ଦାସ, ଜଟଣୀ ସୁରକ୍ଷା ମଞ୍ଚର ସମ୍ପାଦକ ଚିତ୍ତ ରଞ୍ଜନ ପ୍ରଧାନ, ବିଭାଗ ସମ୍ପାଦକ ବିଭୂଧେନ୍ଦ୍ର ବିଦ୍ୟାଧର, କାଉନସିଲର ବିଷ୍ଣୁ କୁମାର ସାହୁ । ତେବେ ଏହି ଘଟଣାକୁ ସ୍ଥାନୀୟ ପ୍ରଶାସନ ଗୁରୁତ୍ୱର ସହିତ ନନେବାରୁ ଆନ୍ଦୋଳନକାରୀମାନେ ରାସ୍ତାରେ ବସି ପ୍ରତିବାଦ କରିଥିଲେ ଫଳରେ ରାସ୍ତା ଜାମ ହେବା ଫଳରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ରାସ୍ତାରୁ ଉଠିଯିବା ପାଇଁ ଅନୁରୋଧ କରିଥିଲେ ଯାହା ଫଳରେ କିଛି ସମୟ ପାଇଁ ଚାପା ଉତେଜନା ପ୍ରକାଶ ପାଇଥିଲା । ଅପରପକ୍ଷେ ଯୋଉ ମଦ ଦୋକାନ ପାଇଁ ଆନ୍ଦୋଳନ ତାହା ଦିନ ତମାମ ଖୋଲା ରହିଥିବାରୁ ତାକୁ ନେଇ ବୁଦ୍ଧିଜୀବୀ ମହଲରେ ଭ୍ରୂ କୁଞ୍ଚନ ସୃଷ୍ଟି କରିଛି ।

## କାର୍ ସାଇଡ୍ ମରାରୁ ଗୋଷ୍ଠୀସଂଘର୍ଷ, ୬ ଅଟକ

ଭୁବନେଶ୍ୱର, (ସବ୍ୟୁ) : କାର୍ ସାଇଡ୍ ମରାରୁ ଗୋଷ୍ଠୀସଂଘର୍ଷ ଘଟିବାରୁ ଜୟଦେବବିହାର-ନନ୍ଦନକାନନ ରାସ୍ତାରେ ଗାଡି ଚଳାଚଳ ବ୍ୟାହତ ହୋଇଥିଲା । ଦୁଇଗୋଷ୍ଠୀ ମାରପିଟ ହେବା ସହ ପରସ୍ପର ଗାଡି ଭଙ୍ଗାରୁଜା କରିଥିଲେ । ଏପରିକି ଏହି ଗଣ୍ଡଗୋଳ ସମୟରେ ଛୁରାମାଡ ଯୋଗୁ ଜଣେ ଗୁରୁତର ଆହତ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛି । ଖବର ପାଇ ପୋଲିସ ପହଞ୍ଚି ଆହତଙ୍କୁ ମେଡିକାଲ ପଠାଇବା ସହ ଉଭୟ ପକ୍ଷରୁ ୬ଜଣଙ୍କୁ ଥାନାକୁ ନେଇ ଅଟକ ରଖିଛି । ପୋଲିସ ହସ୍ତକ୍ଷେପ ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା ।

ଇନ୍‌ଫୋସିଟି ଥାନା ଅନ୍ତର୍ଗତ ନନ୍ଦନବିହାର ଛକରେ ମଙ୍ଗଳବାର ପୂର୍ବାହ୍ନରେ କାର୍ ସାଇଡ୍ ମରାକୁ ନେଇ ରାଜପଥ ଉପରେ ଦୁଇଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଥିଲା । ସଂଘର୍ଷ ଅଧଘଣ୍ଟାଏରୁ ଊର୍ଦ୍ଧ୍ୱର୍ ସମୟ ଚାଲିବାରୁ ଗାଡି ଚଳାଚଳ ବ୍ୟାହତ ହେବା ସହ ସେଠାରେ ଲୋକମାନେ ଗଦା ହୋଇପଡିଥିଲେ । ଇନ୍‌ଫୋସିଟି ଥାନା ଖବର ପାଇବା ପରେ ଘଟଣାସ୍ଥଳରେ ୭ଟି ପିସିଆର୍ ପହଞ୍ଚିବା ସହ ଏସିପି ମଧ୍ୟ ପହଞ୍ଚିଥିଲେ । ମାର୍‌ପିଟ୍ ହୋଇଥିବା ଦୁଇଗୋଷ୍ଠୀଙ୍କୁ କାବୁ କରିନେବା ସହ ଲୋକଙ୍କୁ ସେଠାରୁ ଘଉଡାଇ ଦେବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା । ସାମାନ୍ୟ ଗାଡି ସାଇଡ୍ ମରାକୁ ନେଇ ଦୁଇଗୋଷ୍ଠୀ ମାର୍‌ପିଟ ହେବା ଘଟଣାକୁ ଲୋକେ ନିନ୍ଦା କରିବା ସହ ଗାଡି ଚଳାଚଳ ବ୍ୟାହତ ହୋଇଥିବାରୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ।

### ବିଭିନ୍ନ ଅନୁଷ୍ଠାନ ସହ ସ୍ୱାସ୍ଥ୍ୟ ବିଭାଗର ୧୦ ବୁଝାମଣା ପତ୍ର ସ୍ୱାକ୍ଷରିତ

# ସ୍ୱାସ୍ଥ୍ୟ ବିଭାଗ ପାଇଁ ସେବା, ଗବେଷଣା ଓ ଭିତ୍ତିଭୂମିରେ ଉନ୍ନତି ଆସିବ : ମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ମଙ୍ଗଳବାର ଖାରବେଳ ଭବନ ସମ୍ମିଳନୀ କକ୍ଷରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସହ ଗୁଜୁରାଟର ଆଇ-ହବ , ଅନ୍ତରା ଫାଉଣ୍ଡେସନ, ସର୍ବଭାରତୀୟ ଆୟୁର୍ବେଦ ସଂସ୍ଥାନ, ଅଦାନୀ ଗ୍ରୁପର ସେବାଦାନ ଆରୋଗ୍ୟ ଫାଉଣ୍ଡେସନ, ହେଲଥ ସିଷ୍ଟମ ଟ୍ରାଂସଫରମେସନ ପ୍ଲାଟଫର୍ମ, ଏମ୍ସ ଦିଲ୍ଲୀର ସେଣ୍ଟର ଫର ଏମେରଜେନ୍ସି ଏବଂ ଟ୍ରମା କେୟାର, କୋଚିର ଅମ୍ରିତା ହସ୍ପିଟାଲର ପେଡିଆଟ୍ରିକ କାର୍ଡିଆକ କେୟାର, କ୍ୟୁ।ଲିଟି କଣ୍ଟ୍ରୋଲ ଅଫ ଇଣ୍ଡିଆର ଏନଏବିଏଲ ମାନ୍ୟତା ପ୍ରାପ୍ତ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ/ ଜିଲ୍ଲା ମୁଖ୍ୟ ହସ୍ପିଟାଲ ଲ୍ୟାବ, ଆଇଏଫସି ଦ୍ୱାରା ସାଇଣ୍ଟିଫିକ ଡ୍ରଗ ୱେରହାଉସିଂ ଏଗ୍ରିମେଣ୍ଟ ନେଟୱାର୍କ, ଟାଟା ଷ୍ଟିଲ ଫାଉଣ୍ଡେସନ, କୈବଲ୍ୟ ଏଜୁକେଶନ୍ ଫାଉଣ୍ଡେସନ ଫର ପ୍ରୋଜେକ୍ଟ ସ୍ୱସ୍ଥ ସହ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଅଛି । ସ୍ୱାସ୍ଥ୍ୟ ବିଭାଗ ଆଜି ବିଭିନ୍ନ ଅନୁଷ୍ଠାନ ସହ ୧୦ ଗୋଟି ବୁଝାମଣା ପତ୍ର ସ୍ୱାକ୍ଷରିତ କରିଛି" । ସମସ୍ତ ବୁଝାମଣା ପତ୍ର ବିଭାଗର ବିଭିନ୍ନ ଦିଗରେ ସେବା ଯୋଗାଇବାକୁ ସ୍ୱାକ୍ଷରିତ କରିଛନ୍ତି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି ।

ଏହି ଅବସରରେ ମନ୍ତ୍ରୀ କହିଛନ୍ତି ଯେ "ଏଥିରେ ଏମ୍ସ ଦିଲ୍ଲୀ



ଟ୍ରମାକେୟାର ସେଣ୍ଟର ସହ ଯେଉଁ ବୁଝାମଣା ହୋଇଛି ସେଥିରେ ଜିଲ୍ଲା ମୁଖ୍ୟାଳୟର କୌଣସି ମେଡ଼ିକାଲ କଲେଜକୁ ଟ୍ରମା କେୟାର ଉତ୍କର୍ଷ କେନ୍ଦ୍ରରୂପେ ଗ୍ରହଣ କରାଯିବ ଏବଂ ରାଜ୍ୟର ଟ୍ରମା କେୟାରକୁ ଉନ୍ନତ କରାଯିବାକୁ ବ୍ୟବସ୍ଥା କରାଯିବ । ସେହିପରି ସର୍ବଭାରତୀୟ ଆୟୁର୍ବେଦ ସଂସ୍ଥାନ ଓଡ଼ିଶାରେ ଭାରତୀୟ ଜ୍ଞାନ କୌଶଳରେ ତିଆରି ଔଷଧ ଏବଂ ଆୟୁର୍ବୈଦିକ ଚିକିତ୍ସା ପଦ୍ଧତିକୁ ଆଗକୁ ନେବାକୁ ବ୍ୟବସ୍ଥା କରିବେ । ଗୁଜୁରାଟର ଆଇ-ହବ ଦ୍ୱାରା ମେଡ଼ିକାଲ ଶିକ୍ଷାରେ ଷ୍ଟାର୍ଟ ଅପ , ନବସୃଜନ, ଶିକ୍ଷାଦାନ ପ୍ରଣାଳୀକୁ ଉନ୍ନତ କରିବାକୁ ସମସ୍ତ ବ୍ୟବସ୍ଥା କରାଯିବ । କ୍ୟୁ।ଲିଟି କଣ୍ଟ୍ରୋଲ ଦ୍ୱାରା ଜିଲ୍ଲା ମୁଖ୍ୟାଳୟ ହସ୍ପିଟାଲ ଏବଂ ଉପଖଣ୍ଡ ହସ୍ପିଟାଲରେ ଥିବା ଲ୍ୟାବ ଗୁଡିକ ଏନଏବିଏଲ ମାନ୍ୟତା ଦ୍ୱାରା ଲ୍ୟାବ ଗୁଡିକ ମାନ ବଢିବ ।

ଡ଼ ମୁକେଶ ମହାଲିଙ୍ଗ କହିଛନ୍ତି ଯେ, ଚୁକ୍ତି ଅନୁଯାୟୀ ଓଡ଼ିଶାର ଜନ୍ମରୁ ଥିବା ହୃଦ୍‌ରୋଗ ଆକ୍ରାନ୍ତ ଶିଶୁମାନଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ଅସ୍ତ୍ରୋପଚାର, ଇଣ୍ଟରଭେନ୍ସନାଲ୍ କାର୍ଡିଆକ୍ ଚିକିତ୍ସା, ଅପରେସନ୍ ପରବର୍ତ୍ତୀ ଚିକିତ୍ସା ଏବଂ ଫଲୋ-ଅପ୍ ସେବା ଯୋଗାଇ ଦିଆଯିବ । , ବିଶ୍ୱ ବ୍ୟାଙ୍କ ଗ୍ରୁପର ସଦସ୍ୟ ଆନ୍ତର୍ଜାତୀୟ ଅର୍ଥ ନିଗମ ସହିତ ରାଜ୍ୟସ୍ତରୀୟ ଜଳବାୟୁ-ସ୍ମାର୍ଟ ଔଷଧ ଗୋଦାମ ନେଟୱାର୍କ ବିକାଶ, ପ୍ରୋଜେକ୍ଟ ସ୍ୱସ୍ଥ ପାଇଁ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ଏବଂ କୈବଲ୍ୟ ଶିକ୍ଷା ଫାଉଣ୍ଡେସନ୍ ସହ ଗୁରୁତ୍ୱପୂର୍ଣ୍ଣ ଏମ୍‌ଓୟୁ ସ୍ୱାକ୍ଷର. ସେବା, ଗବେଷଣା ଓ ଭିତ୍ତିଭୂମିରେ ଉନ୍ନତି ଆଣିବା ବୋଲି ମାନ୍ୟବର ମନ୍ତ୍ରୀ କହିଛନ୍ତି ।

ଏହି ଅବସରରେ ଆଭାଷୀ ମାଧ୍ୟମରେ ଏସସିବି କଟକ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲର ମାନସିକ ସ୍ୱାସ୍ଥ୍ୟ ସଂସ୍ଥା ଭବନ ଦ୍ୱିତୀୟ ମହଲାରେ ଟେଲି-ମାନସ ସେବାର ଉନ୍ନତ ସୁବିଧା ଭିତ୍ତିଭୂମିକୁ ଉଦଘାଟନ କରିଛନ୍ତି । ଏହି ଉନ୍ନତ ସୁବିଧା କେନ୍ଦ୍ର ମାଧ୍ୟମରେ ରାଜ୍ୟର ବିଭିନ୍ନ ଜିଲ୍ଲା ଏବଂ ଦୁର୍ଗମ ଅଞ୍ଚଳର ଲୋକମାନେ ଘରେ ରହି ଟେଲିଫୋନ ମାଧ୍ୟମରେ ମାନସିକ ସ୍ୱାସ୍ଥ୍ୟ ପରାମର୍ଶ, ମନୋବୈଜ୍ଞାନିକ ସହାୟତା ଓ ଆବଶ୍ୟକ ସମୟରେ ବିଶେଷଜ୍ଞଙ୍କ ମାର୍ଗଦର୍ଶନ ସହଜରେ ପାଇପାରିବେ । ପ୍ରଯୁକ୍ତିର ସଦୁପଯୋଗ ମାଧ୍ୟମରେ ଟେଲି-ମାନସ ସେବାକୁ ଆହୁରି ସୁଦୃଢ଼ କରି ରାଜ୍ୟର ପ୍ରତ୍ୟେକ ନାଗରିକଙ୍କୁ ସମୟୋପଯୋଗୀ ମାନସିକ ସ୍ୱାସ୍ଥ୍ୟ ସହାୟତା ଯୋଗାଇବା ସହଜ ହେଉଛି । ଆଜି ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗ ଶାସନ ସଚିବ ଅଶ୍ୱତୀ ଏସ., ଜାତୀୟ ସ୍ୱାସ୍ଥ୍ୟ ମିଶନ ଏମ୍‌ଡ଼ି ଡ. ବୃନ୍ଦା ଡ଼ି , ସମସ୍ତ ଅନୁଷ୍ଠାନର ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ ।

## ଭଙ୍ଗା ଘରେ ଚାଲିଛି ପାଠପଢ଼ା, ବିପଦରେ ଛାତ୍ରଛାତ୍ରୀ

ନରସିଂହପୁର,(ସବ୍ୟୁ): କଟକ ଜିଲ୍ଲା ନରସିଂହପୁର ବ୍ଲକ ଅଧୀନ ଯୋଡୁମୁ ପଞ୍ଚାୟତର ବାଲୁଙ୍କେଶ୍ୱର ବିଦ୍ୟାପୀଠର ଅବସ୍ଥା ଏବେ ଅତ୍ୟନ୍ତ ଶୋଚନୀୟ ହୋଇଛି । ଗତ କିଛି ମାସ ପୂର୍ବରୁ କାଳବୈଶାଖୀ ବର୍ଷା ଓ ପବନରେ ବିଦ୍ୟାଳୟର ଟିଣ ଛପର ଉଡ଼ିଯାଇଥିବା ବେଳେ ଏପର୍ଯ୍ୟନ୍ତ ସ୍କୁଲ ଭବନର ସ୍ଥାୟୀ ମରାମତି ହୋଇନାହିଁ । ଫଳରେ ପାଞ୍ଚଟି ଶ୍ରେଣୀଗୃହ ଏବେ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି ।ଏହି ସମସ୍ୟାକୁ ନେଇ ପୂର୍ବରୁ ଗଣମାଧ୍ୟମରେ ଖବର ପ୍ରସାରଣ ହୋଇଥିଲେ ମଧ୍ୟ ପ୍ରଶାସନ କେବଳ ସାମାନ୍ୟ ଅର୍ଥ ମଞ୍ଜୁର କରି ଦାୟିତ୍ୱ ସାରିଦେଇଥିବା ଅଭିଯୋଗ ହୋଇଛି । ବିଦ୍ୟାଳୟ ଖୋଲିବା ପରେ ଶ୍ରେଣୀଗୃହ ଅଭାବରୁ ଛାତ୍ରଛାତ୍ରୀମାନଙ୍କୁ କେବେ ବାରଣ୍ଡାରେ ତ କେବେ ଷ୍ଟୋର ରୁମ୍ରେ ବସାଇ ପାଠ ପଢ଼ାଯାଉଛି । ବିଦ୍ୟାଳୟରେ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀରେ ୧୪୦ରୁ ଅଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ସମଗ୍ର ବିଦ୍ୟାଳୟ କେବଳ ଦୁଇଜଣ ଶିକ୍ଷକଙ୍କ ଉପରେ ନିର୍ଭର କରୁଛି । ଏତେ କମ ଶିକ୍ଷକରେ ପାଠପଢ଼ା ସଠିକ ଭାବେ ପରିଚାଳନା କରିବା କଷ୍ଟକର ହୋଇପଡ଼ିଛି । ଅଭିଭାବକ ଓ ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ବର୍ଷା ଦିନରେ ପିଲାମାନଙ୍କ ସୁରକ୍ଷାକୁ ନେଇ ଗଭୀର ଆଶଙ୍କା ସୃଷ୍ଟି ହେଉଛି । ଜରାଜୀର୍ଣ୍ଣ ଶ୍ରେଣୀଗୃହରେ ପାଠପଢ଼ା ଚାଲିଥିବାରୁ ଯେକୌଣସି ସମୟରେ ଅଘଟଣ ଘଟିବାର ଭୟ ରହିଛି ।ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଦାବି କରିଛନ୍ତି ଯେ ତୁରନ୍ତ ନୂତନ ଶ୍ରେଣୀଗୃହ ନିର୍ମାଣ ସହ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନିଯୁକ୍ତ କରାଯାଉ । ଯଦି ଶୀଘ୍ର ପଦକ୍ଷେପ ନିଆନଯାଏ, ତେବେ ଛାତ୍ରଛାତ୍ରୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି କହିଛନ୍ତି ।

# ୩୮ ନଂ ୱାର୍ଡରେ ବୃକ୍ଷ ରୋପଣ

ଭୁବନେଶ୍ୱର, (ସବ୍ୟୁ) : ବନ୍ଧୁତ୍ୱ ଦିବସ ଉପଲକ୍ଷେ ଗଛ ହିଁ ବନ୍ଧୁ ବାର୍ତ୍ତା ଦେଇ ନୂଆପଲ୍ଲୀ ୩୮ ନଂ ୱାର୍ଡରେ ବୃକ୍ଷ ରୋପଣ କରାଯାଇଥିଲା । ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ସ୍ଥାନୀୟ ୱାର୍ଡ ୩୮ କର୍ପୋରେଟର ପଦ୍ମଜା ପ୍ରିୟଦର୍ଶିନୀ ଜେନା, ପୂର୍ବତନ କର୍ପୋରେଟର୍ ନବକିଶୋର ବେହେରା, ରଶ୍ମି ବେହେରା, ସାମାଜିକ କର୍ମକର୍ତ୍ତା ସମରେନ୍ଦ୍ର କୁମାର ଜେନା, ନୂଆପଲ୍ଲୀ ଗ୍ରାମ୍ୟ କମିଟି ସମ୍ପାଦକ ନଟବର ସାମନ୍ତରାୟ, ମହେନ୍ଦ୍ର ବଳବନ୍ତରାୟ, ବ୍ରିଟ କଲୋନୀ ସମ୍ପାଦକ ସତ୍ୟ ସାହୁ, ପ୍ରଣତି ମିଶ୍ର, ପୂର୍ଣ୍ଣିମା ରଥ, ସିଶିଳା ସାହୁ, ପୀତବାସ ରାୟଗୁରୁ ରହି





ବୃକ୍ଷ ରୋପଣ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଗଛ ହିଁ ପ୍ରକୃତ ବନ୍ଧୁ । ଗଛ ବିନା ଜୀବନ ଦୁର୍ବିସହ । ଏ କଥାଟି ସମସ୍ତେ ଜାଣନ୍ତି, ସେହି ନାରାରେ ସମସ୍ତ ଜନସାଧାରଣଙ୍କୁ ବାର୍ତ୍ତା ଦେବା ସହିତ ସଚେତନ କରିବା ପାଇଁ ଏପରି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଆୟୋଜକଙ୍କ ସମେତ ଶହଶହ ଲୋକ ସମର୍ଥନ କରିଥିଲେ । ୱାର୍ଡ ବାସିନ୍ଦା ଏପରି କାର୍ଯ୍ୟକ୍ରମକୁ ଭୁରି ଭୁରି ପ୍ରଶଂସା କରିଥିଲେ ।

## ତପ୍ତପାଣି ମା'କନ୍ଧୁଣୀ ଦେବୀଙ୍କ ଦିବ୍ୟ ଆଶୀର୍ବାଦ ଲାଭ କଲେ ରାଷ୍ଟ୍ରପତି

# ଐତିହାସିକ ଗସ୍ତକୁ ନେଇ ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ଉତ୍ସବର ମାହୋଲ



ବ୍ରହ୍ମପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲାର ପବିତ୍ର ତପ୍ତପାଣି ଆଜି ଏକ ବିରଳ ଐତିହାସିକ ମୁହୂର୍ତ୍ତର ସାକ୍ଷୀ ପାଲଟିଛି । ଦେଶର ପ୍ରଥମ ନାଗରିକ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପବିତ୍ର ମା' କନ୍ଧୁଣୀ ଦେବୀ ପୀଠରେ ପହଞ୍ଚି ଦିବ୍ୟ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ । ଏହି ପବିତ୍ର ଆଦିବାସୀ ଆସ୍ଥା କେନ୍ଦ୍ରକୁ ଗସ୍ତ କରିବାରେ ସେ ଦେଶର ପ୍ରଥମ କାର୍ଯ୍ୟରତ ରାଷ୍ଟ୍ରପତି ଭାବେ ଇତିହାସ ସୃଷ୍ଟି କରିଛନ୍ତି । ଏହି ଗସ୍ତ ସମଗ୍ର ଅଞ୍ଚଳ ପାଇଁ ଗୌରବ, ଆଧ୍ୟାତ୍ମିକତା ଓ ଆନନ୍ଦର ଏକ ଅବିସ୍ମରଣୀୟ ଅଧ୍ୟାୟ ହୋଇ ରହିବ ।

ମନ୍ଦିର ପରିସରରେ ଶୁଭ ଶଙ୍ଖଧ୍ୱନି, ଘଣ୍ଟନାଦ, ବୈଦିକ ମନ୍ତ୍ରୋଚ୍ଚାରଣ ଏବଂ ଭକ୍ତିମୟ ପରିବେଶରେ ପ୍ରକମ୍ପିତ ହୋଇଉଠିଥିଲା । ପାରମ୍ପରିକ ଆଦିବାସୀ ରୀତିନୀତି ଅନୁଯାୟୀ ମନ୍ଦିରର ପୂଜକମାନେ ଏବଂ ସ୍ଥାନୀୟ ଆଦିବାସୀ ସମ୍ପ୍ରଦାୟ ଅତ୍ୟନ୍ତ ଶ୍ରଦ୍ଧା, ଭକ୍ତି ଓ ଆନ୍ତରିକତାର ସହ ରାଷ୍ଟ୍ରପତିଙ୍କୁ ସ୍ୱାଗତ ଜଣାଇଥିଲେ । ପବିତ୍ର ନୀତିକାନ୍ତି ଓ ବିଧିବିଧାନ ଅନୁଯାୟୀ ରାଷ୍ଟ୍ରପତି ମା' କନ୍ଧୁଣୀ ଦେବୀଙ୍କ ନିକଟରେ ପୂଜାର୍ଚ୍ଚନା କରିବା ସହ ଦେଶର ଶାନ୍ତି, ସମୃଦ୍ଧି, ଏକତା ଏବଂ ସର୍ବସାଧାରଣଙ୍କ ମଙ୍ଗଳ କାମନା କରିଥିଲେ । ପରେ ସେ ନିକଟସ୍ଥ ମହାଦେବ ମନ୍ଦିରରେ ମଧ୍ୟ ଦର୍ଶନ କରି ଦିବ୍ୟ ଆରତିରେ ଅଂଶଗ୍ରହଣ କରିଥିଲେ ।

ଏହି ଅବିସ୍ମରଣୀୟ ଅବସରରେ ମୁଖ୍ୟ ପୂଜକ ପ୍ରଶାନ୍ତ କୁମାର ଜାନୀ ଅତ୍ୟନ୍ତ ଆନନ୍ଦିତ ହୋଇ କହିଥିଲେ । ରାଷ୍ଟ୍ରପତିଙ୍କୁ ଆମ ପ୍ରାଚୀନ ପରମ୍ପରା ଅନୁଯାୟୀ ଶଙ୍ଖଧ୍ୱନି, ଘଣ୍ଟନାଦ ଓ ବୈଦିକ ରୀତିନୀତିରେ ସ୍ୱାଗତ କରିବା ଆମ ପାଇଁ ପରମ ସୌଭାଗ୍ୟର ବିଷୟ । ମା' କନ୍ଧୁଣୀଙ୍କ ପବିତ୍ର ପୀଠର ଇତିହାସରେ ଏହା ଏକ ସ୍ୱର୍ଣ୍ଣିମ ଅଧ୍ୟାୟ । ଦେଶର ପ୍ରଥମ ନାଗରିକଙ୍କ ଏହି ପବିତ୍ର ପଦାର୍ପଣ ଆମ ସମଗ୍ର ଆଦିବାସୀ ସମ୍ପ୍ରଦାୟକୁ ଗର୍ବିତ ଓ ଆତ୍ମବିଭୋର କରିଛି। ସେ ଆହୁରି କହିଥିଲେ, ରାଷ୍ଟ୍ରପତି ସମସ୍ତ ପାରମ୍ପରିକ ନୀତିକାନ୍ତି ଅନୁଯାୟୀ ମା'ଙ୍କ ଦିବ୍ୟ ଆଶୀର୍ବାଦ ଲାଭ କରିପାରନ୍ତୁ, ସେଥିପାଇଁ ପ୍ରତ୍ୟେକ ବ୍ୟବସ୍ଥା ସୁଚାରୁରୂପେ କରାଯାଇଥିଲା । ଆମର ଦୃଢ଼ ବିଶ୍ୱାସ ଯେ ତାଙ୍କର ଏହି ପବିତ୍ର ଗସ୍ତ ତପ୍ତପାଣି ଓ ସମଗ୍ର ଆଦିବାସୀ ଅଞ୍ଚଳର ବିକାଶ, ପରିଚୟ ଓ ସମୃଦ୍ଧିର ନୂତନ ଦିଗ ଉନ୍ମୋଚନ କରିବ । ଆମେ ମା'ଙ୍କ ନିକଟରେ ତାଙ୍କର ସୁସ୍ଥ, ଦୀର୍ଘ ଓ ମଙ୍ଗଳମୟ ଜୀବନ କାମନା କରୁଛୁ । ରାଷ୍ଟ୍ରପତିଙ୍କ ଏହି ଐତିହାସିକ ଗସ୍ତକୁ ନେଇ ସମଗ୍ର ତପ୍ତପାଣି ଅଞ୍ଚଳ ଉତ୍ସବମୁଖର ହୋଇଉଠିଥିଲା । ସ୍ଥାନୀୟ ଆଦିବାସୀ ସମ୍ପ୍ରଦାୟ, ଶ୍ରଦ୍ଧାଳୁ ଓ ସାଧାରଣ ଜନସାଧାରଣ ଏହାକୁ କେବଳ ଏକ ଉଚ୍ଚସ୍ତରୀୟ ଗସ୍ତ ଭାବେ ନୁହେଁ, ବରଂ ସେମାନଙ୍କ ସଂସ୍କୃତି, ପରମ୍ପରା, ଆସ୍ଥା ଓ ଜୀବନଶୈଳୀ ପ୍ରତି ଜାତୀୟ ସମ୍ମାନର ଏକ ଅନନ୍ୟ ପ୍ରତୀକ ଭାବେ ଦେଖୁଛନ୍ତି । ରାଷ୍ଟ୍ରପତିଙ୍କ ଏହି ପବିତ୍ର ପଦାର୍ପଣ କେବଳ ମା' କନ୍ଧୁଣୀ ଦେବୀ ପୀଠର ଐତିହ୍ୟକୁ ନୂତନ ଗୌରବ ପ୍ରଦାନ କରିନାହିଁ ବରଂ ଗଞ୍ଜାମର ଆଦିବାସୀ ପରମ୍ପରା, ଧାର୍ମିକ ପର୍ଯ୍ୟଟନ ଓ ସାଂସ୍କୃତିକ ବୈଭବକୁ ଜାତୀୟ ପରିପ୍ରେକ୍ଷୀରେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି । ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ତପ୍ତପାଣି ଠାରେ ମାଁ କନ୍ଧୁଣୀ ଦେବୀ ମନ୍ଦିରରେ ପୂଜା ଅର୍ଚ୍ଚନା ଅବସରରେ ରାଜ୍ୟ ରାଜ୍ୟପାଳ ଡଃ ହରିବାବୁ କମ୍ଭମପାଟି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ ।

## ମୟୂରଭଞ୍ଜ ଓ ରାଇରଙ୍ଗପୁର ଡାକ ମଣ୍ଡଳ ସ୍ଥାନାନ୍ତର ପ୍ରସ୍ତାବ ଅବାନ୍ତର

# ଦୂରତା ବଢିବ, ସେବା ପ୍ରଭାବିତ ହେବ: ନିଷ୍ପତ୍ତି ପ୍ରତ୍ୟାହାର ଦାବି

ବାରିପଦା, (ସବ୍ୟୁ) : ଡାକ ବିଭାଗ ଅଧୀନରେ ଥିବା ମୟୂରଭଞ୍ଜ ଡାକ ମଣ୍ଡଳ ଓ ରାଇରଙ୍ଗପୁର ଡାକ ମଣ୍ଡଳକୁ ଭୁବନେଶ୍ୱର ଅଞ୍ଚଳରୁ ସମ୍ବଲପୁର ଅଞ୍ଚଳକୁ ସ୍ଥାନାନ୍ତର କରିବା ପ୍ରସ୍ତାବକୁ ନେଇ ଜିଲ୍ଲାବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ପ୍ରସ୍ତାବିତ ଏହି ପ୍ରଶାସନିକ ପୁନର୍ଗଠନକୁ ବିରୋଧ କରି ନାଗରିକମାନେ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ହସ୍ତକ୍ଷେପ ଦାବି କରିଛନ୍ତି । ନାଗରିକମାନଙ୍କ ମତ ଅନୁଯାୟୀ, ଯଦି ଏହି ପରିବର୍ତ୍ତନ କାର୍ଯ୍ୟକାରୀ ହୁଏ, ତେବେ ମୟୂରଭଞ୍ଜ ଓ ରାଇରଙ୍ଗପୁର ଡାକ ମଣ୍ଡଳର ନିୟନ୍ତ୍ରଣକାରୀ ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟ ସହ ଦୂରତା ପ୍ରାୟ ୨୫୦ କିଲୋମିଟରରୁ ୩୮୦ କିଲୋମିଟର ପର୍ଯ୍ୟନ୍ତ ବୃଦ୍ଧି ପାଇବ । ଫଳରେ ପ୍ରଶାସନିକ ତଦାରଖ, ନିୟମିତ ପରିଦର୍ଶନ, କାର୍ଯ୍ୟ ସମନ୍ୱୟ ଓ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ବିଳମ୍ବ ସୃଷ୍ଟି ହେବାର ଆଶଙ୍କା ରହିଛି । ବିଶେଷକରି ବାରିପଦା କିମ୍ବା ରାଇରଙ୍ଗପୁରରୁ ସମ୍ବଲପୁରକୁ ସିଧାସଳଖ ବସ୍ କିମ୍ବା ରେଳ ଯୋଗାଯୋଗ ସୁବିଧା ନଥିବାରୁ ଅଧିକ ଯାତାୟାତ ସମସ୍ୟା ସୃଷ୍ଟି ହେବ ବୋଲି ନାଗରିକମାନେ ଉଲ୍ଲେଖ କରିଛନ୍ତି । ଫଳରେ ଡାକ ବିଭାଗର କର୍ମଚାରୀ, ଅଧିକାରୀ ଓ ସାଧାରଣ ଲୋକମାନେ ଅସୁବିଧାର ସମ୍ମୁଖୀନ ହେବା ସହ ପ୍ରଶାସନିକ ଖର୍ଚ୍ଚ ବୃଦ୍ଧି ପାଇବ ବୋଲି ମତ ପ୍ରକାଶ ପାଇଛି ।




ମୟୂରଭଞ୍ଜ ଏକ ଆକାଂକ୍ଷୀ ଜିଲ୍ଲା ହୋଇଥିବାରୁ ଏଠାରେ ବହୁ ସଂଖ୍ୟକ ଗ୍ରାମୀଣ ଓ ଆଦିବାସୀ ଜନସାଧାରଣ ଡାକ ବିଭାଗ ଉପରେ ନିର୍ଭରଶୀଳ । ଡାକଘର ମାଧ୍ୟମରେ ବ୍ୟାଙ୍କିଙ୍ଗ ସେବା, ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି), ଡାକ ଜୀବନ ବୀମା, ସଞ୍ଚୟ ଯୋଜନା ଏବଂ ଇ-କମର୍ସ ସେବା ଲୋକଙ୍କ ପାଖରେ ପହଞ୍ଚୁଛି । ପ୍ରଶାସନିକ ନିୟନ୍ତ୍ରଣ ଦୁର୍ବଳ ହେଲେ ଏହି ସେବାଗୁଡ଼ିକ ପ୍ରଭାବିତ ହେବାର ଆଶଙ୍କା ରହିଛି । ନାଗରିକମାନେ କହିଛନ୍ତି ଯେ, କୌଣସି ପ୍ରଶାସନିକ ପୁନର୍ଗଠନ ପୂର୍ବରୁ ଭୌଗୋଳିକ ସୁବିଧା, ପ୍ରଶାସନିକ ଆବଶ୍ୟକତା, କାର୍ଯ୍ୟଭାର, ଜନସ୍ୱାର୍ଥ ଓ ସେବାର କାର୍ଯ୍ୟକ୍ଷମତାକୁ ଆଧାର କରି ଏକ ସ୍ୱଚ୍ଛ ଓ ବ୍ୟାପକ ଅଧ୍ୟୟନ କରାଯିବା ଆବଶ୍ୟକ । ଏହା ସହ ସମସ୍ତ ହିତାଧିକାରୀଙ୍କ ସହ ପରାମର୍ଶ ପରେ ହିଁ କୌଣସି ନିଷ୍ପତ୍ତି ନିଆଯିବା ଉଚିତ ବୋଲି ସେମାନେ ଦାବି କରିଛନ୍ତି । ଜିଲ୍ଲାବାସୀଙ୍କ ପକ୍ଷରୁ ତିନିଟି ପ୍ରମୁଖ ଦାବି ଉପସ୍ଥାପନ କରାଯାଇଛି । ପ୍ରଥମତଃ, ପ୍ରସ୍ତାବିତ ପରିବର୍ତ୍ତନର ସ୍ପଷ୍ଟ ଲାଭ ପ୍ରମାଣିତ ନହେବା ପର୍ଯ୍ୟନ୍ତ ବର୍ତ୍ତମାନର ପ୍ରଶାସନିକ ବ୍ୟବସ୍ଥା ଅପରିବର୍ତ୍ତିତ ରଖାଯାଉ ।

ଦ୍ୱିତୀୟତଃ, ମୟୂରଭଞ୍ଜ, ରାଇରଙ୍ଗପୁର, ବାଲେଶ୍ୱର, ଭଦ୍ରକ ଓ କେନ୍ଦୁଝରର ଡାକ ମଣ୍ଡଳକୁ ନେଇ ଏକ ସ୍ୱତନ୍ତ୍ର ଉତ୍ତର ଓଡ଼ିଶା ଡାକ ଅଞ୍ଚଳ ଗଠନ କରାଯାଇ ଏହାର ମୁଖ୍ୟାଳୟ ବାରିପଦା କିମ୍ବା ରାଇରଙ୍ଗପୁରରେ ସ୍ଥାପନ କରାଯାଉ । ତୃତୀୟତଃ, କୌଣସି ପରିବର୍ତ୍ତନ ପୂର୍ବରୁ ମୟୂରଭଞ୍ଜର ଗ୍ରାମୀଣ ଓ ଆଦିବାସୀ ଅଞ୍ଚଳର ଲୋକଙ୍କ ସୁବିଧା ଓ ସ୍ୱାର୍ଥକୁ ସମ୍ପୂର୍ଣ୍ଣ ସୁରକ୍ଷା ଦିଆଯାଉ । ଜନସାଧାରଣଙ୍କ ମତ ହେଉଛି, ପ୍ରଶାସନିକ ପୁନର୍ଗଠନର ମୂଳ ଉଦ୍ଦେଶ୍ୟ ହେଉଛି ଲୋକଙ୍କୁ ଉତ୍ତମ ସେବା ଯୋଗାଇବା । ତେଣୁ ଯେକୌଣସି ନିଷ୍ପତ୍ତି ଜନସ୍ୱାର୍ଥ ଓ ସେବାର ସୁଗମତାକୁ ଦୃଷ୍ଟିରେ ରଖି ନିଆଯିବା ଉଚିତ ।

# ଗଞ୍ଜେଇ ଜବତ, ଯୁବକ ଗିରଫ

ବ୍ରହ୍ମପୁର, (ସବ୍ୟୁ) : ଅବକାରୀ ଗୋଇନ୍ଦା ଟିମ ଆଜି ସଦର ଥାନା ଅନ୍ତର୍ଗତ ଅଙ୍କୁଶପୁର ନିକଟରୁ ଗଞ୍ଜେଇ ଜବତ କରିଛି । ବାଇକରେ ଗଞ୍ଜେଇ ଧରି ଯାଉଥିବା ବେଳେ ଧରାପଡିଛନ୍ତି । ଗିରଫ ଅଭିଯୁକ୍ତ ଜଣଙ୍କ ପୁରୀ ବଳଙ୍ଗ ଥାନା ଅନ୍ତର୍ଗତ ଛଣଘରର ବାବୁଲ ବାଛି (୨୪) । ଅଭିଯୁକ୍ତ ଜଣଙ୍କ ଧରିଥିବା ଏକ ଜରି ବସ୍ତାରୁ ୧୦କେଜି ଗଞ୍ଜେଇ ସହ ଚାଲାଣରେ ବ୍ୟବହାର ହେଉଥିବା ବାଇକ ଓ ଗୋଟିଏ ମୋବାଇଲ ଜବତ କରାଯାଇଛି । ମାମଲା ନଂ ୨୭୯/୨୬-୨୭ ରେ ତାଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି । ସେ ଉକ୍ତ ଗଞ୍ଜେଇ ଗଜପତିରୁ ଆଣି ବ୍ରହ୍ମପୁର ଦେଇ ପୁରୀ ନେଇଥାନ୍ତେ ବୋଲି ଜେରା ବେଳେ ଜଣାପଡିଛି ।

ପ୍ରକାଶ ଯେ, ବ୍ରହ୍ମପୁର ସହରକୁ ବାଇକରେ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ଡ଼ିଏସପି ଶ୍ରୁତିକାନ୍ତ ରାଉତଙ୍କ ନିର୍ଦ୍ଦେଶରେ ଏକ ଟିମ ମଙ୍ଗଳବାର ସକାଳେ ଅଙ୍କୁଶପୁର ଏସଏମଆଇଟି କଲେଜ ନିକଟରେ ଯାନବାହନ ଯାଞ୍ଚ କରିଥିଲା । ବ୍ରହ୍ମପର ପଟକୁ ଆସୁଥିବା ଏକ ବାଇକ ଚାଳକଙ୍କୁ ଅଟକାଇ ଯାଞ୍ଚ ବେଳେ ଗାଡି ପଛରେ ଥିବା ଏକ ଜରି ବସ୍ତାରେ ଗଞ୍ଜେଇ ଥିବା ଜଣାପଡିଥିଲା । ଯୁବକଙ୍କୁ ଗିରଫ କରିବା ସହ ସେ ଏକ ଜରି ବସ୍ତାରେ ଚାଲାଣ କରୁଥିବା ଉପରୋକ୍ତ ଗଞ୍ଜେଇ ଜବତ ହୋଇଥିଲା । ଚଢଉରେ ନମ୍ରତା ନାହାକ, କୁମୁଦ ପ୍ରଧାନ, କପିଳାସ ଭତ୍ରା, ପବିତ୍ର ସାମଲ, ସୀତା ମୁର୍ମୁ, ପରେଶ ବେହେରା ଓ ଡ୍ରାଇଭର ବାଦଲ ସାମିଲ ଥିଲେ ।

# ପଦ୍ମଭୂଷଣ ଦିଶୋମ ଗୁରୁ ଶିବୁ ସୋରେନଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ



ବାରିପଦା, (ସବ୍ୟୁ) : ଝାରଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ, ଝାରଖଣ୍ଡ ରାଜ୍ୟର ଅନ୍ୟତମ ପ୍ରତିଷ୍ଠାତା, ଝାରଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମଏମ୍) ର ସୁପ୍ରିମୋ ତଥା ପଦ୍ମଭୂଷଣ ସମ୍ମାନପ୍ରାପ୍ତ ଦିଶୋମ ଗୁରୁ ଶିବୁ ସୋରେନଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ସୋମବାର ବାରିପଦାସ୍ଥିତ ଗଣେଶ କଲ୍ୟାଣୀ ମଣ୍ଡପରେ ଶ୍ରଦ୍ଧା ଓ ଭକ୍ତିର ସହ ପାଳନ କରାଯାଇଛି ।

ଝାରଖଣ୍ଡ ମୁକ୍ତି ମୋର୍ଚ୍ଚାର ମୟୂରଭଞ୍ଜ ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାସଙ୍କ ନେତୃତ୍ୱରେ ଆୟୋଜିତ ସ୍ମୃତିସଭାରେ ଉପସ୍ଥିତ ନେତା ଓ ସମର୍ଥକମାନେ ଶିବୁ ସୋରେନଙ୍କ ପ୍ରତିଛବିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଏହାପରେ ତାଙ୍କ ସ୍ମୃତିଚାରଣ କରାଯାଇ ତାଙ୍କ ସଂଘର୍ଷମୟ ଜୀବନ, ସମାଜସେବା ଏବଂ ଆଦିବାସୀ ଓ ନିଷ୍ପେଷିତ ଶ୍ରେଣୀର ଅଧିକାର ପାଇଁ କରିଥିବା ଅବଦାନ ଉପରେ ଆଲୋକପାତ କରାଯାଇଥିଲା । ବକ୍ତାମାନେ କହିଥିଲେ ଯେ, ଶିବୁ ସୋରେନ ଜମିଦାରୀ ପ୍ରଥା ବିରୋଧରେ ଆନ୍ଦୋଳନ କରି ଆଦିବାସୀ ଓ ଗରିବ ଲୋକଙ୍କ ସ୍ୱର ପାଲଟିଥିଲେ । ତାଙ୍କ ନେତୃତ୍ୱ ଓ ଦୀର୍ଘ ସଂଘର୍ଷ ଫଳରେ ପୃଥକ ଝାରଖଣ୍ଡ ରାଜ୍ୟ ଗଠନ ସମ୍ଭବ ହୋଇଥିଲା । ସେ କେବଳ ଜଣେ ରାଜନେତା ନୁହେଁ, ବରଂ ଜଣେ ସମାଜ ସଂସ୍କାରକ ଭାବେ ମଧ୍ୟ ପରିଚିତ ଥିଲେ । ଆଲୋଚକମାନେ ଶ୍ରୀ ସୋରେନଙ୍କ ମୟୂରଭଞ୍ଜ ସହ ଥିବା ଘନିଷ୍ଠ ସମ୍ପର୍କର କଥା ମଧ୍ୟ ସ୍ମରଣ କରିଥିଲେ । ସେ ମୟୂରଭଞ୍ଜର ଲୋକଙ୍କୁ ବିଶେଷ ସ୍ନେହ କରୁଥିଲେ ଏବଂ ଏହି ଜିଲ୍ଲା ସହ ତାଙ୍କର ପାରିବାରିକ ସମ୍ପର୍କ ମଧ୍ୟ ରହିଥିଲା । ନିଜ ରାଜନୈତିକ ଜୀବନରେ ସେ ୧୦ ଥର ସାଂସଦ ଭାବେ ନିର୍ବାଚିତ ହୋଇଥିବା ସହ ୮ ଥର ଲୋକସଭା, ୨ ଥର ରାଜ୍ୟସଭା ସଦସ୍ୟ, କେନ୍ଦ୍ରମନ୍ତ୍ରୀ ଏବଂ ଝାରଖଣ୍ଡର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ । ଏହି ସ୍ମୃତିସଭାରେ ଜିଲ୍ଲା ଉପସଭାପତି ଜିତୁ ମହାନ୍ତ, ବିରଞ୍ଚି ପାତ୍ର, ବାରିପଦା ସହର ସଭାପତି, ଯୁବନେତା ଅମୀର ଖାନ, ସିପୁ ମୁଦୁଲି, ପରାଣ ହେମ୍ବ୍ରମ, ବବଲୁ ସିଂ, ରାଜ୍ୟ ପରିଷଦ ସଦସ୍ୟ ସୁଜିତ ବେହେରା, ପ୍ରିୟ ରଞ୍ଜନ ସୋରେନ, ହେମନ୍ତ ମହାନ୍ତ, ଶ୍ରବଣ ମହାନ୍ତ, ଦୀପକ ଗିରି, ବିଜୟ ଗୋପଙ୍କ ସମେତ ଶତାଧିକ ସମର୍ଥକ ଉପସ୍ଥିତ ଥିଲେ ।

## ବଡ଼ଭାଇଙ୍କୁ ପଥର ମାଡ଼ ସହ ହତ୍ୟା ଧମକ

# ବାପ-ପୁଅଙ୍କ ନାମରେ ମାମଲା

ବାଲିଚନ୍ଦ୍ରପୁର, (ସବ୍ୟୁ): ସାନଭାଇ ନିଜ ବଡ଼ଭାଇକୁ ବିଭିନ୍ନ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେବା ଅଭିଯୋଗ ନେଇ ଥାନାରେ ମାମଲା ରୁଜୁ ହେବାପରି ଏକ ସମ୍ବେଦନଶୀଳ ଘଟଣା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପଲାଇ ଗ୍ରାମରେ ଘଟିଛି । ହସ୍ତଗତ ହୋଇଥିବା ସୂଚନା ଅନୁଯାୟୀ ଗତ ୨ ତାରିଖ ପ୍ରତ୍ୟୁଷରେ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପଲାଇ ଗ୍ରାମର ଜନୈକ ସୁମନ୍ତ କୁମାର ଭୂୟାଁଙ୍କ ପୁଅ ସୋଠମ୍ୟସାଇ ସିଦ୍ଧାର୍ଥ ଭୂୟାଁ ତାଙ୍କର କାରକୁ ଶୁଭେନ୍ଦୁ କୁମାର ଭୂୟାଁଙ୍କ ବାସଭବନ ସମ୍ମୁଖରେ ଆଣି ରଖିଥିଲେ । ଏହା ଦେଖି କାର୍ ରଖାଯିବା ଦ୍ୱାରା ପରିବାର ଲୋକଙ୍କ ଯାତାୟତ ପାଇଁ ଅସୁବିଧା ହେବ ବୋଲି ଶୁଭେନ୍ଦୁ କହିବାରୁ ସୌମ୍ୟସାଇ ତାଙ୍କୁ ଏବଂ ତାଙ୍କ ସ୍ତ୍ରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରି ଜୀବନରୁ ମାରି ଦେବାକୁ ଧମକ ଦେଇଥିଲା । ଏହାପରେ ସୁମନ୍ତ ଘଟଣା ସ୍ଥଳରେ ପହଞ୍ଚି ବଡ଼ଭାଇ ଶୁଭେନ୍ଦୁଙ୍କୁ ଗାଳି ଗୁଲଜ କରି ତାଙ୍କୁ ଅଶ୍ଳୀଳ ଭାଷାରେ ଶୋଧିବା ସହିତ ଜୀବନରୁ ମାରି ଦେବାକୁ ଧମକ ଦେବା ସହିତ ପଥରମାଡ଼ କରିଥିଲେ । ଏଥିରେ ବଡ଼ଭାଇଙ୍କ ବାଇକ୍ ଭାଙ୍ଗିବା ନେଇ ଶୁଭେନ୍ଦୁ ଭୂୟାଁ ବାଲିଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସୁମନ୍ତ ଏବଂ ତାଙ୍କ ପୁଅ ସୋଠମ୍ୟସାଇ ବିଭିନ୍ନ ସମୟରେ ହତ୍ୟା ଧମକ ଦେଉଥିବା ନେଇ ପୂର୍ବରୁ ସେମାନଙ୍କ ନାମରେ ବାଲିଚନ୍ଦ୍ରପୁର ଓ କଟକ ମର୍କତନଗର ଥାନାରେ ମଧ୍ୟ ମାମଲା ରୁଜୁ ହୋଇଛି ।

ବାଲିଚନ୍ଦ୍ରପୁର ଥାନାରେ କେସ ନଂ ୩୧୨/୨୬ ରେ ଭାରତୀୟ ନ୍ୟାୟ ସଂହିତା ୧୨୫, ୨୯୬, ୩୫୧(୨), ୩୨୪(୨), ୩(୫) ଓ ୨୮୫ ଦଫାରେ ପୋଲିସ ଏକ ମାମଲା ରୁଜୁ କରି ପଲାଇ ଗ୍ରାମକୁ ଯାଇ ଘଟଣାର ତଦନ୍ତ ଜାରି ରହିଥିବା ନେଇ ଥାନା ଅଧିକାରୀ ଦିଲ୍ଲୀପ କୁମାର ମହାନ୍ତି ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ସୋମବାର ଦିନ ସାନଭାଇ ସୁମନ୍ତ ଭୂୟାଁ ଥାନାକୁ ଆସି ଆଉ ଏକ ପାଲଟା ଅଭିଯୋଗ କରିଥିବା ନେଇ ପୋଲିସ ସୂଚନା ଦେଇଛି ।

# ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ବାଣିଜ୍ୟ ଦିବସ



ବ୍ରହ୍ମପୁର, (ସବ୍ୟୁ) : ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ବାଣିଜ୍ୟ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ବାଣିଜ୍ୟ ବିଭାଗରେ ଏକ ଭବ୍ୟ ସଭାର ଆୟୋଜନ କରାଯାଇଥିଲା। କୁଳପତି ପ୍ରଫେସର ଅସୀମା ସାହୁଙ୍କ ପ୍ରେରଣାରେ ଆୟୋଜିତ ଏହି ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ପ୍ରକାଶ ଚନ୍ଦ୍ର ମିଶ୍ର ନିଜ ବକ୍ତବ୍ୟରେ ବିନିମୟ ବ୍ୟସ୍ଥାଠାରୁ କୃତ୍ରିମ ବୁଦ୍ଧିମତ୍ତା ପର୍ଯ୍ୟନ୍ତ ବାଣିଜ୍ୟର ବିବର୍ତ୍ତନ ଧାରା ଉପରେ ଆଲୋକପାତ କରି ଭାରତର ଅର୍ଥନୈତିକ ବିକାଶରେ ବାଣିଜ୍ୟ ଶିକ୍ଷାର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ । ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡ. ମନୋଜ କୁମାର ପଟ୍ଟନାୟକ ଅର୍ଥନୈତିକ ପ୍ରଗତିର ବାହକ ଭାବରେ ବାଣିଜ୍ୟର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବିଭାଗ ମୁଖ୍ୟ ଡ. ଅନ୍ନପୂର୍ଣ୍ଣା ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ମହେଶ କୁମାର ମିଶ୍ର ସଭା ପରିଚାଳନା କରିଥିଲେ। ଅଧ୍ୟାପିକା ଅନୀତା ପାତ୍ର ଧନ୍ୟବାଦ ଦେଇଥିଲେ ।

# ଆକ୍ରମଣ ମାମଲାରେ ଫେରାର ଅଭିଯୁକ୍ତ ଗିରଫ

ବ୍ରହ୍ମପୁର, (ସବ୍ୟୁ): ଏକ ଆକ୍ରମଣ ମାମଲାର ଅଭିଯୁକ୍ତ ଘଟଣାର ୪ ମାସ ଧରି ଫେରାର ଥିବା ବେଳେ ତାଙ୍କୁ ଆଜି ଗିରଫ କରିଛି । ସେ ହେଲେ ଧନମେରା ସାହିର ଅରୁଣ ମୁଖୀ (୨୫) । ପୋଲିସ ତାଙ୍କୁ କୋର୍ଟ ଚାଲାଣ କରିଛି ।

ପୋଲିସ ସୂଚନା ଅନୁଯାୟୀ, ଗିରଫ ଅଭିଯୁକ୍ତ ଅରୁଣ ମୁଖୀଙ୍କ ନାମରେ ପୂର୍ବରୁ ହତ୍ୟା ଉଦ୍ୟମ, ଚୋରି, ଡକାୟତି, ଆକ୍ରମଣ, ଅସ୍ତ୍ର ଆଇନ ଓ ମହିଳା ଥାନାରେ ରୁଜୁ ମାମଲା ସମେତ ଏକାଧିକ ସଙ୍ଗିନୀ ଅପରାଧିକ ମାମଲା ରହିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି । ସୂଚନା ଅନୁଯାଇ ଧାନମେରା ସାହିର ବୁଢ଼ା ବେହେରା ଓ ଅଭିଯୁକ୍ତ ଅରୁଣ ମୁଖୀଙ୍କ ମଧ୍ୟରେ ପୂର୍ବ ଶତ୍ରୁତା ଥିବାରୁ ଉଭୟଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା । ଗତ ଏପ୍ରିଲ ୨୧ ଅପାରହ୍ନରେ ଫୁଲସୁନ୍ଦରୀ ସାହିରେ ବୁଢ଼ା ବେହେରା ଏକାକୀ ଥିବାବେଳେ ଅରୁଣ ମୁଖୀ ଏକ ଖଣ୍ଡା ଧରି ସେଠାରେ ପହଞ୍ଚିଥିଲେ । ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସେ ପ୍ରଥମେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ପରେ ହତ୍ୟା ଉଦ୍ଦେଶ୍ୟରେ ବୁଢ଼ା ବେହେରାଙ୍କ ମୁଣ୍ଡକୁ ଖଣ୍ଡାରେ ଆକ୍ରମଣ କରିଥିଲେ ।

ବୁଢ଼ା ଜୀବନ ବଞ୍ଚାଇବା ଲାଗି ନିଜ ହାତ ମୁଣ୍ଡ ପାଖରେ ରଖିଥିଲେ । ଖଣ୍ଡା ଚୋଟରେ ତାଙ୍କ ବାମ ହାତରେ ଗୁରୁତର ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା । ବୁଢ଼ା ବେହେରାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଘଟଣାସ୍ଥଳକୁ ଦୌଡ଼ି ଆସି ତାଙ୍କୁ ଉଦ୍ଧାର କରିଥିଲେ । ପରେ ଆହତଙ୍କୁ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ଚିକିତ୍ସା କରାଯାଇଥିଲା ।

ପରେ ଆହତଙ୍କ ସ୍ତ୍ରୀ 'ତାରା ଘଡ଼େଇ ବଡ଼ବଜାର ଥାନାରେ ଏନେଇ ଏତଲା ଦେଇଥିଲେ । ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ କାବୁ କରିଥିଲା । ତାଙ୍କ ସ୍ୱାମୀ ଘଟଣା ପୂର୍ବରୁ ବୁଢ଼ା ବେହେରାଙ୍କ ମୋବାଇଲ ଫୋନ୍ ହଜିଯାଇଥିଲା ଏବଂ ସେ ଏନେଇ ବଡ଼ବଜାର ଥାନାରେ ସାଧାରଣ ଡାଏରୀ କରିଥିଲେ ।

# ନଦୀରେ ବୁଡି ଶିଶୁ କନ୍ୟାର ମୃତ୍ୟୁ

ବୁଗୁଡ଼ା, (ସବ୍ୟୁ) : ବୁଗୁଡ଼ା ବ୍ଲକ ଭାମଶିଆଳି ପଞ୍ଚାୟତ ଅନ୍ତର୍ଗତ କୁଆନଳା ଗ୍ରାମରେ ନଦୀରେ ବୁଡି ଯାଇ ଜଣେ ଶିଶୁକନ୍ୟାର ମୃତ୍ୟୁ ଘଟିଥିବା ଜଣାଯାଇଛି । ମୃତ ଶିଶୁ ହେଲେ ପୋଲସରା ଥାନା ଅନ୍ତର୍ଗତ ମନ୍ଦାର ଗ୍ରାମର ବୁଲୁ ବେହେରାଙ୍କ ଝିଅ ଅନ୍ନପୂର୍ଣ୍ଣା ବେହେରା (୫) । ଏନେଇ ବୁଗୁଡା ଥାନାରେ କେସ୍ ନଂ ୨୯/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି ।

ପ୍ରକାଶ ଯେ, ଅନ୍ନପୂର୍ଣ୍ଣା କୁଆନଳା ଗ୍ରାମରେ ଥିବା ତାଙ୍କର ବଡ଼ବାପାଙ୍କ ଘରକୁ ଗତକାଲି ବୁଲିବାକୁ ଆସିଥିଲେ । ଆଜି ସକାଳ ସମୟରେ ଖେଳୁଥିବା ସମୟରେ ଘର ନିକଟରେ ବହି ଯାଇଥିବା ବାଘୁଆ ନଦୀକୁ ଯାଇ ପାଣିରେ ବୁଡି ଯାଇଥିଲେ । ପରିବାର ଲୋକେ ଖୋଜାଖୋଜି କରି ଶେଷରେ ନଦୀ ପାଣିରୁ ତାଙ୍କୁ ଉଦ୍ଧାର କରି ବୁଗୁଡ଼ା ମେଡିକାଲକୁ ଆଣିଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ । ପୋଲିସ ମେଡିକାଲରେ ପହଞ୍ଚି ଶବକୁ ଜବତ କରିବା ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ଏଏସଆଇ ବାପୁଜୀ ଖଣ୍ଡଗିରି ଘଟଣାର ତଦନ୍ତ ଅଧିକାରୀ ଦାୟିତ୍ୱରେ ଥିବା ଜଣାଯାଇଛି ।

## ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ

# କୁଡ଼ମାଳି ବିଭାଗ ପ୍ରତିଷ୍ଠା ପାଇଁ ପ୍ରସ୍ତାବ

ବାରିପଦା, (ସବ୍ୟୁ) : ରାଞ୍ଚିସ୍ଥିତ ଡଃ ଶ୍ୟାମା ପ୍ରସାଦ ମୁଖାର୍ଜୀ ବିଶ୍ୱବିଦ୍ୟାଳୟର କୁଡ଼ମାଳି ବିଭାଗର ସ୍ନାତକୋତ୍ତର ଛାତ୍ରଛାତ୍ରୀ ଓ ଅଧ୍ୟାପକମାନଙ୍କର ଏକ ପ୍ରତିନିଧି ଦଳ ମୟୂରଭଞ୍ଜ ଅଞ୍ଚଳରେ ଆୟୋଜିତ ଶିକ୍ଷାଗତ ଓ ସାଂସ୍କୃତିକ କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମ ଅବସରରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିଥିଲେ । ଏହି ପ୍ରତିନିଧିଦଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତିଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରି ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ କୁଡ଼ମାଳି ଭାଷାର ଏକ ସ୍ନାତକୋତ୍ତର ବିଭାଗ ପ୍ରତିଷ୍ଠା କରିବା ପାଇଁ ଏକ ଆନୁଷ୍ଠାନିକ ପ୍ରସ୍ତାବ ପ୍ରଦାନ କରିଥିଲେ। ପ୍ରତିନିଧିମାନେ ମତ ପ୍ରକାଶ କରିଥିଲେ ଯେ, କୁଡ଼ମାଳି ପୂର୍ବ ଭାରତର ଏକ ସମୃଦ୍ଧ ଲୋକଭାଷା, ଯାହା ଆଦିବାସୀ ଓ ଅଣଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ବହୁଳ ଭାବେ ପ୍ରଚଳିତ ଏବଂ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ଏକାଧିକ ବିଶ୍ୱବିଦ୍ୟାଳୟରେ ଏହି ବିଭାଗ ସଫଳତାର ସହ ଚାଲୁଥିବାରୁ ଓଡ଼ିଶାରେ ଏହାର ପ୍ରତିଷ୍ଠା ଆଞ୍ଚଳିକ ଭାଷା ଓ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣକୁ ନୂତନ ଦିଗ ପ୍ରଦାନ କରିବ । ପ୍ରତିନିଧିମାନେ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ଓ ଜନଜାତି ଅଧ୍ୟୟନ ବିଭାଗର ଅଧ୍ୟାପକମାନଙ୍କ ସହ ସକ୍ରିୟ ଶିକ୍ଷାଗତ ସହଯୋଗ କରିବାକୁ ପ୍ରସ୍ତାବ ଦେଇଥିଲେ । ଛାତ୍ରଛାତ୍ରୀମାନେ ବିଶ୍ୱବିଦ୍ୟାଳୟ ପରିସର ପରିଦର୍ଶନ କରିବା ସହ ନୃତତ୍ତ୍ୱ ପରୀକ୍ଷାଗାରରେ ଥିବା ଆଧୁନିକ ବୈଜ୍ଞାନିକ ଉପକରଣ ସମ୍ପର୍କରେ ଅବଗତ ହୋଇଥିଲେ ଏବଂ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ସଂଗ୍ରହାଳୟରେ ସଂରକ୍ଷିତ ଦୁର୍ଲଭ ଆଞ୍ଚଳିକ ନିଦର୍ଶନ, ଆଦିବାସୀ ବସ୍ତ୍ର ଓ ଜନଜାତି କଳାକୃତିର ଅଧ୍ୟୟନ କରିଥିଲେ । ପ୍ରତିନିଧିଗଣ କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି, ନୃତତ୍ତ୍ୱ ଓ ଜନଜାତି ଅଧ୍ୟୟନ ବିଭାଗର ମୁଖ୍ୟ ଡ଼ଃ ବସନ୍ତ କୁମାର ମହାନ୍ତ ଏବଂ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟକୁ ସେମାନଙ୍କର ଶିକ୍ଷାଗତ ମାର୍ଗଦର୍ଶନ, ସମନ୍ୱୟ ଏବଂ ଆନ୍ତରିକ ଆତିଥ୍ୟ ପାଇଁ ଗଭୀର କୃତଜ୍ଞତା ଜଣାଇଥିଲେ ।

# ମନ୍ଦିରରୁ ଚୋରି : ଯୁବକ ଗିରଫ

ବ୍ରହ୍ମପୁର, (ସବ୍ୟୁ): ବଡ଼ବଜାର ଥାନା ଅଞ୍ଚଳରେ ଥିବା ଏକ ହନୁମାନ ମନ୍ଦିରରୁ ଚୋରି ହୋଇଥିଲା । ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଛି । ଅଭିଯୁକ୍ତ ଜଣଙ୍କ ହେଲେ ସଦର ଥାନା ଅନ୍ତର୍ଗତ ଅଙ୍କୁଶପୁର ଗ୍ରାମର ସନ୍ତୋଷ ମହାରଣା (୩୭) । ପୋଲିସ ଚୋରି ସାମଗ୍ରୀ ଜବତ କରିଛି । ସୂଚନା ଅନୁସାରେ, ଗଣପତି ନଗର ୪ର୍ଥ ଲେନର ବାସିନ୍ଦା ଅନିଲ ମହାକୁଡ଼ ୩ ଅଗଷ୍ଟରେ ବଡ଼ବଜାର ଥାନାରେ ଅଭିଯୋଗ କରିଥିଲେ ଯେ, ୧ ଅଗଷ୍ଟ ସକାଳେ ହନୁମାନ ମନ୍ଦିରରୁ ଆଳତି ଥାଳି, ଘଣ୍ଟି ସମେତ ବିଭିନ୍ନ ପିତ୍ତଳ ପୂଜା ସାମଗ୍ରୀ ଚୋରି ହୋଇଯାଇଥିଲା । ପରେ ୩ ଅଗଷ୍ଟ ସନ୍ଧ୍ୟା ପ୍ରାୟ ୬ଟା ୩୦ ମିନିଟରେ ଜଣେ ଅଜଣା ବ୍ୟକ୍ତି ପୁଣି ମନ୍ଦିର ଭିତରକୁ ପ୍ରବେଶ କରିଥିଲେ । ସନ୍ଦେହ ହେବାରୁ ସ୍ଥାନୀୟ ଲୋକଙ୍କ ସହ ତାଙ୍କୁ ଅଟକାଇ ତଲାସି କରାଯାଇଥିଲା । ତାଙ୍କ ନିକଟରୁ ଏକ ପ୍ଲାଷ୍ଟିକ ବ୍ୟାଗରେ ପିତ୍ତଳର ନୀଳଚକ୍ର, ଘଣ୍ଟି, ଆଳତି ଥାଳି, ପିତ୍ତଳ ଥାଳି ଓ ଖଟୁଲି ସମେତ ଚୋରି ହୋଇଥିବା ମନ୍ଦିର ସାମଗ୍ରୀ ଜବତ କରାଯାଇଥିଲା । ପଚରାଉଚରା ବେଳେ ସେ ଅଙ୍କୁଶପୁର ଗ୍ରାମର ସନ୍ତୋଷ ମହାରଣା ବୋଲି ପରିଚୟ ଦେବା ସହ ଚୋରି କରିଥିବା ସ୍ୱୀକାର କରିଥିଲେ । ଏହାପରେ ସ୍ଥାନୀୟ ଲୋକ ଅଭିଯୁକ୍ତଙ୍କୁ ଚୋରି ସାମଗ୍ରୀ ସହ ପୋଲିସ ଜିମା ଦେଇଥିଲେ ।

# ଏମକେସିଜିରେ ଚାରି ଦିନିଆ ପ୍ରଶିକ୍ଷଣ ଶିବିର



ବ୍ରହ୍ମପୁର, (ସବ୍ୟୁ): ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମକେସିଜି) ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ଲାବୋରେଟୋରୀ ମେନେଜମେଣ୍ଟ ସିଷ୍ଟମ ଏବଂ ଇଣ୍ଟରନାଲ ଅଡିଟକୁ ନେଇ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମେଡ଼ିକାଲର ବାୟୋକେମିଷ୍ଟ୍ରି ବିଭାଗ ମୁଖ୍ୟ ପ୍ରଫେସର ଡ଼ା. ନିରୁପମା ଦେବୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଏମକେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲ ଡ଼ିନ ପ୍ରଫେସର ଡ଼ା. ହରିକ୍ରିଷ୍ଣ ଦଳେଇ ଓ ଅଧୀକ୍ଷକ ପ୍ରଫେସର ଡ଼ା. ସୁଦୀପା ଦାଶ ଯୋଗଦେଇ ଶିବିରକୁ ଶୁଭାରମ୍ଭ କରିଥିଲେ।

ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ବାୟୋକେମିଷ୍ଟ୍ରି ବିଭାଗ ଓ ଦିଲ୍ଲୀସ୍ଥିତ ମେଡିକାଲ ଏଡୁକେସନ ଆଣ୍ଡ ଲର୍ଣ୍ଣିଂ ପଏଣ୍ଟ ସହଯୋଗରେ ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଉକ୍ତ ପ୍ରଶିକ୍ଷଣ ଶିବିର ଚଳିତମାସ ୪ ଠାରୁ ୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଶିବିରରେ ମେଡିକାଲ ଏଡୁକେସନ ଆଣ୍ଡ ଲର୍ଣ୍ଣିଂ ପଏଣ୍ଟର ସଭାପତି ଡ଼ା. ନିରଜ ଜୈନ୍ ଉପସ୍ଥିତ ରହି ଲାବରେଟରୀ ପରିଚାଳନା ବ୍ୟବସ୍ଥା, ଗୁଣାସକ ମାନ ନିୟନ୍ତ୍ରଣ, ଆଭ୍ୟନ୍ତରୀଣ ଅଡିଟ୍ ପ୍ରକ୍ରିୟା, ଆନ୍ତର୍ଜାତୀୟ ମାନଦଣ୍ଡ ପାଳନ ଓ ରୋଗ ନିର୍ଣ୍ଣୟ ସେବାର ଗୁଣବତ୍ତା ବୃଦ୍ଧି ସମ୍ପର୍କିତ ବିଭିନ୍ନ ବିଷୟ ଉପରେ ବିଶେଷଜ୍ଞମାନେ ଆଲୋଚନା କରିବେ ।

ଏହି କାର୍ଯ୍ୟକ୍ରମ ମାଧ୍ୟମରେ ମେଡିକାଲ କଲେଜର ଲାବରେଟରୀ ସେବାକୁ ଆଇଏସଓ ମାନଦଣ୍ଡ ଅନୁଯାୟୀ ଅଧିକ ସୁଦୃଢ଼ ଓ ରୋଗୀକେନ୍ଦ୍ରିକ କରିବା ସହ ଲାବରେଟରୀ କର୍ମଚାରୀ ଓ ସମ୍ପୃକ୍ତ ଅଧିକାରୀଙ୍କ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରାଯିବ । ଅନ୍ୟମାନଙ୍କ ମଧ୍ୟରେ ମେଡ଼ିକାଲ ପାଥୋଲୋଜି ବିଭାଗର ମୁଖ୍ୟ ପ୍ରଫେସର ଡ଼ା. ସୁଲତା ଚୌଧୁରୀ, ଆଇକ୍ରୋବାୟୋଲୋଜି ବିଭାର ମୁଖ୍ୟ ପ୍ରଫେସର ଡ଼ା. ସଂଘମିତ୍ରା ପାଢ଼ୀଙ୍କ ସମେତ ରାଜ୍ୟର ବିଭିନ୍ନ ମେଡ଼ିକାଲ କଲେଜ ଓ ହସ୍ପିଟାଲାର ଡ଼ାକ୍ତର ଉପସ୍ଥିତ ଥିଲେ ।

## ଜିଲ୍ଲାପାଳଙ୍କ ବେଲପାହାଡ଼ ଗସ୍ତ

# ଗୋ-ଶାଳାର ଭିତ୍ତିଭୂମି ସୁଧାର ଉପରେ ଗୁରୁତ୍ୱ

ଝାରସୁଗୁଡ଼ା,(ସବ୍ୟୁ) : ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ବେଲପାହାଡ଼ ପୌରାଞ୍ଚଳ ଗସ୍ତ କରି ବିଭିନ୍ନ ଚାଲିଥିବା ଉନ୍ନୟନମୂଳକ ପ୍ରକଳ୍ପର ସମୀକ୍ଷା କରିଛନ୍ତି । ଗସ୍ତ ସମୟରେ ବେଲପାହାଡ଼ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରବ ପ୍ରଧାନ ଓ ପୂର୍ତ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଗସ୍ତ ପ୍ରାରମ୍ଭରେ ଜିଲ୍ଲାପାଳ ମଳିପଡ଼ା ଅଞ୍ଚଳ ପରିଦର୍ଶନ କରି ବିଭାଗ ଦ୍ୱାରା ଆକଳନ କରାଯାଇଥିବା ପ୍ରାୟ ୨.୩୧ କୋଟି ଟଙ୍କାର ନୂତନ ଡ୍ରେନ ନିର୍ମାଣ କାର୍ଯ୍ୟର ଅନୁଧ୍ୟାନ କରିଥିଲେ । ସ୍ଥାନୀୟ ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏହି ଡ୍ରେନ ନିର୍ମାଣ କାର୍ଯ୍ୟକୁ ଆସନ୍ତା ଦେଢ଼ ମାସ ମଧ୍ୟରେ ଯୁଦ୍ଧକାଳୀନ ଭିତ୍ତିରେ ଶେଷ



କରିବାକୁ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ପରେ ଜିଲ୍ଲାପାଳ ବେଲପାହାଡ଼ ଗୋଶାଳା ପରିଦର୍ଶନ କରିଥିଲେ। ଗୋଶାଳାରେ ଅଧିକ ସଂଖ୍ୟକ ଗୋରୁଙ୍କୁ ରଖିବା ପାଇଁ ବ୍ୟବସ୍ଥା କରିବା ସହ ସମଗ୍ର ପରିସରକୁ ପରିଷ୍କାର-ପରିଚ୍ଛନ୍ନ ରଖିବାକୁ ସେ ପରାମର୍ଶ ଦେଇଛନ୍ତି । ଏହା ସହିତ ଗୋଶାଳା ପରିସରରେ ପେଭର୍ ବ୍ଲକ ବିଛାଇବା, ବିଶାଳ ପରିସରର ସଠିକ ରକ୍ଷଣାବେକ୍ଷଣ ଏବଂ ସୁରକ୍ଷା ପ୍ରାଚୀର ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ସେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## କ୍ରିକେଟ ବିବାଦରୁ ଆବାସିକ ବିଦ୍ୟାଳୟରେ ର୍ୟାଗିଂ

# ୨୭ ଛାତ୍ରଙ୍କୁ ମାଡ଼, ଭିଡିଓ ଭାଇରାଲ

ରାୟଗଡା,(ସବ୍ୟୁ) : ରାୟଗଡା ଜିଲ୍ଲାର କୋଲନରା ବ୍ଲକ ଅନ୍ତର୍ଗତ ରିଭଲକଣାସ୍ଥିତ ଏସଏସଡି ଉଚ୍ଚ ବିଦ୍ୟାଳୟ ଛାତ୍ରାବାସରେ କ୍ରିକେଟ ଖେଳ ନେଇ ର୍ୟାଗିଙ୍ଗ ଘଟଣାକୁ ନେଇ ଚାଞ୍ଚଲ୍ୟକର ଭିଡିଓ ସାମ୍ନାକୁ ଆସିଛି । ଭିଡିଓରେ ଦଶମ ଶ୍ରେଣୀର ଜଣେ ଛାତ୍ର ନବମ ଶ୍ରେଣୀର ୨୭ ଜଣ ଛାତ୍ରଙ୍କୁ ନଡ଼ିଆ ଗଛର ବାହୁଙ୍ଗା ଓ କାଠ ଫାଳିଆରେ ପିଟୁଥିବା ଦେଖିବାକୁ ମିଳିଛି । ଘଟଣାକୁ ନେଇ ଚାନ୍ଦିଲି ଥାନାରେ ମାମଲା ରୁଜୁ ହୋଇଥିବାବେଳେ ପ୍ରଶାସନ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି । ସୂଚନା ଅନୁଯାୟୀ, ଗତ ୧ ତାରିଖରେ କ୍ରିକେଟ ଖେଳକୁ କେନ୍ଦ୍ର କରି ଛାତ୍ରାବାସରେ ନବମ ଓ ଦଶମ ଶ୍ରେଣୀର ଛାତ୍ରମାନଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ନବମ ଶ୍ରେଣୀର କିଛି ଛାତ୍ର ଏହା ନେଇ ଶିକ୍ଷକଙ୍କ ନିକଟରେ ଅଭିଯୋଗ କରିଥିଲେ । ଛାତ୍ରାବାସର ସହକାରୀ ସୁପରିଣ୍ଟେଣ୍ଡେଣ୍ଟ ଡମ୍ବରୁଧର ତ୍ରିପାଠୀ ଉଭୟ ପକ୍ଷ ସହ ଆଲୋଚନା କରି ବିଷୟର ସମାଧାନ କରିଥିଲେ । ସମ୍ପୃକ୍ତ ଦଶମ ଶ୍ରେଣୀର ଛାତ୍ରଙ୍କୁ ତାଗିଦ କରିଥିଲେ। ତେବେ ଅଭିଯୋଗର ପ୍ରତିଶୋଧ ନେବା ଉଦ୍ଦେଶ୍ୟରେ ରବିବାର ରାତିରେ ସମ୍ପୃକ୍ତ ଛାତ୍ର ଏବଂ ତାଙ୍କ କିଛି ସହପାଠୀ ନବମ ଶ୍ରେଣୀର ଛାତ୍ରମାନଙ୍କୁ ଏକ କୋଠରୀକୁ ଡାକିଥିଲେ। ପୂର୍ବରୁ ନଡ଼ିଆ ବାହୁଙ୍ଗା ଓ କାଠ ଫାଳିଆ ପ୍ରସ୍ତୁତ ରଖି ସେମାନଙ୍କୁ ଜଣକ ପରେ ଜଣକୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି । ଘଟଣା ସମୟରେ କିଛି ଛାତ୍ର ମୋବାଇଲରେ ଭିଡିଓ ଧାରଣ କରିଥିଲେ ଯାହା ବର୍ତ୍ତମାନ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି । ଏନେଇ ବିଧାୟକ କାଡ୍ରାକା ଆପାଲାସ୍ୱାମି କହିଛନ୍ତି ବୁଧବାର ଆଦିବାସୀ ଉନ୍ନୟନ ବିଭାଗର କମିଟି ବୈଠକ ଅନୁଷ୍ଠିତ ହେବ ସେଠାରେ ଆଲୋଚନା କରିବା ସହ ଏପରି ଘଟଣା ପୁନରାବୃତ୍ତି ନହେବା ପାଇଁ ସରକାରଙ୍କ ଉପରେ ଚାପ ପ୍ରୟୋଗ କରାଯିବ ବୋଲି କ୍ଷୋଭ ପ୍ରକାଶ କରିଛନ୍ତି । ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓ କହିଛନ୍ତି ଘଟଣା ବିଷୟରେ ଜାଣିବା ପରେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କୁ ବିଦ୍ୟାଳୟକୁ ପଠାଯାଇ ସ୍ଥିତିର ଅନୁଧ୍ୟାନ କରାଯାଇଛି । ପୀଡ଼ିତ ଛାତ୍ରମାନଙ୍କୁ ଭେଟି ସେମାନଙ୍କୁ ଆଶ୍ୱାସନ ଦିଆଯାଇଛି । ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ହେବା ସହ ଦୋଷୀଙ୍କ ବିରୋଧରେ କଡ଼ା ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି । ଏହି ଘଟଣାକୁ ନେଇ ଅଭିଯୁକ୍ତ ଛାତ୍ର ଏବଂ ତାଙ୍କ ସହଯୋଗୀ ମାନଙ୍କ ନାମରେ ଚାନ୍ଦିଲି ଥାନାରେ ମାମଲା ନଂ୦୨୩୨/୪/୮/୨୬ ରୁଜୁ କରାଯାଇଛି । ନାବାଳକ ହୋଇଥିବାରୁ ଅଭିଯୁକ୍ତ ଛାତ୍ରଙ୍କ ପରିଚୟ ଗୋପନ ରଖାଯାଇଛି ।

# ଟିକିଲିପଡ଼ା ସେବାଶ୍ରମ ଓ କନ୍ୟାଶ୍ରମରେ ମାଙ୍କଡ଼ ଆତଙ୍କ

ଜମନକିରା,(ସବ୍ୟୁ): ଜମନକିରା ବ୍ଲକ ଟିକିଲିପଡ଼ା ପଞ୍ଚାୟତ ସଦର ମହକୁମା ଅଞ୍ଚଳରେ ମାଙ୍କଡ଼ଙ୍କ ପ୍ରାଦୁର୍ଭାବ ଓ ଉପଦ୍ରବ ଦିନକୁ ଦିନ ଅସମ୍ଭାଳ ରୂପ ଧାରଣ କରିବାରେ ଲାଗିଛି । ବିଶେଷ କରି ଟିକିଲିପଡ଼ା ଏସଏସଡି ସରକାରୀ ସେବାଶ୍ରମ ସ୍କୁଲ ଓ କନ୍ୟାଶ୍ରମ ପରିସରରେ ମାଙ୍କଡ଼ ଦଳଙ୍କ ଦୌରାତ୍ମ୍ୟ ଯୋଗୁଁ ଆତଙ୍କରାଜ ସୃଷ୍ଟି ହୋଇଛି । ସ୍କୁଲର ଶିକ୍ଷକ-ଶିକ୍ଷୟିତ୍ରୀ, କନ୍ୟାଶ୍ରମର ଅନ୍ତେବାସୀ ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ଅଭିଭାବକମାନେ ଏବେ ଭୟଭୀତ ଓ ଆତଙ୍କିତ ଅବସ୍ଥାରେଅଛନ୍ତି ।

ମିଳିଥିବା ସୂଚନା ଏବଂ ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ଦଳବଦ୍ଧ ମାଙ୍କଡ଼ମାନେ ସ୍କୁଲର ଚାରିପାଖ ସୀମା ପାଚେରୀ ଛାତ, ହଷ୍ଟେଲ ଏବଂ ଶ୍ରେଣୀଗୃହ ବାହାରେ ଡେରା ଜମାଉଛନ୍ତି। ଏହାଦ୍ୱାରା କନ୍ୟାଶ୍ରମର ଛାତ୍ରୀମାନେ ନିଜ ନିଜ ରମରୁ ବାହାରିବା ଏବଂ ସ୍କୁଲକୁ ଯିବାଆସିବା କରିବା କଷ୍ଟକର ହୋଇପଡ଼ିଛି। ମାଙ୍କଡ଼ଙ୍କ ଭୟରେ ସ୍କୁଲରେ ଶିକ୍ଷାଦାନ କାର୍ଯ୍ୟ ମଧ୍ୟ ଗୁରୁତର ଭାବେ ବାଧାପ୍ରାପ୍ତ ହେଉଛି । ହିଂସ୍ର ହୋଇ ପଡ଼ିଥିବା ଏହି ମାଙ୍କଡ଼ମାନେ ସାମ୍ନାକୁ ଆସୁଥିବା ଲୋକଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରୁଛନ୍ତି । ମାଙ୍କଡ଼ଙ୍କ କାମୁଡ଼ା ଓ ଆକ୍ରମଣରେ ଏକାଧିକ ବ୍ୟକ୍ତି ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ଅଜିତ ନାୟକ, ସ୍କୁଲ ଶିକ୍ଷକ ମୋହନ ଏହାଦାର, ସ୍କୁଲ ଛାତ୍ରୀ ଜିଜ୍ଞାସା ମିର୍ଦ୍ଧା, ଛାତ୍ରୀଙ୍କ ମେଟ୍ରନ ସଂଯୁକ୍ତା ନାୟକଙ୍କ ସମେତ ପିଲାଙ୍କୁ ଛାଡ଼ିବାକୁ ଆସୁଥିବା କେତେକ ଅଭିଭାବକ ରହିଛନ୍ତି। ବାମରା ଡିଏଫଓ ବିକ୍ରମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ସୋମବାର ଠାରୁ ଦୁଇ ଦିନ ହେବ ବନ ବିଭାଗ ପକ୍ଷରୁ ମାଙ୍କଡ଼ ତଡ଼ିବା ପାଇଁ ଉଦ୍ୟମ ଜାରି ରହିଛି । ମଙ୍ଗଳବାର ଫରେଷ୍ଟର ଶିଶିର କୁମାର ସାମଲଙ୍କ ନେତୃତ୍ୱରେ ଏକ ୫ ଜଣିଆ ବନ ବିଭାଗ ଟିମ ସ୍କୁଲ ପରିସରରେ ପହଞ୍ଚି ମୋତୟନ ହୋଇଛନ୍ତି। ସେମାନେ ସ୍କୁଲ ଓ କନ୍ୟାଶ୍ରମ ଅଞ୍ଚଳରେ ଜଗି ରହିବା ସହ ମାଙ୍କଡ଼ମାନଙ୍କୁ ସୁରକ୍ଷିତ ଭାବେ ତଡ଼ିବା ପାଇଁ ଅପରେସନ ଜାରି ରଖିଛନ୍ତି। ବନ ବିଭାଗର ଏହି ତୁରନ୍ତ ପଦକ୍ଷେପ ପରେ ସ୍ଥାନୀୟ ଲୋକେ ଓ ସ୍କୁଲ କର୍ତ୍ତୃପକ୍ଷ ଆଶ୍ୱସ୍ତି ପ୍ରକାଶ କରିଛନ୍ତି ।

# ବଳଦ ସହ ସାର ବୋଝେଇ ଟ୍ରକ୍ ଜବତ କଲେ ଉପଜିଲ୍ଲାପାଳ

ରାୟଗଡା,(ସବ୍ୟୁ): ଜିଲ୍ଲାରେ ଆଇନର ଶାସନ ସୁନିଶ୍ଚିତ କରିବା ଏବଂ ବେଆଇନ କାର୍ଯ୍ୟକଳାପ ଉପରେ ଅଙ୍କୁଶ ଲଗାଇବା ଉଦ୍ଦେଶ୍ୟରେ ରାୟଗଡା ଉପ ଜିଲ୍ଲାପାଳ ରମେଶ କୁମାର ଜେନା ଅଚାନକ ପରିଦର୍ଶନ କରିଥିଲେ । ପରିଦର୍ଶନ ସମୟରେ ଜନତା ଗାଁ ନିକଟରେ ଅମାନୁଷିକ ଭାବରେ ୬ଟି ବଳଦ ବୋଝେଇ ଯାଉଥିବା ଏକ ଗାଡ଼ିକୁ ଜବତ କରାଯାଇଥିଲା। ପରେ ଜନତା ଗାଁରୁ ଫେରୁଥିବା ବେଳେ ଘାଟି ଅଞ୍ଚଳରେ ସନ୍ଦେହଜନକ ଭାବେ ସାର ବୋଝେଇ ଯାଉଥିବା ଏକ ଟ୍ରକକୁ ମଧ୍ୟ ଅଟକାଇ ଯାଞ୍ଚ କରାଯାଇଥିଲା। ପ୍ରାଥମିକ ଯାଞ୍ଚ ପରେ ଉକ୍ତ ଟ୍ରକକୁ ମଧ୍ୟ ଜବତ କରାଯାଇଥିଲା। ଜବତ ହୋଇଥିବା ଉଭୟ ଗାଡ଼ିକୁ ପରବର୍ତ୍ତୀ ଆବଶ୍ୟକ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ରାୟଗଡା ପୋଲିସଙ୍କ ନିକଟକୁ ହସ୍ତାନ୍ତର କରାଯାଇଛି । ପ୍ରଶାସନ ପକ୍ଷରୁ ବେଆଇନ ପରିବହନ ଏବଂ ଅନ୍ୟାନ୍ୟ ଅନିୟମିତ କାର୍ଯ୍ୟକଳାପ ବିରୋଧରେ ଏଭଳି ଯାଞ୍ଚ ଓ ଚଢ଼ାଉ ଆଗାମୀ ଦିନରେ ମଧ୍ୟ ଜାରି ରହିବ ।

# ରକ୍ତଦାନ କରି ମାନବିକତା ଦେଖାଇଲେ ବିଧାୟକ

ନୂଆପଡ଼ା,(ସବ୍ୟୁ): ରକ୍ତଦାନ ହେଉଛି ମହାଦାନ । ଏହା କେବଳ ଜଣେ ରୋଗୀଙ୍କ ଜୀବନ ବଞ୍ଚାଇବାର ମାଧ୍ୟମ ନୁହେଁ, ବରଂ ମାନବିକତା, ସେବା ଓ ସାମାଜିକ ଦାୟିତ୍ୱବୋଧର ଏକ ନିଦର୍ଶନ । ଏହି ମହାନ ବାର୍ତ୍ତାକୁ ସମାଜ ମଧ୍ୟରେ ପହଞ୍ଚାଇବା ପାଇଁ ନୂଆପଡ଼ା ବିଧାୟକ ଜୟ ଢୋଲକିଆ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ରୋଗୀଙ୍କ ଆରୋଗ୍ୟ କାମନା କରି ବି-ନେଗେଟିଭ ବର୍ଗର ରକ୍ତଦାନ କରିଛନ୍ତି । ରକ୍ତଦାନ ପରେ ବିଧାୟକ ଶ୍ରୀ ଢୋଲକିଆ କହିଥିଲେ ଯେ, ଜନସେବା ହିଁ ମୋ ଜୀବନର ଲକ୍ଷ। ଜଣେ ମଣିଷର ଜୀବନ ବଞ୍ଚାଇବାଠାରୁ ବଡ଼ ପୁଣ୍ୟ କାର୍ଯ୍ୟ ଆଉ କିଛି ନାହିଁ। ଯଦି ମୋର ରକ୍ତ



ଜଣେ ରୋଗୀଙ୍କ ଜୀବନ ରକ୍ଷା କରିପାରେ, ତାହାଠାରୁ ବଡ଼ ସନ୍ତୋଷ ଆଉ କିଛି ହୋଇପାରେ ନାହିଁ।

# ପନିପରିବା ଦର ଆକାଶଛୁଆଁ ଖାଉଟି ହନ୍ତସନ୍ତ

ନର୍ଲା,(ସବ୍ୟୁ): ପାର୍ବଣ ଋତୁ ଆସିଲେ ପନିପରିବା ଦର ଆକାଶଛୁଆଁ ହୋଇଥାଏ। ବିଶେଷ କରି ଶ୍ରାବଣ ଓ କାର୍ତ୍ତିକ ମାସରେ ପରିବା ଦର ଶୁଣିଲେ ଘର ଚଳାଇବା ଚିନ୍ତା ଲାଗେ ବୋଲି ଖାଉଟିମାନେ ପ୍ରକାଶ କରିଛନ୍ତି। ଏହି ଦୁଇ ମାସରେ ଅଧିକାଂଶ ଲୋକ ନିରାମିଷ ଭୋଜନ କରିଥାନ୍ତି। ଯାହା ଫଳରେ ପନିପରିବା ଉପରେ ଲୋକଙ୍କ ନଜର ଥାଏ। ଚଳିତ ବର୍ଷର ଲଘୁଚାପ ଜନିତ ଲଗାଣ ବର୍ଷାରେ ଅଧିକାଂଶ ଜିଲ୍ଲାର ଚାଷୀଙ୍କ ପନିପରିବା ଉତ୍ପାଦନ କ୍ଷମତା କମି ଥିବା ବେଳେ ଅନ୍ୟ ରାଜ୍ୟରୁ ଆମଦାନୀ କରିବା ହେଉଛି। ଏଥିଯୋଗୁଁ ଅହେତୁକ ଦର ବୃଦ୍ଧି ହେଉଛି ବୋଲି ବ୍ୟବସାୟୀ ମାନେ ପ୍ରକାଶ କରିଛନ୍ତି । ନର୍ଲାରେ ରବିବାର ଓ ଗୁରୁବାର ଦିନ ସାପ୍ତାହିକ ହାଟ ବସୁଥିବା ବେଳେ ରୁପ୍ରାରୋଡରେ ବୁଧବାର,ବାଳିପଡା ଠାରେ ସୋମବାର,ରୁପ୍ରା ଠାରେ ମଙ୍ଗଳବାର, ଶୁକ୍ରବାର ଦିନ ଲାଖପଦର ଓ ଶନିବାର ଦିନ ବୁଢିପଦର ଭାଲୁଡୁଙ୍ଗୁରି ଠାରେ ପରିବା ହାଟ ବସିଥାଏ। ଏହି ସବୁ ହାଟରେ ଦରଦାମ ନିୟନ୍ତ୍ରଣ ଉପରେ କୌଣସି ଅଙ୍କୁଶ ଲାଗି ପାରୁ ନାହିଁ ଫଳରେ ସାଧାରଣ ଲୋକଙ୍କ ହନ୍ତସନ୍ତ ବଢ଼ି ଚାଲିଛି। ସୂଚନା ଅନୁଯାୟୀ ହାଟ ଗୁଡ଼ିକରେ ପିଆଜ କିଲୋ ୪୦ ଟଙ୍କା,ଆଳୁ କିଲୋ ୨୦ ରୁ ୩୦, ଟମାଟୋ ୫୦, ଫୁଲ କୋବି ୧୨୦, ବିନସ ୧୦୦, ବନ୍ଧାକୋବି ୫୦, ବାଇଗଣ ୬୦, କଲରା ୮୦, ଭେଣ୍ଡି ୪୦, କଞ୍ଚା ଲଙ୍କା ୧୦୦, ପୋଟଳ ୧୦୦,କାଙ୍କଡ ୧୨୦, କଦଳୀ ୬୦ ଟଙ୍କା ଦରରେ କିଲୋ ଗ୍ରାମ ପିଛା ବିକ୍ରି ହେଉଥିବାବେଳେ ଗରିବ ଖଟିଖିଆ ମାନଙ୍କୁ କାଳ ସାଜିଛି। ଗତ କିଛିଦିନ ତଳେ ପରିବା ଦର ନିୟନ୍ତ୍ରଣରେ ରହିଥିଲା କିନ୍ତୁ ଶ୍ରାବଣ ମାସ ଆସିଲା ପରେ ଏହା ଦିଗୁଣିତ ହୋଇଛି । ପ୍ରଶାସନିକ ସ୍ତରରେ ଏହାର କୌଣସି ଲଗାମ ନ ଥିବା ଯୋଗୁଁ ମନମାନିରେ ପରିବା ବ୍ୟବସାୟ ଚାଲୁଥିବା ଜଣା ପଡିଛି ।

## ସମାକୁପା ଜଙ୍ଗଲରେ କଲରାପତରିଆ ବାଘ

# ଜଙ୍ଗଲକୁ ନଯିବା ପାଇଁ ବନ ବିଭାଗର ସଚେତନତା

କନ୍ଧମାଳ ,(ସବ୍ୟୁ): ବୌଦ୍ଧ ବନଖଣ୍ଡ କନ୍ଧମାଳ ବନାଞ୍ଚଳ ନାରାୟଣ ପ୍ରସାଦ ବନ ବିଭାଗ ଅଧିନ ସମାକୁପା ଜଙ୍ଗଲ ଅଞ୍ଚଳରେ ଏକ କଲରାପତରିଆ ବାଘ ଚଳପ୍ରଚଳ କରୁଥିବା ସୂଚନା ମିଳିବା ପରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି । ଘଟଣା ସମ୍ପର୍କରେ ଖବର ପାଇବା ପରେ ବନ ବିଭାଗ ପକ୍ଷରୁ ସ୍ଥାନୀୟ ଗ୍ରାମବାସୀଙ୍କୁ ଜଙ୍ଗଲ ମଧ୍ୟକୁ ନଯିବା ପାଇଁ ସଚେତନ କରାଯାଉଛି । ବାଘର ଗତିବିଧି ଉପରେ ନଜର ରଖିବା ସହ ଗ୍ରାମବାସୀଙ୍କୁ ସୁରକ୍ଷିତ ରହିବାକୁ ବନ ବିଭାଗ କର୍ମଚାରୀ ପରାମର୍ଶ ଦେଇଛନ୍ତି । ସନ୍ଧ୍ୟା ସମୟରେ ଘରୁ ନ ବାହାରିବା ଏବଂ ଗୃହପାଳିତ ପଶୁଙ୍କୁ ସୁରକ୍ଷିତ ସ୍ଥାନରେ ରଖିବାକୁ ବନପାଳ ବରୁଣ ମୁଖୀ ନିବେଦନ କରାଯାଇଛି ।

# ଚିତ୍ରଶିଳ୍ପୀ ଓ ମୂର୍ତ୍ତି କାରିଗର ସଂଘର ନୂତନ କମିଟି ଗଠିତ

କୋକସରା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଚିତ୍ରଶିଳ୍ପୀ ଓ ମୂର୍ତ୍ତି କାରିଗର ସଂଘ ପକ୍ଷରୁ ରବିବାର ଗମ୍ଭାରୀଗୁଡ଼ା ଧାନ ମଣ୍ଡିଠାରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବରିଷ୍ଠ ଚିତ୍ରଶିଳ୍ପୀ ପ୍ରଦୀପ କୁମାର ପାଟ୍ଟଯୋଶୀ ସଭାପତିତ୍ୱ କରିଥିଲେ । ସଭାରେ କୋକସରା ବ୍ଲକର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଚିତ୍ରଶିଳ୍ପୀ ଓ ମୂର୍ତ୍ତି କାରିଗର ମାନେ ଉପସ୍ଥିତ ରହି ସଂଘର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟପନ୍ଥା ବିଷୟରେ ଆଲୋଚନା କରିଥିଲେ । ଏହି କ୍ରମରେ ପ୍ରଥମେ ଆମପାଣି, କୋକସରା ଓ ମୋଟେର ଜୋନ ସ୍ତରୀୟ ନୂତନ କର୍ମକର୍ତ୍ତା ମନୋନୀତ କରାଯାଇଥିଲା। ପରେ ତିନୋଟି ଜୋନର ସମସ୍ତ କର୍ମକର୍ତ୍ତା ଓ ସଭ୍ୟମାନଙ୍କ ସମ୍ମତି କ୍ରମେ ସ୍ଥାୟୀ ସଭାପତି ରୂପେ ଚିତ୍ରଶିଳ୍ପୀ ଯୋଗୀନ୍ଦ୍ର ନାଏକ, ଉପ-ସଭାପତି ଶିଶିର କୁମାର ପାତ୍ର, ସମ୍ପାଦକ ହେମନ୍ତ କୁମାର ଧଙ୍ଗଡାମାଝୀ, ସହ ସମ୍ପାଦକ ଦେବରାଜ ପଟେଲ, କୋଷାଧ୍ୟକ୍ଷ ହରିହର ପଟେଲଙ୍କୁ ଚୟନ କରିଥିଲେ। ଉପଦେଷ୍ଟା ଭାବରେ ପ୍ରଦୀପ କୁମାର ପାଟ୍ଟଯୋଶୀ, ଥବିର ରାଉତ, ସୁଶିଲ କୁମାର ନାଏକ, ସାଧୁରାମ ପଟେଲ, ଦେବଦତ୍ତ ମିଶ୍ର, ସୁଧାଂଶୁ ଶେଖର ସାହୁ, ନବୀନ କୁମାର ପାଟ୍ଟଯୋଶୀ, ଲାଲୁ ଖାନ, ଗଜିନ୍ଦ୍ର ନାଗ ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା। ଆଗାମୀ ଦିନରେ ବ୍ଲକରେ ଥିବା ସମସ୍ତ ଚିତ୍ରଶିଳ୍ପୀ ଓ ମୂର୍ତ୍ତି କାରିଗର ମାନଙ୍କୁ ଚିହ୍ନଟ କରି ତାଙ୍କ ସୁରକ୍ଷା ଓ ଥଇଥାନ ପାଇଁ ବିଭିନ୍ନ ଯୋଜନାମାନ ପ୍ରଣୟନ କରାଯିବା ନେଇ ସଂଘ ପକ୍ଷରୁ ମତାମତ ପ୍ରକାଶ ପାଇଛି। କାର୍ଯ୍ୟକ୍ରମକୁ ବରିଷ୍ଠ ଚିତ୍ରଶିଳ୍ପୀ ଶିଶିର କୁମାର ପାତ୍ର ସଂଯୋଜନା କରିଥିବା ବେଳେ ମୁନୁ ସାହୁ, ରମେଶ ନାଏକ, ଗଣପତି ମାଝୀ, ଶ୍ରୀକାନ୍ତ ରାଉତ, ମେଘ ଶବର, ଦେବରାଜ ମାଝୀ, ରଞ୍ଜନ କୁମାର ନାଏକ, ଭିକାରୀ ଚରଣ ମାଝୀ, ଭୀମସେନ ଶବର, ଗୋବିନ୍ଦ ପୁଝାରୀ, ପୁସ୍ତମ ରାଉତ ଓ ଅନ୍ୟ ଚିତ୍ରଶିଳ୍ପୀ ଓ ମୂର୍ତ୍ତି କାରିଗର ମାନେ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

# ଖଡ଼ିଆଳ ବ୍ଲକ୍‌ରେ ପିସି କାରବାର ଘଟଣା ଭିଡିଓ ଭାଇରାଲ

ଖଡ଼ିଆଳ,(ସବ୍ୟୁ): ଖଡ଼ିଆଳ ବ୍ଲକ କାର୍ଯ୍ୟାଳୟର ଏକ ଭିଡିଓ ଭାଇରାଲ ହେଉଥିବା ବେଳେ ଠିକା କାମର ବିଲ ପାସ କରିବା ପାଇଁ ପିଶି ପ୍ରଦାନ କରୁଥିବା ଭିଡିଓ ବୋଲି ଅଭିଯୋଗ ହେଉଛି । ଖଡ଼ିଆଳ ବ୍ଲକ ନୂଆପଡ଼ା ନରସିଂହପୁର ଠାରେ ଏକ ଠିକା କାମ କରିବାକୁ ଯାଇ ୩ ଲକ୍ଷ ୨୦ ହଜାର ଟଙ୍କା ଡ୍ରେନ ନିର୍ମାଣ ହୋଇଛି । ନିର୍ମାଣର ଅନେକ ଦିନ ପରେ ମଧ୍ୟ ବିଲ ସାପ ନେଇ ଅନେକ ଥର ବ୍ଲକ କାର୍ଯ୍ୟାଳୟ କୁ ଘୁରି ବୁଲୁଥିବା ବେଳେ ହାତ ଗୁଞ୍ଜା ଦେଇଥିବା ଅଭିଯୋଗ ହେଉଛି । ଏ ସମ୍ପର୍କରେ ଖଡ଼ିଆଳ ବିଡିଓ ମିଳନ କୁମାର ଝଙ୍କାର ଘଟଣାର ତଦନ୍ତ ପରେ ବିଭାଗୀୟ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି । କାର୍ଯ୍ୟାଳୟ ଭିତରେ ଖୁଲା ଖୋଲି ଟଙ୍କା ଗଣିବା ଠାରୁ ଆରମ୍ଭ କରି ଗଡରେଜ ଖୋଲି ଟଙ୍କା ଗ୍ରହଣ କରିବା ଦୃଶ୍ୟ ଭିଡିଓ ରେ ଭାଇରାଲ ହେଉଛି । ଠିକା କାମରେ ପାଇଁ ଟଙ୍କା ଦେଲେ କି ବୋଲି ଏଠାରେ ପ୍ରଶ୍ନବାଚୀ । କିନ୍ତୁ ଟଙ୍କା ଲେନ ଦେନ ଭିଡିଓ ଭାଇରାଲ ବ୍ଲକ କାର୍ଯ୍ୟ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ଟଙ୍କା ଦେବା ବ୍ୟକ୍ତି ଜଣକ ବିଷ୍ଣୁ ବାଗ ଏବଂ କିରାଣୀ ମୋହନ ବାଗ ନାମକ ବ୍ୟକ୍ତି ଦେଖାଯାଉଛନ୍ତି । ପୂର୍ବରୁ ଭିଜିଲାନ୍ସ କେସ ଚାଲୁ ଥିବା ଜଣାପଡିଛି । ତଦନ୍ତ ପରେ ଘଟଣାର ସତ୍ୟତା ଜଣାପଡ଼ିବ ।

## ଲୋୟର ସୁକତେଲ ଡ୍ୟାମରେ ଜଳବନ୍ଦୀରେ ଜୀବଜନ୍ତୁ

# ପକ୍ଷୀ କରିଡର ନିର୍ମାଣ ଦାବି

ବଲାଙ୍ଗିର,(ସବ୍ୟୁ) : ବଲାଙ୍ଗିର ଜିଲ୍ଲା ମାଗୁରବେଡା ଲୋୟର ସୁକତେଲ ଡ୍ୟାମ ମଣିଷ ଏବଂ ମନ୍ଦିର ଗୁଡିକରେ ମହାପ୍ରଭୁ ବିସ୍ଥାପିତ ହୋଇଥିଲେ । ଲୋକଙ୍କୁ ଘରଦ୍ୱାର ଭଙ୍ଗା ହୋଇ ବିଭିନ୍ନ ଚାଷ ଜମି ମଧ୍ୟ କ୍ଷତିଗ୍ରସ୍ତ ହେଲା । ଚାଷୀଙ୍କ ହକ ପାଇଁ ବିଭିନ୍ନ ସମୟରେ ବିରାଟ ଆନ୍ଦୋଳନ ହୋଇ ଦିଲ୍ଲୀରୁ ପଲ୍ଲୀ ପର୍ଯ୍ୟନ୍ତ ଲୋୟର ସୁକତେଲ ଡ୍ୟାମ ନିର୍ମାଣ ହୋଇଥିଲା । ନିଜ ଗ୍ରାମର ଭିଟାମାଟି ଛାଡି ବିସ୍ଥାପିତ ହୋଇଥିଲେ ଦେବା ଦେବୀ ମଧ୍ୟ । ବିଭିନ୍ନ ଗାଁ ରେ ଲକ୍ଷ ଲକ୍ଷ ଗଛ କାଟି ଜଳବନ୍ଦିରେ ଜଙ୍ଗଲ ନଷ୍ଟ ହୋଇଗଲା । ସରକାର ନିଷ୍ପତ୍ତି ନ ନେଇ ପାରିଥିଲା ଜିବଜନ୍ତୁ ପାଇଁ । ଏବେ ଜୀବଜନ୍ତୁ ଜଳବନ୍ଦିରେ ଡ୍ୟାମରେ ପାଣି ରହିଥିବାରୁ ରାଜପଥରେ ଜିବଜନ୍ତୁ ବୁଲୁଛନ୍ତି । ଜଙ୍ଗଲ ନଷ୍ଟ ହୋଇଯିବାରୁ ଏମାନଙ୍କର ଆଶ୍ରୟ ସ୍ଥଳ ପାଲଟିଛି । ବରାହ, କୁଟୁରା, ଠେକୁଆ, ଜାତୀୟ ପକ୍ଷୀ ମୟୁର, ଲୋୟର ସୁକତେଲ ଡ୍ୟାମ ପାଖରେ ଏମାନଙ୍କୁ ଦେଖିବାକୁ ମିଳୁଛି । ଏମାନଙ୍କ ସୁରକ୍ଷା ପାଇଁ ଦେବାଳୟ ଐତିହ୍ୟ ସୁରକ୍ଷା କମିଟି ବଲାଙ୍ଗିର ଡିଏଫଓ କାର୍ଯ୍ୟାଳୟ ସୁରକ୍ଷା ପାଇଁ କମିଟି ଦାବିପତ୍ର ପ୍ରଦାନ କରିଛି । ଏସିଏଫ ମାନସ ରଂଜନ ବେହେରା ଦାବିପତ୍ର ଗ୍ରହଣ କରିଛନ୍ତି । କମିଟି ଚାରିଗୋଟି ପ୍ରସ୍ତାବ ଦାବିପତ୍ର ରେ ପ୍ରଦାନ କରିଛି । ଜଳବନ୍ଦିରେ ଥିବା ଜିବଜନ୍ତୁଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରାଯାଉ, ଲୋୟର ସୁକତେଲ ଡ୍ୟାମ ଚାରି ପାର୍ଶ୍ୱରେ ସଚେତନତା ବୋର୍ଡ ଲଗାଯାଉ, ଜାତୀୟ ପକ୍ଷୀ ମୟୁର ଓ ବିଭିନ୍ନ ପ୍ରଜାତିର ପକ୍ଷୀଙ୍କ ପାଇଁ କରିଡର ନିର୍ମାଣ ବିଭାଗ ପର୍ଯ୍ୟନ୍ତ ଏକ କମିଟି ଗଠନ କରି ବେଧଡକ ଶିକାର ଚାଲିଥିବା ଶିକାରୀମାନଙ୍କୁ ଧରିବା ପାଇଁ ଏକ କମିଟି ଗଢାଯାଉ । ଏକ ସଚେତନା ସଭା ମଧ୍ୟ କରାଯାଉ ବୋଲି ଦାବିପତ୍ର ରେ ଦିଆଯାଇଛି । ପତ୍ରରେ ଉଲ୍ଲେଖ କରାଯାଇଛି ଯେ ଜାତୀୟ ପକ୍ଷୀ ମୟୁର ଆଇନରେ ସାତ ବର୍ଷ କାରାଗାରରେ ଦଣ୍ଡିତ ହେବା ପାଇଁ ବ୍ୟବଧାନ କରାଯାଉ ଓ ସୁରକ୍ଷା ପାଇଁ ଦାବି ଉଠାଇଥିଲେ । ସଭାପତି ଜୟକୃଷ୍ଣ ମିଶ୍ରଙ୍କ ନେତୃତ୍ୱରେ ସଂପାଦକ ପ୍ରଶାନ୍ତ ମହାକୁର,ଅର୍ଜୁନ ସାହୁ, ସହ ସଂପାଦକ ଶମ୍ଭୁ ପ୍ରସାଦ ଶତପଥି, କୋଷାଧ୍ୟକ୍ଷ ଭବାନି ଶଙ୍କର ଭୋଇ, ରିଣ୍ଟୁ ସାହୁ, ସତ୍ୟନାରାୟଣ ତ୍ରିପାଠି ପ୍ରମୁଖ ସାମିଲ ଥିଲେ ।

# ଘର ତାଲା ଭାଙ୍ଗି ଚୋରି, ଅଭିଯୁକ୍ତ ଗିରଫ

ସମ୍ବଲପୁର,(ସବ୍ୟୁ): ଘର ତାଲା ଭାଙ୍ଗି ଚୋରି ମାମଲାରେ ଧନୁପାଲି ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ତାଙ୍କ ନିକରୁ ନଗଦ ୨୦ହଜାର ଟଙ୍କା, ସୁନା ହାର ଓ ରୁପା ଅଳଙ୍କାର ଆଦି ଜବତ ହୋଇଛି। ଏନେଇ ୨୫୬/୨୬ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି। ସୂଚନାଯୋଗଯ, ସାକ୍ଷୀପଡା ନୁଯ ବଯାଙ୍କ କଲୋନୀର ଏଲିୟସ କେର୍କେଟା ଗତ ୧୬ଜୁଲାଇରେ କୌଣସି କାମରେ କୋଲକାତା ଯାଇଥିଲେ। ଘରେ କେହି ନଥିବା ବେଳେ ଏହାର ସୁଯୋଗ ନେଇ ଗତ ୧୯ତାରିଖ ଅପରାହ୍ନରେ ଦୁର୍ବୃତ୍ତ ଘରର ତାଲା ଭାଙ୍ଗି ଆଲମାରୀରୁ ଉପରୋକ୍ତ ସାମଗ୍ରୀ ଚୋରି କରି ନେଇଥିଲା। ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ତଦନ୍ତ ବେଳେ ସିସିଟିଭି ଆଧାରରେ କୁମ୍ଭାରପଡାର ଜଳେଶ୍ୱର ସାହୁ(୨୦)ଙ୍କୁ ଗିରଫ କରିଛି।

# ଦ ପାୱାର ଅଫ୍ ଟ୍ରୁଥ ପକ୍ଷରୁ ସମ୍ବଲପୁରୀ ଦିନ ପାଳିତ



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଉପକଣ୍ଠସ୍ଥ ସିନ୍ଦୁରପଙ୍କ ସ୍ଥିତ ଦ ପାୱାର ଅଫ୍ ଟ୍ରୁଥ ସଂସ୍ଥା ପକ୍ଷରୁ ସମ୍ବଲପୁରୀ ଦିନ ପାଳିତ ହୋଇଯାଇଛି । ଭିମ ଆର୍ମି ରାଜଯ ସଭାପତି ଲଙ୍କେଶ ରାବଣ ମୁଖଯ ଅତିଥି, ମୂଳ ନିବାସୀ ସେନାର ହେମନ୍ତ ଗର୍ଡିଆ, ସାମାଜସେବୀ ସୁନୀଲ ପଟ୍ଟନାୟକ, ଯଦୁମଣି ନାଗ, ଦାମୋଦର ମଲ୍ଲିକ, ସୁଦୀପ ପଟ୍ଟନାୟକ, ପୁଷ୍ପିତା ଦାସ, ଚାଷୀ ନେତା ରାମ ସାଗର ସାହୁ, ରାଜେଶ ପ୍ରଧାନ, ରାଜେନ୍ଦ୍ର ଧର, ପ୍ରମୋଦ ମଲ୍ଲି, ଭବାନୀ ଶଙ୍କର ସୋହେଲା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସମ୍ବଲପୁରୀ ଦିନ୍‌ର ମହତ୍ୱ ଓ ଗୁରୁ ସତଯନାରାୟଣ ବହିଦାରଙ୍କ ଜୟନ୍ତୀ ସମ୍ପର୍କରେ ଆଲୋକପାତ କରିଥିଲେ । ମାନସ ବୁଶ ଓ ଦି ପାୱାର ଅଫ୍ ଟ୍ରୁଥ ସଂସ୍ଥାର କର୍ମକର୍ତ୍ତା ମାନେ କାଯର୍ଯକ୍ରମ ପରିଚାଳନା କରିଥିଲେ । ଶେଷରେ ସଂସ୍ଥାର ମୁଖଯ ସୁବାଷ ସାହାଣୀ ଧନଯବାଦ ଅର୍ପଣ କରିଥିଲେ ।

# ବିଦ୍ୟାଳୟ ଭିତରେ ପ୍ରଧାନଶିକ୍ଷକଙ୍କୁ ମାଡ଼

ଧର୍ମଗଡ଼,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ଅଧିନସ୍ଥ ଥନଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଜି ମଧ୍ୟାହ୍ନ ଭୋଜନ ପରିବେଷଣ ସମୟରେ ଘଟିଥିବା ଏକ ଲଜ୍ଜାଜନକ ଘଟଣା ସମଗ୍ର ଶିକ୍ଷକ ସମାଜକୁ ସ୍ତବ୍ଧ କରିଦେଇଛି। ଅଭିଯୋଗ ଅନୁସାରେ, ସୁବାସ ସୁନାନୀ ନାମକ ଜଣେ ବ୍ୟକ୍ତି ନିଶାସକ୍ତ ଅବସ୍ଥାରେ ବିଦ୍ୟାଳୟରେ ପ୍ରବେଶ କରି ପ୍ରଧାନଶିକ୍ଷକ ସରୋଜ କୁମାର ଧଙ୍ଗଡାମାଝି ଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ନିର୍ମମ ଭାବେ ଆକ୍ରମଣ କରିଥିଲେ। ଫଳରେ ପ୍ରଧାନଶିକ୍ଷକ ରକ୍ତାକ୍ତ ହୋଇପଡ଼ିଥିଲେ। ସହକର୍ମୀ ଶିକ୍ଷକ ଓ ସ୍ଥାନୀୟ ଲୋକଙ୍କ ହସ୍ତକ୍ଷେପରେ ତାଙ୍କୁ ଉଦ୍ଧାର କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ୧୧୨ ହେଲ୍ପଲାଇନକୁ ସୂଚନା ଦେବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଅଭିଯୁକ୍ତ ନିକଟସ୍ଥ ପଞ୍ଜିଆ ଗ୍ରାମର ବାସିନ୍ଦା ହୋଇଥିବା ବେଳେ ତାଙ୍କ ଶାଶୁ ଏସ,ଏଚ.ଜି ସଭ୍ୟା ରୂପେ ବିଦ୍ୟାଳୟ ର ମଧ୍ୟାହ୍ନ ଭୋଜନ ଦାୟୀତ୍ୱ ତୁଲାଉ ଥିଲେ । ଘଟଣାର କାରଣ ସମ୍ପର୍କରେ ଅଭିଯୋଗ ହୋଇଛି ଯେ, ମଧ୍ୟାହ୍ନ ଭୋଜନର ନିମ୍ନ ମାନର ନେଇ ପୂର୍ବରୁ ଉଠିଥିବା



ପ୍ରସଙ୍ଗ ଏବଂ ବିଦ୍ୟାଳୟ ପରିଚାଳନା କମିଟି ବୈଠକରେ ଏହାକୁ ଆଲୋଚନା ନ କରିବାକୁ ଦିଆଯାଇଥିବା ଧମକ ସହ ଏହି ଘଟଣାର ସମ୍ପର୍କ ଥାଇପାରେ । ସୂଚନାଯୋଗ୍ୟ, ଆହତ ପ୍ରଧାନଶିକ୍ଷକ ଜଣେ ଭଦ୍ର, ସରଳ, କର୍ମଠ ଓ ଲୋକପ୍ରିୟ ଶିକ୍ଷକ ଭାବେ ପରିଚିତ । ହାତ ଭାଙ୍ଗିଥିବା ସତ୍ତ୍ୱେ ମଧ୍ୟ ସେ ବି.ଏଲ.ଓ ଦାୟୀତ୍ୱ ରେ ଥାଇ ଏସ.ଆଇ.ଆର୍ ପରି ସରକାରୀ ଦାୟିତ୍ୱ ନିଷ୍ଠାର ସହ ପାଳନ କରିଆସୁଥିବା କଥା ସହକର୍ମୀମାନେ କହିଛନ୍ତି। ଏହି ଘଟଣା ପରେ ବିଦ୍ୟାଳୟର ଶିକ୍ଷକମାନଙ୍କ ମଧ୍ୟରେ ଭୟର ପରିବେଶ ସୃଷ୍ଟି ହୋଇଛି । ଯେଉଁ ଶିକ୍ଷକମାନେ ଜାତିର ଭବିଷ୍ୟତ ଗଢ଼ନ୍ତି, ସେମାନେ ଯଦି ନିଜ କର୍ମକ୍ଷେତ୍ରରେ ହିଁ ଅସୁରକ୍ଷିତ ଅନୁଭବ କରିବେ, ତେବେ ଏହା ସମାଜ ପାଇଁ ଅତ୍ୟନ୍ତ ଚିନ୍ତାଜନକ । ଶିକ୍ଷକଙ୍କ ପ୍ରତି ସମ୍ମାନବୋଧର ଅବକ୍ଷୟ ଓ ବଢୁଥିବା ହିଂସା ପ୍ରବୃତ୍ତି ସମାଜର ମୂଲ୍ୟବୋଧ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଏହି ଘଟଣାର ନିରପେକ୍ଷ ତଦନ୍ତ, ଦୋଷୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଏବଂ ବିଦ୍ୟାଳୟଗୁଡ଼ିକରେ ଶିକ୍ଷକଙ୍କ ସୁରକ୍ଷା ପାଇଁ ସ୍ଥାୟୀ ବ୍ୟବସ୍ଥା କରିବାକୁ ବିଭିନ୍ନ ମହଲରୁ ଦାବି ଜୋର ଧରିଛି ।

### ଆଶ୍ରମ ସ୍କୁଲ ହଷ୍ଟେଲରୁ ଛାତ୍ର ନିଖୋଜ ଘଟଣା

## ୩ ଦିନ ପରେ ବି ମିଳିନି ପତ୍ତା

ଜମନକିରା,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ଅନ୍ତର୍ଗତ ଷଣ୍ଢପଥର ଏସଏସଡି ସରକାରୀ ଉଚ୍ଚ ବିଦ୍ୟାଳୟ (ଆଶ୍ରମ ସ୍କୁଲ) ହଷ୍ଟେଲରୁ ନବମ ଶ୍ରେଣୀ ଛାତ୍ର ରୋହିତ ମୁଣ୍ଡା (୧୭) ନିଖୋଜ ହେବା ଘଟଣାକୁ ମଙ୍ଗଳବାର ୩ ଦିନ ପୂରିଥିଲେ ମଧ୍ୟ ତାଙ୍କର କୌଣସି ସୁରାକ ମିଳିପାରି ନାହିଁ । ଛାତ୍ରଜଣକ କେଉଁଆଡ଼େ ଗଲେ, ସେ ନେଇ ସସପେନ୍ସ ଜାରି ରହିଥିବା ବେଳେ ପରିବାର ଲୋକଙ୍କ ଚିନ୍ତା ବଢ଼ିବାରେ ଲାଗିଛି ।

ମିଳିଥିବା ସୂଚନା ମୁତାବକ, ଅଇଁଠାପାଲି ଥାନା ଅନ୍ତର୍ଗତ ମେଲଛାମୁଣ୍ଡା ଗାଁର ରୋହିତ ଗତ ରବିବାର ସକାଳେ ସହପାଠୀଙ୍କ ସହ ଟିଫିନ କରିବା ପରେ ମଧ୍ୟାହ୍ନ ଭୋଜନ ସମୟରୁ ଗାୟବ ଅଛନ୍ତି । ନିଖୋଜର ୩ ଦିନ ପରେ ମଧ୍ୟ ପୋଲିସ କିମ୍ବା ସ୍କୁଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ସ୍ପଷ୍ଟ ଖବର ନମିଳିବାରୁ ଆଜି ରୋହିତଙ୍କ ବାପା-ମା'ଙ୍କ ସହ ପରିବାର ଓ ସମ୍ପର୍କୀୟଙ୍କର ୭ ରୁ ୮ ଜଣିଆ ଟିମ ସ୍କୁଲରେ ପହଞ୍ଚିଥିଲେ । ସେଠାରେ ସେମାନେ ଶିକ୍ଷକ, ହଷ୍ଟେଲ କର୍ମଚାରୀ ଓ ସହପାଠୀମାନଙ୍କୁ ପଚରାଉଚରା କରିବା ପରେ ସିଧାସଳଖ ଜମନକିରା ଥାନାକୁ ଯାଇଥିବା କଥା ପିଲାର ବଡ଼ମା ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି । ପରିବାର ଲୋକ ଥାନାରେ ପୋଲିସ ଅଧିକାରୀଙ୍କ ସହ ଆଲୋଚନା କରି ରୋହିତଙ୍କ ସନ୍ଧାନ ଶୀଘ୍ର ଲଗାଇବାକୁ ନିବେଦନ କରିଛନ୍ତି। ଅନ୍ୟପଟେ, ଜମନକିରା ଥାନା ପୋଲିସ ମାମଲା ରୁଜୁ କରି ତଦନ୍ତ କାର୍ଯ୍ୟକୁ ଆହୁରି ଜୋରଦାର କରିଛି । ଛାତ୍ରଙ୍କ ନିକଟରୁ ଜବତ ହୋଇଥିବା ମୋବାଇଲ ଫୋନକୁ ସିଡିଆର ଯାଞ୍ଚ ପାଇଁ ପଠାଯାଇଥିବା ବେଳେ ଆଖପାଖ ସ୍ଥାନ ଅଞ୍ଚଳରେ ଖୋଜା ଖୋଜି ଜାରି ରଖିଥିବା ନେଇ ଥାନା ଅଧିକାରୀ ରଞ୍ଜନ ନାଗ ପ୍ରକାଶ କରିଛନ୍ତି।

### ତବଲବାଞ୍ଜିରେ ଉତ୍ତେଜନା

## ବିସ୍ଥାପନକୁ ବିରୋଧ, ଡ୍ୟାମ୍ ପାଣି ବଢ଼ିବାରେ ବଢ଼ୁଛି ଚିନ୍ତା

ବଲାଙ୍ଗିର,(ସବ୍ୟୁ): ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପରେ ଚଳିତ ବର୍ଷ ପ୍ରଥମ ଥର ପାଇଁ ପୂର୍ଣ୍ଣ କ୍ଷମତାରେ ପାଣି ସଂରକ୍ଷଣ କରାଯାଉଛି । ଏହା ସହିତ ଜଳସ୍ତର ବୃଦ୍ଧି ପାଇବାରୁ ବୁଡ଼ି ଅଞ୍ଚଳର ବିଭିନ୍ନ ଗାଁ ଧୀରେ ଧୀରେ ଜଳମଗ୍ନ ହେବାରେ ଲାଗିଛି । ସେଥିମଧ୍ୟରେ ସମ୍ପୂର୍ଣ୍ଣ ବୁଡ଼ି ଅଞ୍ଚଳରେ ଥିବା କୁମିଆଁପାଲି ଓ ଆଂଶିକ ବୁଡ଼ି ଅଞ୍ଚଳର ତବଲବାଞ୍ଜି ଗାଁର ବିସ୍ଥାପନ ପ୍ରକ୍ରିୟା ଏବେ ପ୍ରଶାସନ ପାଇଁ ବଡ଼ ଚ୍ୟାଲେଞ୍ଜ ପାଲଟିଛି । ଏକପଟେ ଡ୍ୟାମରେ ପାଣି ବଢ଼ୁଥିବା ବେଳେ ଅନ୍ୟପଟେ ଗ୍ରାମବାସୀଙ୍କ ବିରୋଧ ଯୋଗୁଁ ବିସ୍ଥାପନ କାର୍ଯ୍ୟ ଆଗକୁ ବଢ଼ିପାରୁନାହିଁ । କୁମିଆଁପାଲି ଗାଁର ୮୪ଟି ଆଦିବାସୀ ପରିବାର ଉଚିତ କ୍ଷତିପୂରଣ ଓ ପୁନର୍ବାସ ଦାବିରେ ଏପର୍ଯ୍ୟନ୍ତ ଗାଁ ଛାଡ଼ିବାକୁ ରାଜି ହୋଇନାହାନ୍ତି । ସରକାରଙ୍କ ପକ୍ଷରୁ ବାରମ୍ବାର ଆଲୋଚନା ହେଉଥିଲେ ମଧ୍ୟ ସେମାନେ ନିଜ ଦାବିରେ ଅଡ଼ି ରହିଛନ୍ତି । ଏହି ପରିସ୍ଥିତିରେ ତବଲବାଞ୍ଜି ଗାଁରେ ମଧ୍ୟ ସମାନ ଚିତ୍ର ଦେଖିବାକୁ ମିଳିଛି । ତବଲବାଞ୍ଜି ଗାଁର ଅଧିକାଂଶ ବିସ୍ଥାପିତ ପରିବାର କ୍ଷତିପୂରଣ ଟଙ୍କା ଗ୍ରହଣ କରିଥିଲେ ମଧ୍ୟ କିଛି ପରିବାର ଏପର୍ଯ୍ୟନ୍ତ ସେହି ସହାୟତା ପାଇନାହାନ୍ତି । ଗ୍ରାମବାସୀଙ୍କ ଅଭିଯୋଗ, ସର୍ଭେ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ସେମାନଙ୍କ ନାମରେ କ୍ଷତିପୂରଣ ମଞ୍ଜୁର ହୋଇନାହିଁ । ତେଣୁ ସମସ୍ତଙ୍କୁ ସମାନ ଭାବେ କ୍ଷତିପୂରଣ ଦେବା ପରେ ହିଁ ବିସ୍ଥାପନ ପ୍ରକ୍ରିୟା ଆରମ୍ଭ କରିବାକୁ ସେମାନେ ଦାବି କରୁଛନ୍ତି । ଏହାଛଡ଼ା ଗ୍ରାମବାସୀଙ୍କ ଆଉ ଏକ ବଡ଼ ସମସ୍ୟା ହେଉଛି ପୁନର୍ବାସ ସ୍ଥାନ। ଗାଁର ଘରବାଡ଼ି ଜଳମଗ୍ନ ହେଉଥିବା ବେଳେ ସେମାନଙ୍କ ଚାଷଜମି ସମ୍ପୂର୍ଣ୍ଣ ବୁଡୁନାହିଁ । କିନ୍ତୁ



ପ୍ରଶାସନ ପକ୍ଷରୁ ପ୍ରାୟ ୧୫ କିଲୋମିଟର ଦୂର କୁଶମେଲ ଗାଁ ନିକଟରେ ଥଇଥାନ ପାଇଁ ଜମି ଚିହ୍ନଟ କରାଯାଇଛି । ଏହାକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ସେମାନଙ୍କ କହିବା କଥା, ଦୂରରେ ରହି ପ୍ରତିଦିନ ଚାଷଜମିକୁ ଯିବା ସମ୍ଭବ ନୁହେଁ । ତେଣୁ ଗାଁ ନିକଟରେ ଘରଡିହ ଯୋଗାଇ ପୁନର୍ବାସ କରାଯାଉ ବୋଲି ସେମାନେ ଦାବି କରୁଛନ୍ତି । ମଙ୍ଗଳବାର ଏହି ବିବାଦ ଆହୁରି ତୀବ୍ର ହୋଇଥିଲା । ପୋଲିସ ଫୋର୍ସ ସହ ପ୍ରଶାସନିକ ଅଧିକାରୀମାନେ ତବଲବାଞ୍ଜି ଗାଁରେ ପହଞ୍ଚି ବିସ୍ଥାପନ କାର୍ଯ୍ୟ ଆରମ୍ଭ କରିବାକୁ ଉଦ୍ୟମ କରିଥିଲେ । କିନ୍ତୁ ଗ୍ରାମବାସୀ ଏକଜୁଟ ହୋଇ ପ୍ରବଳ ବିରୋଧ କରିବା ସହ ଆନ୍ଦୋଳନ କରିଥିଲେ । ଫଳରେ ପ୍ରଶାସନିକ ଟିମ ଗାଁ ଭିତରକୁ ପ୍ରବେଶ କରିପାରିନଥିଲା ଏବଂ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇପଡ଼ିଥିଲା ।

ଅନ୍ୟପଟେ ପ୍ରକଳ୍ପର ନିର୍ବାହୀ ଯନ୍ତ୍ରୀ କହିଛନ୍ତି, ଗ୍ରାମବାସୀଙ୍କ ସମସ୍ତ ଦାବିକୁ ପର୍ଯ୍ୟାୟକ୍ରମେ ପୂରଣ କରାଯିବ । କିନ୍ତୁ ପ୍ରଶାସନିକ ପ୍ରକ୍ରିୟା ଓ ଆଇନଗତ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ କିଛି ସମୟ ଲାଗିବ। ସେ କହିଛନ୍ତି, ଡ୍ୟାମର ଜଳସ୍ତର ଲଗାତାର ବଢ଼ୁଥିବାରୁ ଲୋକଙ୍କ ଜୀବନ ସୁରକ୍ଷା ପାଇଁ ଶୀଘ୍ର ବିସ୍ଥାପନ କରିବା ଅତ୍ୟନ୍ତ ଜରୁରୀ । ଲୋୟର ସୁକତେଲ ପ୍ରକଳ୍ପକୁ ପଶ୍ଚିମ ଓଡ଼ିଶାର କୃଷି ବିକାଶ ପାଇଁ ଏକ ବଡ଼ ପଦକ୍ଷେପ ବୋଲି କୁହାଯାଉଥିବା ବେଳେ, ବିସ୍ଥାପିତଙ୍କ ପୁନର୍ବାସ ଓ କ୍ଷତିପୂରଣ ପ୍ରସଙ୍ଗ ପୁଣି ଥରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁକୁ ଆସିଛି । ଡ୍ୟାମରେ ପାଣି ବଢ଼ୁଥିବା ବେଳେ ପ୍ରଶାସନ କେତେ ଶୀଘ୍ର ଲୋକଙ୍କ ସମସ୍ୟାର ସମାଧାନ କରିପାରୁଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି ।

### ଏନସିସି ନାଭାଲ ୟୁନିଟ ଅଧିକାରୀଙ୍କ ଅବହେଳା

## ଆଦିବାସୀ ଛାତ୍ରୀମାନେ ହଷ୍ଟେଲ ସୁବିଧାରୁ ବଞ୍ଚିତ

ଭବାନୀପାଟଣା,(ସବ୍ୟୁ): ସର୍ବ ପୁରାତନ ସୁନାମଧନ୍ୟ ବ୍ରଜମୋହନ ହାଇସ୍କୁଲର ଆଦିବାସୀ ହଷ୍ଟେଲକୁ ଏନ୍ସିସି ନାଭାଲ ୟୁନିଟ ଦୀର୍ଘ ବର୍ଷ ଧରି ବେନୀୟମ ଭାବରେ ମାଡି ବସିଥିବାରୁ କଳାହାଣ୍ଡି ଜିଲ୍ଲାର ଦୁର୍ଗମ ଅଞ୍ଚଳରୁ ପାଠ ପଢିବା ପାଇଁ ଆସୁଥିବା ଦଳିତ, ଆଦିବାସୀ ଛାତ୍ରୀମାନେ ହଷ୍ଟେଲ ସୁବିଧା ନଥିବା ଯୋଗୁଁ ବହୁ ଅସୁବିଧାର ସମ୍ମୁଖିନ ହୋଇ ଅନେକ ଛାତ୍ରୀ ପାଠପଢା ଛାଡି ଚାଲିଯାଉଥିବା ଦେଖାଦେଉଛି । ମିଳିଥିବା ସୂଚନା ଅନୁଯାୟୀ ୨୦୧୨ ମସିହାରେ ଓ ସରକାରଙ୍କ ସ୍କୁଲ ଓ ଗଣ ଶିକ୍ଷା ବିଭାଗର ପତ୍ର ସଂଖ୍ୟା ୩୦୮୫୧/ ୨୯.୦୯.୨୦୧୨ ଅନୁସାରେ ବ୍ରଜମୋହନ ହାଇସ୍କୁଲର ଆଦିବାସୀ ହଷ୍ଟେଲରେ ଅସ୍ଥାୟୀ ଭାବରେ ଏନସିକସି ନାଭାଲ ୟୁନିଟ ଆରମ୍ଭ କରିବାକୁ ଅନୁମତୀ ପ୍ରଦାନ କରାଯାଇଥିଲା। ଦୀର୍ଘ ବର୍ଷ ଧରି ଉକ୍ତ ହଷ୍ଟେଲରେ ଅଫିସ ଖୋଲି ଅନ୍ୟତ୍ର ନାଭାଲ ୟୁନିଟ ନିଜ ଅଫିସ ତିଆରି କରୁନଥିବା ଏବଂ ହଷ୍ଟେଲ ଛାଡୁନଥିବାରୁ ବିଭିନ୍ନ ସମୟରେ ଜିଲ୍ଲା ପ୍ରଶାସନର ଅଧିକାରୀମାନେ ହଷ୍ଟେଲ ଖାଲି କରିବା ସକାଶେ ପତ୍ରାଳାପ କରିଛନ୍ତି। କଳାହାଣ୍ଡି ଜିଲ୍ଲାପାଳ ଉକ୍ତ ହଷ୍ଟେଲକୁ ଖାଲିକରିବା ସକାଶେ ପତ୍ର ସଂଖ୍ୟା ୧୭୦/ଡି.ଇ.ଭି/୧୮.୦୬.୨୦୧୫ ଜରିଆରେ ନାଭାଲ ୟୁନିଟକୁ ପତ୍ର ଦେଇଥିଲେ ମଧ୍ୟ ସେମାନେ ଏଯାଏଁ ଖାଲି କରିନାହାନ୍ତି। ହଷ୍ଟେଲ ହସ୍ତାନ୍ତର ନ ହେବାରୁ ଜିଲ୍ଲାପାଳ କଳାହାଣ୍ଡି କମିସନର୍ ଓ ଗଣଶିକ୍ଷା ବିଭାଗକୁ ନାଭାଲ ୟୁନିଟକୁ ଅନୁମତୀ ଦେଇଥିବା ଆଦେଶକୁ ରଦ୍ଦ କରି ତୁରନ୍ତ ହଷ୍ଟେଲ ବ୍ରହମୋହନ ହାଇସ୍କୁଲକୁ ହସ୍ତାନ୍ତର କରିବା ପାଇଁ ଅନୁରୋଧ କରିଥିଲେ। ପତ୍ର ପାଇବା ପରେ ସ୍କୁଲ ଓ ଗଣଶିକ୍ଷା କମିଶନର୍ / ସେକ୍ରେଟାରୀ ପତ୍ର ନଂ.୬୪୦୩/ ଡିଏମଇ/୩୧.୦୩.୨୦୨୬ ରେ ପୂର୍ବରୁ ଦିଆଯାଇଥିବା ଅନୁମତୀ ରଦ୍ଦ କରାଯାଇ ହଷ୍ଟେଲ ପାଇଁ ନାଭାଲ ୟୁନିଟ ଖାଲି କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଦୀର୍ଘ ବର୍ଷ ଧରି ଆଜିଯାଏଁ ନାଭାଲ ୟୁନିଟ ଏନ୍ସିସିର ଅଧିକାରୀମାନେ ସରକାରୀ ଆଦେଶକୁ ବେଖାତିର କରି ଆଦିବାସୀ ହଷ୍ଟେଲକୁ ବ୍ରଜମୋହନ ହାଇସ୍କୁଲକୁ ହସ୍ତାନ୍ତର କରୁନଥିବାରୁ ଚଳିତ ବର୍ଷ ମଧ୍ୟ ଅନେକ ଦଳିତ ଆଦିବାସୀ ଛାତ୍ରୀ ହଷ୍ଟେଲ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ରାଜ୍ୟ ସରକାର ତୁରନ୍ତ ଏ ଦିଗରେ ହସ୍ତକ୍ଷେପ କରି ଉକ୍ତ ହଷ୍ଟେଲକୁ ବ୍ରଜମୋହନ ହାଇସ୍କୁଲକୁ ହସ୍ତାନ୍ତର କରିବା ପାଇଁ ବିଭିନ୍ନ ଆଦିବାସୀ ସଂଗଠନ ଓ ବୁଦ୍ଧିଜୀବୀମାନେ ଦାବୀ କରିଛନ୍ତି।

## ମହାରାଜା ପ୍ରତାପ କେଶରୀ ଦେଓ ଘୁମୁରା ଏକାଡେମୀର ପ୍ରତିଷ୍ଠା ଦିବସ ପାଳିତ

ଭବାନୀପାଟଣା,(ସବ୍ୟୁ): ସ୍ଥାନୀୟ ମହାବୀର ସାଂସ୍କୃତିକ ଅନୁଷ୍ଠାନର ପୃଷ୍ଠପୋଷକତାରେ ପରିଚାଳିତ ମହାରାଜା ପ୍ରତାପ କେଶରୀ ଦେଓ ଘୁମୁରା ଏକାଡେମୀର ୪୬ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଅଗଷ୍ଟ ପହିଲା ଦିନ ଏହି ଦିବସ ପାଳନ କରାଯାଇଥାଏ । ସନ୍ଧ୍ୟାରୁ ରାତିଯାଏଁ ଘୁମୁରାକୁନେଇ ଅନେକ ଆଲୋଚନା ଏବଂ ଜୀବନାଭୂତି ବାଢ଼ିଥିଲେ ଉପସ୍ଥିତ ଅତିଥି ଓ କଳା ସଂସ୍କୃତିପ୍ରେମୀ । ସମଗ୍ର ଓଡ଼ିଶା କାହିଁକି ଦେଶ ତଥା ବିଶ୍ୱରେ ଖ୍ୟାତି ଓ ସମ୍ମାନ ଲାଭ କରିପାରିଛି ଘୁମୁରା। କଳାହାଣ୍ଡିର ପ୍ରାଚୀନ ଲୋକ ନୃତ୍ୟ ଘୁମୁରା ଆନ୍ତର୍ଜାତିକ ସ୍ତରରେ ବେଶ ସୁନାମ ଅର୍ଜନ କରିଛି । ଏବେ ବି ନିଜର ସତ୍ତା ସ୍ୱାତନ୍ତ୍ରତାକୁ ଅକ୍ଷୁର୍ଣ୍ଣ ରଖିବାରେ ସମର୍ଥ ହୋଇଛି। ଛାନ୍ଦ ଚୌପଦି ଘୁମୁରା ଗୀତକୁ ଅଧିକ ରସୋଦୀପ୍ତ କରୁଥିବାବେଳେ ଧନି ଉତ୍ପନ୍ନ କରୁଥିବା ଆଦିବାଦ୍ୟ ଘୁମୁରାର ରୂପ ହିଁ ନିଆରା। ପୋଷାକ, ନୃତ୍ୟ, ବାଦ୍ୟ ଚାତୁରିରେ ଉନ୍ନତ ଅଣାଯାଇ ଘୁମୁରାର ମୌଳିକତା ରକ୍ଷାଦିଗରେ ସମସ୍ତେ ମନୋନିବେଶ ଓ ଆନ୍ତରିକ ପ୍ରୟାସ କରିବା ଆଜି ପାଇଁ ସବୁଠାରୁ ବଡ ଆହ୍ୱାନ ବୋଲି ମୁଖ୍ୟ ଅତିଥି ବ୍ୟକ୍ତ କରିଥିଲେ। ଏହି ଅବସରରେ ଏମ.ଏସ.ଏ.ର ସଭାପତି ଶାନ୍ତନୁ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭବାନୀପାଟଣା ପୌର ପାଳିକାର ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ପ୍ରଧାନ ଯୋଗ ଦେଇଥିଲାବେଳେ ମୁଖ୍ୟବକ୍ତା ଭାବେ ସ୍ଥାନୀୟ ଜୟପ୍ରକାଶ ସାନ୍ଧ୍ୟ ମହାବିଦ୍ୟାଳୟର ଅଧ୍ୟକ୍ଷ ପରମେଶ୍ୱର ମୁଣ୍ଡ, ସମ୍ମାନିତ ଅତିଥିଭାବେ ଭାରପ୍ରାପ୍ତ ଜିଲ୍ଲା ଲୋକସମ୍ପର୍କ ଅଧିକାରୀ ଦିନେଶ ଚନ୍ଦ୍ର କହଁର, ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟର ମାଇଁ ଭାରତ ଯୁବକେନ୍ଦ୍ର କଳାହାଣ୍ଡିର ଯୁବ ଅଧିକାରୀ ବଂଶ ଶର୍ମା, ଅନ୍ୟତମ ଅତିଥିଭାବେ ଅନୁଷ୍ଠାନର ସାଧାରଣ ସମ୍ପାଦକ ସତ୍ୟନାରାୟଣ ସିଂ, ଉପସଭାପତି ସଞ୍ଜୟ କୁମାର, ସଂଯୁକ୍ତ ସାଧାରଣ ସମ୍ପାଦକ ସଞ୍ଜୀବ ସିଂ ଓ ନାଟ୍ୟ ସମ୍ପାଦକ ସୁଶାନ୍ତ କୁମାର ସିଂ ଉପସ୍ଥିତ ଥିଲେ। ଏହି ଅବସରରେ ଘୁମୁରା ନୃତ୍ୟ ପାଇଁ ଉଲ୍ଲେଖନୀୟ ଅବଦାନ ନିମନ୍ତେ ତିନି ଜଣ ଘୁମୁରା କଳାକାର ଜିତେନ୍ଦ୍ର ରଣା, ନରେଶ ବିଶି ଓ ଉପେନ୍ଦ୍ର ଗୌଡ଼ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ନାଟ୍ୟସମ୍ପାଦକ ସୁଶାନ୍ତ କୁମାର ସିଂ ଧନ୍ୟବାଦ ଅର୍ପଣ କରିଥିଲେ।ମଞ୍ଚ ପରିଚାଳନା କରିଥିଲେ ସଞ୍ଜୀବ କୁମାର ସିଂ।ଏଠାରେ ଉଲ୍ଲେଖ ଯୋଗ୍ୟଯେ ଆଜିକୁ ୪୬ ବର୍ଷ ପୂର୍ବେ କଳାହାଣ୍ଡି ଜିଲ୍ଲାର ଲୋକପ୍ରିୟ ଘୁମୁରା ନୃତ୍ୟକୁ ଅଧିକରୁ ଅଧିକ ଲୋକଲୋଚନକୁ ଆଣିବା ପାଇଁ ଓ ପରମ୍ପରାକୁ ବଜାୟ ରଖିବା ପାଇଁ ମହାବୀର ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଏହି ଘୁମୁରା ଏକାଡେମୀ ପ୍ରତିଷ୍ଠା କରାଯାଇଥିଲା। ଆଗାମୀ ଦିନରେ ଯୁବ ପିଢ଼ିଙ୍କୁ ସାମିଲ କରିବା ପଢ଼ିଁ ହାଇସ୍କୁଲ ଓ କଲେଜ ଛାତ୍ରମାନଙ୍କୁ ଉତ୍ସାହିତ କରିବାକୁ ପ୍ରସ୍ତାବ ଦିଆଯାଇ ସଭା ସମାପ୍ତ ହୋଇଥିଲା।

## ଦୁର୍ଘଟଣାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

ସମ୍ବଲପୁର, (ସବ୍ୟୁ): ସମ୍ବଲପୁର ଜିଲ୍ଲା ଧମା ଥାନା ଅନ୍ତର୍ଗତ ହୋତାପାଲ ଛକ ନିକଟରେ ମଙ୍ଗଳବାର ଅପରାହ୍ନରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଟ୍ରକ(ଓଆର୧୫ଏଚ-୧୧୯୭) ବିନକା ପଟୁ ଏକ ବାଇକ(ଓଆର୦୨ଏୟୁ-୦୫୬୯) କୁ ପଛ ପଟୁ ଧକ୍କା ଦେଇଥିଲା। ଫଳରେ ବାଇକ ଆରୋହୀ ପ୍ରେମାନନ୍ଦ ସାହୁ ଗୁରୁତର ଆହାତ ହୋଇଥିଲେ। ସ୍ଥାନୀୟ ଲୋକମାନେ ତୁରନ୍ତ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଦୁର୍ଘଟଣା ପରେ ଘଟଣାସ୍ଥଳରୁ ଟ୍ରକଟିକୁ ପୋଲିସ ଜବତ କରିଛି । ମାତ୍ର ଚାଳକ ଫେରାର ଥିବା ଜଣାପଡିଛି । ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବୁର୍ଲା ଭିମସାରରେ ଶବଗୃହରେ ରଖାଯାଇଛି । ପରିବାର ଲୋକ ଆସିଲା ପରେ ବୁଧବାର ଶବ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି । ମୃତକଙ୍କ ପରିବାର ଲୋକଙ୍କୁ ଏ ନେଇ ସୂଚନା ଦିଆଯାଇଛି ।

## ୧୩ ଗ୍ରାମ ବ୍ରାଉନସୁଗର ସହ ୨ ମହିଳା ଗିରଫ

ସମ୍ବଲପୁର, (ସବ୍ୟୁ): ସମ୍ବଲପୁର ଟାଉନ ଥାନା ଅନ୍ତର୍ଗତ ସାହୁ କୋଲୋନୀ ନିକଟରୁ ପୋଲିସ ଚଢ଼ାଉ କରି ବିପୁଳ ପରିମାଣର ବ୍ରାଉନ ସୁଗର ଜବତ କରିଛି । ଏହି ଘଟଣାରେ ଦୁଇଜଣ ମହିଳାଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୧୩ ଗ୍ରାମ ବ୍ରାଉନ୍ସୁଗର, ଗୋଟିଏ ସ୍କୁଟି, ୨ଟି ମୋବାଇଲ ଫୋନ ଏବଂ ନଗଦ ୨୬,୪୨୦ ଟଙ୍କା ଜବତ ହୋଇଛି । ଏହି ନେଇ ଟାଉନ ଥାନାରେ ୨୫୩ /୨୬ରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ କରୁଛି । ସୂଚନାଯୋଗ୍ୟ, ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଟାଉନ ଥାନା ପୋଲିସ ଟିମ ସାହୁ କୋଲୋନୀ ନିକଟରେ ଚଢ଼ାଉ କରିଥିଲା। ଚଢାଉ ବେଳେ ମୁଦିପଡ଼ାର ଇସ୍ପିଭା ଶ୍ରେଷ୍ଠ ବାହାଦୁର(୧୯) ଓ ରେଙ୍ଗାଲି ଗଣେଶ ନଗର ଅଞ୍ଚଳର ପାଲ ଓରାମ(୪୫)ଙ୍କୁ ଉପରୋକ୍ତ ନିଶା ସାମଗ୍ରୀ ସହ ଗିରଫ କରିଛି ।

## ବୃଦ୍ଧଙ୍କୁ ନିସ୍ତୁକ ମାଡ଼ ମାରିଲେ ବନ ବିଭାଗ କର୍ମଚାରୀ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ବଡ଼ମୁଣ୍ଡାଲୋଇ ଗ୍ରାମର ଜଣେ ବୃଦ୍ଧଙ୍କୁ କିଛି ବନ ବିଭାଗ କର୍ମଚାରୀ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏନେଇ ସେ କୁସୁମି ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏହାର ତଦନ୍ତ ଆରମ୍ଭ କରିଛି। ତେବେ ଘଟଣାର ୨୪ଘଣ୍ଟା ପରେ ମଧ୍ୟ ପୋଲିସ ମାମଲା ରୁଜୁ କରିନଥିବା ଜଣାପଡିଛି। ତଦନ୍ତ ଆଳରେ ଘଟଣାକୁ ଚପାଇ ଦେବା ଉଦ୍ୟମ କରାଯାଉଛି। ସୂଚନାଯୋଗ୍ୟ, ମହୁଲପାଲି ଥାନା ଅନ୍ତର୍ଗତ ବଡ଼ମୁଣ୍ଡାଲୋଇ ଗ୍ରାମର ପିୟୁଷ ଡୁଙ୍ଗଡୁଙ୍ଗ(୫୨)ଙ୍କ ଘରେ ବନ ବିଭାଗର ୱାଚର ରତ୍ନାକର ପାତ୍ର ମୂଲ୍ୟବାନ କାଠପଟ୍ଟା ରଖି ବ୍ୟବସାୟ କରୁଥିଲେ। ଏହା ଜଣାପଡିବା ପରେ ଗ୍ରାମବାସୀ ମାନେ ଏ ସମ୍ପର୍କରେ ବନ ବିଭାଗକୁ ଅବଗତ କରିଥିଲେ। ମାତ୍ର ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନଥିଲା। ଏଭଳିସ୍ଥଳେ ଗ୍ରାମର କିଛି ସଚେତନ ଯୁବକ କାଠ ଚୋରି ସମୟର ଭିଡିଓ କରି ସାମାଜିକ ଗଣମାଧ୍ୟମରେ ଭାଇରାଲ କରିଥିଲେ। ଫଳରେ ବନ ବିଭାଗର କଳା କାରନାମା ପଦାକୁ ଆସିଥିଲା। ୱାଚର ରତ୍ନାକର ପାଖ ଜଙ୍ଗଲରୁ ମୂଲ୍ୟବାନ ଗଛ କାଟି ତାଙ୍କ ଘରେ ରଖି ବ୍ୟବସାୟ କରୁଥିବା ପିୟୁଷ କହିଥିଲେ। ଏହା ଜଣାପଡିବା ପରେ ୱାଚର ରତ୍ନାକରଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିଲା। ଏହି କାଠ ଚୋରି ରୟାକେଟ୍‌ରେ ବଡ ବଡ ବନ ବିଭାଗ ଅଧିକାରୀଙ୍କ ହାତ ରହିଛି। ତେଣୁ ପିୟୁଷଙ୍କୁ ଧମକଚମକ ଦେବା ପାଇଁ ଗତ ୩ତାରିଖରେ ବନ ବିଭାଗର କିଛି କର୍ମଚାରୀ ତାଙ୍କୁ ବଳପୂର୍ବକ ଗାଡିରେ ଉଠାଇ ନେଇଥିଲେ। କାଠ ଚୋରି ସମ୍ପର୍କରେ ପଚାରିବା ଆଳରେ ତାଙ୍କୁ ରେଞ୍ଜର ଲେଖାରାଣୀ ମହାନନ୍ଦଙ୍କ ସମେତ ଫରେଷ୍ଟର ଓ ଫରେଷ୍ଟ ଗାର୍ଡ ନିସ୍ତୁକ ମାଡ଼ ମାରିଥିଲେ। ଏପରିକି ସାର୍ଟ ଓ ଧୋତି ଖୋଲି ମାଡ଼ ମାରିବା ସହ କାହାକୁ ନକହିବାକୁ ଧମକ ମଧ୍ୟ ଦେଇଥିଲେ। ତେବେ ତାଙ୍କ ଶରୀରରେ ଗଭୀର କ୍ଷତ ହୋଇଥିବା ବେଳେ ସେ ଚିକିତ୍ସାଧିନ ଅଛନ୍ତି। ଏ ସମ୍ପର୍କରେ କୁଚିଣ୍ଡା ଏସ୍‌ଡିପିଓ ପ୍ରଦୀପ କୁମାର ଦାଶଙ୍କୁ ପଚାରିବାକୁ ଅଭିଯୋଗ ପରେ ଏହାର ତଦନ୍ତ କରାଯାଉଛି ବୋଲି କହିଥିଲେ। ଅନ୍ୟପଟେ ଗ୍ରାମବାସୀ ମାନେ ସଠିକ୍ ନ୍ୟାୟ ପ୍ରଦାନ ଦାବି କରିଛନ୍ତି।

## ଅନ୍‌ଲାଇନ ଠକେଇ : ସୋଲାର ଲାଇଟ ବଦଳରେ ଲୁଣ ପାକେଟ

କନ୍ଧମାଳ, (ସବ୍ୟୁ) : ସଠିକ ଯାଞ୍ଚ ଓ ସାମାନ୍ୟ ଅସାବଧାନତାରୁ ବହୁ ଅନଲାଇନ କ୍ରେତା ମାନେ ଠକ କମ୍ପାନୀର ଠକାମୀର ଶୀକାର ହୋଇଥାନ୍ତି । ଏଭଳି ଏକ ଘଟଣା ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ରେଙ୍ଗାଲି ପଞ୍ଚାୟତ ଅନ୍ତର୍ଗତ କମଘାଟ ଗ୍ରାମର ଜନୈକ ବ୍ୟକ୍ତି ଅନଲାଇନ ଠକାମୀ ର ଶୀକାର ହୋଇଥିବା ଅଭିଯୋଗରୁ ଜଣାଯାଇଛି । ମିଳିଥିବା ସୂଚନାନୁସାରେ କନ୍ଧମାଳ ବ୍ଲକ କମଘାଟ ଗାଁ ର ଶମ୍ଭୁ ପ୍ରସାଦ ସାହୁ ନାମକ ଜଣେ ବ୍ୟକ୍ତି ଫେସବୁକ ରେ ଗୋଟାଏ ଲିଙ୍କ ରେ ୧୩୯୯ ମୁଲ୍ୟ ର ଏକ ସୋଲାର ଲାଇଟ ଅର୍ଡର କରିଥିଲେ । ଅର୍ଡର ମୁତାବକ ଡେଲିଭରି ବୟ ଶମ୍ଭୁଙ୍କୁ ଏକ ପାର୍ସଲ ହସ୍ତାନ୍ତର କରିଥିଲେ । ପାର୍ସଲ ପାଇବାପରେ ଶମ୍ଭୁ ଡେଲି ଭରି ବୟ ସାମନାରେ ପାର୍ସଲ ଖୋଲି ଦେଖିଥିଲେ । ପାର୍ସଲଟି ଖୋଲିବା ପରେ ସେଥିରେ ଏକ ୩୦ ଟଙ୍କାର ଲୁଣ ପକେଟ ଥିବା ଦେଖିବାକୁ ମିଳିଥିଲା । ସଙ୍ଗେ ସଙ୍ଗେ ଡେଲିଭରି ବୟ କୁ ଫେରସ୍ତ କରିବାକୁ କହିବାରୁ ଡେଲିଭରି ବୟ ମନା କରିଥିଲେ, ଯେହେତୁ ଓପନ ବକ୍ସ ନ ଥିଲା । ଡେଲିଭରି ବୟକୁ ପଚାରିବାରୁ ସେ କହିଲେ ଆପଣ କମ୍ପାନୀ ସହ ଯୋଗାଯୋଗ କରନ୍ତୁ । କମ୍ପାନୀ କୁ ଯୋଗାଯୋଗ କରିବାରୁ ୱେବସାଇଟ ରେ ରିଟର୍ଣ୍ଣ ନାହିଁ, କି ଏହି ୮୭୯୬୮୬୦୫୭୭ ମୋବାଇଲ ନମ୍ବର ରେ କଲ ରିସିଭ କରୁନାହିଁ ତ ଆଉ କେତେବେଳେ ମୋବାଇଲ ସ୍ୱିଚ ଅଫ କରି ଦେଉଛି ।

## ଶିକ୍ଷକଙ୍କ ପ୍ରମୋଶନ ଗ୍ରେଡେସନ ତାଲିକାରେ ଅନିୟମିତତା, ବିଇଓଙ୍କୁ ଦାବିପତ୍ର

ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ପ୍ରାରମ୍ଭିକ ନିଯୁକ୍ତ ସ୍ନାତକ ଶିକ୍ଷକ (କ୍ୟାଟାଗୋରୀ -୨)ସଂଘ ତରଫରୁ ଓଡ଼ିଶାରେ ପ୍ରୋଭିଜିନାଲ ଗ୍ରେଡେସନ ତାଲିକାରେ ବ୍ୟାପକ ଅନିୟମିତତା ହୋଇଥିବା ଦର୍ଶାଇ ଏକ ଦାବିପତ୍ର ମୁରିବାହାଲ ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତନୁ କୁମାର ପଡିହାରୀଙ୍କୁ ପ୍ରଦାନ କରାଯାଇଛି । ବହୁ ଶିକ୍ଷକ/ଶିକ୍ଷୟିତ୍ରୀ ଚାକିରି ପାଇବା ପରେ ଉଚ୍ଚ ଶିକ୍ଷା ଓ ଓଟିଇଟି -୨ ପାସ କରି ମୂଳତଃ ସ୍ନାତକ ପଦରେ ନିୟୋଜିତ ଶିକ୍ଷକଙ୍କ ଗ୍ରେଡେସନ ତାଲିକାର ଉର୍ଦ୍ଧ ସ୍ଥାନରେ ସ୍ଥାନିତ ହୋଇଥିବାର ଅଭିଯୋଗ ହୋଇଛି। ଏହାକୁ ଓଡିଶା ପ୍ରାଥମିକ ଶିକ୍ଷା ନିୟମ ୧୯୯୭ ଏବଂ ୨୦୧୯ ଭିତ୍ତିରେ ତୁରନ୍ତ ସଂଶୋଧନ କରିବାକୁ ସଂଘ ଦୃଢ଼ ଦାବି କରିଛି। ମୁରିବାହାଲ ବ୍ଲକ ସଂଘ ପକ୍ଷରୁ ଶିକ୍ଷକ ଶଶିକାନ୍ତ ନାଗ, ଥବିର ସାହୁ ,ଲିଲୁମୋହନ ପଧାନ,ଧନଞ୍ଜୟ ତାଣ୍ଡି, ସୁଶାନ୍ତ କୁମାର ପାଢ଼ୀ ଏବଂ ସୁଶାନ୍ତ କୁମାର ବେହେରା ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ ।

### ଖପ୍ରାଖୋଲରେ ଭାଜପାର


## ମଣ୍ଡଳସ୍ତରୀୟ କାର୍ଯ୍ୟକର୍ତ୍ତା ବୈଠକ

ଖପ୍ରାଖୋଲ,(ସବ୍ୟୁ): ସ୍ଥାନୀୟ ଭାଜପା କାର୍ଯ୍ୟାଳୟ ପରିସରରେ ମଣ୍ଡଳ ସ୍ତରୀୟ ମାସିକ କାର୍ଯ୍ୟକର୍ତ୍ତା ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ମଣ୍ଡଳ ସଭାପତି ଉମାକାନ୍ତ ପ୍ରଧାନ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏସ ଆଇ ଆର, ତ୍ରିରଙ୍ଗା ଯାତ୍ରା, ସନ୍ଥ ଶିରୋମଣି ରବିଦାସ ଜୟନ୍ତୀ ସମାରୋହ, ସାଙ୍ଗଠନିକ ଦକ୍ଷତା ବୃଦ୍ଧି, ସରଳ ଆପ ର ବ୍ୟବହାର ଉପରେ ଆଲୋଚନା ହୋଇଥିଲା। ବୈଠକରେ ଉପ ମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମକୁମାର ବରିହା,ଜିଲ୍ଲା ପ୍ରତିନିଧି ପ୍ରଶାନ୍ତ କୁମାର ମେହେର, ସାଧାରଣ ସଂପାଦକ ସୁଦୀପ ପଧାନ,କର୍ଣ୍ଣ ସିଂ ଠାକୁର, ସତ୍ୟାନନ୍ଦ ସେନ୍ଦ୍ରିଆ, ଜନାର୍ଦ୍ଦନ ସୁନା, ଲଳିତ ବାଗ, ହରିବୋଲ ପୋଡ, ଦୟାନିଧି ସାହୁ, ଗଗନ ଘନା ପ୍ରମୁଖ ମଣ୍ଡଳ କମିଟି ର କାର୍ଯ୍ୟକର୍ତା ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

### ସମ୍ବଲପୁର ଜିଲ୍ଲା ଯୋଜନା ବୋର୍ଡ ପୁନର୍ଗଠିତ

## ବିଜେପି ମନ୍ତ୍ରୀ ଅଧ୍ୟକ୍ଷ, ବିଜେଡି ସଦସ୍ୟ ଅଧିକ


ସମ୍ବଲପୁର,(ସବ୍ୟୁ) : ସମ୍ବଲପୁର ଜିଲ୍ଲା ଯୋଜନା ବୋର୍ଡ ପୁନର୍ଗଠିତ ହୋଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ବୋର୍ଡର ଅଧ୍ୟକ୍ଷ ଦାୟିତ୍ୱ ଦିଆଯାଇଛି । ଅନ୍ୟପଟେ ବୋର୍ଡର ସମସ୍ତ ୧୧ଟି ସଦସ୍ୟ ପଦକୁ ବିଜେଡି ଅକ୍ତିଆର କରିଛି । ବିଜେଡି ସଦସ୍ୟଙ୍କ ସଂଖ୍ୟା ଅଧିକ ଥିବାବେଳେ ଅଧ୍ୟକ୍ଷ ପଦରେ ବିଜେପି ମନ୍ତ୍ରୀ ରହିଥିବା ନେଇ ରାଜନୀତି ମହଲରେ ବେଶ ଚର୍ଚ୍ଚା ହେଉଛି । ପଞ୍ଚାୟତ ଓ ପୌର ସଂସ୍ଥାର ଉନ୍ନୟନ ଯୋଜନାକୁ ଏକତ୍ରିତ କରି ଜିଲ୍ଲାର ସମଗ୍ର ବିକାଶ ପାଇଁ ଏହି ବୋର୍ଡ କାର୍ଯ୍ୟ କରିବ ବୋଲି ଆଶା କରାଯାଉଛି । ତେବେ ଆଗାମୀ ଦିନରେ ଏହି ବୋର୍ଡ ମାଧ୍ୟମରେ ଜିଲ୍ଲାର ବିକାଶ ଗତି କେଉଁ ଆଡକୁ ଗତି କରୁଛି ତାହା ଉପରେ ସମସ୍ତଙ୍କ ନଜର ରହିଛି । ସମ୍ବଲପୁର ଜିଲ୍ଲାରେ ୯ଟି ବ୍ଲକ ରହିଛି । ପ୍ରତ୍ୟେକ ବ୍ଲକରୁ ୨ଜଣ ଲେଖାଁଏ ଜିଲ୍ଲା ପରିଷଦ ସଭ୍ୟ ନିର୍ବାଚିତ ହୋଇଛନ୍ତି। ମୋଟ ୧୮ଟି ଜିଲ୍ଲା ପରିଷଦ ଜୋନ୍ ରହିଥିବା ବେଳେ ୨୦୨୨ମସିହା ନିର୍ବାଚନରେ ୧୬ଟି ବିଜେଡି ଓ ୨ଟି ବିଜେପି ଦଳ ଆସନ ହାସଲ କରିଥିଲା। ତେବେ ସେଥିମଧ୍ୟରୁ ବିଜେଡିର କୁମୁଦିନୀ ନାୟକ, ସୁରଜା ସେଠ୍, ସୁଜାତା ଖୁଣ୍ଟିଆ, ତନୟା ଧରୁଆ, ସୁନୀଲ କୁମାର ମିଶ୍ର, ପ୍ରିୟମ୍ବଦା ସାହୁ, କୃଷ୍ଣଚନ୍ଦ୍ର ଟପ୍ପୋ, ଅଜିତ କୁମାର ମହାପାତ୍ର, ଗୀତାଞ୍ଜଳୀ ପାଣ୍ଡେ, ଚୋଳଶ୍ରୀ ମହାନନ୍ଦ ଓ ଦେବନାରାୟଣ ତିୱାରୀ ନିର୍ଦ୍ଵନ୍ଦରେ ନିର୍ବାଚିତ ହୋଇଛନ୍ତି । ବିଜେପି ପକ୍ଷରୁ କୌଣସି ଜିଲ୍ଲା ପରିଷଦ



ସଦସ୍ୟ ନାମାଙ୍କନ ଦାଖଲ କରିନଥିବା ଜଣାପଡିଛି ।

କେନ୍ଦ୍ର ଓ ରାଜ୍ୟରେ ବିଜେପି ଶାସନାଧିନ ସରକାର ରହିଛି । ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁର ସାଂସଦ ଅଛନ୍ତି । ସେହିପରି କୁଚିଣ୍ଡା ବିଧାୟକ ରବିନାରାୟଣ ନାୟକ ପଞ୍ଚାୟତରାଜ ମନ୍ତ୍ରୀ ଓ ଫାୟାରବ୍ରାଣ୍ଡ ନେତା ଜୟନାରାୟଣ ମିଶ୍ର ବିଧାୟକ ଥିବାବେଳେ ଏପର୍ଯ୍ୟନ୍ତ ଜିଲ୍ଲା ପରିଷଦ ବିଜେଡି ହାତରେ ରହିଛି । ଜିଲ୍ଲା ପରିଷଦ ସଦସ୍ୟଙ୍କ ସଂଖ୍ୟା ବିଜେଡି ହାତରେ ଅଧିକ ଥିବାବେଳେ ସମସ୍ତ ସଦସ୍ୟ ପଦ ବିରୋଧି ଦଳ ହାତକୁ ଯାଇଛି । ଏହା ଘୋଷଣା ହେବା ପରେ ସମ୍ବଲପୁର ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ବିଜୟ ଉତ୍ସବ ପାଳିତ ହୋଇଥିଲା। ନିର୍ବାଚିତ ସଦସ୍ୟମାନେ ପରସ୍ପରକୁ ମିଠା ଖୁଆଇବା ସହ ଦଳୀୟ ଉତ୍ତରୀୟ ପିନ୍ଧାଇ ସମ୍ମାନିତ କରିଥିଲେ। ଏଥିସହ ବିଜେଡି ଓ ନବୀନ ପଟ୍ଟନାୟକ ଜିନ୍ଦାବାଦ ସ୍ଲୋଗାନ ମଧ୍ୟ ଦେଇଥିଲେ। ପ୍ରାୟ ୩ବର୍ଷରେ ଜିଲ୍ଲା ଯୋଜନା ବୋର୍ଡ ସଦସ୍ୟ ନିର୍ବାଚନ ହେଉଥିବା ବେଳେ ଏହି ଫଳାଫଳକୁ ନେଇ ରାଜନୀତି ସରଗରମ ଦେଖାଯାଇଛି। ଏ ବାବଦରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଜିଲ୍ଲା ଯୋଜନା ବୋର୍ଡ ମାଧ୍ୟମରେ ଜିଲ୍ଲାର ବିକାଶ ପାଇଁ ସମସ୍ତ ସଦସ୍ୟ ମିଳିମିଶି କାମ କରିବେ। ଉପଲବ୍ଧ ପାଣ୍ଠିକୁ ଲୋକଙ୍କ ଉନ୍ନତିରେ ବିନିଯୋଗ କରିବା ସହ ବିଭିନ୍ନ ପ୍ରକଳ୍ପ ପ୍ରସ୍ତୁତ କରାଯିବ ।

## ବୈଦ୍ୟ ବିକାଶ ହସ୍ପିଟାଲରେ ଜନସେବା କାର୍ଯ୍ୟକ୍ରମ




ସମ୍ବଲପୁର,(ସବ୍ୟ): ସମ୍ବଲପୁର ସ୍ଥିତ ବୈଦ୍ୟ ବିକାଶ ହସ୍ପିଟାଲ୍‌ରେ ବାଲକିଶନ ପାଟୱାରୀ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ବିଭିନ୍ନ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଲକିଶନ ପାଟୱାରୀଙ୍କ ୮୧ତମ ଜନ୍ମବାର୍ଷିକୀ ଅବସରରେ ମାଗଣା ସର୍ଭିକାଲ୍ କ୍ୟାନସର ଯାଞ୍ଚ ଓ ଟିକାକରଣ, ରକ୍ତଦାନ ଶିବିର ଏବଂ ୨୫ଟି ସିଲେଇ ମେସିନ୍ ବଣ୍ଟନ କରାଯାଇଥିଲା। ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବାଲିରାମ ବୋନ୍ଦର ମୁଖ୍ୟ ଅତିଥି, ମହାନଗର ନିଗମ କମିଶନର ରେହାନ କ୍ଷତ୍ରି, ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ ସତ୍ୟନାରାୟଣ ନନ୍ଦ, ହସ୍ପିଟାଲ ଅଧ୍ୟକ୍ଷ ଭାସ୍କର ରାଓ, ଶିକ୍ଷାବିତ୍ ବିପିନ୍ ବିହାରୀ ନନ୍ଦ, ସମାଜସେବୀ ସୁଧୀର ପୂଜାରୀ ଓ ଶତ୍ରୁଘ୍ନ ଲାଲ ଶାହା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଉତ୍ସାହିତ କରିଥିଲେ। ଟ୍ରଷ୍ଟର ସଦସ୍ୟ ଅରୁଣ ପାଟୱାରୀ, ଶାନ୍ତା ପାଟୱାରୀ, ପୂଜା ପାଟୱାରୀ ଏବଂ କୁଶାଗ୍ର ପାଟୱାରୀ ପ୍ରମୁଖ କାର୍ଯ୍ୟକ୍ରମ ସଫଳ ଆୟୋଜନରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ ।

# ସମ୍ପାଦକୀୟ

## ମନେ ପଡୁଛନ୍ତି ନୀଳକଣ୍ଠ



ଓଡ଼ିଶାର ଜଣେ ବରପୁତ୍ର ଥିଲେ ପଣ୍ଡିତ ନୀଳକଣ୍ଠ ଦାସ । ୧୮୮୪ ମସିହା ଅଗଷ୍ଟ ୫ ତାରିଖରେ ସେ ପୁରୀ ଜିଲ୍ଲାରେ ଭୂମିଷ୍ଠ ହୋଇଥିଲେ । ବଞ୍ଚିଥିଲେ ତାଙ୍କୁ ୧୪୩ ବର୍ଷ ହୋଇଥା'ନ୍ତା । ୧୯୬୭ ମସିହା ନଭେମ୍ବର ୬ ତାରିଖରେ କଟକରେ ତାଙ୍କର ଦେହାନ୍ତ ହୋଇଥିଲା । ଉଭୟ ସାହିତ୍ୟ ଓ ରାଜନୀତି କ୍ଷେତ୍ରରେ ତାଙ୍କର ଯଥେଷ୍ଟ ଅବଦାନ ଥିଲା । ହେଲେ ଓଡ଼ିଆ ସାହିତ୍ୟିକ ବା ରାଜନେତାମାନେ ତାଙ୍କୁ ଜନ୍ମଦିନରେ ବା ପୁଣ୍ୟ ତିଥିରେ ଯେପରି ଆନ୍ତରିକତାର ସହିତ ସ୍ମରଣ କରିବା କଥା ତାହା ପ୍ରାୟ କରନ୍ତି ନାହିଁ ।

ଓଡ଼ିଶା ବିଧାନସଭାର ମର୍ଯ୍ୟାଦା ରକ୍ଷା କ୍ଷେତ୍ରରେ ତାଙ୍କର ଅବଦାନ ଥିଲା ଅବିସ୍ମରଣୀୟ । ସେ ସତ୍ୟବାଦୀ ନିର୍ବାଚନମଣ୍ଡଳୀରୁ ଥରେ ନିଦ୍ୱନ୍ଦରେ ନିର୍ବାଚିତ ହୋଇ ବିଧାୟକ ହୋଇଥିଲେ । ହରେକୃଷ୍ଣ ମହତାବ ସେତେବେଳେ ବିଧାନସଭାର ନେତା ନିର୍ବାଚିତ ହୋଇ ମୁଖ୍ୟମନ୍ତ୍ରୀ ହୋଇଥା'ନ୍ତି । ପଣ୍ଡିତ ନୀଳକଣ୍ଠ ଦାସ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିବାରୁ କେତେକ ବିଧାୟକଙ୍କ ପ୍ରସ୍ତାବ ଅନୁଯାୟୀ ନିର୍ଦ୍ୱନ୍ଦରେ ବାଚସ୍ପତି ହେବାକୁ ସେ ଇଚ୍ଛା କରିଥିଲେ । ମାତ୍ର ବିରୋଧୀ ଦଳ ପକ୍ଷରୁ ତାଙ୍କର ସେ ଅଭିଳାଷକୁ ପୂରଣ କରିବାକୁ ଦିଆଯାଇ ନଥିଲା । ବିରୋଧୀ ଦଳ ପକ୍ଷରୁ ସ୍ୱାଧୀନ ବିଧାୟକ ନିତ୍ୟାନନ୍ଦ ମହାପାତ୍ରଙ୍କୁ ନୀଳକଣ୍ଠଙ୍କ ବିରୋଧରେ ପ୍ରାର୍ଥୀ କରା ଯାଇଥିଲା । ନୀଳକଣ୍ଠ ବାଚସ୍ପତି ନିର୍ବାଚନରେ ଜିତିଲେ ଓ ନିତ୍ୟାନନ୍ଦ ମହାପାତ୍ର ତେରଟି ଭୋଟରେ ହାରିଗଲେ । ସମ୍ଭବତଃ ନୀଳକଣ୍ଠଙ୍କର ଗର୍ବକୁ ଚୂର୍ଣ୍ଣ କରିଦେଲେ ବିରୋଧୀ ଦଳ । କିନ୍ତୁ ଏହା ପରେ ନୂତନ ବାଚସ୍ପତିଙ୍କୁ ବିଧାନସଭା ଅଧିବେଶନରେ ସ୍ୱାଗତ କରି ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବ କହିଥିଲେ ଯେ ପଣ୍ଡିତ ନୀଳକଣ୍ଠଙ୍କ ପରି ଜଣେ ଜ୍ଞାନୀ, ଗୁଣୀ ଓ ସାହିତ୍ୟିକଙ୍କୁ ବାଚସ୍ପତି ଭାବେ ପାଇ ରାଜ୍ୟ ସରକାର ଆନନ୍ଦିତ ।

ପଣ୍ଡିତଜୀ ଆଉ ଗୋଟିଏ ଉଜ୍ଜ୍ୱଳ ଦୃଷ୍ଟାନ୍ତ ବିଧାନସଭାର ବାଚସ୍ପତି ଭାବେ କରାଇଥିଲେ । ତାହା ହେଉଛି, ବିଧାନସଭା ଭାଙ୍ଗିଗଲେ ସରକାରର ପତନ ତ ଘଟିବ, ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଓ ବିଧାୟକମାନଙ୍କ କାର୍ଯ୍ୟକାଳ ତଦ୍ଦ୍ୱାରା ସରିଯାଏ । କିନ୍ତୁ ବାଚସ୍ପତିଙ୍କ କାର୍ଯ୍ୟକାଳ ସରିଯାଏ ନାହିଁ । ପରବର୍ତ୍ତୀ ବିଧାନସଭାର ବାଚସ୍ପତି ନିର୍ବାଚିତ ହେବା ପର୍ଯ୍ୟନ୍ତ, ବାଚସ୍ପତି ତାଙ୍କ ପଦବୀରେ ରୁହନ୍ତି । ପରେ ଭାରତରେ ସଂସଦ ସମେତ ଅନ୍ୟାନ୍ୟ ବିଧାନସଭା ଓ ବିଧାନ ପରିଷଦଗୁଡ଼ିକ ପଣ୍ଡିତ ନୀଳକଣ୍ଠଙ୍କର ଏହି ନିଷ୍ପତ୍ତିର ଅନୁସରଣ କରିଥିଲେ । ସାହିତ୍ୟ କ୍ଷେତ୍ରରେ ମଧ୍ୟ ପଣ୍ଡିତ ନୀଳକଣ୍ଠଙ୍କ ଅବଦାନକୁ ଭୁଲି ହେବ ନାହିଁ । ତାଙ୍କ ସଂପାଦନାରେ ମାସିକ 'ନବ ଭାରତ' ପତ୍ରିକା ଏକ ଉଚ୍ଚକୋଟିର ସାହିତ୍ୟ ପତ୍ରିକା ଭାବେ ଆଦୃତ ହୋଇ ପାରିଥିଲା । ସେ ଜଣେ ସୁବକ୍ତା ମଧ୍ୟ ଥିଲେ ।

ସେହିପରି ନୀଳକଣ୍ଠଙ୍କ ସହିତ ପ୍ରତିଦ୍ୱନ୍ଦିତା କରି ହାରି ଯାଇଥିବା ପ୍ରାର୍ଥୀ ନିତ୍ୟାନନ୍ଦ ମହାପାତ୍ରଙ୍କୁ ସ୍ୱାଗତ କରିବାକୁ ସୁଯୋଗ ଦିଆ ଯାଇଥିଲା । ସେ ତାଙ୍କ ବକ୍ତବ୍ୟରେ କହିଥିଲେ, 'ପ୍ରକୃତରେ ପଣ୍ଡିତ ନୀଳକଣ୍ଠ ଦାସ ସାହିତ୍ୟରେ ମୋର ଗୁରୁ । ତାଙ୍କଠାରୁ ହାରିଯାଇ ମୁଁ ନିଜକୁ ତେଣୁ ଗୌରାବାନ୍ୱିତ ମନେ କରୁଛି ।' ଏବର ସାହିତ୍ୟ ବା ରାଜନୀତି କ୍ଷେତ୍ରରେ ଏପରି ମନୋବୃତ୍ତିର ଉଦାହରଣ ମିଳେ ନାହିଁ । ସେତେବେଳେ ସମ୍ଭବତଃ ବିଧାନସଭା ଗୃହ ଓ ସ୍ୱରାଷ୍ଟ୍ର ବିଭାଗ ଅଧୀନରେ ଗୋଟିଏ ଶାଖା ହୋଇଥାଏ । ମାତ୍ର ବାଚସ୍ପତି ନୀଳକଣ୍ଠ ବିଧାନସଭାକୁ ସ୍ୱତନ୍ତ୍ର ମର୍ଯ୍ୟାଦା ଦେବା ଲାଗି ଓ ତାହାର ସ୍ୱାଧୀନତା ରକ୍ଷା ଲାଗି ତତ୍କାଳୀନ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବଙ୍କ ଉପରେ ପ୍ରଭାବ ପକାଇ ତାହା କରାଇ ପାରିଥିଲେ ।

କେବଳ ସେତିକି ନୁହେଁ, ପଣ୍ଡିତଜୀ ଆଉ ଗୋଟିଏ ଉଜ୍ଜ୍ୱଳ ଦୃଷ୍ଟାନ୍ତ ବିଧାନସଭାର ବାଚସ୍ପତି ଭାବେ କରାଇଥିଲେ । ତାହା ହେଉଛି, ବିଧାନସଭା ଭାଙ୍ଗିଗଲେ ସରକାରର ପତନ ତ ଘଟିବ, ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଓ ବିଧାୟକମାନଙ୍କ କାର୍ଯ୍ୟକାଳ ତଦ୍ଦ୍ୱାରା ସରିଯାଏ । କିନ୍ତୁ ବାଚସ୍ପତିଙ୍କ କାର୍ଯ୍ୟକାଳ ସରିଯାଏ ନାହିଁ । ପରବର୍ତ୍ତୀ ବିଧାନସଭାର ବାଚସ୍ପତି ନିର୍ବାଚିତ ହେବା ପର୍ଯ୍ୟନ୍ତ, ବାଚସ୍ପତି ତାଙ୍କ ପଦବୀରେ ରୁହନ୍ତି । ପରେ ଭାରତରେ ସଂସଦ ସମେତ ଅନ୍ୟାନ୍ୟ ବିଧାନସଭା ଓ ବିଧାନ ପରିଷଦଗୁଡ଼ିକ ପଣ୍ଡିତ ନୀଳକଣ୍ଠଙ୍କର ଏହି ନିଷ୍ପତ୍ତିର ଅନୁସରଣ କରିଥିଲେ । ସାହିତ୍ୟ କ୍ଷେତ୍ରରେ ମଧ୍ୟ ପଣ୍ଡିତ ନୀଳକଣ୍ଠଙ୍କ ଅବଦାନକୁ ଭୁଲି ହେବ ନାହିଁ । ତାଙ୍କ ସଂପାଦନାରେ ମାସିକ 'ନବ ଭାରତ' ପତ୍ରିକା ଏକ ଉଚ୍ଚକୋଟିର ସାହିତ୍ୟ ପତ୍ରିକା ଭାବେ ଆଦୃତ ହୋଇ ପାରିଥିଲା । ସେ ଜଣେ ସୁବକ୍ତା ମଧ୍ୟ ଥିଲେ ।

ଓଡ଼ିଶାରେ ପ୍ରଥମ ମନ୍ତ୍ରିମଣ୍ଡଳ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ (ପାରଳା ମହାରାଜା)ଙ୍କ ନେତୃତ୍ୱରେ ୧୯୩୭ ମସିହା ଏପ୍ରିଲ ପହିଲାରେ ଆରମ୍ଭ ହୋଇଥିଲା । ତାଙ୍କୁ ୧୯୩୫ ଭାରତ ଶାସନ ଆଇନ ବଳରେ ସେତେବେଳେ ପ୍ରଧାନମନ୍ତ୍ରୀ କୁହା ଯାଉଥିଲା । ତାଙ୍କ ପରେ ବିଶ୍ୱନାଥ ଦାସଙ୍କ ନେତୃତ୍ୱରେ ୧୯୩୭ ଜୁଲାଇ ୧୪ରେ ପ୍ରଥମ କଂଗ୍ରେସ ମନ୍ତ୍ରିମଣ୍ଡଳ ଗଠିତ ହୋଇଥିଲା । ତତ୍କାଳୀନ କଂଗ୍ରେସ ସରକାର ମୌଳିକ ଶିକ୍ଷାକୁ ଲୋକପ୍ରିୟ କରାଇ ନିରକ୍ଷରତାର ଦୂରୀକରଣ ପାଇଁ କାର୍ଯ୍ୟକ୍ରମ ଗ୍ରହଣ କରିଥିଲେ । ବଡ଼ କଥା ହେଉଛି ଯେ ରାଜ୍ୟରେ ଗୋଟିଏ ବିଶ୍ୱ ବିଦ୍ୟାଳୟ ସ୍ଥାପନ କରିବାକୁ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଅଧକ୍ଷତାରେ ଏକ ସାତଜଣିଆ କମିଟି ଗଠିତ ହୋଇଥିଲା । ପରବର୍ତ୍ତୀ ଅବସ୍ଥାରେ ତାହା ଉତ୍କଳ ବିଶ୍ୱବିଦ୍ୟାଳୟରେ ରୂପାନ୍ତରିତ ହୋଇଥିଲା । ଶିକ୍ଷା ଓ ଅଧ୍ୟାପନା କ୍ଷେତ୍ରରେ ନୀଳକଣ୍ଠଙ୍କର ଅବଦାନକୁ ମଧ୍ୟ ଭୁଲି ହେବ ନାହିଁ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

## ଆଜିର ଅନୁଚିନ୍ତା:

# ନିଃସଂଗତା



ରତ୍ନାକର ରାଉତ

ନିଃସଂଗତା ଏକ ଗୁରୁତର ଅବସ୍ଥା । ସାଂପ୍ରତିକ ସମୟରେ ଏହାକୁ ଏକ ମହାମାରୀ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହା ଶାରିରୀକ ବେମାରି ନୁହେଁ, ବରଂ ମାନସିକ ରୋଗ । ଖୁବ୍ ନିକଟରୁ ଜଣେ ବ୍ୟକ୍ତିର କାର୍ଯ୍ୟକଳାପକୁ ନିବିଡ଼ ଭାବରେ ଅନୁଧ୍ୟାନ ନ କଲେ ହଠାତ୍ ମାନସିକ ସ୍ତରରେ ସେହି ବ୍ୟକ୍ତି ନିଃସଂଗତାର ଶିକାର ହୋଇଛି କି ନାହିଁ ଜାଣିବା ସହଜ ନୁହେଁ । କୋଳାହଳ ମଧ୍ୟରେ ଥାଇ ମଧ୍ୟ ଜଣେ ନିଜକୁ ନିଃସଂଗ ଅନୁଭବ କରିପାରେ । ଗହଳ ଚହଳ ତାକୁ ପ୍ରଭାବିତ କରିପାରେ ନାହିଁ । ସଭିଙ୍କ ଭିତରେ ଥାଇ ମଧ୍ୟ ସେ ନିଜକୁ ଏକଲା ମନେକରେ । କୌଣସି ପାର୍ଥିବ ଜିନିଷରେ ତା'ର ମନ ଲାଗେନି । ବରଂ ନିଃସଂଗତା ଅନୁଭବ କାରଣରୁ ତାକୁ ସବୁ ଜିନିଷ ବିରକ୍ତିକର ଲାଗେ ।

ତା' ଠାରେ ଚିଡ଼ିଚିଡ଼ା ସ୍ୱଭାବ ଦେଖାଦିଏ । ଛୋଟ ଛୋଟ କଥାରେ ସେ କ୍ରୋଧିତ ଓ ଉତ୍ତେଜିତ ହୋଇଯାଏ । ନିଃସଂଗତାରେ ସଂପୂର୍ଣ୍ଣ ଆକ୍ରାନ୍ତ ହୋଇଗଲା ପରେ ଲୋକଟି ଏକୁଟିଆ ଏକାନ୍ତ ଭାବେ ରହିବାକୁ ଚାହେଁ । ଆଲୁଅ ତାକୁ ଭଲ ଲାଗେନି ବରଂ ସେ ଅନ୍ଧାରରେ ରହିବାକୁ ପସନ୍ଦ କରେ । ଯେଉଁ ସ୍ଥାନରେ ରହିଥାଏ, ସେ ଘରର କବାଟ ଝରକା ପ୍ରାୟତଃ ବନ୍ଦ ରଖେ । କହା ସହିତ ମିଳାମିଶା କରେନି ଏବଂ ମିଳାମିଶା କରିବାକୁ ଆଦୌ ଚାହେଁନି । ତା' ଘରର ଆସବାପତ୍ର ସେମିତି ଦିନଦିନ ଧରି ଅସଜଡ଼ା ପଡ଼ିଥାଏ । ସେ ଘରର ଆଲୁଅ ପ୍ରାୟତଃ ଲିଭେଇ ଦିଏ ଏବଂ ଅଧିକାଂଶ ସମୟ ଶୋଇ ରହିବାକୁ ପସନ୍ଦ କରେ ।

କୋଭିଡ ପରେ ପରେ ଆମ ଦେଶରେ ପ୍ରାୟ ଚାଳିଶ ଶତକଡ଼ାରୁ ଅଧିକ ଲୋକ ନିଃସଂଗତା ଭଳି ମାନସିକ ଅବସ୍ଥାର ଶିକାର ହୋଇଛନ୍ତି । ଅନ୍ୟପକ୍ଷରେ ମେଟା ଗ୍ୟାଲୁପ ସର୍ଭେର ତଥ୍ୟ ଅନୁଯାୟୀ ସମଗ୍ର ପୃଥିବୀରେ (ପାଖାପାଖି ୧୪୦ ଦେଶରେ) ୧୦୦ କୋଟିରୁ ଅଧିକ ଲୋକ ଏହି ମାନସିକ ବ୍ୟାଧିରେ ପୀଡ଼ିତ । କିଶୋରକିଶୋରୀ ଓ ଯୁବକଯୁବତୀମାନଙ୍କ ମଧ୍ୟରୁ ପ୍ରାୟ ୪୮ ଶତକଡ଼ା ଏଥିରେ ଅଳ୍ପ ବହୁତ ଆକ୍ରାନ୍ତ ।

ଏହି ନିଃସଂଗତା ସଂପର୍କରେ ପ୍ରାରମ୍ଭିକ ଧାରଣା ପ୍ରଥମେ ଷୋଡ଼ଶ ଶତାବ୍ଦୀରେ ଶିଳ୍ପ ବିପ୍ଳବ ଆରମ୍ଭ ହେବା ପରେ ପରେ ସୃଷ୍ଟି ହୋଇଥିଲା । ମାତ୍ର ନିଃସଂଗତାର ଆଧୁନିକ ପରିଭାଷା ତା'ର ବ୍ୟାପକତା ଦୃଷ୍ଟିରୁ ବିଂଶ ଶତାବ୍ଦୀର ଷଷ୍ଠ ଦଶନ୍ଧିରୁ ବିକଶିତ ହେଲା । ବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ପାଶ୍ଚାତ୍ୟ ଦୁନିଆରେ ନିଃସଂଗତା ଏକ ଚିନ୍ତାଜନକ ବିଷୟ ବା ସମସ୍ୟା ବୋଲି ପ୍ରଥମେ ମାନସିକ ରୋଗ ବିଶେଷଜ୍ଞ ଫ୍ରିଡା ଫ୍ରୋମେରିଚମାନ୍ନ ଏବଂ ସମାଜବିଜ୍ଞାନୀ ଡ୍ୟାଭିଡ୍ ରିଏସମାନ୍ ତାଙ୍କ ସନ୍ଦର୍ଭରେ ଉଲ୍ଲେଖ କରିଥିଲେ । ତା'ପରେ ମାନସିକ ରୋଗ ବିଶେଷଜ୍ଞ ରବର୍ଟ ଏସ୍. ଓ୍ୱେସ୍ ଗୋଟିଏ ସେମିନାରର ଆଲୋଚ୍ୟ ବିଷୟ ଭାବରେ, ନିଃସଂଗତା: ଆବେଗ ଓ ସାମାଜିକ ବିଚ୍ଛିନ୍ନତାଜନିତ ଅନୁଭୂତି (Loneliness: The Experience of Emotional and Social Isolation) ଶାର୍ଷକ ସଂଦର୍ଭ ଉପସ୍ଥାପନ କରିଥିଲେ ।

ସେହି ବିଂଶ ଶତାବ୍ଦୀର ଅଶି ଦଶକରୁ ନିଃସଂଗତା ଉପରେ ଗବେଷଣା ମୁଖ୍ୟତଃ ମାନସିକ, ସାମାଜିକ ଓ ସ୍ୱାସ୍ଥ୍ୟଗତ ପ୍ରଭାବକୁ କେନ୍ଦ୍ରକରି ପ୍ରସାରିତ ହେଲା । ନାନାବିଧ କାରଣରୁ ନିଃସଂଗତାର ଉଦ୍‌ଭବ ହୋଇପାରେ ବୋଲି ଗବେଷଣାର ନିଷ୍କର୍ଷରୁ ଜଣାପଡ଼ିଲା । ସେହି କାରଣଗୁଡ଼ିକ ମଧ୍ୟରୁ ସାମାଜିକ ବିଚ୍ଛେଦ ବା ବାସନ୍ଦ, ସଂପର୍କଗତ ସମସ୍ୟା, ମାନସିକ ସ୍ୱାସ୍ଥ୍ୟ, ଜୀବନ ସଂପର୍କିତ ପରିବର୍ତ୍ତନ, ପ୍ରଯୁକ୍ତି ବିଦ୍ୟାଜନିତ ସମସ୍ୟା, ଦୈନନ୍ଦିନ ଜୀବନଯାପନ ପ୍ରଣାଳୀ, ପ୍ରଗାଢ଼ ମାନସିକ ଧକ୍କା ଓ ଅପୂରଣୀୟ କ୍ଷତି, ସାଂସ୍କୃତିକ, ସାମାଜିକ ଓ ସାଂପ୍ରଦାୟିକ ବିଦ୍ୱେଷଜନିତ ସମସ୍ୟା ଆଦି ଅନ୍ୟତମ ।

ସାଂପ୍ରତିକ ସମୟରେ ଯେତେବେଳେ ସମଗ୍ର ପୃଥିବୀକୁ ଏକ ବିଶ୍ୱଗ୍ରାମ ବା ଗ୍ଲୋବାଲ ଭିଲେଜ ବୋଲି ବିବେଚନା କରାଯାଉଛି, ସେତେବେଳେ ସଭିଙ୍କ ନିମନ୍ତେ ବିଶ୍ୱର ଗବାକ୍ଷ ଉନ୍ମୁକ୍ତ ରହିଛି । କେବଳ ନିଜ ଦେଶର ଭୂଖଣ୍ଡ ମଧ୍ୟରେ ନୁହେଁ ବରଂ ସମଗ୍ର ବିଶ୍ୱରେ ପ୍ରତ୍ୟେକଙ୍କ ପାଇଁ ନିଜର ପାରଦର୍ଶିତା ପ୍ରଦର୍ଶନ ଓ ରୋଜଗାର କରିବାର ପର୍ଯ୍ୟାପ୍ତ ସୁଯୋଗ ରହିଛି । ତେଣୁ ଲୋକମାନଙ୍କର ଗତିଶୀଳତା ସହିତ ସ୍ଥାନ ପରିବର୍ତ୍ତନ ଖୁବ୍ ବଢ଼ିଛି । ସେଥିନିମନ୍ତେ ପ୍ରବାସନ ଓ ଦେଶାନ୍ତରଣ ମଧ୍ୟ ଦିନକୁ ଦିନ ବଢ଼ିଚାଲିଛି । ଏହି ଅବସ୍ଥାରେ ମଣିଷ ଯେଉଁ ସବୁ ସମସ୍ୟାର ସମ୍ମୁଖୀନ ହେଉଛି ତାହା ବିଚାର୍ଯ୍ୟ ।

ନାନାଦି କାରଣରୁ ଯେତେବେଳେ ମଣିଷ ନିଃସଂଗତାରେ ଆକ୍ରାନ୍ତ ହୁଏ, ତାହା ବିଭିନ୍ନ ଲକ୍ଷଣ ମାଧ୍ୟମରେ ପରିଦୃଷ୍ଟ ହୁଏ । ତନ୍ମଧ୍ୟରୁ କେତେକ ଲକ୍ଷଣର ଅବଗତି ନିମନ୍ତେ ନିମ୍ନରେ ଉଲ୍ଲେଖ କରାଗଲା ।

ସେହି ଲକ୍ଷଣଗୁଡ଼ିକ ହେଲା: ଆବେଗଜନିତ ଯନ୍ତ୍ରଣା, ନିଜ ଭିତରେ ଶୂନ୍ୟ ଓ ନିରର୍ଥକତା ଅନୁଭବ, ବିଷାଦ ଓ ବିଚ୍ଛିନ୍ନତାର ଭୟ । ଏହା ବ୍ୟତିରେକ ବ୍ୟକ୍ତି ଅସଂଲଗ୍ନୀକରଣତା, ସଂପର୍କରେ ଅନିଚ୍ଛା, ନକରାତ୍ମକତା, ଏକାକୀତ୍ୱ, ଶାରିରୀକ ଯନ୍ତ୍ରଣା, ବୌଦ୍ଧିକ ଅସଂଗତି, ଉଦ୍ଦେଶ୍ୟହୀନତା ଆଦିର ପ୍ରବଣତାରେ ଅନିଚ୍ଛାକୃତ ଭାବେ ଶିକାର ହୁଏ ।

ଫଳତଃ ତା'ଠାରେ ମାନସିକ ଅବସାଦ ଓ ଉଦ୍‌ବେଗ, ବୌଦ୍ଧିକ ଅବନତି (ବୁଦ୍ଧିହୀନତା), ହୃତପିଣ୍ଡଜନିତ ରୋଗ, ରୋଗ ପ୍ରତିରୋଧକ ଶକ୍ତିର ହ୍ରାସ, ନିଦ୍ରାହୀନତା ଅବା ନିଦ୍ରା ବହୁଳତା, ବାଚାଳତା, ନାନାଦି ଦୁଶ୍ଚିନ୍ତା, ଭବିଷ୍ୟତର ଭୟ ଓ ଆଶଂକା, ଆବେଗିକ ଅସଂଲଗ୍ନତା, ଅସୁରକ୍ଷା, କାଳ୍ପନିକ ବିପଦ ବା ଅଘଟଣର ଆଶଙ୍କା, ଅତ୍ୟଧିକ ନିରାଶା, ଭୟ, ଅପରାଧ ବା ଦୋଷ ଭାବନା, ଜୀବନର ମୂଲ୍ୟହୀନତା, ଆତ୍ମହତ୍ୟାପ୍ରବଣତା ଆଦି ଉପସର୍ଗ ଦେଖାଦିଏ ଏବଂ ପରିଶେଷରେ ବ୍ୟକ୍ତି ଅକାଳ ମୃତ୍ୟୁ ମୁଖରେ ପଡ଼େ, ଅସମୟ ଅବେଳରେ ତା'ର ଦେହାନ୍ତ ହୁଏ ।

ଏହି ନିଃସଂଗତାରୁ ନିସ୍ତାର ପାଇବାକୁ ମଣିଷ ସଂପର୍କ ଖୋଜେ । ଭାବେ ସଂପର୍କର ସଂସର୍ଗ ଓ ସମ୍ମୋହନ ତାକୁ ନିଃସଂଗତାରୁ ମୁକ୍ତି ଦେଇ ସୁଖ ଶାନ୍ତିରେ ଭରିଦେବ ତାର ଜୀବନ । ମାତ୍ର ସଂପର୍କରୁ ଶାନ୍ତି ନ ମିଳିଲେ, ସଂପର୍କ ଅଶାନ୍ତି, ଅନ୍ତର୍ଦାହରେ ଭରିଗଲେ ଜୀବନ, ସେ ପୁଣି ଘୋର ନିଃସଂଗତା ଭିତରକୁ ଠେଲି ହୋଇଯାଏ । ସେହି ସଂପର୍କରେ ଥାଇ, ଯଦିଓ ବାହାରକୁ ସବୁ ଠିକଠାକ୍ ଲାଗୁଥାଏ ।

ମଣିଷର ମାନସିକ ଦୁରାବସ୍ଥାକୁ ବୁଝିବା ଏତେ ସହଜ ନୁହେଁ । ମଣିଷ ମନ ଭିତରେ କଣ ଚାଲିଛି, ସେ କଣ ଭାବୁଛି, କଣ କରିବାକୁ ଚାହୁଁଛି, ତାହା ତା ବ୍ୟତିରେକ ଅନ୍ୟ ଜଣେ କିଏ ଜାଣିବା, ତା ମନକୁ ପଢ଼ିବା, ତାକୁ ଠିକ୍ ବୁଝିବା ଅତ୍ୟନ୍ତ ଅସମ୍ଭବ । ତେଣୁ ବେଳେବେଳେ ଶାନ୍ତ, ସରଳ ଦେଖାଯାଉଥିବା, ହସହସ, ଖୁସିଖୁସି ଲାଗୁଥିବା ମଣିଷ, ଏପରି ଆଚମ୍ବିତ କଲା ଭଳି କାଣ୍ଡ ସବୁ ଘଟାଏ, ଯାହା ଅଚିନ୍ତନୀୟ, ଅକଳ୍ପନୀୟ ଓ ଅବିଶ୍ୱାସନୀୟ ହୋଇଥାଏ ।

ବିଜ୍ଞାନର ଜୟଯାତ୍ରା ଚାଲିଥିଲା ବେଳେ, ବିକାଶ ଓ ପ୍ରଗତିର ଏତେ ଡିଣ୍ଡିମ ଶୁଭୁଥିବା ସମୟରେ, ମଣିଷର ମନକୁ ପଢ଼ିପାରିଲା ଭଳି କୌଣସି ସାଧନ ଏଯାଏଁ ଉଦ୍ଭାବିତ ହୋଇପାରି ନାହିଁ । ବିଶ୍ୱରେ ଅନେକ ବିସ୍ମୟକୁ ଆବିଷ୍କାର କରାଯାଉଥିବା ବେଳେ, ମଣିଷ ମନ ଭଳି ଏକ ଅଦୃଶ୍ୟ, ଅଜ୍ଞାତ, ଅବୋଧ୍ୟ ଇଲାକାର କିୟଦଂଶ ମଧ୍ୟ ଏ ଯାବତ୍ ଆବିଷ୍କୃତ ହେବାର ସଫଳତା ମିଳିପାରି ନାହିଁ । ଏଥିରୁ ଅନୁମେୟ ମଣିଷର ମନ କେତେ ଜଟିଳ, ବୈଷମ୍ୟମୟ ବୈଚିତ୍ର୍ୟରେ ଭରା । ବୈଷୟିକ ଓ ବସ୍ତୁତାନ୍ତ୍ରିକ ଦୁନିଆରେ ଯେତେ ପ୍ରଗତି ହେଉଛି, ସମ ପରିମାଣରେ ସଂସାରରେ ସମସ୍ୟା ମଧ୍ୟ ବଢୁଛି । ଅତଏବ, ସମସ୍ୟା ବହୁଳ ସାଂପ୍ରତିକ ସମାଜରେ ମଣିଷର ମାନସିକ ସନ୍ତୁଳନ ବ୍ୟାହତ ହୋଇ ସେ ବେଳକୁ ବେଳ ଅଧିକରୁ ଅଧିକ ମାନସିକ ବ୍ୟାଧିରେ ଆକ୍ରାନ୍ତ ହେଉଛି । ତନ୍ମଧ୍ୟରୁ ନିଃସଂଗତା ଏକ ଭୟାନକ ଓ ଜଟିଳ ମାନସିକ ବ୍ୟାଧିଗ୍ରସ୍ତ ଅବସ୍ଥା । ଯାହା ଉଈ ମାଟି ତଳେ ତଳେ ଗଛର ଚେରକୁ ଆକ୍ରାନ୍ତ କଲା ଭଳି, ନିଃସଂଗତା ମଣିଷ ମନ ଭିତରେ କାୟା ବିସ୍ତାର କରି ତାକୁ ଜୀବନ୍ମୃତ ଅବସ୍ଥାକୁ ଠେଲି ଦେଉଛି ଅତ୍ୟନ୍ତ ଦୟନୀୟ ସଂକଟପୂର୍ଣ୍ଣ ଅବସ୍ଥାରେ ।

ସେଥିପାଇଁ ନିଃସଂଗତା ଭୋଗୁଥିବା ଲୋକମାନେ ସବୁବେଳେ ଏକୁଟିଆ ନ ରହି ଅନ୍ୟଲୋକଙ୍କ ଗହଣରେ ଅବା ସେମାନଙ୍କ ସହିତ ରହିବା ଦରକାର । ଏହା ବ୍ୟତୀତ ନିଜର ଯତ୍ନନେବା, ସାମାଜିକ କର୍ମରେ ସହଯୋଗ କରିବା, ଅନ୍ୟମାନଙ୍କୁ ସହାୟତା ଦେବା ସହିତ ଆବଶ୍ୟକତା ପଡ଼ିଲେ ଅନ୍ୟର ସହାୟତା ନେବା, ସଦାସର୍ବଦା କର୍ମଠ ରହିବା, ନିଜର ସଉକ ବା ହବିକୁ ପ୍ରୋତ୍ସାହିତ କରିବା, ନିଜ କର୍ମରେ ମନଯୋଗୀ ହେବା, ନୂଆ ନୂଆ ଲୋକଙ୍କ ସହିତ ସଂପର୍କ ଯୋଡ଼ିବା, ଅନ୍ଧ ବିଶ୍ୱାସ ତ୍ୟାଗ କରିବା, ଗୋଷ୍ଠୀଗତ କାର୍ଯ୍ୟରେ ସହଯୋଗ କରିବାରେ ନିଜକୁ ସଂପୃକ୍ତ ରଖି କର୍ମ ଚଞ୍ଚଳ ରହିଲେ ଆସ୍ତେ ଆସ୍ତେ ନିଃସଂଗତାକୁ ମଣିଷ ଜୟକରି ଏକ ସୁନ୍ଦର ନିରାମୟ ଓ ସୁଖୀ ଜୀବନ ଜୀଇଁ ପାରିବ ।

ବିଶ୍ୱରେ ଅନେକ ବିସ୍ମୟକୁ ଆବିଷ୍କାର କରାଯାଉଥିବା ବେଳେ, ମଣିଷ ମନ ଭଳି ଏକ ଅଦୃଶ୍ୟ, ଅଜ୍ଞାତ, ଅବୋଧ୍ୟ ଇଲାକାର କିୟଦଂଶ ମଧ୍ୟ ଏ ଯାବତ୍ ଆବିଷ୍କୃତ ହେବାର ସଫଳତା ମିଳିପାରି ନାହିଁ । ଏଥିରୁ ଅନୁମେୟ ମଣିଷର ମନ କେତେ ଜଟିଳ, ବୈଷମ୍ୟମୟ ବୈଚିତ୍ର୍ୟରେ ଭରା । ବୈଷୟିକ ଓ ବସ୍ତୁତାନ୍ତ୍ରିକ ଦୁନିଆରେ ଯେତେ ପ୍ରଗତି ହେଉଛି, ସମ ପରିମାଣରେ ସଂସାରରେ ସମସ୍ୟା ମଧ୍ୟ ବଢୁଛି । ଅତଏବ, ସମସ୍ୟା ବହୁଳ ସାଂପ୍ରତିକ ସମାଜରେ ମଣିଷର ମାନସିକ ସନ୍ତୁଳନ ବ୍ୟାହତ ହୋଇ ସେ ବେଳକୁ ବେଳ ଅଧିକରୁ ଅଧିକ ମାନସିକ ବ୍ୟାଧିରେ ଆକ୍ରାନ୍ତ ହେଉଛି ।

(ଲେଖକ ଭାରତୀୟ ପ୍ରଶାସନିକ ସେବାର ଜଣେ ଅବସରପ୍ରାପ୍ତ ଅଧିକାରୀ ଓ ସୁଲେଖକ)
ପ୍ଲଟ ନମ୍ବର –୭୬୭(ପାର୍ଟ)ଜୟଦୁର୍ଗା ନଗର,ଭୁବନେଶ୍ୱର,ପିନ୍–୭୫୧୦୦୬,
ମୋ– ୯୪୩୭୩୮୨୨୮୧

# ବଦଳୁଛି ଗଣମାଧ୍ୟମର ଦୁନିଆ



ଡ. ମୃଣାଳ ଚାଟାର୍ଜୀ

ଗଣମାଧ୍ୟମ, ବିଶେଷ କରି ଖବରର ଦୁନିଆ ଆଜି ଏକ ବଡ଼ ପରିବର୍ତ୍ତନର ମୁହଁରେ ଠିଆ ହୋଇଛି । ସମ୍ବାଦବାହୀ ଗଣମାଧ୍ୟମ ଉପରେ ଲୋକଙ୍କର ବିଶ୍ୱାସ କମୁଛି, ହାଲ୍କା ଖବର ପ୍ରତି ଆଗ୍ରହ ବଢୁଛି, ଖବରକାଗଜ, ରେଡ଼ିଓ ଟେଲିଭିଜନଠୁ ସାମାଜିକ ଗଣମାଧ୍ୟମ ମଞ୍ଚରୁ ଛୋଟ ଭିଡିଓ ମାଧ୍ୟମରେ ଖବର ଜାଣିବାର ପ୍ରବଣତା ବଢୁଛି ।

ଏହା ହେଲା ସମ୍ପ୍ରତି ପ୍ରକାଶିତ ରୟଟର ଡିଜିଟାଲ ମିଡିଆ ୨୦୨୬ ରିପୋର୍ଟର ନିଷ୍କର୍ଷ ୨୦୧୨ ମସିହାରୁ ଏହି ରିପୋର୍ଟ ପ୍ରତିବର୍ଷ ପ୍ରକାଶିତ ହୋଇ ଆସୁଛି ।

ଏବର୍ଷର ରିପୋର୍ଟ ଅନୁସାରେ, ଖବରକାଗଜ, ଟେଲିଭିଜନ କିମ୍ବା ସମ୍ବାଦ ସଂସ୍ଥାର ନିଜସ୍ୱ ଓ୍ୱେବସାଇଟ ଆଉ ସମ୍ବାଦ ପ୍ରାପ୍ତିର ଏକମାତ୍ର ବାଟ ନୁହେଁ ।

ସାମାଜିକ ଗଣମାଧ୍ୟମ, ଭିଡିଓ ପ୍ଲାଟଫର୍ମ ଏବଂ ଏବେ କୃତ୍ରିମ ମେଧା (ଏଆଇ- ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ) ଚାଳିତ ଚାଟବଟଗୁଡ଼ିକ ମଧ୍ୟ ଖବରର ନୂଆ ମଞ୍ଚ ପାଲଟିଛନ୍ତି । ଡିଜିଟାଲ ଯୁଗର ଏହି ପରିବର୍ତ୍ତନ କେବଳ ପ୍ରଯୁକ୍ତିର ନୁହେଁ, ଏହା ଆମ ସମ୍ବାଦ ଅଭ୍ୟାସ, ବିଶ୍ୱାସ ଏବଂ ଗଣତନ୍ତ୍ରର ଭବିଷ୍ୟତ ସହ ଜଡ଼ିତ ।

ବିଶ୍ୱର ୪୮ଟି ମେଡିଆ ମାର୍କେଟର ଅଧ୍ୟୟନ ଦେଖାଉଛି ଯେ ସାମାଜିକ ଗଣମାଧ୍ୟମ ଓ ଭିଡିଓ ନେଟଓ୍ୱାର୍କ ବର୍ତ୍ତମାନ ସମ୍ବାଦ ପ୍ରାପ୍ତିର ପ୍ରମୁଖ ଉତ୍ସ ହୋଇଉଠିଛି । ଯୁବ ପିଢ଼ି ପାଇଁ ୟୁଟ୍ୟୁବ, ଇନଷ୍ଟାଗ୍ରାମ କିମ୍ବା ରିଲ ବା ସର୍ଟସ ଭଳି ଛୋଟ ଭିଡିଓ ଅଧିକ ପ୍ରିୟ ହେଉଛି । ପାରମ୍ପରିକ ଗଣମାଧ୍ୟମ କ୍ରମଶଃ ପଛକୁ ଚାଲିଯାଉଛି ଚାଟବଟର ବୃଦ୍ଧି ଏହି ପ୍ରବୃତ୍ତିକୁ ଆହୁରି ସ୍ପଷ୍ଟ କରୁଛି । ଲୋକେ ଏବେ କେବଳ ଖବର ପଢ଼ିବାକୁ ନୁହେଁ, ତାହାର ଅର୍ଥ ବୁଝିବାକୁ ଏବଂ ପ୍ରଶ୍ନ ପଚାରିବାକୁ ମଧ୍ୟ ଚାହୁଁଛନ୍ତି ।

କିନ୍ତୁ ଏହି ପରିବର୍ତ୍ତନର କେତୋଟି ଚିନ୍ତାଜନକ ଦିଗ ମଧ୍ୟ ରହିଛି । ପରିସଂଖ୍ୟାନ କହେ ଯେ ସାମଗ୍ରିକ ଭାବେ ସମ୍ବାଦ ପ୍ରତି, ବିଶେଷ କରି ବୁନିୟାଦୀ ପ୍ରସଙ୍ଗ ସମ୍ପର୍କିତ ଖବର ପ୍ରତି ଲୋକଙ୍କ ଆଗ୍ରହ କ୍ରମଶଃ କମୁଛି । ତା'ଠାରୁ ଚିନ୍ତାଜନକ ବିଷୟ ହେଲା – ସମ୍ବାଦ ପ୍ରତି ବିଶ୍ୱାସ ଗତ ଏକ ଦଶକରେ ସର୍ବନିମ୍ନ ସ୍ତରରେ ପହଞ୍ଚିଛି । ଭ୍ରାନ୍ତ ତଥ୍ୟର ପ୍ରସାର, ରାଜନୈତିକ ଧ୍ରୁବୀକରଣ ଓ ସଂସ୍ଥା (ଇନସ୍ଟିଚ୍ୟୁସନ) ପ୍ରତି ସାଧାରଣ ଅବିଶ୍ୱାସ ଏଥିରେ ଇନ୍ଧନ ଯୋଗାଉଛି । ବିଡମ୍ବନାର କଥା ହେଲା, ଲୋକେ ଭୁଲ ଖବରକୁ ନେଇ ଚିନ୍ତିତ ଥିଲେ ମଧ୍ୟ ସୁବିଧା ପାଇଁ ସେହି ପ୍ଲାଟଫର୍ମଗୁଡ଼ିକ ଉପରେ ଅଧିକ ନିର୍ଭରଶୀଳ ହେଉଛନ୍ତି, ଯେଉଁଠାରେ ଭୁଲ ତଥ୍ୟର ବିପଦ ଅଧିକ ।

ଆଉ ଏକ ଲକ୍ଷଣୀୟ ପରିବର୍ତ୍ତନ ହେଉଛି, ସମ୍ବାଦ ପରିବେଷଣ କ୍ଷେତ୍ରରେ ସମ୍ବାଦ ସଂସ୍ଥା ବଦଳରେ ବ୍ୟକ୍ତିଗତ କଣ୍ଟେଣ୍ଟ ସ୍ରଷ୍ଟା ଓ ଇନଫ୍ଲୁଏନ୍ସରମାନଙ୍କ ଜନପ୍ରିୟତା ବୃଦ୍ଧି । ସେମାନେ ଅଧିକ ସହଜ, ମନୋରଞ୍ଜନଧର୍ମୀ ଓ ଲୋକେ ଜାଣିବାକୁ ଚାହୁଁଥିବା ଖବର ଦେଉଥିବା ବେଳେ ପାରମ୍ପରିକ ଗଣମାଧ୍ୟମ ଏପର୍ଯ୍ୟନ୍ତ ବିଶ୍ୱସନୀୟତାରେ ଆଗରେ ରହିଛି । ଅର୍ଥାତ୍ ଗଣମାଧ୍ୟମର ଭୂମିକା ସମାପ୍ତ ହୋଇନାହିଁ, ବରଂ ତାହାର ସ୍ୱରୂପ ବଦଳୁଛି ।

ଏହି ଅସ୍ଥିର ସମୟରେ ଗୋଟିଏ କଥା ଆଶ୍ୱସ୍ତି ଦେଉଛି ଯେ ଲୋକେ ଏବେ ବି ନିରପେକ୍ଷ ଓ ପକ୍ଷପାତହୀନ ସାମ୍ବାଦିକତାକୁ ଗୁରୁତ୍ୱ ଦେଉଛନ୍ତି । ନିଜ ମତକୁ ସମର୍ଥନ କରୁଥିବା ସମ୍ବାଦ ଅପେକ୍ଷା ନିଷ୍ପକ୍ଷ ଖବରକୁ ଅଧିକାଂଶ ଲୋକ ପସନ୍ଦ କରୁଛନ୍ତି । ଏହା ପ୍ରମାଣ କରେ ଯେ ଗଣମାଧ୍ୟମ ପ୍ରତି ଅସନ୍ତୋଷ ଥାଇପାରେ, କିନ୍ତୁ ସାମ୍ବାଦିକତାର ମୂଳ ମୂଲ୍ୟବୋଧ ପ୍ରତି ଲୋକଙ୍କ ଆସ୍ଥା ଏବେ ମଧ୍ୟ ଅକ୍ଷୁଣ୍ଣ ରହିଛି ।

ସମ୍ବାଦର ଏହି ବଦଳୁଥିବା ଜଗତ ଗଣମାଧ୍ୟମ ପାଇଁ ଏକ ଚ୍ୟାଲେଞ୍ଜ ନିଶ୍ଚୟ, କିନ୍ତୁ ତା ସହିତ ଏକ ସୁଯୋଗ ମଧ୍ୟ । ପ୍ରଯୁକ୍ତି ଯେତେ ବଦଳୁନା କାହିଁକି, ବିଶ୍ୱସନୀୟତା, ନିରପେକ୍ଷତା ଓ ଜନସ୍ୱାର୍ଥ ପ୍ରତି ପ୍ରତିବଦ୍ଧତା ହିଁ ଶେଷ ପର୍ଯ୍ୟନ୍ତ ସାମ୍ବାଦିକତାର ପ୍ରକୃତ ଶକ୍ତି ହୋଇ ରହିବ ।

(ଲେଖକ ସାମ୍ବାଦିକତା ଓ ଗଣଯୋଗାଯୋଗ କ୍ଷେତ୍ରର ଅବସରପ୍ରାପ୍ତ ପ୍ରଫେସର ଏବଂ ଜଣେ ସୃଜନଶୀଳ ଲେଖକ। ବର୍ତ୍ତମାନ ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟରେ ପ୍ରଫେସର ଅଫ୍ ପ୍ରାକ୍ଟିସ ଭାବେ କାର୍ଯ୍ୟ କରୁଛନ୍ତି )
ନିର୍ମାଲ୍ୟ, VIP ୨୧, ଲିଟିଲ ଓଡିଶା,
ଛତାବର– ୭୫୨୦୫୪, ଭୁବନେଶ୍ୱର
ମୋ–୯୪୩୭୦୨୬୧୯୪

# ସମ୍ପାଦକଙ୍କୁ ପତ୍ର

## ପୁରୀ –କୋରାପୁଟ–ପୁରୀ ଏକ୍ସପ୍ରେସ ଟ୍ରେନ୍‌ରେ ଚେୟାର କାର୍ ସଂଯୋଗ ହେଉ

ମହାଶୟ,
ଜୁଲାଇ ୧୧ ତାରିଖରୁ ନିୟମିତ ଚଳାଚଳ ଆରମ୍ଭ କରିଛି ଶ୍ରୀକ୍ଷେତ୍ରରୁ ଶାବରଶ୍ରୀକ୍ଷେତ୍ର ତ୍ରି-ସାପ୍ତାହିକ ପୁରୀ- କୋରାପୁଟ-ପୁରୀ ଏକ୍ସପ୍ରେସ୍ । ଓଡ଼ିଶା ରେଳ ପରିବହନ ଲାଗି ଏହା ଏକ ଯୁଗାନ୍ତକାରୀ ଜୟଯାତ୍ରା । ଏପରି ଏକ ଟ୍ରେନ୍‌ର ଚଳାଚଳ ନିମନ୍ତେ ବହୁ ବର୍ଷରୁ ଦାବି ହୋଇଥିଲା । ଏହି ଟ୍ରେନ୍ ପୂର୍ବ, ପଶ୍ଚିମ ଓ ଦକ୍ଷିଣ ଓଡ଼ିଶା ମଧ୍ୟରେ ସମ୍ପର୍କର ସେତୁ ହେବ ।

ଉପକୂଳକୁ ଉପାନ୍ତ ଅଞ୍ଚଳ ସହ ଯୋଡ଼ିବ । ତୀର୍ଥଯାତ୍ରା, ପର୍ଯ୍ୟଟନ ଓ ଆର୍ଥିକ କ୍ଷେତ୍ରରେ ଅଭିବୃଦ୍ଧି ଘଟିବ । ଶିକ୍ଷା , ରୋଜଗାର ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପରିବର୍ତ୍ତନ ଆଣିଦେବା ସହିତ କୋରାପୁଟ ଭଳି ଉପାନ୍ତ ଅଞ୍ଚଳରେ ଉନ୍ନତ ଯୋଗାଯୋଗ ବ୍ୟବସ୍ଥାର ମୂଳଦୁଆ ପଡ଼ିବ । ଏହି ଟ୍ରେନ୍ ପ୍ରତି ସପ୍ତାହର ସୋମବାର, ଗୁରୁବାର ଓ ଶନିବାର ପୁରୀରୁ ସକାଳ ୭ଟାରେ ବାହାରି ସେହିଦିନ ରାତି ୧୧ଟା ୩୦ ମିନିଟ୍ ସମୟରେ କୋରାପୁଟରେ ପହଞ୍ଚିବ ।

ସପ୍ତାହର ପ୍ରତ୍ୟେକ ମଙ୍ଗଳବାର, ଶୁକ୍ରବାର ଓ ରବିବାର କୋରାପୁଟରୁ ସକାଳ ୫ଟାରେ ବାହାରି ସେହିଦିନ ରାତି ୧୦ ଟା ୨୦ ରେ ପୁରୀରେ ପହଞ୍ଚିବ । ଉଭୟ ଦିଗରୁ ଦିନବେଳେ ଏହି ଟ୍ରେନ୍ ଇଣ୍ଟରସିଟି ଟ୍ରେନ୍ ଭାବେ ଚଳାଚଳ କରୁଛି ।

ସାଧାରଣତଃ ଦିନରେ ଚଳାଚଳ କରୁଥିବା ଟ୍ରେନ୍‌ରେ ଯାତ୍ରୀମାନଙ୍କ ସୁବିଧା ନିମନ୍ତେ ଉଭୟ ସଂରକ୍ଷିତ ଓ ଅଣ-ସଂରକ୍ଷିତ ଚେୟାର କାର୍ କୋଚ୍ ରହିଥାଏ । କିନ୍ତୁ ୧୮ ଏଲଏଚବି କୋଚ୍ ବିଶିଷ୍ଟ ପୁରୀ- କୋରାପୁଟ- ପୁରୀ ଏକ୍ସପ୍ରେସ ଟ୍ରେନ୍‌ରେ ୮ ଟି ସ୍ଲିପର କୋଚ୍ ଓ ୪ଟି ସାଧାରଣ ବଗି ରହିଛି ।

୮୩୭ କିଲୋମିଟର ଦୂରତା ଅତିକ୍ରମ କରୁଥିବା ଏହି ଟ୍ରେନ୍‌ରେ ସଂରକ୍ଷିତ ଚେୟାର କାର୍ ସୁବିଧା ଉପଲବ୍ଧ ନ ଥିବାରୁ ଯାତ୍ରୀମାନେ ସ୍ଲିପର କୋଚ୍‌ରେ ଅଧିକ ଭଡ଼ା ଦେଇ ଯାତ୍ରା କରୁଛନ୍ତି । କମ୍ ଦୂରତା ଯାତ୍ରା କରୁଥିବା ଯାତ୍ରୀଙ୍କୁ ବାଧ ହୋଇ ସ୍ଲିପର ଶ୍ରେଣୀରେ ଅଧିକ ମୂଲ୍ୟର ଟିକେଟ କାଟି ଯିବାକୁ ପଡୁଛି ।

ଏହାଦ୍ୱାରା ଇଣ୍ଟରସିଟି ଟ୍ରେନ୍ ଚଳାଚଳର ମୂଳ ଉଦ୍ଦେଶ୍ୟ ସାଧିତ ହେଉନାହିଁ । ଅନ୍ୟପକ୍ଷରେ କୋରାପୁଟ ଜିଲ୍ଲା ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାରୁ ଏଠାକାର ଲୋକେ ମୁଖ୍ୟତଃ ଗରିବ ଶ୍ରେଣୀର । ତେଣୁ ଯାତ୍ରୀଙ୍କ ସୁବିଧା ଦୃଷ୍ଟିରୁ ସ୍ଲିପର କୋଚ୍ ବଦଳରେ ଅଧିକ ସଂଖ୍ୟକ ସାଧାରଣ କୋଚ୍ ଓ ଚେୟାର କାର୍ କୋଚ୍ ସଂଯୋଗ କରାଯାଉ । ଏଥିପ୍ରତି ରେଳବାଇ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ନିବେଦନ ।

ପ୍ରତାପ ନାୟକ,ଏମ୍ ଆଇ ଜି–୭୫,
କେ ୯ଏ କଳିଙ୍ଗ ବିହାର
ଭୁବନେଶ୍ୱର –୧୯,
ମୋ– ୭୭୫୦୮୫୨୮୧୯

ପାଠକମାନେ ନିଜ ନିଜର ସୁଚିନ୍ତିତ ମତାମତ, ଏହି ପୃଷ୍ଠାରେ ଦିଆଯାଇଥିବା ଇ-ମେଲରେ ପଠାଇ ପାରିବେ । ଏହି ସ୍ତମ୍ଭରେ ସ୍ଥାନିତ ହେଉଥିବା ସମସ୍ତ ମତାମତ, ତଥ୍ୟ ଆଦି ପାଠକମାନଙ୍କର ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବ୍ରହ୍ମପୁରରେ...

ସୁନ୍ଦର ସାଜସଜ୍ଜା ଏବଂ ପରିଷ୍କାର-ପରିଚ୍ଛନ୍ନତାର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା । ଆମ ସଂସ୍କୃତି କଳା ଓ ପରମ୍ପରା ଗଞ୍ଜାମର ସମୃଦ୍ଧ ଲୋକକଳା ଓ ସାଂସ୍କୃତିକ ପରମ୍ପରାର ଝଲକ ସ୍ୱରୂପ ବ୍ୟାଘ୍ର ନୃତ୍ୟ, ସଂକୀର୍ତ୍ତନ, ପାରମ୍ପରିକ ନୃତ୍ୟ ପରିବେଷଣ ଏବଂ ଶୁଭ ଶଙ୍ଖଧ୍ୱନି ମଧ୍ୟରେ ରାଷ୍ଟ୍ରପତିଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା । ରାଷ୍ଟ୍ରପତି କଳାକାରମାନଙ୍କ ସହ ସୌଜନ୍ୟମୂଳକ ଆଲୋଚନା କରିବା ସହ ସେମାନଙ୍କ ସହ ଫଟୋ ଉଠାଇ କଳାକାର ମାନଙ୍କୁ ଉତ୍ସାହିତ କରିଥିଲେ । ରେଳଷ୍ଟେସନ ପରିସରରେ ଉପସ୍ଥିତ ସାଧାରଣ ଜନତା ଓ ବିଭିନ୍ନ ବିଦ୍ୟାଳୟ ଛାତ୍ରଛାତ୍ରୀମାନେ ଜାତୀୟ ପତାକା ଓ ପ୍ଲାକାର୍ଡ ପ୍ରଦର୍ଶନ କରି ରାଷ୍ଟ୍ରପତିଙ୍କୁ ସ୍ୱାଗତ ଜଣାଇଥିଲେ । ରାଷ୍ଟ୍ରପତି ମଧ୍ୟ ହାତ ହଲାଇ ସେମାନଙ୍କ ଅଭିବାଦନ ଗ୍ରହଣ କରିଥିଲେ । ବ୍ରହ୍ମପୁର ରେଳଷ୍ଟେସନରେ ସ୍ୱଳ୍ପ ସମୟ ଅବସ୍ଥାନ ପରେ ରାଷ୍ଟ୍ରପତି ତପ୍ତପାଣି ଅଭିମୁଖେ ଯାତ୍ରା କରିଥିଲେ । ତାଙ୍କ ସହ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ମଧ୍ୟ ତପ୍ତପାଣି ଅଭିମୁଖେ ଯାତ୍ରା କରିଥିଲେ । ରାସ୍ତାର ଉଭୟ ପାଶ୍ୱର୍ରେ ବିପୁଳ ସଂଖ୍ୟାରେ ଆବାଳବୃଦ୍ଧବନିତା ଓ ଛାତ୍ର ଛାତ୍ରୀମାନେ ଜାତୀୟ ପତାକା ଓ ସ୍ୱାଗତଂ ପ୍ଲାକାର୍ଡ ପ୍ରଦର୍ଶନ କରି ରାଷ୍ଟ୍ରପତିଙ୍କୁ ଅଭିବାଦନ ଜଣାଇଥିଲେ । ଏହି ଅବସରରେ ବ୍ରହ୍ମପୁର ସହରର ମିନାକ୍ଷୀ ନଗର ଠାରେ ରାଷ୍ଟ୍ରପତି କୁନିକୁନି ଛୁଆଙ୍କୁ ଦେଖିବାର ଉତ୍ସାହ ହୃଦୟଙ୍ଗମ କରି ଗାଡିରୁ ଓହ୍ଲାଇ ପିଲାମାନଙ୍କୁ ଚକୋଲେଟ ବାଣ୍ଟି ଉତ୍ସାହିତ କରିଥିଲେ ।

## ଇ-୨୦...

ପେଟ୍ରୋଲର ବ୍ୟବହାର ଦ୍ୱାରା ଗାଡ଼ିର ରକ୍ଷଣା ବେକ୍ଷଣ ଖର୍ଚ୍ଚ ବୃଦ୍ଧି ପାଉଛି । କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ ମଧ୍ୟ କିଛିଦିନ ତଳେ ସଂସଦରେ କହିଥିଲେ ଯେ ଇ-୨୦ ପେଟ୍ରୋଲ ଦ୍ୱାରା ଗାଡ଼ିର ମାଇଲେଜ୍ ୨ ରୁ ୬% କମୁଛି । ଦିଲ୍ଲୀସ୍ଥିତ କେତେକ ପରିବହନ ସଂଗଠନ ମଧ୍ୟ ଏହି ସପ୍ତାହରେ ଇଥାନଲ ପେଟ୍ରୋଲ ବିରୋଧରେ ସଂସଦକୁ ଶୋଭାଯାତ୍ରା କରିବେ ବୋଲି ଚେତାବନୀ ଦେଇଛନ୍ତି ।

## ସଚିବସ୍ତରୀୟ...

ଆୟୋଜନ ପାଇଁ ଶ୍ରୀମନ୍ଦିର ପ୍ରଶାସନ, ପୁରୀ ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭିନ୍ନ ବିଭାଗର ସମ୍ମିଳିତ ପ୍ରୟାସକୁ ମୁଖ୍ୟ ଶାସନ ସଚିବ ପ୍ରଶଂସା କରିଥିଲେ । ସେହିପରି ସମ୍ପ୍ରତି ବନ୍ୟା ପରିସ୍ଥିତିର ସଫଳ ପରିଚାଳନା ପାଇଁ ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗଗୁଡ଼ିକୁ ଧନ୍ୟବାଦ ଜଣାଇ ବନ୍ୟାପରବର୍ତ୍ତୀ କ୍ଷୟକ୍ଷତି ଆକଳନ, ରିଲିଫ୍, ପୁନରୁଦ୍ଧାର, ଘାଇ ମରାମତି, ଜଳ ନିଷ୍କାସନ, ଥଇଥାନ ଏବଂ ସ୍ୱାସ୍ଥ୍ୟସେବାକୁ ପ୍ରାଥମିକତା ଦେଇ ତ୍ୱରିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଅର୍ଥ ବିଭାଗ ପକ୍ଷରୁ ରାଜ୍ୟର ଜୁଲାଇ ଶେଷ ସୁଦ୍ଧାର ଆର୍ଥିକ ପ୍ରଦର୍ଶନ ସ୍ଥିତି ଉପସ୍ଥାପନ କରାଯାଇଥିଲା । ଗତବର୍ଷ ତୁଳନାରେ ଚଳିତବର୍ଷ ବିଭିନ୍ନ ଉତ୍ସରୁ ରାଜସ୍ୱ ଆଦାୟ ବୃଦ୍ଧି ପାଇଥିବା ବେଳେ ଭିତ୍ତିଭୂମି କ୍ଷେତ୍ରରେ ପୁଞ୍ଜି ବ୍ୟୟ ୨୦.୨ ପ୍ରତିଶତ ଏବଂ ସାମାଜିକ କ୍ଷେତ୍ରରେ ୧୬.୧ ପ୍ରତିଶତ ବୃଦ୍ଧି ପାଇଥିବା ସୂଚନା ଦିଆଯାଇଥିଲା । ଧାର୍ଯ୍ୟ ଲକ୍ଷ୍ୟ ଅନୁଯାୟୀ ବିଭାଗୀୟ ବ୍ୟୟ ବୃଦ୍ଧି କରିବାକୁ ମୁଖ୍ୟ ଶାସନ ସଚିବ ସମସ୍ତ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ । 'ବିକଶିତ ଓଡ଼ିଶା–୨୦୩୬' ଏବଂ '୨୦୪୭' ଲକ୍ଷ୍ୟକୁ ଦୃଷ୍ଟିରେ ରଖି ଗଜପତି ଜିଲ୍ଲାର ସାମଗ୍ରିକ ବିକାଶ ଉପରେ ସ୍ୱତନ୍ତ୍ର ଉପସ୍ଥାପନା ହୋଇଥିଲା । ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ୨୫ଟି ପ୍ରମୁଖ ପ୍ରକଳ୍ପର କାର୍ଯ୍ୟକାରିତା ଓ ରୋଡ୍ ମ୍ୟାପ୍ ଉପସ୍ଥାପନ କରିଥିଲେ ।

ପର୍ଯ୍ୟଟନ, ଇକୋ-ଟୁରିଜିମ୍, ଜିରାଙ୍ଗ ବୌଦ୍ଧ ପୀଠ, ମହେନ୍ଦ୍ରଗିରି, ରାମସାଗର ୱାଟରଫ୍ରଣ୍ଟ, ମେଗା ପାନୀୟ ଜଳ ପ୍ରକଳ୍ପ, ସେଚନ, ସଡ଼କ ସଂଯୋଗ, ଜନଜାତି ବିକାଶ, ଉଦ୍ୟାନ କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣକୁ ପ୍ରାଥମିକତା ଦିଆଯାଇଥିଲା । ଶିକ୍ଷା କ୍ଷେତ୍ରରେ 'ପ୍ରୟାସ ସୁପର–୩୦' କାର୍ଯ୍ୟକ୍ରମର ସଫଳତା ସମ୍ପର୍କରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମ ଫଳରେ ୨୦୨୫ ମସିହାର ମାଟ୍ରିକ ପରୀକ୍ଷାରେ ଗଜପତି ଜିଲ୍ଲା ୯୯.୩୫ ପ୍ରତିଶତ ପାସ୍ ହାର ହାସଲ କରିଥିବା ଉଲ୍ଲେଖ କରାଯାଇଥିଲା । ଶିକ୍ଷା ପ୍ରଶାସନରେ ନବସୃଜନ ପାଇଁ ଜାତୀୟ ସ୍ତରରେ ଗଜପତି ଜିଲ୍ଲା ମନୋନୀତ ହୋଇଥିବାରୁ ଜିଲ୍ଲା ପ୍ରଶାସନକୁ ବୈଠକରେ ପ୍ରଶଂସା କରାଯାଇଥିଲା । ବୈଠକରେ ରାଜ୍ୟ କ୍ୟାବିନେଟ୍ ବୈଠକରେ ନିଆଯାଇଥିବା ନିଷ୍ପତ୍ତିଗୁଡ଼ିକର ସମୟବଦ୍ଧ କାର୍ଯ୍ୟାନ୍ୱୟନ, ନିୟମିତ ଫଲୋ-ଅପ୍ ଓ ଅନୁପାଳନ ଉପରେ ମୁଖ୍ୟ ଶାସନ ସଚିବ ବିଶେଷ ଗୁରୁତ୍ୱ ଦେଇଥିଲେ । ଏହାସହ ସଚିବମାନଙ୍କ ଜିଲ୍ଲା ଗସ୍ତକୁ ଅଧିକ ସକ୍ରିୟ କରିବା, ସାଇବର ଅପରାଧ ନିୟନ୍ତ୍ରଣ ଏବଂ ନିଶାମୁକ୍ତ ଅଭିଯାନର ସଫଳ କାର୍ଯ୍ୟାନ୍ୱୟନ ପାଇଁ ସମନ୍ୱିତ ପଦକ୍ଷେପ ଓ ବ୍ୟାପକ ଜନସଚେତନତା ସୃଷ୍ଟି ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା ।

## ବିରୋଧୀଙ୍କ...

ଏହି ପ୍ରସଙ୍ଗରେ ସରକାରଙ୍କ ଠାରୁ ବିରୋଧୀ ଦଳଗୁଡ଼ିକ ବିବୃତି ଦାବି କରିଛନ୍ତି । ତେବେ ରାଜ୍ୟସଭାରେ ଜନ୍ମ-ମୃତ୍ୟୁ ପଞ୍ଜୀକରଣ ସଂଶୋଧନ ବିଲ୍ ପାରିତ ହୋଇଛି । ଲୋକସଭାରେ ଏହା ଆଗରୁ ପାରିତ ହୋଇଥିଲା । ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଏହି ବିଲ୍‌କୁ ଆଗତ କରିଥିଲେ । ନୂଆ ବିଲ୍‌ରେ ଥିବା ବ୍ୟବସ୍ଥା ଅନୁଯାୟୀ ଜନ୍ମ-ମୃତ୍ୟୁ ପଞ୍ଜୀକରଣକୁ ବିଳମ୍ବ ନ କରି ତୁରନ୍ତ ଏ ସମ୍ପର୍କରେ ସୂଚନା ଦେବା ଆବଶ୍ୟକ । ବର୍ଷକ ପରେ ବା ଅତିବେଶିରେ ୨ ବର୍ଷ ମଧ୍ୟରେ ଏହାର ପଞ୍ଜୀକରଣ କରାଯିବା ଉଚିତ୍ । ଜିଲ୍ଲା ମାଜିଷ୍ଟ୍ରେଟ୍, ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ୍ ବା ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍‌ଙ୍କ ପାଖରେ ପଞ୍ଜୀକରଣ ହେବା ଆବଶ୍ୟକ । ମନ୍ତ୍ରୀ କହିଛନ୍ତି ଯେ ୩.୫ ଲକ୍ଷ ରେଜିଷ୍ଟ୍ରେସନ୍ ୟୁନିଟ୍ ଦେଶସାରା କାର୍ଯ୍ୟ କରୁଛି । ଦେଶରେ ଜନ୍ମ ପଞ୍ଜୀକରଣ ହାର ୨୦୧୪ ସୁଦ୍ଧା ୮୬.୬% ଥିବାବେଳେ ୨୦୨୪ରେ ଏହା ୯୯% ହୋଇଛି । ସେହିଭଳି ମୃତ୍ୟୁ ପଞ୍ଜୀକରଣ ହାର ଏବେ ୯୯.୪%କୁ ବୃଦ୍ଧି ପାଇଛି ।

## ଓଡ୍ରାଫ...

ବୈଠକରେ ସାମ୍ପ୍ରତିକ ବନ୍ୟା ପରିପ୍ରେକ୍ଷୀରେ ପ୍ରତିକୂଳ ପରିସ୍ଥିତିରେ ଓଡ୍ରାଫ୍ ଦ୍ୱାରା ବିଭିନ୍ନ ପ୍ରଭାବିତ ଅଞ୍ଚଳରେ ପ୍ରଦତ୍ତ ସେବା ଏବଂ ସମ୍ମୁଖୀନ ହୋଇଥିବା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଅଗଷ୍ଟ ୪ ତାରିଖ ସୁଦ୍ଧା ୯ଟି ଜିଲ୍ଲାରେ ପ୍ରାୟ ୫୮ ଘଣ୍ଟାର ରାତ୍ରିକାଳୀନ ଉଦ୍ଧାର ଅଭିଯାନ ସହ ପ୍ରାୟ ୫୯ଟି ବୋଟ୍ ବ୍ୟବହୃତ ହୋଇଛି । ଏଥିରେ ୮୫୨ ଜଣ ପୁରୁଷ ଏବଂ ୫୪୧ ଜଣ ମହିଳାଙ୍କୁ ଓଡ୍ରାଫ୍ ଦ୍ୱାରା ସୁରକ୍ଷିତ ଉଦ୍ଧାର କରାଯାଇଛି । ପ୍ରାୟ ୫୯ଟି ଓଡ୍ରାଫ୍ ଟିମରେ ୬୭୪ ଜଣ ଉଦ୍ଧାରକାର୍ଯ୍ୟରେ ନିୟୋଜିତ ହୋଇ ଦିନ ରାତି ଏକ କରି ସମର୍ପିତ ହୋଇ ଜନସାଧାରଣଙ୍କୁ ସେବା ଏବଂ ସହାୟତା ଯୋଗାଇ ଦେଇଛନ୍ତି । ୧୯ଜଣ ଗର୍ଭବତୀ ମହିଳାଙ୍କୁ ଉଦ୍ଧାର କରାଯିବା ସହ ୬ଜଣ ସାପ କାମୁଡ଼ିଥିବା ରୋଗୀଙ୍କୁ ଉଚିତ୍ ସମୟରେ ଉଦ୍ଧାର କରାଯାଇଛି । ସେହିପରି ଜରୁରିକାଳୀନ ଡାକ୍ତରୀ ସେବା ନିମନ୍ତେ ୨୫ଟି ଉଦ୍ଧାର କାର୍ଯ୍ୟ କରାଯାଇଥିବା ବେଳେ ୨୧୩ ପଶୁସମ୍ପଦଙ୍କୁ ମଧ୍ୟ ଓଡ୍ରାଫ୍ ଟିମ୍ ଉଦ୍ଧାର କରିଛନ୍ତି । ଏଥିସହିତ ପ୍ରଭାବିତ ଅଞ୍ଚଳରେ ୧୮ଟି ବିଶାଳ ଗଛକୁ କାଟି ଯାତାୟତ ପଥ ସୁଗମ କରାଯାଇଥିବା ବେଳେ ଏପର୍ଯ୍ୟନ୍ତ ସର୍ବମୋଟ୍ ୪୯୦ଘଣ୍ଟା ଧରି ନିରବଚ୍ଛିନ୍ନ ଭାବେ ଓଡ୍ରାଫ୍ ଟିମ୍ ସଫଳତାର ସହ ବନ୍ୟା ପ୍ରଭାବିତ ଅଞ୍ଚଳରେ ସେବା ପ୍ରଦାନ କରିଛନ୍ତି ।

ଓଡ୍ରାଫ୍ ଦ୍ୱାରା ବନ୍ୟା ପ୍ରଭାବିତ ଅଞ୍ଚଳରେ ପ୍ରଦତ୍ତ ବ୍ୟାପକ ସେବା କାର୍ଯ୍ୟର ସମୀକ୍ଷା କରି ମାନ୍ୟବର ମନ୍ତ୍ରୀ ଉଦ୍ଧାରକାରୀ ଦଳର ପ୍ରଶଂସା କରିବା ସହ ଏପରି ପ୍ରତିକୂଳ ପରିସ୍ଥିତିରେ ଓଡ୍ରାଫ୍ ଟିମର ସାହସିକତା ଏବଂ ସମର୍ପିତ ମନୋଭାବ ଆମକୁ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ନିମନ୍ତେ ଆହୁରି ସଶକ୍ତ କରିବା ସହ ଆତ୍ମବିଶ୍ୱାସ ଯୋଗାଇଛି ବୋଲି ମତବ୍ୟକ୍ତ କରିଥିଲେ । ଏହି ପରିପ୍ରେକ୍ଷୀରେ ବୈଠକରେ ଓଡ୍ରାଫର ଦକ୍ଷତା ଏବଂ କ୍ଷମତା ବୃଦ୍ଧି ସହ ଆଗାମୀ ସମୟରେ ଏହାର ସୁବ୍ୟବସ୍ଥିତ ପରିଚାଳନା ନିମନ୍ତେ ମାନ୍ୟବର ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ସୂଚନାଯୋଗ୍ୟ ଯେ, ବିପର୍ଯ୍ୟୟ ପରିଚାଳନା (ସଂଶୋଧନ) ଆଇନ୍, ୨୦୨୫ ଅଧୀନରେ ପ୍ରତ୍ୟେକ ରାଜ୍ୟରେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବାହିନୀ /ଷ୍ଟେଟ୍ ଡିଜାଷ୍ଟର୍ ରେସପନ୍ସ ଫୋର୍ସ ସ୍ଥାପନ ସହ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ବ୍ୟାପକ କରିବା ନିମନ୍ତେ ଅଧ୍ୟାଦେଶ ରହିଛି । ଏହି ପରିପ୍ରେକ୍ଷୀରେ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ତରଫରୁ ପ୍ରତ୍ୟେକ ରାଜ୍ୟରେ ଏସ୍‌ଡିଆର୍‌ଏଫ୍ ଗଠନ ସହ ଏହାର କାର୍ଯ୍ୟପ୍ରଣାଳୀ, ତାଲିମ୍ ପ୍ରକ୍ରିୟା, ପରିଚାଳନା ସମ୍ପର୍କିତ ବିସ୍ତୃତ ରୂପରେଖ ମଧ୍ୟ ଗୃହୀତ ହୋଇଛି । ଏହି କ୍ରମରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କର ପରିଚାଳନା କମିଟିର ବୈଠକରେ ଓଡ୍ରାଫକୁ ରାଜ୍ୟର ଏସ୍‌ଡିଆର୍‌ଏଫ୍ ଭାବେ ଉନ୍ନୀତ କରିବା ନିମନ୍ତେ ଆଲୋଚନା ହୋଇଛି । ମାନ୍ୟବର ମନ୍ତ୍ରୀ ଶ୍ରୀ ପୂଜାରୀ ଏହି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରି ଓଡ୍ରାଫକୁ ରାଜ୍ୟର ଏସ୍‌ଡିଆର୍‌ଏଫ୍ ଭାବେ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଉଦ୍ଦିଷ୍ଟ ସମ୍ପୂର୍ଣ୍ଣ ସମର୍ପିତ ବାହିନୀ ଭାବେ ଦାୟିତ୍ୱ ଏବଂ କ୍ଷମତା ପ୍ରଦାନ ନିର୍ଦ୍ଦେଶ ଦେଇଛନ୍ତି । ଆଗାମୀ ଦିନରେ ନିର୍ମିତ ହେବାକୁ ଥିବା ବିପର୍ଯ୍ୟୟ ପରିଚାଳନା ଭବନରେ ଏହାର ମୁଖ୍ୟାଳୟ ଅବସ୍ଥାପିତ ହେବାକୁ ଥିବା ବେଳେ ନୂତନ ୧୦ଟି ୟୁନିଟ୍ ସହ ସମୁଦାୟ ୩୦ଟି ୟୁନିଟ୍ ରାଜ୍ୟର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ନିୟୋଜିତ ହେବେ । ସେହିପରି ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓଏସ୍‌ଡିଏମ୍‌ଏ) ପୁଲିସ ବିଭାଗର ପରାମର୍ଶ ତଥା ସହଯୋଗ କ୍ରମେ ଓଡ୍ରାଫର କାର୍ଯ୍ୟ, ପ୍ରଶିକ୍ଷଣ, ଆବଶ୍ୟକ ଭିତ୍ତିଭୂମି, ସରଞ୍ଜାମ ଏବଂ ନିଯୁକ୍ତି ତଥା ମାନବସମ୍ବଳ ପରିଚାଳନାକୁ ଆଧାର କରି ଏକ ସମ୍ପୂର୍ଣ୍ଣ ଏସଓପି ପ୍ରସ୍ତୁତ କରିବାକୁ ମାନ୍ୟବର ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ସାମ୍ପ୍ରତିକ ପରିସ୍ଥିତିରେ ଓଡ୍ରାଫ୍ ଉଦ୍ଧାରକାରୀ ଦଳ ସମ୍ମୁଖୀନ ହୋଇଥିବା ବିଭିନ୍ନ ଆହ୍ୱାନ ସମ୍ପର୍କରେ ମଧ୍ୟ ଆଲୋଚନା କରି ଆଗାମୀ ଦିନରେ ସେଥିନିମନ୍ତେ ପୂର୍ବପ୍ରସ୍ତୁତି ଭିତ୍ତିରେ ସଜାଗ ରହିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଏଥିସହିତ ବିଭିନ୍ନ ପ୍ରଭାବିତ ଜିଲ୍ଲାରେ ଚାଲିଥିବା କ୍ଷୟକ୍ଷତି ଆକଳନକୁ ତ୍ୱରାନ୍ୱିତ କରିବା ସହ କ୍ଷତିଗ୍ରସ୍ତ ଚାଷଜମି, ପନିପରିବା ଚାଷ, ଗୃହ, ବିଭିନ୍ନ ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର ଏବଂ ଅନ୍ୟାନ୍ୟ କାର୍ଯ୍ୟାଳୟର କ୍ଷୟକ୍ଷତି ଆକଳନ ତ୍ୱରିତ ଶେଷ କରି କ୍ଷତିପୂରଣ ପ୍ରଦାନ ସୁନିଶ୍ଚିତ କରିବାକୁ ମଧ୍ୟ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

ବୈଠକରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷର ପରିଚାଳନା ନିର୍ଦ୍ଦେଶକ ରାଜେଶ ପ୍ରଭାକର ପାଟିଲ୍, ଓଏସ୍‌ଡିଏମ୍‌ଏର ପରାମର୍ଶଦାତା ଡ. କମଳ ଲୋଚନ ମିଶ୍ର, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁସ୍ମିତା ବେହେରା, ଅର୍ଥନୈତିକ ପରାମର୍ଶଦାତା ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସିଦ୍ଧାର୍ଥ ଶଙ୍କର ଆଚାର୍ଯ୍ୟ ଏବଂ ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ ।

# ଘାଟିରେ ଓଲଟିଲା ଯାତ୍ରୀବାହୀ ବସ : ଅଳ୍ପକେ ବର୍ତ୍ତିଲେ ୩୫ ଯାତ୍ରୀ

କେନ୍ଦୁଝର , (ଜିପ୍ର): କେନ୍ଦୁଝର ତେଲକୋଇ-କାଞ୍ଜିପାଣି ରାସ୍ତାର ଦବାରବାଙ୍କ ଘାଟିରେ ଦୁର୍ଗା ମାଧବ ନାମକ ଏକ ଘରୋଇ ଯାତ୍ରୀବାହୀ ବସ ଦୁର୍ଘଟଣାଗ୍ରସ୍ତ ହୋଇଛି । ବସଟି ତେଲକୋଇ କାଳିଆହତା ଅଞ୍ଚଳରୁ କେନ୍ଦୁଝର ଅଭିମୁଖେ ଯାଉଥିଲା । ଘାଟି ଉଠିବା ବେଳେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ବସଟି ତଳକୁ ଖସିବା ଆରମ୍ଭ କରିଥିଲା । ଚାଳକଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ଏକ ବଡ଼ ବିପଦରୁ ରକ୍ଷା ପାଇଯାଇଛନ୍ତି ଯାତ୍ରୀମାନେ ।ଦ୍ରୁତଗତିରେ ଘାଟି ତଳକୁ ବସଟି ଖସିଆସୁଥିବା ବେଳେ ଡ୍ରାଇଭର ଉପସ୍ଥିତ ବୁଦ୍ଧି ଖଟାଇ ଅଟକାଇବାକୁ ଚେଷ୍ଟା କରିଥିଲେ । ଏହି ସମୟରେ ବସଟି ଓଲଟି ପଡ଼ିଥିଲା । ପରେ ଅଗ୍ନିଶମବାହିନୀ ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଚଳାଇଛନ୍ତି । ବସରେ ୩୫ରୁ ଅଧିକ ଯାତ୍ରୀ ଥିଲେ । କିଛି ଆହତ ଯାତ୍ରୀଙ୍କୁ ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଛି ।

# ବିଦ୍ୟାଳୟ ଛାତରୁ ପ୍ଲାଷ୍ଟର ଖସି ୨ ଛାତ୍ରୀ ଆହତ

ପିପିଲି,(ସବ୍ୟ): ପିପିଲି ବ୍ଲକ ଅନ୍ତର୍ଗତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଓରକଳାର ଶ୍ରେଣି ଗୃହ ଛାତରୁ ପ୍ଲାଷ୍ଟର ଖସି ୨ ଛାତ୍ରୀ ଆହତ ହୋଇଛନ୍ତି । ଆହତ ଛାତ୍ରୀ ଦ୍ୱୟ ହେଲେ ୭ଶ୍ରେଣୀର ଓରକଳା ଗ୍ରାମର ମଧୁସ୍ମିତା ସାହୁ ଏବଂ ମକରବା ଗ୍ରାମର ସ୍ନେହାସୁନି ବାରିକ ବୋଲି ବ୍ଲକ ଶିକ୍ଷାଧିକାରୀ ପୀତବାସ ସେଠୀ ସୂଚନା ଦେଇଛନ୍ତି । ସେମାନଙ୍କୁ ପ୍ରଥମେ ପିପିଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ନିଆ ଯାଇଥିଲା ଅବସ୍ଥା ଗୁରୁତର ଥିବାରୁ ମଧୁସ୍ମିତାକୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି ।।



ସୂଚନା ମୁତାବକ ଶ୍ରେଣୀ ଗୃହରେ ପାଠପଢା ଚାଲିଥିବା ବେଳେ ସୋମବାର ଅପରାହ୍ନ ୩ଟାରେ ଛାତରୁ ପ୍ଲାଷ୍ଟର ଖସି ଛାତ୍ରୀଙ୍କ ଉପରେ ପଡିଥିଲା । ବିଦ୍ୟାଳୟ ପକ୍ଷରୁ ସଙ୍ଗେ ସଙ୍ଗେ ଆହତ ଛାତ୍ରୀଙ୍କୁ ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପିପିଲିକୁ ନିଆଯାଇଥିଲା । ଖବର ପାଇ ଉପଜିଲ୍ଲାପାଳ ରାଜକିଶୋର ଜେନା,ଜିଲ୍ଲା ଶିକ୍ଷାଧିକାରୀ ପ୍ରଦୀପ କୁମର ପାଢୀ ,ବିଡିଓ ସରୋଜ କୁମାର ରାଉତ, ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ,ବ୍ଲକ ଶିକ୍ଷାଧିକାରୀ ପୀତବାସ ସେଠୀ ମେଡିକାଲକୁ ଯାଇ ଆହତ ଛାତ୍ରୀଙ୍କୁ ଭେଟି ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଡାକ୍ତରଙ୍କୁ ପଚାରି ବୁଝିବା ସହ ବିଦ୍ୟାଳୟର ଶ୍ରେଣି ଗୃହ ପରିଦର୍ଶନ କରିଥିଲେ ।

ସେହି ଶ୍ରେଣୀ ଗୃହ ବିପଦ ଥିବା ସେହି ଛାତର ପ୍ଲାଷ୍ଟର ସବୁ ଛଡାଯାଇ ନୂତନ ଭାବେ କାମ କରାଯିବ ବୋଲି ଉପଜିଲ୍ଲାପାଳ ଶ୍ରୀଜେନା ସୂଚନା ଦେଇଛନ୍ତି ଅନ୍ୟପଟେ ପିପିଲି ଡେଲାଙ୍ଗ କଂଗ୍ରେସ ନେତା ପ୍ରିୟବ୍ରତ ସାମନ୍ତରାୟ ଅଭିଯୋଗ ଆଣିଛନ୍ତି ନିମ୍ନମାନର କାମ ପାଇଁ ଛାତ୍ରଛାତ୍ରୀ ମାନଙ୍କୁ ମୃତ୍ୟୁ ମୁଖକୁ ଠେଲି ଦିଆଯାଇଥିବା ସହ ଏଥିପାଇଁ ବିଇଓ ଦାୟୀ ସେ ବୋଲି କହିଛନ୍ତି ।

## ଅଙ୍ଗନବାଡ଼ି ଖାଦ୍ୟରେ ମଲା ଝିଟିପିଟି : ୭ରୁ ଉର୍ଦ୍ଧ୍ୱ ଶିଶୁ ଅସୁସ୍ଥ

ବାଲେଶ୍ୱର, (ସବ୍ୟ) : ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ଅଞ୍ଚଳରେ ଅଭାବନୀୟ ଘଟଣା ଘଟିଛି ।ଅଙ୍ଗନବାଡ଼ି ପିଲାଙ୍କ ଖାଦ୍ୟରେ ଝିଟିପିଟି ପଡି ୭ରୁ ଉର୍ଦ୍ଧ୍ୱ ଶିଶୁ ଅସୁସ୍ଥ ହୋଇ ଗୁରୁତର ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି । ସିମୁଳିଆ ବ୍ଲକ ମଇତାପୁର ପଞ୍ଚାୟତ ବଡ଼ଗହମା ଅଙ୍ଗନବାଡ଼ି କେନ୍ଦ୍ରରେ ପିଲାମାନଙ୍କୁ ଦିଆଯାଇଥିବା ଖାଦ୍ୟରେ ମଲା ଝିଟିପିଟି ପଡ଼ିଥିଲା । ପିଲା ଖାଇବାପାଇଁ ହାତ ପୂରାଇ ଥିଲେ । ସେ ପ୍ରଥମେ ପରିବା ସନ୍ଦେହ ହେବାରୁ ଉପରକୁ ଟେକିଦେଖିବା ପରେ ତାହା ମଲା ଝିଟିପିଟି ଥିଲା । ଏହା ଦେଖି ଅଭିଭାବକମାନେ ସଙ୍ଗେ ସିମୁଳିଆ ମେଡିକାଲକୁ ଆଣିଥିଲେ । ସେଠାରେ ତାଙ୍କର ଚିକିତ୍ସା ଚାଲିଛି । ପିଲାମାନଙ୍କର ଅବସ୍ଥା ଠିକ ଥିବା ବେଳେ ଏଭଳି ଦିଦିଙ୍କ ଅବହେଳା ପାଇଁ ବିଭାଗ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଅଭିଭାବକମାନେ ଦାବି କରିଛନ୍ତି ।

# ଘରେ ପଶି ଲୁଟିନେଲେ ସୁନା ଗହଣା ସହ ଟଙ୍କା

ଭଦ୍ରକ,(ସବ୍ୟ): ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଜଗଦଳପୁର ପଞ୍ଚାୟତର ଜୁଡ଼ାଗଡିଆ ଗ୍ରାମରେ ଏକ ବଡ଼ ଧରଣର ଡ଼କାୟତି ହୋଇଛି । ଗ୍ରାମର ନିରଞ୍ଜନ ଶତପଥୀଙ୍କ ଘରକୁ ସୋମବାର ରାତିରେ ୪ ଜଣ ୨ଟି ବାଇକରେ ଆସି ଡକାୟତି କରି ଖସି ଚାଲିଯାଇଛନ୍ତି । ତେବେ ଗ୍ରାମବାସୀମାନେ ଗାଡି ଦୁଇଟିକୁ ଅଟକ ରଖିଛନ୍ତି । ଗ୍ରାମାଞ୍ଚଳ ପୋଲିସ ଆସି ତଦନ୍ତ କରୁଥିବା ଜଣା ପଡିଛି । ନିରଞ୍ଜନ ଘରେ ସ୍ତ୍ରୀଙ୍କ ସହ ବସି ଟିଭି ଦେଖୁଥିବା ବେଳେ ଦୁଇ ଜଣ ଆସି କବାଟ ବାଡେଇଥିଲେ । କବାଟ ଖୋଲିବାରୁ ମାଛ ଜାଆଁଳ ନେବା କଥା କହିଲେ । ସେ କବାଟ ଖୋଲିବାରୁ ସଙ୍ଗେ ସଙ୍ଗେ ଚାରିଜଣ ବନ୍ଧୁକଧାରୀ ତାଙ୍କୁ କାବୁ କରିବା ସହ ଏକ ଘରେ ତାଲା ପକାଇ ଡକାୟତି କରୁଥିବା ବେଳେ କୌଣସି ସୂତ୍ରରୁ ଗ୍ରାମବାସୀ ଖବର ପାଇ ପୋଲିସକୁ ଖବର ଦେଇଥିଲେ । ଏହାସହ ଘରକୁ ଘେରି ଯାଇଥିଲେ । ପୋଲିସ ଆସିଥିବା ଖବର ପାଇ ଘର ପଛପଟରେ ଥିବା ଏକ ପୋଖରୀରେ ପଶି ଡକାୟତ ଦଳ ଚାଲିଯାଇଥିବା ସନ୍ଦେହ କରୁଥିବା ବେଳେ ୧୫ ଭରି ସୁନା, ରୂପା ଗହଣା ସହ ୬୦ ହଜାର ଟଙ୍କା ଲୁଟି ନେଇଛନ୍ତି ବୋଲି ନିରଞ୍ଜନ ଅଭିଯୋଗ କରିଛନ୍ତି । ସେମାନେ ଛାଡି ଯାଇଥିବା ଦୁଇଟି ବାଇକକୁ ପୋଲିସ ଜବତ କରିଛି । ରବିବାର ବାଲିପୋଖରୀ ଗ୍ରାମରେ ମଧ୍ୟ ଏଭଳି ଡକାୟତି ଉଦ୍ୟମ କରି ବିଫଳ ହୋଇଥିବା କିଛି ଗ୍ରାମବାସୀ କହିଛନ୍ତି ।

# ଚା' ପିଉଥିବା ବ୍ୟକ୍ତିଙ୍କୁ ଛୁରାମାଡ଼

ଭଦ୍ରକ,(ସବ୍ୟ): ଭଦ୍ରକ ଜିଲା ଧୂଷୁରୀ ଥାନା ଅଧୀନସ୍ଥ କୋଠାର ପଞ୍ଚାୟତ ଅନ୍ତର୍ଗତ ମିଁଘାଟକୁଳ ଗ୍ରାମରେ ସୋମବାର ସନ୍ଧ୍ୟାରେ ଚା ପିଉଥିବା ଜଣେ ବ୍ୟକ୍ତିଙ୍କୁ ଛୁରାମାଡ଼ ହୋଇଛି । ଏହି ଘଟଣାକୁ ନେଇ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି । ମିଁଘାଟକୁଳ ଗ୍ରାମର ତନୁ ମାଲିକଙ୍କ ପୁଅ ଗୌରାଙ୍ଗ ମାଲିକ କୋଠାର ବଜାରରେ ଚା' ପିଉଥିବା ବେଳେ କୌଣସି କଥାକୁ ନେଇ ଗଦାଧର ମାଲିକଙ୍କ ଦୀପୁ ମାଲିକଙ୍କ ସହ ବଚସା ହୋଇଥିଲା । ବଚସା ଉଗ୍ରରୂପ ନେବା ପରେ ଦୀପୁ ହଠାତ୍ ଗୌରାଙ୍ଗଙ୍କ ଉପରେ ଛୁରାମାଡ଼ କରିଥିବା ଅଭିଯୋଗ ହୋଇଛି । ଘଟଣା ପରେ ସ୍ଥାନୀୟ ଲୋକେ ଅଭିଯୁକ୍ତଙ୍କୁ ଧରିବାକୁ ଚେଷ୍ଟା କରିଥିଲେ । କିନ୍ତୁ ସେ ସେଠାରୁ ଦୌଡ଼ି ପଳାଇଯାଇଥିବା କୁହାଯାଉଛି । ସେହି ସମୟରେ ସେହି ରାସ୍ତା ଦେଇ ଯାଉଥିବା ଧୂଷୁରୀ ପୋଲିସର ପାଟ୍ରୋଲିଂ ଭ୍ୟାନ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ପତ୍ତା ମିଳିନଥିବା ସୂଚନା ମିଳିଛି । ଗୁରୁତର ଆହତ ଗୌରାଙ୍ଗ ମାଲିକଙ୍କୁ ସ୍ଥାନୀୟ ଲୋକେ ତୁରନ୍ତ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ ।

# କୁର୍‌କୁରି ଖାଇ ଛାତ୍ର ଅସୁସ୍ଥ, ଡାକ୍ତରଖାନାରେ ଭର୍ତ୍ତି

ସୋର, (ସବ୍ୟ) : ସୋର ପବ୍ଲିକ ସ୍କୁଲରେ ପଢୁଥିବା ସବିରା ଗ୍ରାମର ଛାତ୍ର ନିଖିଲ ତରେଇ କୁରକୁରି ଖାଇବା ପରେ ହଠାତ୍ ଅସୁସ୍ଥ ହୋଇପଡ଼ିଥିବା ଜଣାପଡ଼ିଛି ।ପରିବାର ଲୋକଙ୍କ କହିବା ଅନୁଯାୟୀ ମଙ୍ଗଳବାର ସକାଳେ ନିଖିଲ ଘରୁ ଆସିବା ସମୟରେ ରାସ୍ତାରେ କୁରକୁରି ଖାଇଥିଲା । ସ୍କୁଲରେ ପ୍ରାର୍ଥନା ହେଉଥିବା ବେଳେ ସେ ହଠାତ ଅସୁସ୍ଥ ହୋଇ ପଡିବାରୁ ସ୍କୁଲ କର୍ତ୍ତୃପକ୍ଷ ତୁରନ୍ତ ଡ଼ାକ୍ତରଖାନାକୁ ନେଇଥିଲେ । ସେଠାରେ ତାଙ୍କର ଚିକିତ୍ସା କରାଯିବା ପରେ ଏବେ ସୁସ୍ଥ ଥିବା ଜଣାପଡିଛି ।

34001/586/2627 E-mail- eeboudhrb@gmail.com

OFFICE OF THE SUPERINTENDING ENGINEER
BOUDH (R & B) DIVISION. BOUDH
INVITION FOR BIDS (IFB)

Letter No. 3818 Dated. 04.08.2026

Cancellation of Tender Call Notice no
SE BDH-05/2026-27 dated 30.07.2026

The tender invited vide Bid Identification No. SE BDH-05/2026-27 dated 30.07.2026 for Sl. No. 01 i.e., "Providing barricading arrangement for celebration of 15th August Independence Day, 2026 at District Stadium, Boudh for the year ,2026-27" is hereby canceled due to administrative reason.

Sd/- Superintending Engineer,
Boudh (R&B) Division,
Boudh

OIPR : 34001/34134/1/26-27/0013

ଦ.ପୂ. ରେଳପଥ-ଟେଣ୍ଡର

ଟେଣ୍ଡର ନୋଟିସ୍ ନଂ.ଡିଆରଡି-କେଜିପି-ଇଲ୍ସ-୨୦୨୬-୨୭-୧୨ଆରଟି, ତାରିଖ ୦୩.୦୮.୨୦୨୬ । ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ଏବଂ ପାଇଁ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର/ଡିଆରଡି/ଖଡ଼ଗପୁର-୭୨୧୩୦୧ ନିମ୍ନୋକ୍ତ କାର୍ଯ୍ୟ ନିମନ୍ତେ ପ୍ରତିଟି ଆଇଟମ ପାଇଁ ସୂଚିତ ତାରିଖର ଅପରାହ୍ନ ୧୫.୦୦ ଘଡିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି ଏବଂ ଅପରାହ୍ନ ୧୫.୩୦ ଟାରେ ଖୋଲାଯିବ । କାର୍ଯ୍ୟର ବର୍ଣ୍ଣନା: ମାଙ୍କଡ଼ ଆତଙ୍କ ରୋକିବା ପାଇଁ ଓଏଚଇ ମାଷ୍ଟ/ପୋର୍ଟାଲ/ଟିଟିସିରେ ଆଣ୍ଟିକ୍ଲାଇମ୍ବିଂ ଡିଭାଇସ୍ ବ୍ୟବସ୍ଥା, ଜୀବନ୍ତ ଅଂଶ ଏବଂ ପୃଥିବୀର ସଂକ୍ଷିପ୍ତତା ରୋକିବା ପାଇଁ ଏସଟି, ଡିଟି ଏବଂ ୯-ଟନ୍ ଇନସୁଲେଟରରେ ଆଣ୍ଟିକ୍ଲାଇମ୍ବିଂ ଡିଭାଇସ୍ ବ୍ୟବସ୍ଥା, ଆଇସୋଲେଟରରେ ୧୮ ମିମି ତାର ବସ୍ ବାର୍ ବ୍ୟବସ୍ଥା ଏବଂ ଖଡ଼ଗପୁର ଡିଭିଜନ ଅନ୍ତର୍ଗତ ପୋର୍ଟାଲ୍ ବୁମ୍ ଭିତରେ ଲୁଚି ସୁରକ୍ଷିତ ଏବଟିପିଇ ମେଣ୍ ବ୍ୟବସ୍ଥା । ଟେଣ୍ଡର ମୂଲ୍ୟ: ଟ ୧,୦୨,୬୩,୩୩୪ /- । ଇଏମଡି: ଟ୨,୦୫,୩୦୦/- ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ: ନାହିଁ, ସମାପ୍ତି ଅବଧି: ୧୨ (ବାର) ମାସ । ଦାଖଲ ତାରିଖ : ୨୬.୦୮.୨୦୨୬ ର ୧୫.୦୦ ଘଣ୍ଟା ପର୍ଯ୍ୟନ୍ତ । ଖୋଲିବାର ତାରିଖ: ୨୬.୦୮.୨୦୨୬ । ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା, ନିର୍ଦ୍ଦିଷ୍ଟକରଣ ପାଇଁ www.ireps.gov.in ୱେବସାଇଟ୍ ପରିଦର୍ଶନ କରିପାରିବେ ଏବଂ ସେମାନଙ୍କର ବିଡ୍ ଅନଲାଇନରେ ଦାଖଲ କରିପାରିବେ । କୌଣସି ପରିସ୍ଥିତିରେ ଏହି କାର୍ଯ୍ୟ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବିଜ୍ଞପ୍ତି: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରଦାତାମାନେ ନିୟମିତ ଭାବରେ www.ireps.gov.in ପରିଦର୍ଶନ କରିପାରିବେ । (PR-565)

AFFIDAVIT

By virtue of an affidavit sworn before Executive Magistrate, Nayagarh Odisha on dated 03.08.2026 I, Sunita Behera W/o -Malaya Kumar Behera Resident of At- Ward No 7, Keutasahi,Old Town P.O- Nayagarh P.S- Nayagarh Dist-Nayagarh, PIN-752069 declare that I have changed my name from Sumitra Behera to Sunita Behera Henceforth, I shall be known as Sunita Behera for all purposes.

Sd/- Sunita Behera

AFFIDAVIT

I, RAHEBARUN NISHA, D/O- SYED MATLUB ALI , RESIDENTS OF AT-SUTAHAT CHRISTIAN SAHI, P.O-BUXI BAZAR, P.S -LALBAG, TOWN / DIST-CUTTACK, PIN-753001, ODISHA, DECLARE BY THIS AFFIDAVIT NUMBER-5324,dtd.01-08-2026 that now onwards I shall be known as RAHEBARUN NISHAN , D/O-SAYED MATLUB ALI for all future purposes.

ODISHA HYDRO POWER CORPORATION LTD.
OFFICE OF THE GENERAL MANAGER (ELECTRICAL)
BALIMELA HYDRO ELECTRIC PROJECT
AT/POST : BALIMELA, DIST. MALKANGIRI, PIN-764051 (ODISHA)
PHONE Nos.- 06861-232581 (O)/232641 (R), FAX No. 06861=232541
E-Mail: unit.head_balimela@yahoo.com/bhep.balimela@gmail.com
'e'-Procurement Notice

4001/240/2627

NOTICE INVITING TENDER NO. BHEP/24/2026-27 DATED 03.08.2026

The Unit Head, Balimela Hydor Electric Project, Balimela, Dist-Malkangiri invites percentate rate bids in **Double Cover System i.e. Cover-I (Technical Bid) & Cover-I (Price Bid)** for the work through e-procurement from eligible contractors as detailed in the table below.

| Sl. No. | Name of the Work | Approx. Estimated Cost in Rs. | EMD in Rs. | Class of Contractor | Cost of bid documents in Rs. | Period of Completion |
|---|---|---|---|---|---|---|
| 01 | Roof treatment of balance quarters in different colonies of BHEP, Balimela. | 43,18,654.00 | 43,500.00 | 'B' Class Civil Contractor | 6,000/- + GST @ 18% = 7,080/- | 180 days |

Availability of bid document in the portal : From 10:00 Hrs. of 05.08.2026 to 16.08.2026 (Upto 17:00 Hrs.)
Last date & time of submission of bid : Up to 17:00 Hrs. of 16.08.2026
The date and time of opening of the bid (Only Technical bid) : 11:00 Hrs. onwards of 17.08.2026
**Further details can be seen from the e-procurement portal https://tendersodisha.gov.in**

OIPR : 4001/4019/1/26-27/0023 Sd/- Unit Head, B.H.E.P, Balimela

OFFICE OF THE SR. GENERAL MANAGER (ELICTRICAL)
UPPER INDRAVATI HYDRO ELECTRIC PROJECT, MUKHIGUDA
DIST : KALAHANDI-766026, E-mail : sgmel_uihep@ophpcltd.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C Building, Vanivihar Chhak, Janpath, Bhoinagar, Bhubaneswar-751022
Tel : 91-0674-2542983, 2542902, 2545526, 2542626, Fax : 2542102, E-Mail :ohpc.co@gmail.com / md@ohpcltd.com
WEB : www.ohpcltd.com, CIN : U40101OR1995SGC003963
'e' Procurement Notice

32001/641/2627

NOTICE INVITING TENDER NO. UIHEP/17/2026-27 DATED. 29.07.2026

The Unit Head, UIHEP, Mukhiguda, Dist.-Kalahandi invites percentage rate bids in double cosver system i.e. Cover-I (Technical Bid) & Cover-II (Price Bid) in **Online mode** from eligible contractors for the work as detailed in the table below.

| Sl. No. | Name of work | Approx. Estimated cost (In Rs.) | EMD (in Rs.) (online) | Class of Contractor | Cost of bid document (in Rs.) (online) | Period of Contract |
|---|---|---|---|---|---|---|
| 1 | Construction of new toilet at Central Store of UIHEP, Mukhiguda. | 2,94,931/- (Excluding GST) | 2,950/- | 'D' & 'C' Class Contractor registered with State Govt./Central Govt./ MES/Railways | 2,000/- + GST @ 18% = 2,360/- | Three (03) Calendar Months. |

Availability of tender document in the portal : From 05.08.2026 (10:00 Hrs.) to 14.08.2026 (up to 13:00 Hrs.)
Last date & time of submission of tenders in the portal : 14.08.026 up to 13:00 Hrs.
The date & time of opening of the bid : 14.08.2026 at 16:30 Hrs (Only Technical Bid)
The bidders have to participate in ONLINE bidding only. Further details can be seen and tender document can be downloaded from the e-Procurement Portal "https://tendersodisha.gov.in".

OIPR : 32001/32136/1/26-27/0013 Sd/- Unit Head, UIHEP, Mukhiguda

GOVERNMENT OF ODISHA : OFFICE OF THE EXECUTIVE ENGINEER
RURAL WORKS DIVISION. JAYAPUR
e-Procurement for Building works

25001/869/2627

Bid Identification No: EERWJYP - Online -06/2026-27

Letter No. 3648 Date: 03.08.2026

01. Name of the work :: Building works
02. Total Number of works :: 02 (Two) Nos.
03. Approximate Estimated cost :: Rs. 38.34 lakhs to Rs. 43.69 lakhs (approximately)
04. Class of Contractor : "B" & "C" Class
05. Period of Completion :: within 6 months to 9 months
06. Other Details

| Procurement Officer | Bid Identification No. | Sl.No. of work in notice | Availability of Tender online for bidding | | Last Date & Time of seeking tender clarification | Date & Time of Opening of Tender in O/o E.E., R.W. Division, Jayapur |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Jeypore | Online Tender/ 06/RWD-JYP/2026-27 | 02 Nos. | 10.08.2026 at 10.00 A.M. | 24.08.2026 up to 5.00 P.M. | 21.07.2026 up to 2.00 P.M. | 25.08.2026 at 10.00 A.M. |

**Further details can be seen from the website www.tendersodisha.gov.in/nicgep/app**
All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.
*N.B. Any Addendum or Corrigendum will be available in the Website only.

Sd/- Executive Engineer,
Rural Works Division: Jayapur

OIPR : 25001/25160/1/26-27/0006

OFFICE OF THE MUNICIPAL COUNCIL,
KABISURYANAGAR 13001/1408/2627
AT/P.O: KABISURYANAGAR,
DIST: GANJAM, PIN: 761104
Phone no. 06810-295444, E-mail: ksnnac@rediffmail.com

Lt No : 1607 / Date: 03.08.2026

1st Corrigendum Notice

The Letter No.1578, Dated: 29.07.2026 published on daily odia news paper for Tender Call Notice No.1573/Dated: 29.07.2026 has been partially modified the si. No.06, 07 & 08 (critical dates) of the DTCN as read as detail below the si. No.01, 02 & 03

1. Date and time of Availability in Portal & Receipt of Bids: From 10.00A.M. Of dt.06.08.2026 to 05.30 P.M. of dt. 20.08.2026 instead of from 10.00A.M. of Dt.03.08.2026 to 05.30 P.M. of dt. 17.08.2026
2. Last date &time of submission of original Financial tender documents In Tender Box : 10.00 A.M. to 05.30 P.M of dtd. 21.08.26 Instead of 05.30 P.M. of dt. 18.08.2026.
3. Date of Opening of Tender : 24.08.2026 at 11.00 A.M instead of 19.08.2026 at 11.00 A.M.

Sd/- Executive Officer
Kabisuryanagar Municipality (G.m)

OIPR : 13001/13208/1/26-27/0008

PANCHAYAT SAMITI, CHHENDIPADA

19001/175/2627

INVITATION FOR BIDS (IFB)

IDENTIFICATION No. : CHHB-02/2026-27 & 03/2026-27

E-mail address : ori-chendipada@nic.in

The Block Development Officer, Chhendipada on behalf of the Governor of Orissa invites Percentage rate bid in single cover system for the 1 no. of Kalyan Mandap, 1 no of 100 seated Girls Hostel Building, 1 no of GP Building & 11 nos. of CP Subhadra Shakti Kendra "A", "B", & "C" contractors accordingly, registered with the State Government and contractors of equivalent grade / Class registered with Central Government/ MES / Railway, to be eventually drawn up in PWD P-I form, for execution of Building .The proof of registration from the appropriate authority shall be enclosed along with the bid. If successful, the bidder who has not registered under State Government has to register under the State PWD in appropriate class of eligibility before signing the agreement. Bidders may submit bids for any or all the Buildings. The details of the Eligibility criteria, enclosures etc. along with the list of project and date and time of sale, receipt and opening of bid documents can be viewed in the office of the undersigned during office hours & downloaded from the District web site i.e **www.angul.odisha.gov.in.**

4. Document will be available in Dist. Web Portal from 06.08.26 to 24.08.26.
5. Last date of receipt of Tender Paper- up to 5.00 PM on dt. 24.08.26.
6. Date of opening of Tender paper 11.00 AM on dt. 25.08.26.

Block Development Officer,
Chhendipada

OIPR : 19001/19017/1/26-27/0003

ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ- ୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବନାଏକ- ୯୪୩୭୭୭୯୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୮ ।

# ମଦନମୋହନ ଜୀୟୁ କମ୍ୟୁନିଟି ସେଣ୍ଟର ଶୁଭାରମ୍ଭ କଲେ ବିଧାୟିକା

କଟକ, (ସ୍ୱପ୍ର) : କଟକ ସହରର ପିଠାପୁର ସ୍ଥିତ ମଦନ ମୋହନ ଜୀୟୁ କମ୍ୟୁନିଟି ସେଣ୍ଟରର ଶୁଭାରମ୍ଭ ମଙ୍ଗଳବାର ସମ୍ପନ୍ନ ହୋଇଛି । ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି କମ୍ୟୁନିଟି ସେଣ୍ଟରର ଶିଳାନ୍ୟାସ କରିଛନ୍ତି । ଆଗାମୀ ଦିନରେ ଏହି ସେଣ୍ଟରର ସମଗ୍ର ଉନ୍ନୟନମୂଳକ କାର୍ଯ୍ୟ ବିଧାୟକ ଉନ୍ନୟନ ପାଣ୍ଠି ସହାୟତାରେ ସମ୍ପୂର୍ଣ୍ଣ କରାଯିବ ବୋଲି ବିଧାୟିକା ସୂଚନା ଦେଇଛନ୍ତି । ଏହି କମ୍ୟୁନିଟି ସେଣ୍ଟର ନିର୍ମାଣ ଅଞ୍ଚଳବାସୀଙ୍କର ଏକ ବହୁ ଦିନର ଦାବି ଥିଲା । ଏହା କାର୍ଯ୍ୟକ୍ଷମ ହେବା ଦ୍ୱାରା ସ୍ଥାନୀୟ ଲୋକଙ୍କ ବହୁଦିନର ଆଶା ପୂରଣ ହେବା ସହ ବିଭିନ୍ନ ସାମାଜିକ, ସାଂସ୍କୃତିକ ଓ କଲ୍ୟାଣକାରୀ କାର୍ଯ୍ୟକ୍ରମ ଆୟୋଜନରେ ବିଶେଷ ସହାୟକ



ହୋଇପାରିବ ବୋଲି ମତପ୍ରକାଶ ପାଇଛି । ଏହି ପରିପ୍ରେକ୍ଷୀରେ ପୂର୍ବତନ କର୍ପୋରେଟର କେଦାର ପୃଷ୍ଟି, ଗ୍ରାମର ଅଧିକାରୀ ଫଗୁମଣି ରାଉତ, ମହନ୍ତ କାଳନ୍ଦି ଖୁଣ୍ଟିଆ, କଟୁଆଳ ଜୟନ୍ତ ରାଉତ, ସଭାପତି ସରୋଜ କୁମାର ଜେନା, ସମ୍ପାଦକ ନିରଞ୍ଜନ ଖୁଣ୍ଟିଆ, ସହ ସମ୍ପାଦକ ସନ୍ତୋଷ ରାଉତ, ମହନି ଜେନା, ନବକୀଶୋର ଜେନା, ଦୀପକ ରାଉତ, ଅମିତ ତ୍ରିବେଦୀ, ସସ୍ମିତ ବେହେରା ଓ ମାମା ଜେନାଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଓ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ଡିକିଭାଙ୍ଗି ନେଇଗଲେ ଦେଢଲକ୍ଷ

ଦଶପଲ୍ଲା, (ସବ୍ୟୁ) : ମଙ୍ଗଳବାର ଦିନ ଏହି ଲୁଟେରା ଏକ ଡିକିଭାଙ୍ଗି ଦେଢଲକ୍ଷ ଟଙ୍କା ଲୁଟ କରିଥିବା ଦଶପଲ୍ଲା ଥାନାରେ ଅଭିଯୋଗ ହୋଇଛି । ସ୍ଥାନୀୟ ଅନ୍ଧରକୋଟ ଗ୍ରାମର ସମୀର ବରାଡ଼ ଓ ତାଙ୍କ ସହ ଧର୍ମିଣୀ ସୌଦାମିନୀ ତାରେଣିଆ ଗୋଲଡ଼ ଲୋନ ଟଙ୍କା ସୁଝିବା ପାଇଁ ଦଶପଲ୍ଲା ଷ୍ଟେଟବ୍ୟାଙ୍କ ଶାଖାରୁ ଉଠାଣ କରିଥିଲେ । ପରେ ସେହି ଟଙ୍କାକୁ ଡିକିରେ ରଖି ଗୋଲଡ଼ ଲୋନ ଆଣିଥିବା ମୁଟୁଥ ଫାଇନାନ୍ସକୁ ଯାଇଥିଲେ । ସେଠାରେ ବାଇକ ରଖି ଲୋନ ସମ୍ପର୍କରେ ବୁଝିବା ପାଇଁ ଯାଇଥିଲେ । ମାତ୍ର ସେଠାରୁ ଫେରି ଦେଖନ୍ତି ବାଇକ ଡିକିରେ ଟଙ୍କା ନାହିଁ । କେହି ବାଇକ ଡିକି ଭାଙ୍ଗି ଡିକିରେ ଥିବା ଟଙ୍କା ଲୁଟ କରି ନେଇଛି । ଏ ସମ୍ପର୍କରେ ସମୀର ଦଶପଲ୍ଲା ଥାନାରେ ଅଭିଯୋଗ କରିବା ପରେ ପୋଲିସ ବିଭିନ୍ନ ସ୍ଥାନରେ ସିସିଟିଭି ଯାଞ୍ଚ କରି ଚୋରିକରିଥିବା ବ୍ୟକ୍ତି ଫଟୋ ପାଇପାରିଥିବା ବେଳେ ଚୋରକୁ ଧରିବା ପାଇଁ ଉଦ୍ୟମ ଜାରି ରଖିଛି ।

# ନ୍ୟାସନାଲ୍ ଗ୍ରୀନ୍ ୟୁନିଭର୍ସିଟି ରାଙ୍କିଙ୍ଗ୍ ୨୦୨୬ : ତୃତୀୟ ସ୍ଥାନରେ କିସ୍

ଭୁବନେଶ୍ୱର, (ସବ୍ୟୁ): ନ୍ୟାସନାଲ୍ ଗ୍ରୀନ୍ ୟୁନିଭର୍ସିଟି ରାଙ୍କିଙ୍ଗ୍ ୨୦୨୬ରେ କିସ୍ ବିଶ୍ୱବିଦ୍ୟାଳୟ ସମଗ୍ର ଭାରତରେ ତୃତୀୟ ସ୍ଥାନ ଅଧିକାର କରିଛି । ପରିବେଶ ଅନୁକୂଳ କ୍ୟାମ୍ପସ ଗଠନ ଏବଂ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କ ମଧ୍ୟରେ ପରିବେଶ ସଚେତନତା ବୃଦ୍ଧି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କିସ ନ୍ୟାସନାଲ୍ ଗ୍ରୀନ୍ ୟୁନିଭର୍ସିଟି ରାଙ୍କିଙ୍ଗ୍ ୨୦୨୬ରେ ପ୍ଲାଟିନମ୍ ରେଟିଂ ସହ ତୃତୀୟ ସ୍ଥାନ ହାସଲ କରିଛି । ଏହି ଉଲ୍ଲେଖନୀୟ ସଫଳତା କିସ୍ ବିଶ୍ୱବିଦ୍ୟାଳୟର ସବୁଜ ପଦକ୍ଷେପ ଓ ସ୍ଥାୟୀ ପରିବେଶ ବିକାଶ ପ୍ରତି ବୃଦ୍ଧି ପାଉଥିବା ପ୍ରତିବଦ୍ଧତାର ସ୍ପଷ୍ଟ ପ୍ରତିଫଳନ । ଆମେରିକା ଓ ଭାରତରେ ପଞ୍ଜୀକୃତ ବିଶ୍ୱସ୍ତରୀୟ ଗ୍ରୀନିଂ ଏଜୁକେସନ୍ ସଂଗଠନ 'ଗ୍ରୀନ୍ ମେଣ୍ଟର୍ସ' ପକ୍ଷରୁ ପ୍ରସ୍ତୁତ ଓ ପ୍ରକାଶିତ ଏହି ରାଙ୍କିଙ୍ଗରେ ଭାରତର ବିଭିନ୍ନ ବିଶ୍ୱବିଦ୍ୟାଳୟଗୁଡ଼ିକୁ ସେମାନଙ୍କର ସ୍ଥାୟୀ ବିକାଶ ଓ ପରିବେଶ-ଅନୁକୂଳ କାର୍ଯ୍ୟକ୍ରମ ଆଧାରରେ ମୂଲ୍ୟାୟନ କରାଯାଇଛି । ଏଥିରେ ସବୁଜ ଭିତ୍ତିଭୂମି, ବର୍ଜ୍ୟବସ୍ତୁ ପରିଚାଳନା, ଶକ୍ତି ସଂରକ୍ଷଣ, ବର୍ଷାଜଳ ସଂରକ୍ଷଣ ଏବଂ ପରିବେଶ ଶିକ୍ଷାକୁ ପାଠ୍ୟକ୍ରମରେ ସାମିଲ କରିବା ଭଳି ବିଭିନ୍ନ ମାନଦଣ୍ଡକୁ ବିଚାରକୁ ନିଆଯାଇଛି ।

'ଗ୍ରୀନ୍ ମେଣ୍ଟର୍ସ'କୁ ଜାତିସଂଘର ଆର୍ଥିକ ଓ ସାମାଜିକ ପରିଷଦ ପକ୍ଷରୁ ସ୍ପେଶାଲ୍ କନଶଲଟେଟିଭ୍ ଷ୍ଟାଟସ୍ ପ୍ରଦାନ କରାଯାଇଛି । ଏହା ସହିତ ଏହା ମିଳିତ ଜାତିସଂଘର ଗ୍ରୀନିଂ ଏଜୁକେସନ୍ ପାର୍ଟନରସିପର ସହଭାଗୀ ଏବଂ ଜାତିସଂଘର ଆର୍ଥିକ ଓ ସାମାଜିକ ବ୍ୟାପାର ବିଭାଗ ଅଧୀନରେ ଥିବା ହାଇଅର ଏଜୁକେସନ୍ ସଷ୍ଟେନେବିଲିଟି ଇନିସିଏଟିଭ୍‌ର ମଧ୍ୟ ସଦସ୍ୟ ରହିଛି । କିସ୍ ଭାରତର ଅନ୍ୟତମ ଅଗ୍ରଣୀ ସବୁଜ କ୍ୟାମ୍ପସ ବିଶ୍ୱବିଦ୍ୟାଳୟ ଭାବେ ପରିଚିତ । ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ ସହ ସମନ୍ୱୟ ରକ୍ଷା କରି କିସ୍ ଦୀର୍ଘଦିନ ଧରି ବିଭିନ୍ନ ପରିବେଶ-ଅନୁକୂଳ କାର୍ଯ୍ୟକ୍ରମ କାର୍ଯ୍ୟକରି ଆସୁଛି । ଏହି ସ୍ୱୀକୃତି କେବଳ କିସ୍‌ର ଜାତୀୟସ୍ତରରେ ମର୍ଯ୍ୟାଦା ବୃଦ୍ଧି କରିନାହିଁ, ବରଂ ପୂର୍ବ ଭାରତର ଅନ୍ୟାନ୍ୟ ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକ ପାଇଁ ମଧ୍ୟ ସବୁଜ ଅଭ୍ୟାସକୁ ଅଧିକ ପ୍ରଭାବଶାଳୀ ଭାବେ ଅନୁସରଣ କରିବାର ଏକ ଉତ୍କୃଷ୍ଟ ଦୃଷ୍ଟାନ୍ତ ସୃଷ୍ଟି କରିଛି ।

ଏହି ସଫଳତାରେ ଖୁସି ବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, ପ୍ରତିଷ୍ଠା ହେବାଦିନଠାରୁ କିଟ୍ ଓ କିସ୍ ପରିବେଶ ସୁରକ୍ଷା ଏବଂ ସବୁଜ ପଦକ୍ଷେପକୁ ସର୍ବୋଚ୍ଚ ପ୍ରାଥମିକତା ଦେଇଆସୁଛି । ଏହି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ କିସ୍ ଦେଶ-ବିଦେଶର ବିଭିନ୍ନ ସଂସ୍ଥା ପକ୍ଷରୁ ସମ୍ମାନିତ ହୋଇଛି ବୋଲି ଶ୍ରୀ ସାମନ୍ତ କହିଛନ୍ତି । ଜାତୀୟ ଗ୍ରୀନ୍ ୟୁନିଭର୍ସିଟି ରାଙ୍କିଙ୍ଗ୍ ଭାରତର ଜାତୀୟ ଶିକ୍ଷାନୀତି ୨୦୨୦, ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ ଏବଂ ୟୁନେସ୍କୋର ଗ୍ରୀନିଂ ହାଇଅର ଏଜୁକେସନ୍ ଫ୍ରେମ୍‌ୱର୍କ ସହ ସମନ୍ୱିତ । ଏହା ବିଶ୍ୱବିଦ୍ୟାଳୟଗୁଡ଼ିକୁ ସେମାନଙ୍କର ସମସ୍ତ କାର୍ଯ୍ୟକଳାପରେ ସ୍ଥାୟୀ ବିକାଶର ନୀତିକୁ ସାମିଲ କରିବା ସହ ୨୦୩୦ ସୁଦ୍ଧା ଭାରତର ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲର ପ୍ରୟାସକୁ ଅଧିକ ଗତିଶୀଳ କରିବାକୁ ଉତ୍ସାହିତ କରୁଛି ।

# ଚଣ୍ଡିଖୋଲ ଅତ୍ୟାଧୁନିକ ଅଟଳ ବସ ଷ୍ଟାଣ୍ଡର ଟେଣ୍ଡର ବାତିଲ : ସାଧାରଣରେ ତୀବ୍ର ପ୍ରତିକ୍ରିୟା

ଚଣ୍ଡିଖୋଲ, (ସବ୍ୟୁ) ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ ଓ ସ୍ଥାନୀୟ ବିଧାୟକଙ୍କ ପ୍ରଚେଷ୍ଟା ଫଳରେ ଚଣ୍ଡିଖୋଲ ବଜାର ଅଞ୍ଚଳକୁ ନୂଆ ରୂପ ଦେବା ପାଇଁ ଏଠାରେ ଏକ ଅତ୍ୟାଧୁନିକ ଅଟଳ ବସ ଷ୍ଟାଣ୍ଡ ନିର୍ମାଣ ହେବାକୁ ଘୋଷଣା ହୋଇଥିଲା । ତେବେ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ଏବେ ଅଶୁଭ ଲକ୍ଷଣ ଦେଖିବାକୁ ମିଳିଛି । ଏହାର ନିର୍ମାଣ ପାଇଁ ଟେଣ୍ଡର ହୋଇଥିଲେ ମଧ୍ୟ ହଠାତ ରାଜ୍ୟ ପୋଲିସ ହାଉସିଂ କର୍ପୋରେସନ ପକ୍ଷରୁ ଅପ୍ରତ୍ୟାଶିତ ଭାବେ ଏହି ଟେଣ୍ଡର ପ୍ରକ୍ରିୟାକୁ ବାତିଲ କରି ଦିଆ ଯାଇଥିବା ଜଣାପଡିଛି । ଯାହାକୁ ନେଇ ଚଣ୍ଡିଖୋଲ ବାସୀଙ୍କ ମଧ୍ୟରେ ତିବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି । ଏହି ଅତ୍ୟାଧୁନିକ ବସଷ୍ଟାଣ୍ଡ ନିର୍ମାଣ ପାଇଁ ସରକାର ୨୬କୋଟି ୫୯ଲକ୍ଷ ୮୮ହଜାର ୩୦୩ଟଙ୍କା ମଞ୍ଜୁର କରିଥିଲେ । ଏହି ବସଷ୍ଟାଣ୍ଡ ନିର୍ମାଣ ହେଲେ ଦୀର୍ଘ ବର୍ଷ ଧରି ଚଣ୍ଡିଖୋଲରେ ଲାଗିରହିଥିବା ଉତ୍କଟ ଟ୍ରାଫିକ ସମସ୍ୟାର ସମ୍ୟକ ସମାଧାନ ହେବା ସହିତ ଏହା ଯାତ୍ରୀଙ୍କ ଗମନା ଗମନ କ୍ଷେତ୍ରରେ ନୂଆ ଅଧ୍ୟାୟ ସୃଷ୍ଟି କରିବ ବୋଲି ମଧ୍ୟ ଆଲୋଚନା ହୋଇଥିଲା । ଏପରିକି ରାଜ୍ୟ ସରକାରଙ୍କ ଦ୍ୱିତୀୟ ବର୍ଷ ପୂର୍ତ୍ତି ଅବସରରେ ଏହା ଚଣ୍ଡିଖୋଲ ବାସୀଙ୍କୁ ଏକ ଭେଟି ବୋଲି ମଧ୍ୟ ସେତେବେଳେ ଆଲୋଚନା ହୋଇଥିଲା । ଏହି ଅତ୍ୟାଧୁନିକ ବସ ଷ୍ଟାଣ୍ଡ ନିର୍ମାଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ରାଜ୍ୟ ପୋଲିସ ହାଉସିଂ କର୍ପୋରେସନକୁ ସରକାର ଏହାର ନିର୍ମାଣ ଦାୟିତ୍ୱ ଦେଇଥିଲେ ଓ ଖୁବଶୀଘ୍ର ଏହାର ନିର୍ମାଣ ଆରମ୍ଭ ହେବ ବୋଲି ଘୋଷଣା ହୋଇଥିଲା । ନିର୍ମାଣ ଦାୟିତ୍ୱ ପାଇବା ପରେ ପୋଲିସ ହାଉସିଂ କର୍ପୋରେସନ ଗତ ଜୁନ ମାସରେ ଟେଣ୍ଡର ଆହ୍ୱାନ କରିଥିଲେ । ୫ଟି ସଂସ୍ଥା ମଧ୍ୟ ଏହି ଟେଣ୍ଡର ପ୍ରକ୍ରିୟାରେ ଭାଗ ନେଇଥିଲେ । ହେଲେ ଆଶ୍ଚର୍ଯ୍ୟର କଥା ପ୍ରଶାସନିକ କାରଣ ଦର୍ଶାଇ ପୋଲିସ ହାଉସିଂ କର୍ପୋରେସନ ଗତ ଜୁଲାଇ ୨୧ ତାରିଖରେ ଏହି ଟେଣ୍ଡର ପ୍ରକ୍ରିୟାକୁ ହଠାତ ବାତିଲ କରି ଦେଇଥିବା ଜଣାପଡିଛି । ଉକ୍ତ ଟେଣ୍ଡର ପ୍ରକ୍ରିୟା ବାତିଲ ହୋଇଯିବା ପରେ ଚଣ୍ଡିଖୋଲର ଏହି ଅତ୍ୟାଧୁନିକ ଅଟଳ ବସ ଷ୍ଟାଣ୍ଡର ନିର୍ମାଣ ନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି । ହଠାତ ସରକାରଙ୍କର ଏପରି ନିଷ୍ପତ୍ତିକୁ ନେଇ ଏବେ ସାଧାରଣରେ ତିବ୍ର ପ୍ରତିକ୍ରିୟା ପାଇବା ସହ ଏପରି ଘଟଣାକୁ ନେଇ ବୁଦ୍ଧିଜୀବୀ ମାନଙ୍କ ମଧ୍ୟରେ ବିଭିନ୍ନ କଥା ଆଲୋଚନା ହେଉଛି । ରାଜ୍ୟର ଅନେକ ସ୍ଥାନରେ ଏପରି ଅତ୍ୟାଧୁନିକ ଅଟଳ ବସ ଷ୍ଟାଣ୍ଡର ନିର୍ମାଣ ପାଇଁ ଟେଣ୍ଡର ହୋଇ କାର୍ଯ୍ୟ ଆରମ୍ଭ ହୋଇଥିଲା ବେଳେ ଚଣ୍ଡିଖୋଲର ଟେଣ୍ଡର ହଠାତ ବାତିଲ ହେବାର ରହସ୍ୟ କଣ ବୋଲି ବିଭିନ୍ନ ମହଲରେ ପ୍ରଶ୍ନ ହୋଇଛି ।

# ଚେହେରା ଚିହ୍ନଟ ପ୍ରଣାଳୀ ଦ୍ୱାରା କୁଖ୍ୟାତ ଲୁଟେରା ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଏଆଇ କ୍ୟାମେରା ଚେହେରା ଚିହ୍ନଟ ପ୍ରଣାଳୀ ଦ୍ୱାରା କୁଖ୍ୟାତ ଲୁଟେରା କାଳନ୍ଦୀ ଓରଫ ତପନ ନାୟକକୁ ମାଷ୍ଟରକ୍ୟାଣ୍ଟିନ ଛକରୁ ଗିରଫ କରିଛି କ୍ୟାପିଟାଲ ଥାନା ପୋଲିସ । ସେ ଜଣେ ପେସାଦାର ଲୁଟେରା ହୋଇଥିବାରୁ ଜେଲ୍ ଯାଇ ଜାମିନରେ ଆସିବା ପରେ ପୁଣି ଲୁଟ୍‌ପାଟ ଆରମ୍ଭ କରିଛି । ତା'ନିକଟରୁ ଦୁଇଟି ଲୁଟ୍ ମୋବାଇଲ ଜବତ କରିଛି ପୋଲିସ । କାଳନ୍ଦୀ ଘର ସହିଦନଗର ଥାନା ଅନ୍ତର୍ଗତ ବାୟାବାବା ବସ୍ତିରେ ହୋଇଥିବା ବେଳେ ସେ ଜଣେ ପେସାଦାର ଲୁଟେରା । ଲୁଟପାଟ କରିବା ତା'ର କାମ । ମାଷ୍ଟରକ୍ୟାଣ୍ଟିନ ଛକରୁ ମୋବାଇଲ ଲୁଟ୍ କରିଥିବା ଏଆଇ କ୍ୟାମେରା ଚେହେରା ଚିହ୍ନଟ ପ୍ରଣାଳୀରୁ ଜଣାପଡିବା ପରେ ତାକୁ ଗିରଫ କରାଯିବା ପରେ ତା'ନିକଟରୁ ୨ଟି ମୋବାଇଲ ଜବତ ହୋଇଛି ।

କାଳନ୍ଦୀ ନାଁରେ ସହିଦନଗର ଓ ଖାରବେଳନଗର ଥାନାରେ ଦୁଇଟି ଲେଖାଏଁ ମାମଲା ପଞ୍ଜୀକୃତ ଥିବାବେଳେ ନୟାପଲ୍ଲୀ ଥାନାରେ ୫ ଓ କ୍ୟାପିଟାଲ ଥାନାରେ ଗୋଟିଏ ମାମଲା ପଞ୍ଜୀକୃତ ଥିବା ପୋଲିସ କହିଛି । ମଙ୍ଗଳବାର ଏ ସମ୍ପର୍କରେ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ସାମ୍ବାଦିକଙ୍କୁ ସୂଚନା ଦେବା ପରେ ତାକୁ କୋର୍ଟଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ତାପସ କୁମାର ମହାନ୍ତିଙ୍କୁ

# ଭୀମଭୋଇ ଦୃଷ୍ଟିହୀନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଭାବବିହ୍ୱଳ ବିଦାୟ

ଭୁବନେଶ୍ୱର, (ସବ୍ୟୁ): ଭୁବନେଶ୍ୱରସ୍ଥିତ ଭୀମଭୋଇ ଦୃଷ୍ଟିହୀନ ବିଦ୍ୟାଳୟରେ ଜାତୀୟ ପୁରସ୍କାରପ୍ରାପ୍ତ ବିଶିଷ୍ଟ ସ୍ୱତନ୍ତ୍ର ଶିକ୍ଷାବିତ୍ ତାପସ କୁମାର ମହାନ୍ତିଙ୍କ ଅବସର ଉପଲକ୍ଷେ ଏକ ଭାବବିହ୍ୱଳ ବିଦାୟ ସମାରୋହ ଆୟୋଜିତ ହୋଇଥିଲା । ଦୀର୍ଘ ୩୪ ବର୍ଷ ଧରି ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କ ଶିକ୍ଷା ଓ ସର୍ବସମାବେଶୀ ଶିକ୍ଷାର ବିକାଶ ପାଇଁ ତାଙ୍କର ନିଷ୍ଠାପୂର୍ଣ୍ଣ ସେବାକୁ ଛାତ୍ରଛାତ୍ରୀ, ସହକର୍ମୀ ଓ ଶୁଭେଚ୍ଛୁମାନେ ଉଚ୍ଚ ପ୍ରଶଂସା କରିଥିଲେ । ଶ୍ରୀ ମହାନ୍ତି ତାଙ୍କ କର୍ମଜୀବନରେ ଦୃଷ୍ଟିବାଧିତ ଶିଶୁମାନଙ୍କ ପାଇଁ ବହୁ ମୂଲ୍ୟବାନ ବ୍ରେଲ୍ ଓ ଅଡିଓ ଶିକ୍ଷା ସାମଗ୍ରୀ ପ୍ରସ୍ତୁତ କରିଛନ୍ତି । ସେ ପ୍ରଣୟନ କରିଥିବା 'ବ୍ରେଲ୍ ୱାର୍ଡ ବୁକ୍-ଭାଗ-୧ ଓ ୨', 'ଲର୍ଣ୍ଣ ବ୍ରେଲ୍-ଭାଗ-୧ ଓ ୨' ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କ ପାଇଁ ଆଜି ମଧ୍ୟ ଅମୂଲ୍ୟ ସହାୟକ ପୁସ୍ତକ । ସେହିପରି ମାଟ୍ରିକ୍ ପରୀକ୍ଷାର୍ଥୀଙ୍କ ପାଇଁ ' ପରୀକ୍ଷା ଦର୍ପଣ ଟେଷ୍ଟ ପେପର ର ଅଡିଓ ସଂସ୍କରଣ ପ୍ରସ୍ତୁତ କରିଥିଲେ, ଯାହାକୁ ଓଡ଼ିଶା ସ୍କୁଲ୍ ଏଜୁକେସନ୍ ପ୍ରୋଗ୍ରାମ୍ ଅଥରିଟି (ଓଏସ୍‌ଇପିଏ) ଦୀକ୍ଷା ପୋର୍ଟାଲରେ ସ୍ଥାନ ଦେଇ ରାଜ୍ୟର ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କ ପାଇଁ ଉପଲବ୍ଧ କରାଇଛି ।

ତାଙ୍କର ଅସାଧାରଣ ଅବଦାନ ପାଇଁ ସେ ୨୦୨୦ ମସିହାରେ ଭାରତ ସରକାରଙ୍କ 'ଜାତୀୟ ଶିକ୍ଷକ ପୁରସ୍କାର' ରାଷ୍ଟ୍ରପତିଙ୍କ ଠାରୁପ୍ରାପ୍ତ ହେବାସହ, ୨୦୧୫ ମସିହାରେ ଓଡ଼ିଶା ସରକାରଙ୍କ 'ରାଜ୍ୟ ଶିକ୍ଷକ ପୁରସ୍କାର', ଗୁରୁଶ୍ରୀ ପୁରସ୍କାର (୨୦୧୪), ଏବିଲିଟି ଆୱାର୍ଡ (୨୦୧୮) ଏବଂ ଦ୍ରୋଣାଚାର୍ଯ୍ୟ ରାଜ୍ୟ ପୁରସ୍କାର (୨୦୨୩) ସମେତ ଅନେକ ସମ୍ମାନରେ ସମ୍ମାନିତ ହୋଇଛନ୍ତି । ସେ ଜାତୀୟ ଶିକ୍ଷା ନୀତି-୨୦୨୦ର ଓଡ଼ିଶାରେ କାର୍ଯ୍ୟକାରିତା ପାଇଁ ଗଠିତ ରାଜ୍ୟସ୍ତରୀୟ କମିଟିର ସଦସ୍ୟ ଭାବେ ମଧ୍ୟ ଦାୟିତ୍ୱ ନିର୍ବାହ



କରିଥିଲେ । ବିଦାୟ ସମାରୋହରେ ଛାତ୍ରଛାତ୍ରୀମାନେ ପୁଷ୍ପଗୁଚ୍ଛ ଓ ସ୍ମୃତିଚିହ୍ନ ପ୍ରଦାନ କରି ନିଜ ପ୍ରିୟ ଶିକ୍ଷକଙ୍କ ପ୍ରତି କୃତଜ୍ଞତା ଜଣାଇଥିଲେ । ଅନେକ ଛାତ୍ରଛାତ୍ରୀ ଭାବବିହ୍ୱଳ ହୋଇ ତାଙ୍କ ସ୍ନେହ, ତ୍ୟାଗ, ମାର୍ଗଦର୍ଶନ ଓ ପ୍ରେରଣାକୁ ସ୍ମରଣ କରିଥିଲେ ।

# ଏନ୍‌ପିସିଆଇ ଟେକ୍ସଟ୍ ମେସେଜ୍ ଠକେଇ ସମ୍ପର୍କରେ ସଚେତନତା

ଭୁବନେଶ୍ୱର (ସବ୍ୟୁ): ଡିଜିଟାଲ୍ ପେମେଣ୍ଟ୍ ବର୍ତ୍ତମାନ ସାରା ଦେଶରେ ସହଜରେ ଉପଲବ୍ଧ ହୋଇଛି, ଯାହା ଭାରତକୁ ଡିଜିଟାଲ୍-ପ୍ରଥମ ଅର୍ଥନୀତି ଦିଗରେ ଆଗେଇ ନେଉଛି ଏବଂ ସୁରକ୍ଷା ସହିତ ସୁବିଧା ମଧ୍ୟ ପ୍ରଦାନ କରୁଛି । ଆଜିକାଲି ଅନେକ ଠକେଇ ଏକ ସରଳ ଟେକ୍ସଟ୍ ମେସେଜ୍‌ରୁ ଆରମ୍ଭ ହୁଏ, ଯାହା ଲୋକମାନଙ୍କ ମନରେ ତୁରନ୍ତ କାର୍ଯ୍ୟ କରିବା ପାଇଁ ଜରୁରୀଭାବ, ଭୟ କିମ୍ବା ଉତ୍ସୁକତା ସୃଷ୍ଟି କରି ଶୀଘ୍ର ନିଷ୍ପତ୍ତି ନେବାକୁ ପ୍ରଭାବିତ କରେ । ଏହି ପ୍ରକାରର ସାମାଜିକ ପ୍ରଭାବ ଆଧାରିତ ଠକେଇ ପ୍ରାଯୋଗିକ ଜ୍ଞାନ ପରିବର୍ତ୍ତେ ମାନବୀୟ ଭାବନା ଉପରେ ନିର୍ଭର କରେ । ଏହି ଠକେଇଗୁଡ଼ିକ କିପରି କାମ କରେ ତାହା ଜାଣିବା ଦ୍ୱାରା ଆପଣ ସତର୍କ ସଙ୍କେତଗୁଡ଼ିକୁ ଚିହ୍ନଟ କରିପାରିବେ ଏବଂ ଆର୍ଥିକ ଠକେଇରୁ ନିଜକୁ ସୁରକ୍ଷିତ ରଖିପାରିବେ । ଅଧିକାଂଶ ଟେକ୍ସଟ୍ ମେସେଜ୍ ଠକେଇର ଉଦ୍ଦେଶ୍ୟ ହେଉଛି ଆପଣଙ୍କୁ ନିମ୍ନଲିଖିତ ପାଞ୍ଚଟି କାର୍ଯ୍ୟ ମଧ୍ୟରୁ କୌଣସି ଗୋଟିଏ କରିବାକୁ ପ୍ରଲୋଭିତ କରିବା: ଏପରି ଏକ ଲିଙ୍କରେ କ୍ଲିକ୍ କରିବା, ଯାହା ଏକ ନକଲି ୱେବସାଇଟ୍‌କୁ ନେଇଯାଏ । ଏକ ନକଲି କଷ୍ଟମର୍ କେୟାର୍ କିମ୍ବା ହେଲ୍ପଲାଇନ୍ ନମ୍ବରକୁ କଲ୍ କରିବା । ଅଜଣା ଆପ୍ କିମ୍ବା ଫାଇଲ୍ ଡାଉନଲୋଡ୍ କରିବା । ନିଜର ବ୍ୟକ୍ତିଗତ କିମ୍ବା ଆର୍ଥିକ ସୂଚନା ଯଥା କିମ୍ବା ପାସୱାର୍ଡ ଅନ୍ୟମାନଙ୍କ ସହିତ ଶେୟାର କରିବା ।

## କମିଥିବା କେନ୍ଦ୍ରୀୟ ଅନୁଦାନକୁ ଲୁଚାଇବା ପାଇଁ

# ବନ୍ୟା ସହାୟତାକୁ ବିଜେପି ପ୍ରଚାର କରୁଛି: ବିଜେଡି

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟରେ ବନ୍ୟାର ମୁକାବିଲା ପାଇଁ କେନ୍ଦ୍ର ସରକାର ୫୦୦ କୋଟି ଟଙ୍କା ଅନୁଦାନ ଘୋଷଣା କରିଥିବାକୁ ନେଇ ରାଜ୍ୟ ସରକାର ଓ ବିଜେପି ତରଫରୁ ଏହାକୁ ବିଶେଷ ପ୍ରଚାର କରାଯାଉଛି । କିନ୍ତୁ, ଏହି ଅନୁଦାନ କିଛି ବିଶେଷ ଅନୁଦାନ ନୁହେଁ, ବନ୍ୟା ବା ଅନ୍ୟ କୌଣସି ପ୍ରାକୃତିକ ବିପର୍ଯ୍ୟୟ ଘଟିଲେ ରାଜ୍ୟକୁ କେନ୍ଦ୍ରର ଅନୁଦାନ ମିଳିଥାଏ । ତେଣୁ ଏଥିପାଇଁ ବିଶେଷ ଉଲ୍ଲସିତ ହେବାର କୌଣସି କାରଣ ନାହିଁ ବୋଲି ବିଜେଡି କହିଛି ।

ବିଜୁ ଜନତା ଦଳ ତରଫରୁ ଜାରି କରାଯାଇଥିବା ଏକ ପ୍ରେସ ବିବୃତିରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି କହିଛନ୍ତି, ଓଡ଼ିଶାରେ ଡବଲ୍ ଇଞ୍ଜିନ୍ ସରକାର ଗଠନ ହେଲେ ରାଜ୍ୟକୁ କେନ୍ଦ୍ରରୁ ଅଧିକ ଅର୍ଥ ଓ ବିକାଶ ମିଳିବ ବୋଲି ବିଜେପି ଯେଉଁ ବଡ଼ ବଡ଼ ପ୍ରତିଶ୍ରୁତି ଦେଇଥିଲା, ଦୁଇ ବର୍ଷର ତଥ୍ୟ ଦେଖିଲେ କେନ୍ଦ୍ର ଅନୁଦାନ ବଢିବା ପରିବର୍ତ୍ତେ କମିଛି । ରାଜ୍ୟର ବିଜେପି ନେତାମାନେ ବାସ୍ତବ ଚିତ୍ରକୁ ଲୁଚାଇବା ଉଦ୍ଦେଶ୍ୟରେ ବନ୍ୟା ମୁକାବିଲା ପାଇଁ ମିଳିଥିବା ସହାୟତାକୁ ପ୍ରଚାର କରୁଛନ୍ତି ।

ଡ଼ ମହାନ୍ତି କହିଥିଲେ ଯେ, ପ୍ରମୁଖ ବିକାଶମୂଳକ ଯୋଜନାଗୁଡ଼ିକରେ ଓଡ଼ିଶାକୁ ମିଳୁଥିବା କେନ୍ଦ୍ରୀୟ ଅନୁଦାନ ୨୦୨୩-୨୪ରେ ୨୧,୫୦୦ କୋଟିରୁ ୨୦୨୪-୨୫ରେ ୧୭,୦୦୦ କୋଟିକୁ ହ୍ରାସ ପାଇଛି । ଅର୍ଥାତ୍ ୨ ବର୍ଷ ମଧ୍ୟରେ ପ୍ରାୟ ୪,୫୦୦ କୋଟି ବା ୧୮.୧୯ ପ୍ରତିଶତ ହ୍ରାସ ପାଇଛି । ଏହା କେବଳ ଏକ ଅର୍ଥନୈତିକ ହିସାବ ନୁହେଁ; ଏହାର ସିଧାସଳଖ ପ୍ରଭାବ ଓଡ଼ିଶାର ଗରିବ, କୃଷକ ଓ ଗ୍ରାମାଞ୍ଚଳର ଲୋକଙ୍କ ଉପରେ ପଡ଼ିବ । ଗ୍ରାମାଞ୍ଚଳରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଓଡ଼ିଶାକୁ ମିଳୁଥିବା ଅନୁଦାନ ୪,୩୧୦ କୋଟିରୁ ୮୨୫ କୋଟିକୁ ଖସିଆସିଛି, ଅର୍ଥାତ୍ ପ୍ରାୟ ୩,୫୦୦ କୋଟି ହ୍ରାସ ଘଟିଛି । ସେହିପରି ସହାରାଞ୍ଚଳରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମିଳିଥିବା ଅନୁଦାନ ୨୯୬ କୋଟିରୁ ୦.୭୩ କୋଟିକୁ ହ୍ରାସ ପାଇଛି, ଅର୍ଥାତ୍ ପ୍ରାୟ ୨୯୫ କୋଟି ହ୍ରାସ ପାଇଛି । ଯେଉଁ ସରକାର ଗରିବଙ୍କୁ ଘର ଦେବାର କଥା କହୁଛି, ସେହି ସରକାର ସମୟରେ ଆବାସ ଯୋଜନାରେ ଅନୁଦାନ କାହିଁକି ଏତେ କମିଲା ତାର ଉତ୍ତର ଦେବାର ଆବଶ୍ୟକତା ରହିଛି । ନିର୍ବାଚନ ପୂର୍ବରୁ ବିଜେପି ଡବଲ୍ ଇଞ୍ଜିନ୍ ସରକାର ଡବଲ ବିକାଶ ନାରା ଦେଇଥିଲା । କିନ୍ତୁ ଉପଲବ୍ଧ ତଥ୍ୟ ଅନୁସାରେ ଗରିବଙ୍କ ଘର, ପାନୀୟ ଜଳ, ଗ୍ରାମୀଣ ସଡ଼କ, କୃଷି ଓ ଜଳସେଚନ ଭଳି ମୌଳିକ କ୍ଷେତ୍ରରେ କେନ୍ଦ୍ରୀୟ ଅନୁଦାନ ହ୍ରାସ ପାଇଛି । ଏହାକୁ ଲୁଚାଇ ରାଜ୍ୟ ବିଜେପି ସରକାର ବନ୍ୟା ମୁକାବିଲା ପାଇଁ ମିଳିଥିବା ୫୦୦ କୋଟି ଟଙ୍କାକୁ ନେଇ ପ୍ରଚାର କରୁଛି । ଅନୁଦାନ ହ୍ରାସ ସମ୍ପର୍କରେ, ରାଜ୍ୟ ବିଜେପି ସରକାର ଏହାର ସ୍ପଷ୍ଟ ଓ ତଥ୍ୟଭିତ୍ତିକ ଉତ୍ତର ଦେବାକୁ ଆହ୍ୱାନ କରୁଛୁ ।

# ଅଙ୍ଗଦାନ ସଚେତନତା ପାଇଁ ଏକାଠି ହେଲେ ଭୁବନେଶ୍ୱରର ଇନର ହ୍ୱିଲ୍ କ୍ଲବ

ଭୁବନେଶ୍ୱର, (ସବ୍ୟୁ): ଭୁବନେଶ୍ୱରର ସମସ୍ତ ୧୫ଟି



ଇନର ହ୍ୱିଲ୍ କ୍ଲବର ମିଳିତ ଉଦ୍ୟମରେ ମଙ୍ଗଳବାର ଏକ ଅଙ୍ଗଦାନ ସଚେତନତା ଅଭିଯାନ ଆୟୋଜିତ ହୋଇଥିଲା । ଭାରତୀୟ ବିଦ୍ୟାଭବନ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୧୫୦ରୁ ଅଧିକ ସଦସ୍ୟା ଏବଂ ଡିଷ୍ଟ୍ରିକ୍ଟ-୩୨୬ର ପଦାଧିକାରୀମାନେ ଅଂଶଗ୍ରହଣ କରିଥିଲେ । ଭୁବନେଶ୍ୱରର ୧୫ଟି କ୍ଲବର ସଭାପତିମାନଙ୍କ ନେତୃତ୍ୱରେ ଅନୁଷ୍ଠିତ ସଚେତନତା ରାଲିରେ ଅଙ୍ଗଦାନର ମହତ୍ତ୍ୱ ସମ୍ପର୍କିତ ପ୍ରେରଣାଦାୟକ ପ୍ଲାକାର୍ଡ ପ୍ରଦର୍ଶନ କରାଯାଇଥିଲା । ବକ୍ତାମାନେ ଅଙ୍ଗଦାନକୁ ମହାନ ମାନବସେବା ବୋଲି ବର୍ଣ୍ଣନା କରି ଏହି ମହତ୍ କାର୍ଯ୍ୟରେ ସାମିଲ ହେବା ପାଇଁ ସମସ୍ତଙ୍କୁ ଆହ୍ୱାନ ଜଣାଇଥିଲେ । କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ, ମଧୁଛନ୍ଦା ବଳ, ସଂଗୀତା ଅଗ୍ରୱାଲ, ସୁଜାତା ସିଂହ, ବିଷ୍ଣୁପ୍ରିୟା ମିଶ୍ର, ଯୁଇ କାନୁନଗୋ, ଶୈଳବାଳା ମହାପାତ୍ର, ସ୍ୱପ୍ନା ପାଢ଼ୀ, ରଶ୍ମିତା ଚୌଧୁରୀ, ସିପ୍ରା ନାୟକ, ଭାରତୀ ମିଶ୍ର ଓ ଜୟଶ୍ରୀ ପଟ୍ଟନାୟକ ।

# ଛାତ୍ରଛାତ୍ରୀମାନେ ଦଳଗତ କାର୍ଯ୍ୟ ଉପରେ ମନୋନିବେଶ କରିବା ଉଚିତ୍

ଭୁବନେଶ୍ୱର, (ସବ୍ୟୁ): "ପୂର୍ବ ପିଢ଼ି ତୁଳନାରେ ଆଜିକାଲିର ଛାତ୍ରଛାତ୍ରୀମାନେ ଅତ୍ୟନ୍ତ ମେଧାବୀ ଓ ପ୍ରତିଭାବାନ । ତେବେ, ଏକାକୀ କାର୍ଯ୍ୟ କରିବାର ମନୋଭାବ ଯୋଗୁଁ ଅନେକ ସମୟରେ ସେମାନେ ନିଜର ସମ୍ପୂର୍ଣ୍ଣ କ୍ଷମତାର ପ୍ରଦର୍ଶନ କରିପାରନ୍ତି ନାହିଁ । ଯଦି ଦଳଗତ କାର୍ଯ୍ୟ ଏବଂ ସହଯୋଗୀ ଶିକ୍ଷଣ ଉପରେ ମନୋନିବେଶ କରନ୍ତି, ତେବେ ସେମାନେ ନିଶ୍ଚିତ ଭାବରେ ଅତୁଳନୀୟ ସଫଳତା ହାସଲ କରିପାରିବେ ବୋଲି ରାଜସ୍ୱ ପର୍ଷଦର ପ୍ରାକ୍ତନ ସଦସ୍ୟ ବିଶିଷ୍ଟ ସ୍ତମ୍ଭକାର ଡ. ଅରବିନ୍ଦ ବେହେରା ମତପ୍ରକାଶ କରିଛନ୍ତି । ମଙ୍ଗଳବାର ଦିନ ଡି.ଏ.ଭି. ପବ୍ଲିକ୍ ସ୍କୁଲ୍, ଚନ୍ଦ୍ରଶେଖରପୁରର ୩୮ତମ ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଷ୍ଠା ଦିବସ ସ୍ମାରକୀ ବକ୍ତୃତା ପ୍ରଦାନ କରିବା ଅବସରରେ, ଡ. ବେହେରା କ୍ରୀଡ଼ା ଜଗତ - ବିଶେଷ କରି ସଦ୍ୟ ସମାପ୍ତ ହୋଇଥିବା ବିଶ୍ୱକପ୍ ଫୁଟବଲର ଉଦାହରଣ ଦେଇ ଦଳଗତ ପ୍ରଚେଷ୍ଟାର ଗୁରୁତ୍ୱ




ଉପରେ ଆଲୋକପାତ କରିଥିଲେ ।

ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ସନ୍ତୋଷ କୁମାର ଶତପଥୀଙ୍କ ସ୍ୱାଗତ ଭାଷଣରୁ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିବା ବେଳେ, ଅଧକ୍ଷା ଡ. ସୁଜାତା ସାହୁ ବିଦ୍ୟାଳୟର ୩୭ ବର୍ଷର ସଫଳ ଯାତ୍ରାର ପ୍ରମୁଖ ସଫଳତାଗୁଡ଼ିକୁ ଉପସ୍ଥାପନ କରିଥିଲେ । ଏହି ଉତ୍ସବରେ ପଦ୍ମବିଭୂଷଣ ସୁଦର୍ଶନ ସାହୁ, ଡି.ଏ.ଭି. ଆଞ୍ଚଳିକ ନିର୍ଦ୍ଦେଶକ ଡ. କେ. ସି. ଶତପଥୀ, ବସନ୍ତ ମଞ୍ଜରୀ ଶତପଥୀ, ବିଦ୍ୟାଳୟର ମ୍ୟାନେଜର ଡ. ଡି. ଏନ୍. ମିଶ୍ରଙ୍କ ସମେତ ବିଭିନ୍ନ ଡି.ଏ.ଭି. ସ୍କୁଲର ଅଧକ୍ଷ ଓ ଅଧକ୍ଷାମାନେ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ।

ଏହି ଅବସରରେ ବାର୍ଷିକ ପରୀକ୍ଷାଫଳ ସମୀକ୍ଷା ପତ୍ରିକା 'ଇପୋକ୍ ଉନ୍ମୋଚିତ ହୋଇଥିଲା । ୟୁପିଏସ୍‌ସି ଓ ଓପିଏସ୍‌ସି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ପୁରାତନ ଛାତ୍ରଛାତ୍ରୀ, ପ୍ରାୟୋଜିତ ପୁରସ୍କାର ବିଜେତା, ବିଭିନ୍ନ ସର୍ବଭାରତୀୟ ପରୀକ୍ଷାର କୃତୀ ଛାତ୍ରଛାତ୍ରୀ, ସି.ବି.ଏସ୍.ଇ. କୃତୀ ପ୍ରତିଯୋଗୀ ଏବଂ ୨୫ ବର୍ଷର ନିରବଚ୍ଛିନ୍ନ ସେବା ପୂରଣ କରିଥିବା କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହା ସହିତ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ଏହା ପୂର୍ବରୁ, ରବିବାର ଦିନ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ପୂର୍ବାହ୍ନରେ ଏକ ପବିତ୍ର ବୈଦିକ ଯଜ୍ଞ ହୋଇଥିଲା, ଯେଉଁଥିରେ ଆଞ୍ଚଳିକ ନିର୍ଦ୍ଦେଶକ ଡ. କେ. ସି. ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଶେଷରେ ଡ. ଅଞ୍ଜୁଶ୍ରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ଘରେ ପଶିଲା ପାଣି

ଦଶପଲ୍ଲା, (ସବ୍ୟୁ): ଲଗାଣବର୍ଷା ଫଳରେ କୂଅ ପୋଖରୀ ରେ ଜଳସ୍ତର ବୃଦ୍ଧି ପାଇଛି । ଦଶପଲ୍ଲା ସହର ମଧ୍ୟରେ ଥିବା ବାବୁବସା ପୋଖରୀର ଜଳସ୍ତର ବୃଦ୍ଧିପାଇଥିଲା । ଏହାକୁ ଦୃଷ୍ଟିରେ ରଖି ଦେବୋତ୍ତର ବିଭାଗ ନିଷ୍ପତ୍ତିକ୍ରମେ ଦେବୋତ୍ତର ମୁଖ୍ୟ ତହସିଲଦାର ପାଣି ନିଷ୍କାସନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଫଳରେ ଜେସିବ ଲଗାଇ ମାଟିତାଡି ଏହି ଜଳ ନିଷ୍କାସନ କରାଯାଇଥିବା ବେଳେ ତଳମୁଣ୍ଡରେ ଘର କରିଥିବା ଲୋକଙ୍କୁ ଦୁର୍ଦସା ଭୋଗିବାକୁ ପଡୁଛି । ଘର ଭିତରେ ପୋଖରିପାଣି ପଶି କୃତ୍ରିମ ବନ୍ୟା ସୃଷ୍ଟି କରିଛି । ବିନା ସୂଚନା ରେ ତହସିଲଦାର ଙ୍କ ଏଭଳି ନିଷ୍ପତି ଲୋକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି । ଘରେ ପାଣି ପସିଯିବାରୁ ଲୋକଙ୍କ ବହୁ ଘରୋଇ ସାମଗ୍ରୀ ନଷ୍ଟ ହୋଇଯାଇଛି ।

# ପରିବେଶ ସୁରକ୍ଷା ପାଇଁ ଓଡ଼ିଆ ଝିଅ ମୋକ୍ଷାଙ୍କୁ ପ୍ରାଇଡ୍ ଅଫ୍ ଇଣ୍ଡିଆ ୨୦୨୬ ସମ୍ମାନ

ଭୁବନେଶ୍ୱର: (ସବ୍ୟୁ): ଗ୍ରୀନ୍ ଉଦ୍ୟୋଗ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ନିଜର ଅସାଧାରଣ ଯୋଗଦାନ ପାଇଁ ଓଡ଼ିଶାର ୧୩ ବର୍ଷୀୟା ଜଳବାୟୁ କର୍ମୀ ମୋକ୍ଷା ଧୃତି ପାଣିଗ୍ରାହୀଙ୍କୁ ପ୍ରସିଦ୍ଧ ପ୍ରାଇଡ୍ ଅଫ୍ ଇଣ୍ଡିଆ ୨୦୨୬ ସମ୍ମାନରେ ସମ୍ମାନିତ କରାଯାଇଛି । ଗ୍ରୀନ୍ ଷ୍ଟାର୍ଟ-ଅପ୍ ବର୍ଗରେ ତାଙ୍କୁ ଏହି ସମ୍ମାନ ମିଳିଛି । ନୂଆଦିଲ୍ଲୀଠାରେ ଆୟୋଜିତ ପ୍ରାଇଡ୍ ଅଫ୍ ଭାରତ ଲିଡରସିପ୍ ସମିଟ୍ ୨୦୨୬ ଅବସରରେ କେନ୍ଦ୍ର ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଜିତନ ରାମ ମାଞ୍ଝୀ, ଅନ୍ୟାନ୍ୟ କେନ୍ଦ୍ରମନ୍ତ୍ରୀ, ସାଂସଦ ଏବଂ ସେସେଲ୍ସର ହାଇକମିଶନରଙ୍କ ଉପସ୍ଥିତିରେ ମୋକ୍ଷାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ମୋକ୍ଷା ହେଉଛନ୍ତି ଗଜପତି ଜିଲ୍ଲା ପାରଳାଖେମୁଣ୍ଡିର ବିଧାୟକ ରୂପେଶ କୁମାର ପାଣିଗ୍ରାହୀ ଏବଂ ହାଇଟେକ୍ ମେଡିକାଲ୍ କଲେଜ ଓ ହସପିଟାଲ୍‌ର ନିର୍ଦ୍ଦେଶିକା ଏବଂ ଟ୍ରଷ୍ଟି ଶ୍ରୀମତୀ ମଧୁସ୍ମିତା ତ୍ରିପାଠୀଙ୍କ ଜ୍ୟେଷ୍ଠା କନ୍ୟା । ୨୦୧୮ ମସିହାରେ ଗ୍ରାମାଞ୍ଚଳରେ ହୋଇଥିବା ଏକ ଜଳବାୟୁ ଆନ୍ଦୋଳନରୁ ମୋକ୍ଷା ନିଜର ଏହି ଯାତ୍ରା ଆରମ୍ଭ କରିଥିଲେ । ଅଳ୍ପ ବୟସରୁ ପରିବେଶ ସୁରକ୍ଷା ଓ ଜଳବାୟୁ ନ୍ୟାୟ ପାଇଁ ସେ ନିରନ୍ତର ସ୍ୱର ଉତ୍ତୋଳନ କରିଆସୁଛନ୍ତି । ବର୍ତ୍ତମାନ ସେ ଅର୍ଥ ଆଗେନ୍ ମୁଭମେଣ୍ଟ ଦି ଚାଇଲ୍ଡ ମୁଭମେଣ୍ଟ ଏବଂ ସିଟିବିଟିଓ ୟୁଥ୍ ଗ୍ରୁପ୍ ର ଜଣେ ସକ୍ରିୟ




ସଦସ୍ୟା ଭାବେ କାର୍ଯ୍ୟ କରି ସାରା ଦେଶରେ ପରିବେଶ ସଚେତନତା ସୃଷ୍ଟି କରୁଛନ୍ତି । କେବଳ ସଚେତନତା ସୃଷ୍ଟି ନୁହେଁ, ବରଂ ବାସ୍ତବ କ୍ଷେତ୍ରରେ କାର୍ଯ୍ୟ କରି ସେ ଏକ ବିଶାଳ ପରିବର୍ତ୍ତନ ଆଣିଛନ୍ତି । ହାଇ-ଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲକୁ ପୂର୍ବ ଭାରତର ପ୍ରଥମ ସୌରଚାଳିତ ହସ୍ପିଟାଲରେ ପରିଣତ କରିବାରେ ତାଙ୍କର ନେତୃତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା । ଏହା ସହିତ ବ୍ୟାପକ ବୃକ୍ଷରୋପଣ, ବର୍ଜ୍ୟବସ୍ତୁ ପୁନରୁଦ୍ଧାର ଏବଂ ଅକ୍ଷୟ ଶକ୍ତିର ବ୍ୟବହାରକୁ ପ୍ରୋତ୍ସାହିତ କରିବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ମୋକ୍ଷାଙ୍କର ଏହି ଜାତୀୟ ସ୍ତରର ମାନ୍ୟତା ସମଗ୍ର ଓଡ଼ିଶା ପାଇଁ ଗୌରବ ଆଣିଦେବା ସହ ଏକ ସୁସ୍ଥ, ସବୁଜ ଓ ସ୍ଥାୟୀ ଭବିଷ୍ୟତ ଗଠନ ଦିଗରେ ଯୁବପିଢ଼ିଙ୍କୁ ନିଶ୍ଚିତ ଭାବେ ପ୍ରେରଣା ଯୋଗାଇବ ବୋଲି ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧକ୍ଷ ଡକ୍ଟର ତିରୁପତି ପାଣିଗ୍ରାହୀ ଓ ମ୍ୟାନେଜିଂ ଟ୍ରଷ୍ଟି ସୁରେଶ ପାଣିଗ୍ରାହୀ, ନିର୍ଦ୍ଦେଶକ ଡାକ୍ତର ରାକେଶ ପାଣିଗ୍ରାହୀ କହିଛନ୍ତି ।

**ଅପରେସନ୍ ତ୍ରିଶୂଳ**

# ଫେରିଲେ ୨୭୪ ପଳାତକ ଅପରାଧୀ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏବଂ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ମାର୍ଗଦର୍ଶନରେ ପଳାତକ ଅପରାଧୀଙ୍କ ବିରୋଧରେ ଏକ ନିର୍ଣ୍ଣାୟକ ଆଭିମୁଖ୍ୟ ଗ୍ରହଣ କରି ଭାରତ ୨୦୧୯ ଠାରୁ ୩୬ଟି ଦେଶରୁ ୨୭୪ ଜଣ ପଳାତକ ଅପରାଧୀଙ୍କୁ ଫେରାଇ ଆଣିଛି। ପଳାତକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ସୁଦୃଢ଼ କରିବା ପାଇଁ ପ୍ରଧାନମନ୍ତ୍ରୀ ମୋଦୀ ୨୦୧୮ ରେ ପଳାତକ ଆର୍ଥିକ ଅପରାଧ ଆଇନ ପ୍ରଣୟନ କରିଥିଲେ। ଗୃହମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଭାରତ ପଳାତକମାନଙ୍କ ବିରୋଧରେ ଏକ ସମନ୍ୱିତ, ଗୁଇନ୍ଦା-ଆଧାରିତ ଏବଂ ପ୍ରଯୁକ୍ତିବିଦ୍ୟା ପରିଚାଳିତ ମଡେଲ ବିକଶିତ କରିଛି, ଯାହା ସେମାନଙ୍କ ବିରୋଧରେ କଠୋର ପଦକ୍ଷେପ ପାଇଁ ପଥ ପରିଷ୍କାର କରିଛି ଏବଂ ସେମାନଙ୍କୁ ଭାରତକୁ ଫେରାଇ ଆଣିବା ସହଜ କରିଛି ।ଅମିତ ଶାହ ମଙ୍ଗଳବାର ଦିନ କହିଛନ୍ତି, ୨୦୧୪ ପୂର୍ବରୁ ଦେଶର ପ୍ରତ୍ୟର୍ପଣ ବ୍ୟବସ୍ଥା ପୁରୁଣା ହୋଇଯାଇଥିଲା ଏବଂ ଭାରତର କେବଳ ୩୭ଟି ଦେଶ ସହିତ ପ୍ରତ୍ୟର୍ପଣ ଚୁକ୍ତି ଥିଲା। ଆର୍ଥିକ ପଳାତକମାନଙ୍କୁ ମୁକାବିଲା



କରିବା କିମ୍ବା ସେମାନଙ୍କ ସମ୍ପତ୍ତି ଜବତ କରିବା ପାଇଁ କୌଣସି ଉତ୍ସର୍ଗୀକୃତ ଆଇନ ମଧ୍ୟ ନଥିଲା। ୨୦୦୪ରୁ ୨୦୧୩ ମଧ୍ୟରେ, ଭାରତ ପ୍ରତିବର୍ଷ ହାରାହାରି ମାତ୍ର ଚାରି ଜଣ ପଳାତକଙ୍କ ପ୍ରତ୍ୟର୍ପଣ ହାସଲ କରିଥିଲା, ଯେତେବେଳେ କି ୧୧୦ଟି ପ୍ରତ୍ୟର୍ପଣ ଅନୁରୋଧ ବିଚାରାଧୀନ ରହିଥିଲା। ୨୦୨୪ରେ ମୋଦୀ ସରକାର ପଳାତକ ଅପରାଧୀଙ୍କ ସହ ଜଡିତ ସ୍ୱତନ୍ତ୍ର ବ୍ୟବସ୍ଥା ଅନ୍ତର୍ଭୁକ୍ତ କରି ତିନୋଟି ନୂତନ ଅପରାଧିକ ଆଇନ କାର୍ଯ୍ୟକାରୀ କରିଥିଲେ। ପ୍ରଥମ ଥର ପାଇଁ, ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବି. ଏନ୍. ଏସ୍. ଏସ୍.) ର ଧାରା ୩୫୫ ଏବଂ ୩୫୬ ଅପରାଧିକଙ୍କ ଅନୁପସ୍ଥିତିରେ ବିଚାର ପାଇଁ ବ୍ୟବସ୍ଥା କରିଥାଏ, ଯାହା ପଳାତକ ଅଭିଯୁକ୍ତଙ୍କ ଅନୁପସ୍ଥିତିରେ ମଧ୍ୟ ବିଚାର ଠାରୁ ଆରମ୍ଭ କରି ଅଭିଯୋଜନ ପର୍ଯ୍ୟନ୍ତ ସମଗ୍ର ନ୍ୟାୟିକ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ କରିବାରେ ସକ୍ଷମ କରିଥାଏ। ମୋଦୀ ସରକାର ଅଧିକ କଠୋରତାର ସହ ମନି ଲଣ୍ଡରିଂ ନିବାରଣ ଆଇନ (ପିଏମଏଲଏ) ଲାଗୁ କରିଛନ୍ତି। ପିଏମଏଲଏକୁ କଡାକଡି ଭାବେ ଲାଗୁ କରି ମୋଦୀ ସରକାର ୨୦୧୯ ରୁ ୨୦୨୬ ମଧ୍ୟରେ ପଳାତକ ଅପରାଧୀଙ୍କ ୧୭,୮୭୪ କୋଟି ଟଙ୍କାର ସମ୍ପତ୍ତି ଜବତ କରିଛନ୍ତି। ପଳାତକମାନଙ୍କୁ ଠାବ କରିବା ଏବଂ ଗିରଫ କରିବା ଲାଗି ଅନ୍ତର୍ଜାତୀୟ ପ୍ରୟାସକୁ ସୁଦୃଢ଼ କରିବା ଲାଗି କେନ୍ଦ୍ରୀୟ ଅନୁସନ୍ଧାନ ବ୍ୟୁରୋର (ସି. ବି. ଆଇ.) ଏକ ସ୍ୱତନ୍ତ୍ର ବିଶ୍ୱସ୍ତରୀୟ ପରିଚାଳନା କେନ୍ଦ୍ର ପ୍ରତିଷ୍ଠା କରିଛି। କେନ୍ଦ୍ର ଇଣ୍ଟରପୋଲ ମାଧ୍ୟମରେ ସମଗ୍ର ବିଶ୍ୱର ପୋଲିସ ଏଜେନ୍ସି ସହିତ ବାସ୍ତବ ସମୟରେ ସମନ୍ୱୟ ରକ୍ଷା କରିଥାଏ, ଯାହାଦ୍ୱାରା ପଳାତକମାନଙ୍କୁ ଦ୍ରୁତ ଟ୍ରାକ୍ ଏବଂ ଚିହ୍ନଟ କରାଯାଇପାରିବ। ଦ୍ରୁତ ସୂଚନା ବିନିମୟକୁ ସୁଗମ କରିବା ପାଇଁ, ସିବିଆଇ ପ୍ରତ୍ୟେକ ରାଜ୍ୟ ତଥା ସମସ୍ତ କେନ୍ଦ୍ରୀୟ ଅନୁସନ୍ଧାନକାରୀ ସଂସ୍ଥାରେ ଇଣ୍ଟରପୋଲ ଯୋଗାଯୋଗ ଅଧିକାରୀଙ୍କୁ ମଧ୍ୟ ମନୋନୀତ କରିଛି, ଯାହା ପଳାତକ ତଦନ୍ତରେ ସମନ୍ୱୟ ଏବଂ ଅନ୍ତର୍ଜାତୀୟ ସହଯୋଗକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିଛି ।ଗତ କିଛି ବର୍ଷ ମଧ୍ୟରେ ଇଣ୍ଟରପୋଲ ଜାରି କରିଥିବା ରେଡ୍ କର୍ଣ୍ଣର ନୋଟିସ୍ ସଂଖ୍ୟା ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି। ୨୦୨୨ରେ ୪୦ ଟି ରେଡ୍ କର୍ଣ୍ଣର ନୋଟିସ୍ ଜାରି କରାଯାଇଥିବାବେଳେ ୨୦୨୩ରେ ୧୦୦ଟି, ୨୦୨୪ରେ ୧୦୭ଟି, ୨୦୨୫ରେ ୧୧୨ଟି ଏବଂ ୨୦୨୬ରେ ଏପର୍ଯ୍ୟନ୍ତ ୧୬୨ ଟି ଜାରି ହୋଇସାରିଛି। ପଳାତକ ଅପରାଧୀମାନଙ୍କୁ ଠାବ କରିବା ପାଇଁ ପ୍ରୟାସକୁ ସୁଦୃଢ଼ କରିବା ପାଇଁ, ପଳାତକ ଅପରାଧୀମାନଙ୍କୁ ସଠିକ ସ୍ଥାନରେ ଠାବ କରିବା ପାଇଁ ଅପରେସନ ତ୍ରିଶୂଳ ଆରମ୍ଭ କରାଯାଇଥିଲା।

# ଓଡ଼ିଶାରେ ୪୨୨ଟି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର କାର୍ଯ୍ୟକ୍ଷମ

ନୂଆଦିଲ୍ଲୀ : ଜାତୀୟ ସ୍ୱାସ୍ଥ୍ୟ ମିଶନ ଯୋଜନାରେ କେନ୍ଦ୍ର ସରକାର ଓଡ଼ିଶାର ୪୨୨ଟି ଆୟୁଷ ଡିସ୍‌ପେନ୍ସରୀକୁ ୱେଲ୍‌ନେସ୍ ସେଣ୍ଟର ଭାବେ ବିକାଶ କରିବା ସହିତ ଏଗୁଡ଼ିକୁ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ପରିଣତ କରିଛନ୍ତି। ଏ ସମସ୍ତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ କାର୍ଯ୍ୟକ୍ଷମ ରହିଛି। ସାଂସଦ ଦିଲ୍ଲୀପ ରାୟଙ୍କ ଏକ ପ୍ରଶ୍ନର ଉତ୍ତରରେ ରାଜ୍ୟସଭାରେ ଏହି ତଥ୍ୟ ଦେଇଛନ୍ତି ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ରାଓ ଯାଦବ। ଓଡ଼ିଶାରେ ଆୟୁର୍ବେଦିକ ଚିକିତ୍ସାର ବିକାଶ ଏବଂ ଲୋକଙ୍କ ହାତ ପାଆନ୍ତାରେ ଏହି ପ୍ରାଚୀନ ତଥା ପାରମ୍ପରିକ ଚିକିତ୍ସା ପଦ୍ଧତିକୁ ବିଜ୍ଞାନ ସମ୍ମତ ଭାବେ ପହଞ୍ଚାଇବା ସଂକ୍ରାନ୍ତରେ ଶ୍ରୀ ରାୟ ସଂସଦରେ ପ୍ରଶ୍ନ ଉଠାଇଥିଲେ। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଜନସ୍ୱାସ୍ଥ୍ୟ ରାଜ୍ୟ ସରକାରମାନଙ୍କ ବ୍ୟାପାର ହୋଇଥିବାବେଳେ ଏହାର ବିକାଶ ଦିଗରେ କେନ୍ଦ୍ର ସରକାର ସହଯୋଗ କରିଥାନ୍ତି। ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମକୁ ସୁଦୃଢ଼ କରିବା ପାଇଁ କେନ୍ଦ୍ର ସରକାର ଜାତୀୟ ସ୍ୱାସ୍ଥ୍ୟ ମିଶନ ଓ ଜାତୀୟ ଆୟୁଷ ମିଶନ ଭଳି କେନ୍ଦ୍ର ପ୍ରବର୍ତ୍ତିତ ଯୋଜନାମାନ କାର୍ଯ୍ୟକାରୀ କରିଥାନ୍ତି। ଏହି କ୍ରମରେ ଓଡ଼ିଶାର ୨୯ଟି ଜିଲ୍ଲାର ୪୨୨ଟି ଆୟୁଷ ଡିସ୍‌ପେନ୍ସରୀକୁ ଆୟୁଷ ସ୍ୱାସ୍ଥ୍ୟ ଓ ନିରାମୟ କେନ୍ଦ୍ର ଭାବେ କେନ୍ଦ୍ରୀୟ ଯୋଜନାରେ ଉନ୍ନତି କରାଯାଇଛି। ଏଥିମଧ୍ୟରେ ଅନେକ ଆୟୁର୍ବେଦିକ ଡିସ୍‌ପେନ୍ସରୀ ମଧ୍ୟ ରହିଛି। ସୁନ୍ଦରଗଡ଼ ଜିଲ୍ଲାରେ ଏବେ ୧୩ଟି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର କାର୍ଯ୍ୟକ୍ଷମ ରହିଛି। ଦେବଗଡ଼ ଜିଲ୍ଲାକୁ ଛାଡ଼ିଦେଇ ରାଜ୍ୟର ଅନ୍ୟ ୨୯ଟି ଜିଲ୍ଲାରେ ଏଭଳି ଆରୋଗ୍ୟ ମନ୍ଦିରମାନ ରହିଛି। ରୋଗ ଚିକିତ୍ସା ଏବେ ଏକ ବ୍ୟୟବହୁଳ ବ୍ୟାପାର ହୋଇଥିବାବେଳେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏଥିପାଇଁ ବିଭିନ୍ନ ଯୋଜନାରେ ବ୍ୟାପକ ଆର୍ଥିକ ସହାୟତା ଦେଉଥିବା ଉଲ୍ଲେଖ କରି ଶ୍ରୀ ରାୟ କହିଛନ୍ତି ଯେ ପ୍ରତି ଗାଁର ଲୋକଙ୍କ ପାଖରେ ଆୟୁର୍ବେଦିକ ଓ ହୋମିଓପ୍ୟାଥିକ ଚିକିତ୍ସା ସୁବିଧା ପହଞ୍ଚିପାରିଲେ ସ୍ୱଳ୍ପ ଖର୍ଚ୍ଚରେ ଲୋକେ ପାର୍ଶ୍ୱପ୍ରତିକ୍ରିୟା ବିହୀନ ପାରମ୍ପରିକ ଉପଚାର କରି ସୁସ୍ଥ ରହିପାରିବେ। ଓଡ଼ିଶାରେ ଲୋକଙ୍କ ବାଡ଼ିବଗିଚାଠାରୁ ଆରମ୍ଭ କରି ବଣଜଙ୍ଗଲରେ ବିରଳ ଔଷଧୀୟ ବୃକ୍ଷଲତାମାନ ରହିଥିବାରୁ ଆୟୁର୍ବେଦ ଚିକିତ୍ସା ଉପରେ ଅଧିକ ଗବେଷଣା ଓ ତା'ର ପ୍ରୟୋଗ ଲାଗି ଶ୍ରୀ ରାୟ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ଭଡ଼ା ଘରୁ ମିଳିଲା ୩ ମୃତଦେହ

ନୂଆଦିଲ୍ଲୀ : ଭଡ଼ା ଘରୁ ମିଳିଛି ୩ ଜଣଙ୍କ ମୃତଦେହ। ମୃତକଙ୍କ ମଧ୍ୟରେ ୨ ଜଣ ମହିଳା ଓ ଜଣେ ପୁରୁଷ ରହିଛନ୍ତି। ଏମାନେ ସମସ୍ତେ ଶ୍ରୁତି ଓ ବାକ୍ ବାଧିତ। ଅର୍ଥାତ କେହି ବି କଥା କହି ପାରୁ ନଥିଲେ କିମ୍ବା ଶୁଣି ପାରୁ ନଥିଲେ ।ହେଲେ ସେମାନଙ୍କ ମୃତଦେହ ସନ୍ଦେହ ଜନକ ଅବସ୍ଥାରେ ଉଦ୍ଧାର କରାଯାଇଛି। ଏହି ୩ ଜଣ ଯାକ ଉତ୍ତର ପ୍ରଦେଶର ପ୍ରୟାଗରାଜ ଅନ୍ତର୍ଗତ ଲିଡର ରୋଡ ନିକଟ ଗାରି କାଲା ଅଞ୍ଚଳରେ ଭଡ଼ା ନେଇ ରହୁଥିଲେ। ମଙ୍ଗଳବାର ଶାହଗଞ୍ଜ ପୁଲିସ୍ ଘର ଭିତରୁ ୩ ଜଣଙ୍କ ମୃତଦେହ ଉଦ୍ଧାର କରିଥିବା ବେଳେ ହଇଚଇ ସୃଷ୍ଟି ହୋଇଛି। ପ୍ରଥମେ ସ୍ଥାନୀୟ ଲୋକ ଘଟଣା ସମ୍ପର୍କରେ ଜାଣି ପୁଲିସ୍କୁ ଖବର ଦେଇଥିଲେ। ଖବର ପାଇ ସିଟି ଡିଏସପି ମନୀଶ ଶାଣ୍ଡିଲ୍ୟାଙ୍କ ସମେତ ଫରେନ୍ସିକ ଟିମ ଘଟଣା ସ୍ଥଳରେ ପହଞ୍ଚିଥିଲେ। ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଘର ଭିତରୁ ମୃତଦେହଗୁଡ଼ିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠା ଯାଇଛି। ଡିସିପି କହିଛନ୍ତି ଯେ ସମସ୍ତ ୩ ମୃତକଙ୍କ ପରିଚୟ ଜଣାପଡ଼ିନି।

# ପୂର୍ବତନ ରାଜ୍ୟପାଳ ଡିୱାଇ ପାଟିଲଙ୍କ ପରଲୋକ


କୋଲ୍ହାପୁର: ବିହାର, ତ୍ରିପୁରା ଓ ପଶ୍ଚିମବଙ୍ଗର ପୂର୍ବତନ ରାଜ୍ୟପାଳ, ବରିଷ୍ଠ କଂଗ୍ରେସ ନେତା ତଥା ବିଶିଷ୍ଟ ଶିକ୍ଷାବିତ୍ ପଦ୍ମଶ୍ରୀ ଡ ଡିୱାଇ ପାଟିଲଙ୍କର ମଙ୍ଗଳବାର ପୂର୍ବାହ୍ନରେ ପରଲୋକ ଘଟିଛି। ଦୀର୍ଘ ଦିନ ଧରି ଅସୁସ୍ଥ ଥିବା ଡ ପାଟିଲ କୋଲ୍ହାପୁରର କସବା ବାୱଡାସ୍ଥିତ ନିଜ ବାସଭବନରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ତାଙ୍କୁ ୯୨ ବର୍ଷ ବୟସ ହୋଇଥିଲା। ପରିବାର ପକ୍ଷରୁ ତାଙ୍କ ମୃତ୍ୟୁ ସମ୍ପର୍କରେ ସୂଚନା ଦିଆଯାଇଛି।'ଦାଦା' ନାମରେ ପରିଚିତ ପାଟିଲଙ୍କ ଜନ୍ମ ୧୯୩୫ ଅକ୍ଟୋବର ୨୨ରେ ମହାରାଷ୍ଟ୍ରର କୋଲ୍ହାପୁର ଜିଲ୍ଲାରେ ହୋଇଥିଲା। ସେ ଦୀର୍ଘ ସମୟ ଧରି କଂଗ୍ରେସ ସହ ଜଡ଼ିତ ରହିବା ସହ ୧୯୬୭ରୁ ୧୯୭୮ ପର୍ଯ୍ୟନ୍ତ ବିଧାୟକ ଭାବେ କାର୍ଯ୍ୟ କରିଥିଲେ। ପରବର୍ତ୍ତୀ ସମୟରେ ସେ ବିହାର, ତ୍ରିପୁରା ଓ ପଶ୍ଚିମବଙ୍ଗର ରାଜ୍ୟପାଳ ଭାବେ କାର୍ଯ୍ୟ କରିଥିଲେ। ୨୦୧୪ରେ ସେ ବିହାରର ରାଜ୍ୟପାଳ ଥିବାବେଳେ ପଶ୍ଚିମବଙ୍ଗର ରାଜ୍ୟପାଳଙ୍କ ଇସ୍ତଫା ପରେ ସେଠାର ଅତିରିକ୍ତ ଦାୟିତ୍ୱ ମଧ୍ୟ ତାଙ୍କୁ ଦିଆଯାଇଥିଲା।

# ଅଲ୍ ଜଜିରାକୁ ବ୍ୟାନ୍ କଲା ପାକିସ୍ତାନ

ଇସଲାମାବାଦ : ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ) ରେ ଚାଲିଥିବା ସରକାର ବିରୋଧୀ ପ୍ରତିବାଦ ଏବଂ ନିର୍ବାଚନ ସମୟରେ ଇସଲାମାବାଦର ନିର୍ମମ ଦମନଲୀଳା ଉପରେ କ୍ରମାଗତ ଖବର ପ୍ରସାରଣ କରିବା ପରେ କତର ଆନ୍ତର୍ଜାତୀୟ ଗଣମାଧ୍ୟମ ସଂସ୍ଥା 'ଅଲ୍ ଜଜିରା' ଉପରେ ପାକିସ୍ତାନ କଟକଣା ଲଗାଇଛି। ପ୍ରଧାନମନ୍ତ୍ରୀ ଶେହବାଜ ସରିଫଙ୍କ ନେତୃତ୍ୱାଧୀନ ସରକାର ଏପର୍ଯ୍ୟନ୍ତ ଏହି ବ୍ୟାନ୍ ସମ୍ପର୍କରେ କୌଣସି ଆନୁଷ୍ଠାନିକ ଘୋଷଣା କରିନଥିଲେ ମଧ୍ୟ ସମଗ୍ର ପାକିସ୍ତାନରେ ଉପଭୋକ୍ତା ଅଲ୍ ଜଜିରାର ଇଂରାଜୀ ୱେବସାଇଟ୍ ବ୍ୟବହାର କରିବାରେ ଅସମର୍ଥ ହେଉଥିବା ଦାବି କରିଛନ୍ତି। ଅପରପକ୍ଷରେ, ପାକିସ୍ତାନର ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଅଲ୍ ଜଜିରା ଉପରେ ଚୟନାତ୍ମକ ଖବର ପ୍ରସାରଣ କରିବା ସହ ନିର୍ବାଚନ ଏବଂ ମତଦାନ ପ୍ରକ୍ରିୟାକୁ ବିଭ୍ରାନ୍ତିକର ଭାବେ ଉପସ୍ଥାପନ କରିଥିବା ଅଭିଯୋଗ ଆଣିଛି ।ମନ୍ତ୍ରଣାଳୟ ନିଜର ଏକ୍ସ ହ୍ୟାଣ୍ଡେଲରେ ଜାରି କରିଥିବା ଏକ ବିବୃତିରେ କହିଛି ଯେ, ମୁଜାଫରାବାଦର କିଛି ନିର୍ଦ୍ଦିଷ୍ଟ ମତଦାନ କେନ୍ଦ୍ରରୁ ଅଲ୍ ଜଜିରାର ପକ୍ଷପାତପୂର୍ଣ୍ଣ ରିପୋର୍ଟିଂକୁ ଆମେ ଦେଖିଛୁ। ସେମାନେ ନିଜ ଇଚ୍ଛା ଅନୁସାରେ ସମୟ ବାଛି କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ବୟାନ ଜରିଆରେ ପିଓକେ ନିର୍ବାଚନକୁ ନିନ୍ଦିତ କରିବାକୁ ଚେଷ୍ଟା କରିଛନ୍ତି। ସରକାର ଏହି ଗଣମାଧ୍ୟମ ଉପରେ କାମଳ ସାମ୍ବାଦିକତା ବା ଅତିରଞ୍ଜିତ ତଥ୍ୟ ପ୍ରସାରଣର ଅଭିଯୋଗ ମଧ୍ୟ ଆଣିଛନ୍ତି।

# ବିଦ୍ରୋହୀ ବିଧାୟକଙ୍କୁ ଶିବ କୁମାରଙ୍କ ଚେତାବନୀ

ବେଙ୍ଗାଲୁରୁ: କର୍ଣ୍ଣାଟକରେ ସୋମବାର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇଛି। ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇନଥିବା କିଛି ଅସନ୍ତୁଷ୍ଟ କଂଗ୍ରେସ ବିଧାୟକ ଗତକାଲି କର୍ଣ୍ଣାଟକ ବିଧାନସଭାରୁ ଇସ୍ତଫା ଦେଇଛନ୍ତି। ଉକ୍ତ ଘଟଣାରେ ପ୍ରତିକ୍ରିୟା ରଖି କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଅସନ୍ତୁଷ୍ଟ ନେତାମାନଙ୍କୁ ଖୋଲା ଚେତାବନୀ ଦେଇଛନ୍ତି। ସାମ୍ବାଦିକଙ୍କୁ ଟିପ୍ପଣୀ ଦେଇ ଶିବକୁମାର କହିଛନ୍ତି, ଯଦି କେହି ଇସ୍ତଫା ଦିଅନ୍ତି ତେବେ ମାତ୍ର କିଛି ମିନିଟ୍ ମଧ୍ୟରେ ମୁଁ ଏହାକୁ ଗ୍ରହଣ କରିବି। ମୁଖ୍ୟମନ୍ତ୍ରୀ ମଧ୍ୟ ଅସନ୍ତୁଷ୍ଟ ବିଧାୟକମାନଙ୍କୁ ଧୈର୍ଯ୍ୟ ରଖିବାପାଇଁ କହିଛନ୍ତି। ସେ ଗୁରୁତ୍ୱାରୋପ କରିଛନ୍ତି ଯେ ବ୍ୟକ୍ତିଗତ ରାଜନୈତିକ ସ୍ୱାର୍ଥ ଅପେକ୍ଷା କଂଗ୍ରେସ ଦଳ ଅଧିକ ଗୁରୁତ୍ୱପୂର୍ଣ୍ଣ। ଶିବକୁମାର କହିଛନ୍ତି, ମୋର ଯାହା କହିବାର କଥା ମୁଁ କହିଲି। ରାଜନୀତିରେ ଇସ୍ତଫା ଦିଆଯାଏ ।ଇସ୍ତଫାକୁ କେହି ଅଟକାଇ ପାରିବେନି। ଯଦି ସେମାନେ ଦଳ ଏବଂ ସେମାନଙ୍କ ଭବିଷ୍ୟତ ଚାହୁଁଛନ୍ତି ତେବେ ଦଳ ହେଉଛି ଗୁରୁତ୍ୱପୂର୍ଣ୍ଣ। ଯଦି ଦଳ ଅଛି ତେବେ ସବୁକିଛି ଅଛି ବୋଲି ସେ



କହିଛନ୍ତି। ଶିବକୁମାର ଏହି କ୍ରମରେ ତାଙ୍କ ନିଜ ରାଜନୈତିକ କ୍ୟାରିୟର ବିଷୟରେ ବର୍ଣ୍ଣନା କରିଛନ୍ତି। ଶିବକୁମାର କହିଛନ୍ତି, ସେ ନିଜେ ମଧ୍ୟ ଧରମ ସିଂହ ଏବଂ ସିଦ୍ଦରମୈୟାଙ୍କ ମୁଖ୍ୟମନ୍ତ୍ରୀ କାର୍ଯ୍ୟକାଳ ସମୟରେ ମନ୍ତ୍ରୀ ହୋଇପାରିନଥିଲେ।

# ସିଆରପିଏଫ୍ କ୍ୟାମ୍ପରେ ୨ ସହଯୋଗୀଙ୍କୁ ହତ୍ୟା

ଗୁଆହାଟୀ : ଆସାମର ନାଗାଁଓ ଜିଲ୍ଲାରେ ମଙ୍ଗଳବାର ପୂର୍ବାହ୍ନରେ କେନ୍ଦ୍ରୀୟ ରିଜର୍ଭ ପୁଲିସ୍ ବଳ (ସିଆରପିଏଫ୍)ର ଜଣେ ଅଫିସର ନିଜର ୨ ଜଣ ସହଯୋଗୀଙ୍କୁ ଗୁଳି କରିଛନ୍ତି। ଏହି ଘଟଣା ପରେ ଉତ୍ତେଜିତ ଯବାନ ଜଣକ ନିଜେ ଆତ୍ମହତ୍ୟା କରିଛନ୍ତି। ନାଗାଁଓସ୍ଥିତ 'ସିଆରପିଏଫ୍'ର ୩୪ ବାଟାଲିୟନ କ୍ୟାମ୍ପରେ ଏହି ଦୁଃଖଦ ଘଟଣା ଘଟିଥିବା ବେଳେ କେଉଁ କାରଣରୁ ଏବଂ କେଉଁ ପରିସ୍ଥିତିରେ ଏହି ଅପ୍ରୀତିକର ଘଟଣା ଘଟିଲା, ସେ ନେଇ ପୁଲିସ୍ ତଦନ୍ତ ଜାରି ରଖିଛି।ପୁଲିସ୍ ସୂଚନା ଅନୁଯାୟୀ, ଗୁଳି ଚଳାଇଥିବା ଅଫିସର ଜଣକ ହେଉଛନ୍ତି ଆସିଷ୍ଟାଣ୍ଟ ସବ୍-ଇନ୍ସପେକ୍ଟର (ଏଏସଆଇ) ବାଲାମି ପ୍ରେମାବରମ୍। ସେ କ୍ୟାମ୍ପର ମୁଖ୍ୟ ଫାଟକରେ ଡ୍ୟୁଟିରେ ଥିବା ସମୟରେ ନିଜ ସହକର୍ମୀମାନଙ୍କ ଉପରକୁ ଅଚାନକ ଗୁଳି ଚଳାଇଥିଲେ। ଗୁଳିକାଣ୍ଡରେ ହେଡ୍ କନଷ୍ଟେବଲ ବିଷ୍ଣୁ ପ୍ରସାଦ ବାଘେଲ୍ ଏବଂ ସବ୍-ଇନ୍ସପେକ୍ଟର ରାମନୱାଲ ସିଂହ ଯାଦବଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା।

# ଗଡ଼ିଲାଣି ୩୦ ଆତଙ୍କବାଦୀଙ୍କ ମୁଣ୍ଡ

ନୂଆଦିଲ୍ଲୀ : ପାକିସ୍ତାନରେ ସକ୍ରିୟ କୁଖ୍ୟାତ ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତାଏବରେ ଏବେ ଅଜଣା ବନ୍ଧୁକଧାରୀଙ୍କୁ ନେଇ କୋକୁଆ ଭୟ ସୃଷ୍ଟି ହୋଇଛି। ଅଜଣା ବନ୍ଧୁକଧାରୀମାନେ ଲସ୍କରର ୩୦ ଜଣ ସଦସ୍ୟଙ୍କୁ ନିପାତ କରି ସାରିଲେଣି। ପାକିସ୍ତାନ ଭିତରେ ଲସ୍କର ୩୦ ଜଣ ସଦସ୍ୟଙ୍କୁ ହରାଇଥିବା କଥା ଖୋଦ ଆତଙ୍କବାଦୀ ସଂଗଠନର ଜଣେ ପ୍ରମୁଖ ସଦସ୍ୟ କ୍ୟାମେରା ଆଗରେ ସ୍ୱୀକାର କରିଛି। ଲସ୍କର ସହ ଜଡ଼ିତ କୁଖ୍ୟାତ ଆତଙ୍କବାଦୀ ରିଜୱାନ ହନିଫର ଗୋଟିଏ ଭିଡିଓ ଏବେ ସୋଶାଲ ମିଡିଆରେ ବେଶ ଭାଇରାଲ ହେଉଛି। ହନିଫ ଭଳି କୁଖ୍ୟାତ ଆତଙ୍କବାଦୀ ପାକିସ୍ତାନରେ ଏବେ ବି ରହିଥିଲେ ହେଁ ଏହାକୁ ଇସଲାମାବାଦ ସ୍ୱୀକାର କରୁନାହିଁ। କିନ୍ତୁ ପାକିସ୍ତାନର ଗୁମର ମଧ୍ୟ ହନିଫର ଭିଡିଓ ଖୋଲି ଦେଇଛି। ଭାଇରାଲ ହେଉଥିବା ଭିଡିଓରେ ହନିଫ ଦାବି କରିଛି ଯେ ଗତ ୩ରୁ ୪ ବର୍ଷ ମଧ୍ୟରେ ସଂଗଠନର ବିଭିନ୍ନ ସଦସ୍ୟଙ୍କୁ ପାକିସ୍ତାନ ଓ ପାକିସ୍ତାନ ଅଧିକୃତ କଶ୍ମୀରରେ ହତ୍ୟା କରାଯାଇଛି। ଲସ୍କରର ୩୦ ଜଣ ସଦସ୍ୟଙ୍କୁ ଅଜଣା ବନ୍ଧୁକଧାରୀମାନେ ପେଶୱାର, କରାଚି, ରାୱଲପିଣ୍ଡି, ରାୱାଲାକୋଟ ଓ ମୁଜାଫରବାଦରେ ଖତମ କରିଛନ୍ତି ।ଅନେକ ସମୟରେ ଅଜଣା ବନ୍ଧୁକଧାରୀଙ୍କ ଗୁଳି ମାଡ଼ରେ ପାକିସ୍ତାନରେ ସକ୍ରିୟ ଆତଙ୍କବାଦୀଙ୍କ ମୃତ୍ୟୁ ହେଉଥିବା ପୂର୍ବରୁ ରିପୋର୍ଟ ପ୍ରକାଶ ପାଇଥିଲା। କିନ୍ତୁ ପ୍ରଥମଥର ପାଇଁ ଲସ୍କରର ଜଣେ ଆତଙ୍କବାଦୀ ଖୋଲାଖୋଲି ଭାବେ ଏହାକୁ ସ୍ୱୀକାର କରିଛି। ଭାରତୀୟ ସୁରକ୍ଷା ଏଜେନ୍ସିଗୁଡ଼ିକ ଭିଡିଓଟିର ସତ୍ୟତାକୁ ଯାଞ୍ଚ କରିଛନ୍ତି। ଭିଡିଓରେ ଦେଖାଯାଉଥିବା ବ୍ୟକ୍ତି ଲସ୍କର-ଇ-ତାଏବାର ବରିଷ୍ଠ ଆତଙ୍କବାଦୀ ହନିଫ ବୋଲି ସେମାନେ ନିଶ୍ଚିତ କରିଛନ୍ତି। ସେହିପରି ହନିଫ ଭାରତର ମୋଷ୍ଟୱାଣ୍ଟେଡ ତାଲିକାରେ ବି ରହିଛି। ଭିଡିଓରେ ରିଜୱାନ ହନିଫ ଦାବି କରିଛି ଯେ ଏପରି ଟାର୍ଗେଟ ହତ୍ୟାକାଣ୍ଡ ପଛରେ ଭାରତୀୟ ଏଜେନ୍ସିଗୁଡ଼ିକର ହାତ ରହିଛି। ତେବେ ଭାରତ ସରକାର ଏହି ଅଭିଯୋଗକୁ ସ୍ପଷ୍ଟ ଭାବେ ଖଣ୍ଡନ କରିଛନ୍ତି। ଏହି ଭିଡିଓରେ ରିଜୱାନ ହନିଫଙ୍କୁ ହିନ୍ଦୁ ଧର୍ମ ବିରୋଧରେ ଅପମାନଜନକ ଓ ଘୃଣାପୂର୍ଣ୍ଣ ଭାଷା ବ୍ୟବହାର କରୁଥିବା ମଧ୍ୟ ଶୁଣିବାକୁ ମିଳୁଛି। ପାକିସ୍ତାନରେ ସକ୍ରିୟ ଆତଙ୍କବାଦୀ ସଂଗଠନଗୁଡ଼ିକ ଧାର୍ମିକ ଭାବନାର ଦୁରୁପଯୋଗ କରି ଘୃଣା ପ୍ରଚାର କରିବା ସହ ଲୋକଙ୍କୁ କଟ୍ଟରପନ୍ଥୀ ଚିନ୍ତାଧାରା ଆଡ଼କୁ ଠେଲିବାକୁ ଚେଷ୍ଟା କରୁଥିବା ଏହି ବୟାନରୁ ପୁଣି ସ୍ପଷ୍ଟ ହୋଇଛି।

# ଘରେଘରେ ସୌରଶକ୍ତି ଉତ୍ପାଦନ ବଢ଼ାଇବାକୁ ୭୫,୦୨୧ କୋଟି ବରାଦ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନାରେ ଚଳିତ ଆର୍ଥିକ ବର୍ଷରେ ଅନ୍ୟୁନ କୋଟିଏ ବାସଗୃହରେ ସୌରଶକ୍ତି ଉତ୍ପାଦନ ଲାଗି କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ୭୫,୦୨୧ କୋଟି ଟଙ୍କାର ଆର୍ଂଥକ ବ୍ୟବସ୍ଥା ମଧ୍ୟ କରାଯାଇଛି। ସାଂସଦ ଦିଲ୍ଲୀପ ରାୟଙ୍କ ଏକ ନିର୍ଦ୍ଦିଷ୍ଟ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ସରକାରଙ୍କ ନୂତନ ଅକ୍ଷୟ ଶକ୍ତି ବିଭାଗ ମନ୍ତ୍ରୀ ଶ୍ରୀପଦ ନାଏକ ଏହି ସୂଚନା ଦେଇଛନ୍ତି। କେନ୍ଦ୍ର ମନ୍ତ୍ରୀ କହିଛନ୍ତି ଯେ ୨୦୨୪ ଫେବୃଆରୀ ମାସରୁ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଯେଉଁସବୁ ଘରକୁ ବିଦ୍ୟୁତ ସଂଯୋଗ ରହିଛି ସେଗୁଡ଼ିକର ଛାତ ଉପରେ ସୌର ଶକ୍ତି ଉତ୍ପାଦନ କରାଯାଇ ଲୋକଙ୍କୁ ବିଜୁଳି ବିଲ୍‌ରୁ ଆଶ୍ୱସ୍ତି ଦିଆଯାଉଛି। ଘର ଛାତ ଉପରେ ଉତ୍ପାଦିତ ହେଉଥିବା ବିଜୁଳି ଶକ୍ତିକୁ ବିଦ୍ୟୁତ ପରିବର୍ତ୍ତନକାରୀ ସଂସ୍ଥାମାନଙ୍କ ମୁଖ୍ୟ ସ୍ରୋତକୁ ନିଆଯାଇ ବିଦ୍ୟୁତ ଉତ୍ପାଦନରେ ପରିବାରଗୁଡ଼ିକୁ ଯୋଡ଼ାଯାଉଛି। ଏଥିପାଇଁ କେନ୍ଦ୍ର ସରକାର ହିତାଧିକାରୀମାନଙ୍କୁ ୬୦ ପ୍ରତିଶତ ପର୍ଯ୍ୟନ୍ତ ଆର୍ଂଥକ ସହାୟତା ଯୋଗାଇ ଦେଉଛନ୍ତି। ଛାତ ଉପରେ ବିଦ୍ୟୁତ ଶକ୍ତି ଉତ୍ପାଦନ ପାଇଁ ଆବେଦନ କରିବା ଓ ଏହି ଯୋଜନା ସଂପର୍କରେ ଜାଣିବା ଲାଗି



ଏକ ସ୍ୱତନ୍ତ୍ର ପୋର୍ଟାଲ କାର୍ଯ୍ୟ କରୁଛି। ସରକାରୀ ତଥ୍ୟ ମୁତାବକ ଯେଉଁ ବାସଗୃହର ଛାତ ଉପରେ ୨ କିଲୋୱାଟ୍ ପର୍ଯ୍ୟନ୍ତ ସୌର ଶକ୍ତି ଉତ୍ପାଦନ ପାଇଁ ବ୍ୟବସ୍ଥା ହୋଇଛି ସେଠାରେ ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ସହାୟତା ପ୍ରତି ହିତାଧିକାରୀଙ୍କୁ ମିଳୁଛି। ସ୍ୱତନ୍ତ୍ର ପାହ୍ୟ ପାଇଥିବା ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଏହି ସହାୟତାର ପରିମାଣ ୩୩ ହଜାର ଟଙ୍କା କରି ରହୁଛି। ସେହିଭଳି ୧ କିଲୋୱାଟ୍ ସୌରଶକ୍ତି ଉତ୍ପାଦନ ଲାଗି ହିତାଧିକାରୀଙ୍କୁ ୧୮ ହଜାରରୁ ୧୯,୮୦୦ ଟଙ୍କା ପର୍ଯ୍ୟନ୍ତ ସହାୟତା ଦିଆଯାଉଛି। ବିଭିନ୍ନ ଆପାର୍ଟମେଣ୍ଟ ଓ ହାଉସିଂ ସୋସାଇଟି କଲ୍ୟାଣ ସଂଘମାନଙ୍କୁ ବି ଏ କ୍ଷେତ୍ରରେ ସହାୟତା ପ୍ରଦାନ କରାଯାଉଛି। ଏ ଯାବତ୍ ଏହି ଯୋଜନାରେ ପାଖାପାଖି ଦେଢ଼ଲକ୍ଷ ଘର ଓଡ଼ିଶାରେ ସାମିଲ ହୋଇସାରିଲେଣି ଏବଂ ଏଥିଲାଗି ଗତ ଜୁଲାଇ ୨୯ ସୁଦ୍ଧା ଓଡ଼ିଶାକୁ ୭୧୪ କୋଟି ୩୨ଲକ୍ଷ ଟଙ୍କାର ସହାୟତା କେନ୍ଦ୍ରରୁ ମିଳିଛି। ଜଳ ବିଦ୍ୟୁତ ଉତ୍ପାଦନ କ୍ଷେତ୍ରରେ ଉପୁଜୁଥିବା ସମସ୍ୟା ଏବଂ ତାପଜ ବିଦ୍ୟୁତ ଉତ୍ପାଦନ ପାଇଁ ଦେଖାଦେଉଥିବା ପ୍ରଦୂଷଣ ସମସ୍ୟାର ସଫଳ ମୁକାବିଲା ସୌର ଶକ୍ତି ଦ୍ୱାରା ହୋଇପାରିବ ବୋଲି ସାଂସଦ ଶ୍ରୀ ରାୟ ଆଶାବ୍ୟକ୍ତ କରିଛନ୍ତି। ଏବେ ଓଡ଼ିଶା ସମେତ ସାରା ଦେଶରେ ଇଲେକ୍ଟ୍ରିକ୍ ଯାନବାହନର ବ୍ୟବହାର ବୃଦ୍ଧି ପାଉଥିବା ପରିପ୍ରେକ୍ଷୀରେ ସୌରଶକ୍ତି ଯୁକ୍ତ ଇଭି ଚାର୍ଜିଂ ଷ୍ଟେସନମାନ ପ୍ରତିଷ୍ଠା କରିବା ଏବଂ ପ୍ରତି ଘରକୁ ଯେଭଳି ସୌରଶକ୍ତି ଉତ୍ପାଦନ କେନ୍ଦ୍ରରେ ପରିଣତ କରାଯାଇପାରିବ ତାହା ଉପରେ ଅଧିକ ଧ୍ୟାନ ଦେବା ସହିତ ଓଡ଼ିଶା ଭଳି ରାଜ୍ୟକୁ ଏଥିପାଇଁ ସ୍ୱତନ୍ତ୍ର ଆର୍ଥିକ ସହାୟତା ବ୍ୟବସ୍ଥା କରିବାକୁ ସାଂସଦ ଶ୍ରୀ ରାୟ ଏକ ବିବୃତିରେ ଦାବି କରିଛନ୍ତି।

# ଗିରଫ ଷ୍ଟାଲିନ ମୁକୁଳିଲେ

ନୂଆଦିଲ୍ଲୀ : ନାଟକୀୟ ଢଙ୍ଗରେ ଗିରଫ ହୋଇଥିବା ତାମିଲନାଡୁ ବିଧାନସଭାର ବିରୋଧୀ ଦଳ ନେତା ଉଦୟନିଧି ଷ୍ଟାଲିନ ଜେଲରୁ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ମାଡ୍ରାସ ହାଇକୋର୍ଟ। ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି ଯୋଶେଫ ବିଜୟଙ୍କୁ ଟାର୍ଗେଟ କରିବା ବେଳେ ଜୁନିୟର ଷ୍ଟାଲିନ ଅଭିନେତ୍ରୀ ତ୍ରିଷାଙ୍କ ସମ୍ପର୍କରେ ଆପତ୍ତିଜନକ ବୟାନ ଦେଇଥିବା ଅଭିଯୋଗ ହୋଇଥିଲା। ଏଥିପାଇଁ ଆଜି ମଧ୍ୟାହ୍ନରେ ପୁଲିସ୍ ଷ୍ଟାଲିନଙ୍କ ଚେନ୍ନାଇ ସ୍ଥିତ ବାସଭବନରେ ପହଞ୍ଚି ତାଙ୍କୁ ଗିରଫ କରିଥିଲା। ଗିରଫ ହେବା ପୂର୍ବରୁ ହିଁ ଷ୍ଟାଲିନଙ୍କ ଡିଏମକେ ଆଗୁଆ ଜାମିନ ଆବେଦନ କରିଥିଲା। ଏହାର ଶୁଣାଣି କରି ମାଡ୍ରାସ ହାଇକୋର୍ଟ ତାଙ୍କୁ ଆଜି ରିଲିଜ କରିବାକୁ ପୁଲିକୁ ନିର୍ଦ୍ଦେଶ ଦେଇଛନ୍ତି। ପୁଲିସ୍ ତାଙ୍କୁ ଜେରା କରିବା ପରେ ଆଜି ଷ୍ଟେଲନ ବେଲ ବଳରେ ଛାଡ଼ିବ। ତେବେ ଷ୍ଟାଲିନ ଆବଶ୍ୟକ ପଡ଼ିବା ମାତ୍ରେ ପୁଲିସକୁ ତଦନ୍ତରେ ସହଯୋଗ କରିବେ ବୋଲି ହାଇକୋର୍ଟ କହିଛନ୍ତି ।ପୂର୍ବତନ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନଙ୍କ ପୁଅ ଉଦୟନିଧି କାବେରୀ ଜଳ ବିବାଦ ସମ୍ପର୍କରେ ମନ୍ତବ୍ୟ ଦେବା ବେଳେ ମୁଖ୍ୟମନ୍ତ୍ରୀ ବିଜୟଙ୍କୁ ସମାଲୋଚନା କରିଥିଲେ। ଏହି ସମୟରେ ସେ ତ୍ରିଷାଙ୍କୁ ମଧ୍ୟ ପରୋକ୍ଷରେ ଟାର୍ଗେଟ କରି ଅତ୍ୟନ୍ତ ଅରୁଚିକର ବୟାନ ଦେଇଥିଲେ।

# ମଝି ଆକାଶରେ ଦୋହଲିଲା ବିମାନ, ବହୁ ଯାତ୍ରୀ ଆହତ


ନୂଆଦିଲ୍ଲୀ : ମଝି ଆକାଶରେ ବଡ଼ ଅଘଟଣ। ଥାଇଲ୍ୟାଣ୍ଡ ଫୁକେଟରୁ ଦିଲ୍ଲୀ ଆସୁଥିବା ଏୟାର ଇଣ୍ଡିଆନ ବିମାନ ସାଂଘାତିକ ଟର୍ବୁଲେନ୍ସର ସମ୍ମୁଖୀନ ହୋଇଛି। ବିମାନଟି ମଝି ଆକାଶରେ ଦୋହଲିବାରୁ ଏଥିରେ ୧୨ ଜଣ ଆହତ ହୋଇଛନ୍ତି ।ଏହି ଘଟଣା ପରେ ବିମାନଟି ଦିଲ୍ଲୀରେ ଜରୁରୀ ଅବତରଣ କରିଥିଲା। ଏହାପରେ ଆହତ ଯାତ୍ରୀମାନଙ୍କୁ ତୁରନ୍ତ ହସ୍ପିଟାଲ ନିଆଯାଇଛି। ଟର୍ବୁଲେନ୍ସ ଯୋଗୁ ବିମାନଟି ସିଧା ୩୦୦ ଫୁଟ ତଳକୁ ଖସି ଯାଇଥିଲା ବୋଲି ମଧ୍ୟ ଏକାଧିକ ରିପୋର୍ଟ ପ୍ରକାଶ ପାଇଛି। ଫ୍ଲାଇଟ୍-ଟ୍ରାକିଂ ୱେବସାଇଟ୍ ଫ୍ଲାଇଟରାଡାର ୨୪ର ତଥ୍ୟ ଅନୁସାରେ, ଏୟାରବସ୍ ଏ୩୨୦ ବିମାନ ଦ୍ୱାରା ପରିଚାଳିତ ଏୟାର ଇଣ୍ଡିଆର AI2379 ବିମାନ ଦିଲ୍ଲୀରେ ଅବତରଣ କରିବାର ପୂର୍ବରୁ କିଛି ସମୟ ପାଇଁ ହଠାତ୍ ତଳକୁ ଖସିବାକୁ ଲାଗିଥିଲା। ହେଲେ ଏହା ସୁରକ୍ଷିତ ଭାବେ ଅବତରଣ କରିପାରିଛି। ଏୟାର ଇଣ୍ଡିଆ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ ବିମାନଟି ସୁରକ୍ଷିତ ଭାବେ ଅବତରଣ କରିବା ପରେ ସମସ୍ତ ଯାତ୍ରୀ ଓ କ୍ରୁ ସଦସ୍ୟ ବିମାନରୁ ଓହ୍ଲାଇଥିଲେ। ଆହତ ହୋଇଥିବା ଯାତ୍ରୀମାନଙ୍କୁ ବିମାନବନ୍ଦରର ଚିକିତ୍ସା କେନ୍ଦ୍ରକୁ ନେଇ ଚିକିତ୍ସା



କରାଯାଇଛି ।ଏୟାର ଇଣ୍ଡିଆର ଜଣେ ମୁଖପାତ୍ର କହିଛନ୍ତି, "ଯାତ୍ରୀ ଓ କ୍ରୁ ସଦସ୍ୟଙ୍କ ସୁରକ୍ଷା ହେଉଛି ଏୟାର ଇଣ୍ଡିଆର ସର୍ବୋଚ୍ଚ ପ୍ରାଥମିକତା। ପ୍ରଭାବିତ ସମସ୍ତଙ୍କୁ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଉଛି। ଘଟଣାର ତଦନ୍ତରେ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ସହ ସମ୍ପୂର୍ଣ୍ଣ ସହଯୋଗ କରାଯାଉଛି।"ଘଟଣା ପରେ ବିମାନ ଭିତରର ଭିଡିଓ ସୋଶାଲ ମିଡିଆରେ ଭାଇରାଲ୍ ହୋଇଛି। ସେଥିରେ ଟର୍ବୁଲେନ୍ସର ପ୍ରଭାବରେ ବିମାନର କ୍ୟାବିନ୍ର ଛାତରେ ଫାଟ ସୃଷ୍ଟି ହୋଇଥିବା ଦେଖିବାକୁ ମିଳୁଛି ।ବିମାନରେ ଯାତ୍ରା କରୁଥିବା ଜଣେ ଯାତ୍ରୀ କହିଛନ୍ତି ଯେ ଯାତ୍ରା ଆରମ୍ଭ ହେବାର ପ୍ରାୟ ଦେଢ଼ ଘଣ୍ଟା ପରେ ବିମାନଟି ହଠାତ୍ ଭୟଙ୍କର ଝଟକା ଅନୁଭବ କରିଥିଲା।

# ୧୮ ବର୍ଷ ବୟସରେ ପ୍ରଫେସର, ଭାଙ୍ଗିଲା ୩୦୬ ବର୍ଷର ରେକର୍ଡ

ଫ୍ଲୋରିଡା : ଆଶ୍ଚର୍ଯ୍ୟ ଲାଗିଲେ ବି ନିରାଟ ସତ୍ୟ। ମାତ୍ର ୧୮ ବର୍ଷ ବୟସରେ ଥୋମାସ ପ୍ରଫେସର ବନି ଏବେ ତାଙ୍କ ବୟସର ପିଲାଙ୍କୁ ପାଠ ପଢ଼ାଉଛନ୍ତି। ଏପରି ସଫଳତା ପାଇ ଫ୍ଲୋରିଡାର ଏହି କିଶୋର ଜଣଙ୍କ ନିଜକୁ ଗିନିଜ ୱାର୍ଲ୍ଡ ରେକର୍ଡରେ ସାମିଲ କରିପାରିଛନ୍ତି। ସେ ବିଶ୍ୱର ସର୍ବକନିଷ୍ଠ ପୁରୁଷ ପ୍ରଫେସର ହେବାର ରେକର୍ଡ କରିଛନ୍ତି। ଏବେ ଥୋମାସଙ୍କ ବୟସ ୧୮ ବର୍ଷ ଓ ୩୪୬ ଦିନ। ପୂର୍ବରୁ ଏତେ କମ ବୟସରେ ବିଶ୍ୱର କୌଣସି ସ୍ଥାନରେ କେହି ପ୍ରଫେସର ଇ ନଥିଲେ ।କିନ୍ତୁ ଥୋମାସ ୩୦୬ ବର୍ଷର ରେକର୍ଡ ଭାଙ୍ଗି ଏପରି ସଫଳତା ହାସଲ କରିଛନ୍ତି। ସେ ମିଆମି ଡେଡ୍ କଲେଜରେ ଇଞ୍ଜିନିୟରିଂ ପ୍ରଶିକ୍ଷକ ଭାବେ ଯୋଗ ଦେଇଛନ୍ତି। ସେ କଲେଜରେ ଯେଉଁ ଛାତ୍ରଛାତ୍ରୀଙ୍କୁ ପଢ଼ାଉଛନ୍ତି



ସେମାନଙ୍କ ମଧ୍ୟରୁ ଅନେକଙ୍କ ବୟସ ପ୍ରାୟ ଥୋମାସଙ୍କ ସହ ସମାନ ।ତାଙ୍କର ଏହି ସଫଳତା ୧୭୧୭ ମସିହାରେ ମାତ୍ର ୧୯ ବର୍ଷ ବୟସରେ ପ୍ରଫେସର ହୋଇଥିବା ସ୍କଟଲ୍ୟାଣ୍ଡର ଗଣିତଜ୍ଞ କଲିନ୍ ମ୍ୟାକଲରିନଙ୍କ ୩୦୬ ବର୍ଷ ପୁରୁଣା ରେକର୍ଡକୁ ଭାଙ୍ଗି ଦେଇଛି ।ନାଥନ ଥୋମାସଙ୍କ ଶିକ୍ଷାଗତ ଯାତ୍ରା ସାଧାରଣ ଛାତ୍ରଛାତ୍ରୀଙ୍କ ତୁଳନାରେ ବହୁତ ଆଗରୁ ଆରମ୍ଭ ହୋଇଥିଲା। ମାତ୍ର ୧୦ ବର୍ଷ ବୟସରେ ସେ ନିଜ ସ୍କୁଲ ପାଠପଢ଼ା ସହିତ ମିଆମି ଡେଡ୍ କଲେଜର ଡୁଆଲ୍ ଏନରୋଲମେଣ୍ଟ କାର୍ଯ୍ୟକ୍ରମରେ ଆଡମିସନ କରିଥିଲେ ।୧୪ ବର୍ଷ ବୟସରେ ସେ ଫ୍ଲୋରିଡା ଇଣ୍ଟରନ୍ୟାସନାଲ ୟୁନିଭର୍ସିଟିରେ ଯୋଗ ଦେଇ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂରେ ସମ୍ମାନର ସହିତ ସ୍ନାତକ ଓ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ ।କିଛି ବର୍ଷ ପରେ ସେ ସେହି କଲେଜକୁ ସେ ଫେରିଛନ୍ତି। ହେଲେ ଏଥର ସେ ଶିକ୍ଷାର୍ଥୀ ଭାବେ ନୁହନ୍ତି, ବରଂ ପ୍ରଫେସର ଭାବେ କଲେଜକୁ ଆସିଥିଲେ। ଅଗଷ୍ଟ ୨୦୨୩ରେ ସେ ଇଞ୍ଜିନିୟରିଂ ପାଠ୍ୟକ୍ରମ ପଢ଼ାଇବା ଆରମ୍ଭ କରିଥିଲେ। ଏହି ପାଠ୍ୟକ୍ରମରେ ଇଞ୍ଜିନିୟରିଂ ଛାତ୍ରଛାତ୍ରୀଙ୍କୁ ସି ପ୍ରୋଗ୍ରାମିଂ ଓ କମ୍ପ୍ୟୁଟେସନାଲ୍ ସମସ୍ୟା ସମାଧାନର ମୌଳିକ ଧାରଣା ଦିଆଯାଏ ।ନିଜ ବୟସର ଛାତ୍ରଛାତ୍ରୀଙ୍କୁ ପଢ଼ାଇବା ନେଇ ନାଥନ କେବେ ଅସୁବିଧା ଅନୁଭବ କରିନାହାନ୍ତି। ତାଙ୍କ ମତରେ ଶିଖିବା ବୟସ ଉପରେ ନୁହେଁ, ବରଂ ଉତ୍ସୁକତା ଓ ନିଷ୍ଠା ଉପରେ ନିର୍ଭର କରେ। ପ୍ରତ୍ୟେକ ଛାତ୍ରଛାତ୍ରୀ ଶିଖିବା, ନିଜକୁ ଉନ୍ନତ କରିବା ଓ ଆଗକୁ ବଢ଼ିବା ପାଇଁ ଶ୍ରେଣୀଗୃହକୁ ଆସନ୍ତି ବୋଲି ସେ କହିଛନ୍ତି। ଶିକ୍ଷାଦାନ ସହିତ ସେ ବର୍ତ୍ତମାନ ୟୁନିଭର୍ସିଟି ଅଫ୍ ମିଆମି ସ୍କୁଲ୍ ଅଫ୍ ଲ'ରେ ଜୁରିସ୍ ଡକ୍ଟର ଡିଗ୍ରୀ ଅଧ୍ୟୟନ କରୁଛନ୍ତି, ଯାହା ୨୦୨୮ ମସିହାରେ ଶେଷ ହେବ। ଭବିଷ୍ୟତରେ ସେ ବୌଦ୍ଧିକ ସମ୍ପତ୍ତି ଆଇନରେ ବିଶେଷଜ୍ଞ ହେବାକୁ ଚାହୁଁଛନ୍ତି। ଇଞ୍ଜିନିୟରିଂ ଓ ଆଇନ କ୍ଷେତ୍ରର ଜ୍ଞାନକୁ ଏକାଠି କରି ବିଜ୍ଞାନ ଓ ପ୍ରଯୁକ୍ତିର ନୂତନ ଆବିଷ୍କାରକୁ ସୁରକ୍ଷା ଦେବା ହିଁ ତାଙ୍କର ଲକ୍ଷ୍ୟ।

# ଶ୍ରୀଲଙ୍କା ପହଞ୍ଚିଲା ଟିମ୍ ଇଣ୍ଡିଆ



ନୂଆଦିଲ୍ଲୀ, ୪।୮(ଏଜେନ୍ସି) : ଘରୋଇ ଶ୍ରୀଲଙ୍କା ସହ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳା ଖେଳିବା ଲାଗି ଭାରତୀୟ ଦଳ ଶ୍ରୀଲଙ୍କା ପହଞ୍ଚିଛି । ଶୁଭମନ୍ ଗିଲଙ୍କ ନେତୃତ୍ୱରେ ଏହି ଶୃଙ୍ଖଳା ଖେଳିବାକୁ ଯାଉଛି ଭାରତ । ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ପକ୍ଷରୁ ଖେଳାଳିଙ୍କ ଫଟୋ ସୋସିଆଲ ମିଡିଆ ଟ୍ୱିଟରରେ ସେୟାର କରାଯାଇଛି । ଶ୍ରୀଲଙ୍କା କ୍ରିକେଟ ପକ୍ଷରୁ ମଧ୍ୟ ଭାରତୀୟ ଖେଳାଳିଙ୍କ ଆଗମନ ସମୟର ଫଟୋ ପୋଷ୍ଟ କରି ବିଧିବଦ୍ଧ ସୂଚନା ଦିଆଯାଇଛି । ଭାରତୀୟ ଦଳ ସହ ଟପ୍ ଅର୍ଡର ବ୍ୟାଟର ସାଇ ସୁଦର୍ଶନ ଯାଇନାହାଁନ୍ତି । ସେ ଆହତ ସମସ୍ୟାରୁ ମୁକୁଳିବା ପାଇଁ ବେଙ୍ଗାଲୁରୁ ସ୍ଥିତ ବିସିସିଆଇର ରିହାବ ସେଣ୍ଟରେ ଅଛନ୍ତି । ଏହି ଟେଷ୍ଟ ଶୃଙ୍ଖଳାର ପ୍ରଥମ ମ୍ୟାଚ ଅଗଷ୍ଟ ୧୫ ରୁ ଗ୍ୟାଲେରୀରେ ଆରମ୍ଭ ହେବ । ଏହି ମ୍ୟାଚ କଲମ୍ବୋର ସିଂହଳୀ ସ୍ପୋର୍ଟ୍ସ କ୍ଲବରେ ଷ୍ଟାଡିୟମରେ ଖେଳାଯିବ । ଏହି ଟେଷ୍ଟ ପୂର୍ବରୁ ଭାରତୀୟ ଦଳ କଲମ୍ବୋରେ ଆଗାମୀ ୭ ତାରିଖରେ ଏକ ତିନିଦିନିଆ ଅଭ୍ୟାସ ମ୍ୟାଚ ଖେଳିବ । ପାଖାପାଖି ୧ ଦଶନ୍ଧି ପରେ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଦ୍ୱିପାକ୍ଷିକ ଟେଷ୍ଟ ଶୃଙ୍ଖଳା ଖେଳାଯିବ । ୨୦୧୭ରେ ଭାରତ ୩-୦ରେ ଶ୍ରୀଲଙ୍କାକୁ ଶୃଙ୍ଖଳା କ୍ଲିନ୍ ସୁଇପ୍ କରିଥିଲା । ସେ ସମୟରେ ବିରାଟ କୋହଲି ଭାରତର ଅଧିନାୟକ ଥିଲେ । ଭାରତ ପ୍ରଥମ ଟେଷ୍ଟକୁ ୩୦୪ ରନ ବ୍ୟବଧାନରେ, ଦ୍ୱିତୀୟ ଟେଷ୍ଟରେ ଇନିଂସ ଓ ୫୩ ରନ୍ ତଥା ତୃତୀୟ ଟେଷ୍ଟରେ ଇନିଂସ ଓ ୧୭୧ ବ୍ୟବଧାନରେ ଜିତିଥିଲା । ଗତ ୨୦୨୨ରେ ଭାରତ ଗସ୍ତ କରି ଶ୍ରୀଲଙ୍କା ଦୁଇଟି ମ୍ୟାଚ ଖେଳିଥିଲା । ଏଥିରେ ମଧ୍ୟ ଭାରତ ୨-୦ରେ ଜିତିଥିଲା । ଆଣ୍ଠୁରେ ଆଘାତ ସମସ୍ୟା କାରଣରୁ ଯଶପ୍ରୀତ ବୁମରା ଦଳ ସହ ଯାଇନାହାଁନ୍ତି । ସେ ଇଂଲଣ୍ଡ ବିପକ୍ଷ ଦିନିକିଆ ସମୟରେ ଆହତ ହୋଇଥିଲେ । ତାଙ୍କ ସ୍ଥାନରେ ଜମ୍ମୁ କାଶ୍ମୀର ଦ୍ରୁତ ବୋଲର ଆକିବ ନବୀନଙ୍କୁ ସାମିଲ କରାଯାଇଛି ।

## ଦୁଲୀପ ଟ୍ରଫି

# ଏଥର ମୈଦାନକୁ ଓହ୍ଲାଇବେ ତାରକା ଖେଳାଳି

ନୂଆଦିଲ୍ଲୀ,୪।୮(ଏଜେନ୍ସି): ଭାରତୀୟ ଘରୋଇ କ୍ରିକେଟର ପରିଚିତ ପ୍ରତିଯୋଗିତା ଦୁଲୀପ ଟ୍ରଫି ପାଇଁ ସମସ୍ତ ୬ଟି ଜୋନ୍‌ର ଦଳ ଘୋଷଣା ହୋଇସାରିଛି । ଚଳିତ ସିଜନରେ ଦେଶର ବହୁ ନାମୀଦାମୀ ତଥା ତାରକା ଖେଳାଳି ମୈଦାନକୁ ଓହ୍ଲାଇବାକୁ ଯାଉଛନ୍ତି । ତିଲକ ବର୍ମା, ଇଶାନ କିଶାନ, ରଜତ ପାଟିଦାର, ଅର୍ଶଦୀପ ସିଂ, ମହମ୍ମଦ ସାମି ଏବଂ ବୈଭବ ସୂର୍ଯ୍ୟବଂଶୀଙ୍କ ପରି ଖେଳାଳି ଭିନ୍ନ ଭିନ୍ନ ଜୋନରୁ ଖେଳିବାକୁ ଯାଉଛନ୍ତି । ଅଗଷ୍ଟ ୨୩ରୁ ବେଙ୍ଗାଲୁରୁଠାରେ ଦୁଲୀପ ଟ୍ରଫି ଆରମ୍ଭ ହେବ । ଟୁର୍ଣ୍ଣାମେଣ୍ଟରେ ସମସ୍ତ ୬ଟି ଜୋନ୍ ଯଥା ଉତ୍ତର, ଦକ୍ଷିଣ, ପୂର୍ବ, ପଶ୍ଚିମ, ମଧ୍ୟ ଓ ଉତ୍ତର ପୂର୍ବ ଜୋନ୍ ମଧ୍ୟରେ କଡ଼ା ମୁକାବିଲା ଦେଖିବାକୁ ମିଳିବ । ଜାତୀୟ ଦଳକୁ ଫେରିବା ଏବଂ ନିଜର ଦାବି ମଜଭୁତ କରିବା ପାଇଁ ଅନେକ ତାରକା ଓ ଯୁବ ଖେଳାଳିଙ୍କ ପାଇଁ ଏହି ଟୁର୍ଣ୍ଣାମେଣ୍ଟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ।

ଚଳିତ ସିଜନରେ କେବଳ ଘରୋଇ କ୍ରିକେଟର ନୁହଁନ୍ତି, ବରଂ ମହମ୍ମଦ ସାମି, ଇଶାନ କିଶାନ, ପୃଥ୍ୱୀ ସ, ଅର୍ଶଦୀପ ସିଂ, ଋତୁରାଜ ଗାଏକ୍ୱାଡ୍, ତିଲକ ବର୍ମାଙ୍କ ପରି ଅନ୍ତର୍ଜାତୀୟ ସ୍ତରର ତାରକାମାନେ ସାମିଲ ହୋଇଛନ୍ତି । ଫଳରେ



ମ୍ୟାଚ୍‌ଗୁଡ଼ିକର ଗୁଣବତ୍ତା ବଢ଼ିବ ।

ଇଷ୍ଟ ଜୋନ୍ ଦଳରେ ୧୫ ବର୍ଷୀୟ ବିହାରର ଯୁବ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀଙ୍କୁ ଉପଅଧିନାୟକ ଦାୟିତ୍ୱ ଦିଆଯାଇଛି । ମହମ୍ମଦ ସାମି ଓ ଇଶାନ କିଶାନଙ୍କ ପରି ସିନିଅର ଖେଳାଳି ଥିବା ଦଳରେ ଜଣେ ୧୫ ବର୍ଷର ଯୁବ ପ୍ରତିଭା କିପରି ପ୍ରଦର୍ଶନ ଓ ନେତୃତ୍ୱ ନେଉଛନ୍ତି ତାହା ଦେଖିବାକୁ ସମସ୍ତେ ଅପେକ୍ଷା କରିଛନ୍ତି । ପୂର୍ବାଞ୍ଚଳ ଦଳର ନେତୃତ୍ୱ ଇଶାନ କିଶାନ ନେବେ । ଆହତ ସମସ୍ୟାରୁ ମୁକ୍ତ ହୋଇ ଦୀର୍ଘଦିନ ପରେ ଲାଲ୍ ବଲ୍ କ୍ରିକେଟରେ ସାମିଙ୍କ ଫିଟ୍‌ନେସ୍ ଓ ବୋଲିଂ ଉପରେ ଚୟନକର୍ତ୍ତାଙ୍କ ନଜର ରହିବ । ଏଥର ପ୍ରତ୍ୟେକ ଜୋନ୍‌ର ନେତୃତ୍ୱ ଯୁବ ଓ ଆକ୍ରାମକ ଖେଳାଳିଙ୍କ ହାତରେ ରହିଛି । ୱେଷ୍ଟ ଜୋନ୍‌ରେ ଋତୁରାଜ ଗାଏକ୍ୱାଡ୍, ସାଉଥ୍ ଜୋନ୍‌ରେ ତିଲକ ବର୍ମା, ସେଣ୍ଟ୍ରାଲ ଜୋନ୍‌ରେ ରଜତ ପାଟିଦାର, ଇଷ୍ଟ ଜୋନ୍‌ରେ ଇଶାନ କିଶାନ ଦଳର ନେତୃତ୍ୱ ନେଇଛନ୍ତି । ଆଗାମୀ ଟେଷ୍ଟ ଶୃଙ୍ଖଳା ପାଇଁ ଭାରତୀୟ ଦଳରେ ଖାଲିଥିବା ସ୍ଥାନଗୁଡ଼ିକ ପୂରଣ କରିବା ପାଇଁ ଏହି ଟୁର୍ଣ୍ଣାମେଣ୍ଟ ଏକ ମୁଖ୍ୟ ସିଲେକସନ ଟ୍ରାଏଲ୍ ହେବ । ସର୍ଫରାଜ ଖାନ୍, କରୁଣ ନାଏର, ଅଭିମନ୍ୟୁ ଇଶ୍ୱରନ୍‌ଙ୍କ ପରି ଖେଳାଳିମାନେ ବଡ଼ ସ୍କୋର୍ କରି ଜାତୀୟ ଦଳକୁ ଫେରିବା ପାଇଁ ଚେଷ୍ଟା କରିବେ ।

# ଭାରତୀୟ ଦଳ ସହ ଫିଲ୍ଡିଂ କୋଚ୍ ଦିଲ୍ଲୀପଙ୍କ ଚୁକ୍ତି ଶେଷ

ନୂଆଦିଲ୍ଲୀ, ୪।୮(ଏଜେନ୍ସି) : ଭାରତୀୟ କ୍ରିକେଟ୍ ଦଳ ସହ ଫିଲ୍ଡିଂ କୋଚ୍ ଭାବେ ଦୀର୍ଘଦିନ କାମ କରିଥିବା ଟି ଦିଲ୍ଲୀପଙ୍କ ଚୁକ୍ତି ଶେଷ ହୋଇଛି । ବିସିସିଆଇ ଫିଲ୍ଡିଂ କୋଚ୍ ଭାବେ ଦିଲ୍ଲୀପଙ୍କ ସ୍ଥାନରେ ଶୁଭଦୀପ ଘୋଷଙ୍କୁ ନିଯୁକ୍ତ କରିଛି । ତେଣୁ ଟି ଦିଲ୍ଲୀପଙ୍କ ସହ ଚୁକ୍ତି ନବୀକରଣ ହୋଇନାହିଁ । ଟିମ୍ ଇଣ୍ଡିଆର ବିଶ୍ୱକପ୍ ବିଜେତା ଦଳର ଅଧିନାୟକ ରୋହିତ ଶର୍ମା ଏହାକୁ ନେଇ ପ୍ରତିକ୍ରିୟା ଦେଇଛନ୍ତି । ଇନଷ୍ଟାଗ୍ରାମରେ ଟି ଦିଲ୍ଲୀପଙ୍କ ସହ ଏକ ଫଟୋ ପୋଷ୍ଟ କରି ତାଙ୍କ ସମ୍ପର୍କରେ ଏକ ମେସେଜ୍ ସେୟାର କରିଛନ୍ତି । ଫଟୋ କ୍ୟାପସନ୍ ଦେଇ ରୋହିତ ଲେଖିଛନ୍ତି ଦିଲ୍ଲୀପ ଗୁରୁ ଆପଣ ଜଣେ କିମ୍ବଦନ୍ତୀ । ଆପଣ ଦଳ ସହ ଚମତ୍କାର କାମ କରିଥିଲେ । ପରଦା ପଛରେ କଠିନ ପରିଶ୍ରମ କରିଥିଲେ । ଭବିଷ୍ୟତ ପାଇଁ ଅନେକ ଅନେକ ଶୁଭେଚ୍ଛା । ଦଳର ନୂଆ ଫିଲ୍ଡିଂ କୋଚ ଶୁଭଦୀପ ଘୋ ଆସାମରୁ ଆସିଛନ୍ତି । ସେ ଆସାମ ଓ ରେଳବାଇ ପାଇଁ ଘରୋଇ କ୍ରିକେଟ୍ ଖେଳିଥିଲେ । ସେ ୧୭ ଟି ପ୍ରଥମ ଶ୍ରେଣୀ କ୍ରିକେଟ୍ ଏବଂ ୧୭ ଟି ଲିଷ୍ଟ ଏ ମ୍ୟାଚ ଖେଳିଥିଲେ । ସେ ୨୫ ଟି ପ୍ରଥମ ଶ୍ରେଣୀ



ଇନିଂସରେ ୩୧୬ ରନ୍ ଏବଂ ୧୭ ଟି ଲିଷ୍ଟ ଏ ଇନିଂସରେ ୩୦୭ ରନ କରିଥିଲେ । ପ୍ରତ୍ୟେକ ଫର୍ମାଟରେ ଦୁଇଟି ଅର୍ଦ୍ଧଶତକ ରହିଛି । ଟି ଦିଲ୍ଲୀପ ୨୦୨୧ରେ ମୁଖ୍ୟ ପ୍ରଶିକ୍ଷକ ରାହୁଲ ଦ୍ରାବିଡଙ୍କ କାର୍ଯ୍ୟକାଳ ସମୟରେ ଟିମ୍ ଇଣ୍ଡିଆର ଫିଲ୍ଡିଂ ପ୍ରଶିକ୍ଷକ ଦାୟିତ୍ୱ ଗ୍ରହଣ କରିଥିଲେ । ସେ ଆର ଶ୍ରୀଧରଙ୍କ ସ୍ଥାନ ନେଇଥିଲେ । ତାଙ୍କ କାର୍ଯ୍ୟକାଳ ଏବେ ୨୦୨୬ରେ ଶେଷ ହୋଇଛି । ଭାରତୀୟ ଡ୍ରେସିଂ ରୁମରେ ଶ୍ରେଷ୍ଠ ଫିଲ୍ଡର ମେଡାଲ ଟି ଦିଲ୍ଲୀପ ଆରମ୍ଭ କରିଥିଲେ । ୨୦୨୩ ବିଶ୍ୱକପ୍ ସମୟରେ ଖେଳାଳିଙ୍କ ଭିତରେ ଫିଲ୍ଡିଂକୁ ନେଇ ପ୍ରତିଯୋଗିତାମୂଳକ ମନୋଭାବ ସୃଷ୍ଟି କରିବା ଏହାର ଲକ୍ଷ୍ୟ ଥିଲା ।

# ଅଶ୍ୱିନଙ୍କୁ କ୍ଷମା ମାଗିଲେ ଅର୍ଶଦୀପ


ନୂଆଦିଲ୍ଲୀ, ୪।୮ (ଏଜେନ୍ସି) : ଭାରତୀୟ ଦଳର ଦ୍ରୁତ ବୋଲର ଅର୍ଶଦୀପ ସିଂ ଏକ ସାକ୍ଷାତକାରରେ ୫ ଜଣ ବୋଲରଙ୍କୁ ବାଛିଥିଲେ । ଭୁବନେଶ୍ୱର କୁମାର ମହମ୍ମଦ ସାମି, କୁଲଦୀପ ଯାଦବ, ଉଜବେନ୍ଦର ଚହଲ ଏବଂ ଆର୍ ଅଶ୍ୱିନଙ୍କ ନାଁ କହିଥିଲେ । ଶେଷରେ ସେ ଅଶ୍ୱିନଙ୍କ ନାଁ ନେଇଥିଲେ । ଏଥିପାଇଁ ସେ କ୍ଷମା ମାଗିଛନ୍ତି । ପୂର୍ବତନ ସ୍ପିନର ଅଶ୍ୱିନଙ୍କୁ ବ୍ୟକ୍ତିଗତ ଭାବେ ମେସେଜ କରି କଥା ହେବେ ବୋଲି ଅର୍ଶଦୀପ କହିଛନ୍ତି । ବୋଲର ଭାବରେ ସେ ଭୁବନେଶ୍ୱର କୁମାରଙ୍କୁ ସବୁଠାରୁ ଉପରେ ରଖିବେ । ସେ ବ୍ୟକ୍ତିଗତ ଭାବେ ଭୁବିଙ୍କୁ ପସନ୍ଦ କରନ୍ତି । ଦ୍ୱିତୀୟରେ ସେ ସାମିଙ୍କୁ ରଖିବେ । କାରଣ ସାମି ଯେକୌଣସି ୱିକେଟରେ ଭଲ ବୋଲିଂ କରିପାରିବେ । ତାଙ୍କ ସିମ୍ ବିପକ୍ଷ ବ୍ୟାଟରଙ୍କୁ ସମସ୍ୟାରେ ପକାଇଥାଏ । ତୃତୀୟରେ କୁଲଦୀପ ଯାଦବ ରହିବେ । ତାଙ୍କ ପାଖରେ ବିରଳ ସ୍ପିନ୍ ରହିଛି । ଚତୁର୍ଥରେ ୟୁଜେବିନ୍ଦ୍ର ଚହଲଙ୍କୁ ରଖିଛନ୍ତି । ପଞ୍ଜାବ ଟିମରେ ଚହଲ ତାଙ୍କ ଟିମ୍‌ମେଟ୍ । ସେ ଅନେକ ୱିକେଟ୍ ନେଇଛନ୍ତି । ଅଶ୍ୱିନଙ୍କୁ ସେ ଶେଷର ରଖିବାକୁ ଚାହିଁନଥିଲେ । କିନ୍ତୁ କୌଣସି ପୋଜିସନ୍ ଖାଲି ନଥିଲା । ଅର୍ଶଦୀପ କହିଛନ୍ତି, ଅଶ୍ୱିନ ଜଣେ ମହାନ ବୋଲର । ସେ ଆଇପିଏଲରେ ତାଙ୍କର ପ୍ରଥମ ଅଧିନାୟକ ଥିଲେ । ଅଶ୍ୱିନଙ୍କୁ ଶେଷରେ ରଖିଥିବାରୁ ଅର୍ଶଦୀପ କ୍ଷମା ମାଗିଛନ୍ତି । ଏହାସହ ବ୍ୟକ୍ତିଗତ ଭାବେ ମେସେଜ୍ କରିବେ ବୋଲି ମଧ୍ୟ କହିଛନ୍ତି । ଅର୍ଶଦୀପ ଭାରତ ପାଇଁ ଦିନିକିଆ ଓ ଟି-୨୦ ଖେଳୁଛନ୍ତି । ଇଂଲଣ୍ଡ ବିପକ୍ଷ



୩ ଟି ଦିନିକିଆ ମ୍ୟାଚ ବିଶିଷ୍ଟ ଶୃଙ୍ଖଳା ଖେଳିଥିଲେ ଅର୍ଶଦୀପ । ଯେଉଁଥିରେ ଭାରତ ୨-୧ରେ ପରାଜିତ ହୋଇଥିଲା ।

# ଆଖି ବୁଜିଲେ ୩୪ ବର୍ଷୀୟ ୟୁଏଫ୍‌ସି ଫାଇଟର

ନୂଆଦିଲ୍ଲୀ,୪।୮(ଏଜେନ୍ସି): ୩୪ ବର୍ଷୀୟ ୟୁଏଫ୍‌ସି ଫ୍ଲାଏ ୱେଟ୍ ଫାଇଟର ଆଲାନ ନାସିମେଣ୍ଟୋ ହୃଦ୍‌ଘାତର ସମ୍ମୁଖୀନ ହୋଇ ଆଖି ବୁଜିଛନ୍ତି । ଜୁନ୍ ମାସରେ ତାଙ୍କୁ ଶେଷଥର ରିଙ୍ଗରେ ଦେଖିବାକୁ ମିଳିଥିଲା । ରିଙ୍ଗରେ ଲଢୁଥିବାବେଳେ ସବୁବେଳେ ଫିଟ୍ ରହୁଥିଲେ । କିନ୍ତୁ ହଠାତ ୩୪ ବର୍ଷୀୟ ଫାଇଟର ଜଣଙ୍କ ସମସ୍ତଙ୍କୁ ଚକିତ କରି ଆଖି ବୁଜିଛନ୍ତି । ଶୋଇଥିବାବେଳେ ସେ ହୃଦ୍‌ଘାତର ସାମ୍ନା କରିଥିଲେ । ସକାଳୁ ତାଙ୍କ ମୃତଦେହ ଘର ଭିତରୁ ମିଳିଥିଲା । ବ୍ରାଜିଲର ଆଲାନ୍‌ଙ୍କୁ ଗତ ସୋମବାର ସକାଳେ ତାଙ୍କ ଘରୁ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା । ଶୋଇଥିବା ବେଳେ ହୃଦ୍‌ଘାତ ହେବାରୁ ତାଙ୍କର ମୃତ୍ୟୁ ଘଟିଥିବା କୁହାଯାଉଛି । ଘଟଣାସ୍ଥଳରେ ପହଞ୍ଚିଥିବା ଚିକିତ୍ସା କର୍ମୀ ସମସ୍ତ ପ୍ରୟାସ କରିଥିଲେ ମଧ୍ୟ ତାଙ୍କୁ ବଞ୍ଚାଇ ପାରିନଥିଲେ । ୟୁଏଫ୍‌ସି ତାଙ୍କ ପରିବାର, ବନ୍ଧୁ, ସହଯୋଗୀ ଓ ପ୍ରଶଂସକଙ୍କ ପ୍ରତି ଗଭୀର ସମବେଦନା ଜଣାଇଛି । ନାସିମେଣ୍ଟୋ ଶେଷଥର ଜୁନ୍ ମାସରେ ୟୁଏଫ୍‌ସି ଫାଇଟ୍ ନାଇଟ୍‌ରେ ହୋରିଗୁଚିଙ୍କ ସହ ଲଢ଼େଇ କରିଥିଲେ । ଉକ୍ତ ମ୍ୟାଚ୍‌ରେ ନାସିମେଣ୍ଟୋ ହାରିଯାଇଥିଲେ । ଏହି ଲଢ଼େଇର କିଛି ସପ୍ତାହ ପରେ ହିଁ ତାଙ୍କର ଅକାଳ ମୃତ୍ୟୁ ଘଟିଛି ।



# ଧର୍ମଶାଳା ପବ୍ଲିକ ସ୍କୁଲର ସଫଳତା : କବାଡିରେ ୬ ପଦକ



ଧର୍ମଶାଳା,୪ । ୮( ସବ୍ୟୁ) : ଧର୍ମଶାଳା ବ୍ଲକ ଶଙ୍ଖାରିଡିହସ୍ଥିତ ଧର୍ମଶାଳା ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀ ଚଳିତ ବର୍ଷ କବାଡି ପ୍ରତିଯୋଗୀତାରେ ବିଦ୍ୟାଳୟ ପାଇଁ ସଫଳତା ଆଣିଛନ୍ତି । ଚଳିତ ବର୍ଷ କେନ୍ଦ୍ରୀୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ୩ଗୋଟି ରାଜ୍ୟକୁ ନେଇ ଛତିଶଗଡସ୍ଥିତ ମଦର୍ସ ପ୍ରାଇଡ ପବ୍ଲିକ ସ୍କୁଲ ପରିସରରେ ୩ ଦିନବ୍ୟାପି କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ପଶ୍ଚିମବଙ୍ଗ, ଓଡିଶା ଓ ଛତିଶଗଡର କେନ୍ଦ୍ରୀୟ ଶିକ୍ଷା ପରିଷଦ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ୮୦ଗୋଟି ସ୍କୁଲରୁ ୧୫୫୨ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ସେଥିମଧ୍ୟରୁ ଧର୍ମଶାଳା ପବ୍ଲିକ ସ୍କୁଲର ୬ଜଣ ଛାତ୍ରଛାତ୍ରୀ ଉନ୍ନତମାନର ଖେଳ ପ୍ରଦର୍ଶନ କରି ପଦକ ହାସଲ କରି ସ୍କୁଲ ପାଇଁ ଗୌରବ ଆଣିଛନ୍ତି । ବାଳିକା ବରିଷ୍ଠ ବିଭାଗରେ ଶୁଭଶ୍ରୀ ଜେନା ଓ କନିଷ୍ଠ ବିଭାଗରେ ସ୍ମୃତି ସ୍ୱାଗତିକା ବାରିକ ୨ଗୋଟି ରୋପ୍ୟ ପଦକ ହାସଲ କରିଥିବା ବେଳେ ବାଳକ ବରିଷ୍ଠ ବିଭାଗରେ ଆୟୁଷ ମହାନ୍ତି କାଂସ୍ୟ ପଦକ ହାସଲ କରିଥିଲେ । ଶ୍ରେଷ୍ଠ ରାଇଡର ଭାବେ ତନୁଶ୍ରୀ ସାମଲ, ଶ୍ରେଷ୍ଠ ଡ଼ିଫେଣ୍ଡର ଭାବେ ଜୁଲଫି ସାମଲ ଓ ଶ୍ରେଷ୍ଠ ଅଲରାଉଣ୍ଡର ଭାବେ ଆଦ୍ୟାଶା ବିଶ୍ୱାଳ ୩ଗୋଟି ପଦକ ହାସଲ କରିଥିଲେ । ଏହି ସଫଳତା ପାଇବା ପରେ ସ୍କୁଲ ପ୍ରତିଷ୍ଠାତା ଡ଼କଟର ଭିକାରୀ ଚାରଣ ସାମଲ ଖୁସି ବ୍ୟକ୍ତ କରିଥିଲେ । ଏଥିଲାଗି ସ୍କୁଲର ଅଧକ୍ଷ, ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ପକ୍ଷରୁ କୃତି ଛାତ୍ରଛାତ୍ରୀମାନଙ୍କୁ ପ୍ରଶଂସା କରାଯିବା ସହ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି ।

# ଦୁଲୀପ ଟ୍ରଫି ପୂର୍ବାଞ୍ଚଳ ଦଳରେ କେନ୍ଦୁଝରର ପୁଅ ଶୁଭ୍ରାଂଶୁ

କେନ୍ଦୁଝର,(ସବ୍ୟୁ): କନ୍ଦୁଝର ମାଟିର ପୁଅ ତଥା ଓଡ଼ିଶାର ଅଭିଜ୍ଞ କ୍ରିକେଟର ଶୁଭ୍ରାଂଶୁ ସେନାପତିଙ୍କୁ ଚଳିତ ବର୍ଷର ଦୁଲୀପ ଟ୍ରଫି ପାଇଁ ପୂର୍ବାଞ୍ଚଳ ଦଳରେ ସ୍ଥାନ ମିଳିଛି । ଏହି ପ୍ରତିଯୋଗିତା ଅଗଷ୍ଟ ୨୩ରୁ ସେପେଟମ୍ବର ୧୦ ପର୍ଯ୍ୟନ୍ତ ବେଙ୍ଗାଲୁର ସ୍ଥିତ ବିସିସିଆଇ ସେଣ୍ଟର ଅଫ ଏକ୍ସିଲେନ୍ସରେ ଆୟୋଜିତ ହେବ । ଝାଡ଼ଖଣ୍ଡର ଉଇକେଟ ରକ୍ଷକ ବ୍ୟାଟ୍ସମ୍ୟାନ ଈଶାନ କିଷନ ନୂତନ ଅଧିନାୟକ ଓ ବିହାରର ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀ ଉପ ଅଧିନାୟକ ନିଯୁକ୍ତ ହୋଇଛନ୍ତି । ଏହି ଦଳରେ ଭାରତୀୟ କ୍ରିକେଟର ଈଶାନ କିଷନ , ଯୁବ ତାରକା ବୈଭବ ସୂର୍ଯ୍ୟବଂଶୀ ଓ ଅଭିଜ୍ଞ ଦ୍ରୁତ ବୋଲର ମହମ୍ମଦ ଶାମି ଏବଂ ମୁକେଶ କୁମାରଙ୍କ ଭଳି ନାମୀ ଖେଳାଳି ରହିଛନ୍ତି । ସେମାନଙ୍କ ସହ ପୂର୍ବାଞ୍ଚଳ ଦଳରେ ସ୍ଥାନ ପାଇବା ଶୁଭ୍ରାଂଶୁଙ୍କ କ୍ରିକେଟ କ୍ୟାରିୟରର ଆଉ ଏକ ବଡ଼ ସଫଳତା ଭାବେ ବିବେଚିତ ହେଉଛି । ୨୯ ବର୍ଷୀୟ ଶୁଭ୍ରାଂଶୁ ପୂର୍ବରୁ ଦୁଇଟି ରଣଜୀ ସିଜନରେ ଓଡ଼ିଶା ପକ୍ଷରୁ ଦଳର ସର୍ବାଧିକ ରନ ସ୍କୋରର ରହି ନିଜର ବ୍ୟାଟିଂ ଦକ୍ଷତାର ପ୍ରମାଣ ଦେଇଛନ୍ତି । ଏଥିସହ ସେ ଅତୀତରେ ଓଡ଼ିଶା ରଣଜୀ ଦଳର ନେତୃିତ୍ବ ମଧ୍ୟ ନେଇଛନ୍ତି । ସେତିକି ନୁହେଁ ଆଇପିଏଲ ର ଏକ ବଡ଼ ଦଳ ଚେନ୍ନାଇ ସୁପର କିଙ୍ଗସରେ ମଧ୍ୟ ସେ ସ୍ଥାନ ପାଇଛନ୍ତି । ଘରୋଇ କ୍ରିକେଟରେ ନିରନ୍ତର ପ୍ରଦର୍ଶନ ଓ ଅଭିଜ୍ଞତାକୁ ଆଧାର କରି ଶୁଭ୍ରାଂଶୁଙ୍କୁ ପୂର୍ବାଞ୍ଚଳ ଦଳରେ ସାମିଲ କରାଯାଇଛି । ଜାତୀୟସ୍ତରର ଏହି ପ୍ରତିଷ୍ଠିତ ଟୁର୍ଣ୍ଣାମେଣ୍ଟରେ କେନ୍ଦୁଝରର ଏହି ପ୍ରତିଭାବାନ କ୍ରିକେଟରଙ୍କ ଚୟନ ଜିଲ୍ଲାର କ୍ରିକେଟପ୍ରେମୀ ଓ ଯୁବ ଖେଳାଳିଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଛି । ଏହି ଖବର ପରେ ଜିଲ୍ଲାରେ କ୍ରିକେଟ ପ୍ରେମୀ ମାନଙ୍କ ମଧ୍ୟରେ ଏକ ଆନନ୍ଦର ଲହରୀ ଖେଳିଯାଇଛି । କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥାର ସାଧାରଣ ସମ୍ପାଦକ ସଂଗ୍ରାମ କେଶରୀ ପଟ୍ଟନାୟକ ଶୁଭ୍ରାଂଶୁଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି ।

# ୯ରେ ଜିଲ୍ଲା କନିଷ୍ଠ କବାଡି ଦଳ ଚୟନ

ବ୍ୟାସନଗର, ୪।୮ (ଜିପ୍ର): ଯାଜପୁର ଜିଲ୍ଲାକ୍ରୀଡା ସଂସଦ ଆନୁକୂଲ୍ୟରେ ଏବଂ ପ୍ରୟାସ ବିଦ୍ୟାମନ୍ଦିର ସହଯୋଗରେ ପ୍ରୟାସ ବିଦ୍ୟାମନ୍ଦିରର ଖେଳପଡିଆରେ ଯାଜପୁର ଜିଲ୍ଲାକନିଷ୍ଠ କବାଡି ଦଳ ଚୟନ ଶିବିର ଚଳିତ ମାସ ୯ତାରିଖରେ ଅନୁଷ୍ଠିତ ହେବ । ଉକ୍ତ ଖେଳରୁ ଖେଳାଳୀ ଚୟନ କରାଯାଇ ରାଜ୍ୟ କବାଡି ଚାମ୍ପିଆନସିପ୍‌ରେ ଜିଲ୍ଲା ଦଳ ଅଂଶଗ୍ରହଣ କରିବ । ଏଣୁଯେଉଁ ଖେଳାଳୀ ମାନେ ତା୨।୧୧।୨୦୦୬ ପରେ ଜନ୍ମ ଗ୍ରହଣ କରିଥିବେ ଏବଂ ସେମାନଙ୍କ ଓଜନ ୭୫ କେଜି (ବାଳକ) ଏବଂ ୬୫ କେଜି (ବାଳିକା) ରୁକମ୍ ହୋଇଥିବ ସେମାନେ ନିଜର ଆଧାରକାର୍ଡ ଏବଂ ବୟସ ପ୍ରମାଣପତ୍ର ସହିତ ୯ ତାରିଖ ସକାଳ ୮ଟା ସୁଧା ପହଁଚି ପ୍ରୟାସ ଖେଳଶିକ୍ଷକ ବିବେକାନନ୍ଦ ସେଠୀ ଏବଂ କବାଡି ବିଭାଗୀୟ ସମ୍ପାଦକ ରମେଶ ଚନ୍ଦ୍ର ପଣ୍ଡାଙ୍କ ନିକଟରେ ପଞ୍ଜୀକରଣ କରାଇ ଚୟନ ପ୍ରକ୍ରିୟାରେ ସାମିଲ୍ ହେବା ପାଇଁ ସାଧାରଣ ସମ୍ପାଦକ ସଂବିତ୍ ମହାନ୍ତି ଅନୁରୋଧ କରିଛନ୍ତି ।


ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ / ଇମେଲ classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ ।


# ସରିଗଲା ସାମିଙ୍କ କ୍ୟାରିୟର !

ନୂଆଦିଲ୍ଲୀ, ୪।୮ (ଏଜେନ୍ସି): ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ଶୃଙ୍ଖଳାରୁ ଯଶପ୍ରୀତ ବୁମରା ବାଦ୍ ପଡ଼ିଛନ୍ତି । ଏହା ପୂର୍ବରୁ ସେ ଇଂଲଣ୍ଡ ବିପକ୍ଷ ଦିନିକିଆ ଶୃଙ୍ଖଳାରେ ସୁଯୋଗ ପାଇଥିଲେ । କିନ୍ତୁ ଶ୍ରୀଲଙ୍କା ବିପକ୍ଷ ଟେଷ୍ଟରୁ ବାଦ୍ ପଡ଼ିବାପରେ ତାଙ୍କ ସ୍ଥାନରେ ଆକିବ ନବିଙ୍କୁ ସୁଯୋଗ ମିଳିଛି । ତେଣୁ ପୁଣି ଥରେ ନିରାଶ ହୋଇଛନ୍ତି ମହମ୍ମଦ ସାମି । ୨୦୨୫ରେ ଶେଷଥର ପାଇଁ ଇଂଲଣ୍ଡ ଟି-୨୦ ମ୍ୟାଚ୍‌ରେ ନଜର ଆସିଥିଲେ । ତେବେ ୨୦୨୩ ପରଠାରୁ ସେ କୌଣସି ଟେଷ୍ଟରେ ଖେଳିନାହାନ୍ତି । ଦିନିକିଆରେ ସେ ଗତବର୍ଷ ନ୍ୟୁଜିଲାଣ୍ଡ ବିପକ୍ଷରେ ଶେଷଥର ଖେଳିଥିଲେ । ଘରୋଇ ଟୁର୍ଣ୍ଣାମେଣ୍ଟରେ ଦମଦାର ପ୍ରଦର୍ଶନ କରୁଥିଲେ ମଧ୍ୟ ଫିଟ୍‌ନେସ୍ କାରଣରୁ ତାଙ୍କୁ ବାହାରେ ରହିବାକୁ ପଡୁଛି ।

ନିକଟରେ ବିସିସିଆଇ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକରଙ୍କୁ ମହମ୍ମଦ ସାମିଙ୍କ ବାବଦରେ ପ୍ରଶ୍ନ କରାଯାଇଥିଲା । ଏହାର ଉତ୍ତରରେ ସେ କହିଥିଲେ, ଟେଷ୍ଟ କ୍ରିକେଟ୍ ଖେଳିବା ପାଇଁ ଯେଉଁ ଫିଟ୍‌ନେସ୍ ଦରକାର ତାହା ସାମିଙ୍କ ପାଖରେ ନାହିଁ । ଗତ ରଣଜୀରେ ସେ ୧୩୮୩ ବଲ୍ ପକାଇ ୩୭ ୱିକେଟ ହାସଲ କରିଥିଲେ । ଅର୍ଥାତ ପାଖାପାଖି ୧୭ଟି ବଲ୍‌ରେ ତାଙ୍କୁ ଗୋଟିଏ ୱିକେଟ ମିଳିଥିଲା । ଟୁର୍ଣ୍ଣାମେଣ୍ଟରେ ସେ ୫୦ ଓଭର ମେଡେନ୍ ପକାଇଥିଲେ । ଅନ୍ୟ ଦିଗରେ ନବି ୬୦ ୱିକେଟ୍ ନେଇଥିବା ବେଳେ ତାଙ୍କର ଆଭ୍‌ରେଜ୍ ୧୨.୫୭ ରହିଛି । ଦେଖିବାକୁ ଅଗରକରଙ୍କ ବୟାନରୁ ଗୋଟିଏ କଥା ସ୍ପଷ୍ଟ ଯେ ସାମିଙ୍କୁ ଆଉ ସୁଯୋଗ ମିଳିବ ନାହିଁ । ତଥାପି ସାମି ପ୍ରତ୍ୟାବର୍ତ୍ତନ ନେଇ ଆଶା ରଖିଛନ୍ତି । ତାହାଲେ ଘରୋଇ ଟୁର୍ଣ୍ଣାମେଣ୍ଟରେ ଆହୁରି ଭଲ ପ୍ରଦର୍ଶନ କରିବାକୁ ହେବ ।



# ପାକିସ୍ତାନ ଖେଳାଳି ନିଖୋଜ

ଗ୍ଲାସଗୋ, ୪।୮ (ଏଜେନ୍ସି): ଗ୍ଲାସଗୋରେ ଶେଷ ହୋଇଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ା ପରେ ପାକିସ୍ତାନ କ୍ରୀଡ଼ା ଜଗତରେ ପୁଣି ଥରେ ବିବାଦ ଦେଖାଦେଇଛି । ପାକିସ୍ତାନୀ ବକ୍ସର କୁଦ୍ଦର ତୁଲ୍ଲା ଟିମ୍ ହୋଟେଲ୍‌ରୁ ହଠାତ ଗାଏବ ହୋଇଯିବା ପରେ ପାକିସ୍ତାନ ବକ୍ସିଂ ଫେଡେରେସନ ସମାଲୋଚନାର ଶିକାର ହୋଇଛି । କୌଣସି ବଡ଼ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ପରେ ପାକିସ୍ତାନ ଖେଳାଳି ବିଦେଶ ମାଟିରେ ହଜିଯିବା କିମ୍ବା ଫେରାର ହୋଇଯିବା ପ୍ରଥମ ଘଟଣା ନୁହେଁ । ପାକିସ୍ତାନ ଅଲିମ୍ପିକ୍ ଆସୋସିଏସନ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ କୁଦ୍ଦର ତୁଲ୍ଲା ନିଜ ୱେଟ୍ ବର୍ଗରେ ମ୍ୟାଚ୍ ଶେଷ କରିବା ପରେ ହୋଟେଲ୍‌ରୁ ରହସ୍ୟଜନକ ଭାବେ ନିଖୋଜ ହୋଇଯାଇଥିଲେ । ସବୁଠାରୁ ଆଶ୍ଚର୍ଯ୍ୟ କଥା, ତାଙ୍କ ପାସ୍‌ପୋର୍ଟ ଟିମ୍ ମ୍ୟାନେଜରଙ୍କ ପାଖରେ ଥିଲା । ଏହାସତ୍ତ୍ୱେ ସେ ସୁରକ୍ଷା ବ୍ୟବସ୍ଥାକୁ ଚକମା ଦେଇ ଖସିଯିବାରେ ସଫଳ ହୋଇଛନ୍ତି । ସ୍କଟ୍‌ଲାଣ୍ଡରୁ ଦଳ ଫେରିବାର ମାତ୍ର ୬ଘଣ୍ଟା ପୂର୍ବରୁ ସେ ଗାଏବ୍ ହୋଇଯାଇଥିଲେ । ଗତ ଅଗଷ୍ଟ ୨ ତାରିଖ ରାତି ଦୁଇଟାରେ ତାଙ୍କୁ ଶେଷ ଥର ପାଇଁ ହୋଟେଲ୍‌ରେ ଦେଖିବାକୁ ମିଳିଥିଲା । ସକାଳେ ସେ ଟିମ୍ ସହ ଲବିରେ ନପହଞ୍ଚିବାରୁ ସ୍ଥାନୀୟ ପୁଲିସକୁ ସୂଚନା ଦିଆଯାଇଥିଲା । ବର୍ମିହାମ୍‌ରେ ୨୦୨୨ରେ ଦୁଇ ବକ୍ସର ସୁଲେମାନ ବଲୋଜ ଓ ନଜିରୁଲା ଖାନ୍ ପାସ୍‌ପୋର୍ଟ ଜମା ଥିବା ସତ୍ତ୍ୱେ ଫେରାର ହୋଇଯାଇଥିଲେ । ଇଟାଲୀ ଅଲିମ୍ପିକ୍ କ୍ୱାଲିଫାୟାର୍ସ ୨୦୨୪ରେ ଏସିଆନ୍ ସ୍ୱର୍ଣ୍ଣ ପଦକ ବିଜୟୀ ବକ୍ସର ଜୋହେବ ରସିଦ ନିଜ ରୁମ୍‌ମେଟ୍‌ଙ୍କ ବୈଦେଶିକ ମୁଦ୍ରା ଓ ଦାମୀ ସାମଗ୍ରୀ ଚୋରି ରାତାରାତି ଫେରାର ହୋଇଯାଇଥିଲେ । ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ପାକିସ୍ତାନର ପ୍ରଦର୍ଶନ ଅତ୍ୟନ୍ତ ନିରାଶାଜନକ ରହିଛି । ୩୬ ଜଣିଆ ଖେଳାଳି ଓ ଅଫିସିଆଲ୍‌ଙ୍କ ସହ ଯାଇଥିବା ଦଳ ମାତ୍ର ଗୋଟିଏ ବ୍ରୋଞ୍ଜ ପଦକ ଜିତିବାରେ ସଫଳ ହୋଇଥିଲା । ମହିଳା ବକ୍ସର ଫତିମା ଏହି ବ୍ରୋଞ୍ଜ ପଦକ ଜିତିଥିଲେ ।


ସମୟ
ସମୟ LIVE
Check out this amazing Odia News app
Andriod
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆଁ ଖବର
IOS
Download Now:
https://play.google.com/store/app/details/id- com.samayalive.app


Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି